ବର୍ଷ-୪୯ : ସଂଖ୍ୟା-୧୧ ନଭେମ୍ବର, ୨୦୧୮ • ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଶିଶୁ, ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ନଭେମ୍ବର, ୨୦୧୮


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ବାଣୀ | ··· | ଶ୍ରୀଅରବିନ୍ଦ | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ଅଧ୍ୟୟନ ଓ ଜ୍ଞାନାର୍ଜନ | ··· | ଶ୍ରୀମା | ··· | ୬ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ | | | | |
| (ପରିଚ୍ଛେଦ : ୭୧) | | | | |
| କାରାଗାର : ଭିତରେ ଓ ବାହାରେ (୨) | ··· | ମନୋଜ ଦାସ | ··· | ୭ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ | | | | |
| (ଚତୁର୍ଥ ଅଧ୍ୟାୟ) | | | | |
| ଗୀତା-ଶିକ୍ଷାର ସାରମର୍ମ | ··· | ଶେଖ ଅବଦୁଲ କାଶମ | ··· | ୧୩ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୬୯) | ··· | ··· | ··· | ୧୯ |
| ମାଆ ପାଇଁ (କବିତା) | ··· | ହୃଷୀକେଶ ପଣ୍ଡା | ··· | ୨୨ |
| ଈଶ୍ୱରଙ୍କୁ ସତ୍ୟ ଜ୍ଞାତ; | | | | |
| ସେ କିନ୍ତୁ ରହନ୍ତି ଅପେକ୍ଷାରତ | ··· | ··· | ··· | ୨୩ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୫୩) | ··· | ସାହାନା ଦେବୀ | ··· | ୨୭ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୨୪) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୯ |
| ଅମୃତ ବର୍ଷା (୨) | ··· | ସୂର୍ଯ୍ୟକାନ୍ତି ମହାନ୍ତି | ··· | ୩୨ |
| ଶିକ୍ଷାରେ ଆଧ୍ୟାତ୍ମିକତା | ··· | ରମାକାନ୍ତ ସାହୁ | ··· | ୩୪ |
| କର ମୋତେ ଯୋଗ୍ୟ (କବିତା) | ··· | ଯଦୁ ନନ୍ଦନ ସାମଲ | ··· | ୩୭ |
| ଶ୍ରୀକୃଷ୍ଣ କାହାଣୀ (୧୪) | | | | |
| ଦୁର୍ଦାନ୍ତର ଅନ୍ତିମ ଗତି | ··· | ମନୋଜ ଦାସ | ··· | ୩୮ |
| ହାରାଧନ (୮) | ··· | ··· | ··· | ୪୧ |
| ତୁମେ କୃପାମୟୀ ଜନନୀ ମୋହରି (କବିତା) | ··· | ସାଧୁଚରଣ ପଟ୍ଟନାୟକ | ··· | ୪୩ |
| ଆମ ଶରୀର (୧୧) | ··· | ଭୋଳେଶ୍ୱର ଭୂୟାଁ | ··· | ୪୪ |
| ତୋତ୍ତୋ-ଚାନ୍ (୫) | ··· | ତେତ୍ସୁକୋ କୁରୋୟାନାଗି | ··· | ୪୭ |
| ସାଧନାର ମୂର୍ତ୍ତିମତୀ ଦେବୀ : ପ୍ରତିଜ୍ଞା ଦେବୀ | ··· | ଅର୍ଚ୍ଚନା ନାୟକ | ··· | ୫୧ |
| ଜିଜ୍ଞାସୁର ପୃଷ୍ଠା | ··· | ରାମକୃଷ୍ଣ ଦାସ | ··· | ୫୩ |
| ସମର୍ପଣ (କବିତା) | ··· | ଗୋପାଳକୃଷ୍ଣ ପଟ୍ଟନାୟକ | ··· | ୫୪ |
| ବଳକା ଐଶ୍ୱର୍ଯ୍ୟ | ··· | ମନୋଜ ଦାସ | ··· | ୫୫ |


❖

# ପ୍ରାର୍ଥନା

ବହିର୍ଜୀବନ, ପ୍ରତିଦିନ ଏବଂ ପ୍ରତି ମୁହୂର୍ତ୍ତର କାର୍ଯ୍ୟକଳାପ, ସେସବୁ କ'ଣ ଆମ ଘଣ୍ଟା ଘଣ୍ଟା ବ୍ୟାପ୍ତ ଧ୍ୟାନ ଓ ଅଭିନିବେଶର ଅପରିହାର୍ଯ୍ୟ ପରିପୂରକ ନୁହେଁ ? ଏବଂ ଯେତିକି ଯେତିକି ସମୟ ଏ ପ୍ରତ୍ୟେକ କର୍ମ ସକାଶେ ବ୍ୟୟିତ ହୁଏ, ତାହା କ'ଣ ପ୍ରସ୍ତୁତି ପାଇଁ ଲୋଡ଼ା ପ୍ରୟାସ ଏବଂ ଉପଲବ୍ଧି ଭିତରର ଆନୁପାତିକ ସମୟର ଯଥାର୍ଥ ଚିତ୍ର ନୁହେଁ ? କାରଣ, ଧ୍ୟାନ ଓ ଅଭିନିବେଶର ଫଳ ରୂପେ ପ୍ରାପ୍ତ ହୁଏ ଦିବ୍ୟ-ମିଳନ ରୂପକ ପୁଷ୍ପର ପ୍ରସ୍ଫୁଟନ; ଦୈନନ୍ଦିନ କ୍ରିୟାକଳାପ ହେଲା ଏକ ନେହି(anvil), ଯାହା ଉପର ଦେଇ (ସତ୍ତାର) ସମସ୍ତ ଉପାଦାନକୁ ଯିବାକୁ ହେବ ଏକାଧିକବାର – ବିଶୁଦ୍ଧ, ମାର୍ଜିତ, ନମନୀୟ ଏବଂ ପରିପକ୍ୱ ହେବା ନିମନ୍ତେ, ଅଭିନିବେଶ ସେମାନଙ୍କ ପାଇଁ ଆଣି ଦେଉଥିବା ଜ୍ଞାନାଲୋକ (ଦ୍ୱାରା ଉପକୃତ ହେବା) ସକାଶେ । (ସତ୍ତାର) ଏହିସବୁ ଉପାଦାନ ଏମନ୍ତ ଏକ ପରେ ଏକ ଅଗ୍ନି ପରୀକ୍ଷା ଭିତର ଦେଇ ଯିବା ଚାହି, ବହିଃ କ୍ରିୟାକଳାପର ସର୍ବାଙ୍ଗୀନ ବିକାଶ ନିମନ୍ତେ ଅନାବଶ୍ୟକ ହୋଇଉଠିବା ପର୍ଯ୍ୟନ୍ତ । ତେବେ ଯାଇ ଏସବୁ କ୍ରିୟାକଳାପ ତୁମ (ଦିବ୍ୟ ଶକ୍ତି)କୁ ପ୍ରକାଶ କରିବାର ମାଧ୍ୟମରେ ହେବ ପରିଣତ, ଯାହା ଫଳରେ ଚେତନାର ଅନ୍ୟ କେନ୍ଦ୍ରସବୁ ଉଭୟ ଆଗ୍ନେୟ ଭାତି ତଥା ଜ୍ଞାନାଲୋକର ଭୂମିକା ତୁଲାଇବା ଦିଗରେ ସଜାଗ ହେବେ । ତେଣୁ ସବୁ ବିଘ୍ନ ଭିତରେ ଗର୍ବ ଏବଂ ଆତ୍ମତୁଷ୍ଟି ନିକୃଷ୍ଟତମ ବିଘ୍ନ । ଏକାନ୍ତ ବିନୀତ ଭାବେ ଆମେ ସମସ୍ତ ସୂକ୍ଷ୍ମ, ଅନୁକୂଳ ପରିସ୍ଥିତିର ସୁଯୋଗ ନେବା – ଯାହା (ଆମ ସତ୍ତାର) ଅସଂଖ୍ୟ ଉପାଦାନ ଭିତରୁ କେତେକକୁ ନମନୀୟ, ନୈର୍ବ୍ୟକ୍ତିକ କରିବ, ଅହଂସତ୍ତାକୁ ବିସ୍ମୃତ ହେବାକୁ, ସ୍ୱାର୍ଥ ରହିତ ହେବାକୁ ତଥା ଭକ୍ତି, ଦୟା ଏବଂ ସୌମ୍ୟତା ଶିକ୍ଷା ଦେବାକୁ; ଯେତେବେଳେ ସେସବୁ ଉପାଦାନ ସତ୍ତାର ଏହି ସମସ୍ତ ଦିଗ ପ୍ରତି ଅଭ୍ୟସ୍ତ ହୋଇଯିବେ, ସେତେବେଳେ ସେମାନେ ଦିବ୍ୟାଭିନିବେଶରେ ଅଂଶ ଗ୍ରହଣ ଏବଂ ଚୂଡ଼ାନ୍ତ ଏକାଗ୍ରତାରେ ତୁମ ସହ ଏକୀଭୂତ ହେବାକୁ ପ୍ରସ୍ତୁତ ହୋଇଯିବେ । ସେଥିସକାଶେ ମୋର ମନେ ହୁଏ ଯେ ଯୋଗ୍ୟତମ କ୍ଷେତ୍ରରେ ମଧ୍ୟ କର୍ମଧାରା ହେବ ଦୀର୍ଘ ତଥା ମନ୍ଥର । ଚମକପ୍ରଦ ପରିବର୍ତ୍ତନମାନ ସର୍ବାଙ୍ଗୀନ ହୋଇପାରେନା । ସେଭଳି ପରିବର୍ତ୍ତନ ସତ୍ତାର ଗଠନ ବିନ୍ୟାସରେ ପରିବର୍ତ୍ତନ ଘଟାଇଥା'ନ୍ତି, ତାକୁ ନିଶ୍ଚିତ ଭାବେ ଗୋଟାଏ ସିଧା ମାର୍ଗରେ ଛାଡ଼ନ୍ତି; କିନ୍ତୁ ପ୍ରକୃତରେ ଲକ୍ଷ୍ୟରେ ଉପନୀତ ହେବାକୁ ହେଲେ ସବୁ ପ୍ରକାର ଏବଂ ପ୍ରତି ମୁହୂର୍ତ୍ତର ଅସଂଖ୍ୟ ଅଭିଜ୍ଞତାସବୁକୁ କେହି ଏଡ଼ାଇ ଯାଇ ପାରିବେ ନାହିଁ ।

...ହେ ପରମ ପ୍ରଭୁ ! ତୁମେ ଯିଏ ମୋ ସତ୍ତାରେ ଏବଂ ପ୍ରତ୍ୟେକ ବସ୍ତୁରେ ଭାସ୍ୱର, ତୁମ ଆଲୋକ ହେଉ ପ୍ରତିଭାତ ଏବଂ ସଭିଙ୍କ ସକାଶେ ଆସୁ ତୁମ ଶାନ୍ତିର ରାଜୁତି ।

ନଭେମ୍ବର ୨୮, ୧୯୧୨

– ଶ୍ରୀମା

It is not by your mind that you can hope to understand the Divine and its action, but by the growth of the true and divine consciousness within you. If the Divine were to unveil and reveal itself in all its glory, the mind might feel a Presence, but it would not understand its action or its nature. It is in the measure of your own realisation and by the birth and growth of that greater consciousness in yourself that you will see the Divine and understand its action even behind its terrestrial disguises.

(Letters on Yoga, Part - I) – Sri Aurobindo

ତୁମ ମନ ଦ୍ୱାରା ତୁମେ ଦିବ୍ୟସତ୍ତା ଏବଂ ତା'ର କର୍ମଧାରା ବୁଝିବାର ଆଶା କରିପାରନା, କିନ୍ତୁ କରିପାର ତୁମ ଭିତରେ ସତ୍ୟ ଏବଂ ଦିବ୍ୟ-ଚେତନାର ବିକାଶ ଦ୍ୱାରା । ଦିବ୍ୟସତ୍ତା ଯଦି ନିଜର ଯାବତୀୟ ମହିମା ସହ ନିଜକୁ ଉନ୍ମୋଚନ ଏବଂ ପ୍ରକଟିତ କରନ୍ତା, ତେବେ ମନ ଏକ ମହା-ଉପସ୍ଥିତି ଅନୁଭବ କରିପାରନ୍ତା, କିନ୍ତୁ ଦିବ୍ୟସତ୍ତାର କର୍ମଧାରା ଏବଂ ତହିଁର ପ୍ରକୃତି ବୁଝିପାରନ୍ତା ନାହିଁ । ତୁମ ନିଜ ଉପଲବ୍ଧି ଅନୁପାତରେ ଏବଂ ତୁମ ନିଜ ଭିତରେ ମହତ୍ତର ଚେତନାର ଜନ୍ମ ଓ ଅଭିବୃଦ୍ଧି ଦ୍ୱାରାହିଁ ତୁମେ ଦିବ୍ୟସତ୍ତାକୁ ଦେଖିବ ଏବଂ ଏପରିକି ତା'ର ପାର୍ଥିବ ଛଦ୍ମବେଶ ପଶ୍ଚାତରେ ଥିବା କର୍ମଧାରାକୁ ମଧ୍ୟ ବୁଝିପାରିବ ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

### ଦ୍ୱିତୀୟ ପର୍ବ : ଅଷ୍ଟମ ସର୍ଗ, ମିଥ୍ୟାର ଜଗତ୍, ଅମଙ୍ଗଳର ଜନନୀ ଓ ଅନ୍ଧକାରର ଅପତ୍ୟଗଣ

**(The World of Falsehood, the Mother of Evil and the Sons of Darkness)**

(୭୮)

## ଶ୍ରୀଅରବିନ୍ଦ

There in the heart of vain phenomenon,
In an enormous action's writhen core
He saw a Shape illimitable and vague
Sitting on Death who swallows all things born.

ସେଠାରେ ନିଷ୍ଫଳ ପ୍ରତିଭାସର ହୃଦ୍‌କେନ୍ଦ୍ରରେ, ଏକ ବିପୁଳ କର୍ମର ବିକାରଗ୍ରସ୍ତ ମର୍ମସ୍ଥଳରେ ସେ (ଅଶ୍ୱପତି) ଦେଖିବାକୁ ପାଇଲେ ଏକ ସୀମାହୀନ ଓ ଅସ୍ପଷ୍ଟ ଆକୃତି ଯିଏ ସକଳ ଜାତବସ୍ତୁକୁ ଗ୍ରାସ କରୁଥିବା ମୃତ୍ୟୁ ଉପରେ ସମାରୂଢ଼ ହୋଇ ରହିଥିଲେ ।

A chill fixed face with dire and motionless eyes,
Her dreadful trident in her shadowy hand
Outstretched, she pierced all creatures with one fate.

ଏକ ହିମଶୀତଳ ନିଷ୍ପନ୍ଦ ବଦନଧାରିଣୀ ସେହି ଛାୟାକୃତି ଥିଲେ ଦାରୁଣ ଓ ନିଶ୍ଚଳ ନେତ୍ରଯୁକ୍ତା, ତାଙ୍କର ଛାୟାଚ୍ଛନ୍ନ ହସ୍ତରେ ପ୍ରସାରିତ ହୋଇ ରହିଥିଲା ଭୟଙ୍କର ତ୍ରିଶୂଳ, ଏକହିଁ ନିୟତି ଦ୍ୱାରା ସେ ବିଦ୍ଧ କରୁଥିଲେ ସକଳ ଜୀବଙ୍କୁ ।

When nothing was save Matter without soul
And a spiritless hollow was the heart of Time,
Then Life first touched the insensible Abyss;
Awaking the stark Void to hope and grief
Her pallid beam smote the unfathomed Night
In which God hid himself from his own view.

ଯେତେବେଳେ ଆତ୍ମାରହିତ ଜଡ଼ ଭିନ୍ନ ଆଉ କିଛି ହିଁ ନଥିଲା ଏବଂ କାଳର ହୃଦୟ ଥିଲା ଏକ ଚେତନାହୀନ ଶୂନ୍ୟଗର୍ଭ ଗହ୍ୱର, ସେତେବେଳେ ସଂବିତ୍‌ହରା ଅତଳକୁ ପ୍ରାଣରୂପିଣୀ ଚୈତନ୍ୟମୟୀହିଁ ପ୍ରଥମେ ଆସି ସ୍ପର୍ଶ କଲେ; ନିରାବରଣ ବିଶାଳ ଶୂନ୍ୟକୁ ଆଶା ତଥା ଶୋକ ଅଭିମୁଖେ ଜଗାଇଦେଇ ତାଙ୍କର ପାଂଶୁଳ ଆଲୋକରଶ୍ମି ଅଗାଧ ରଜନୀ-ଜଠରକୁ ଆଘାତଜର୍ଜର କରି ପକାଇଲା, ଯେଉଁଠାରେ ଭଗବାନ୍ ନିଜକୁ ନିଜ ଦୃଷ୍ଟିରୁ ଲୁଚ୍ଚାୟିତ କରି ରଖିଥିଲେ ।

In all things she sought their slumbering mystic truth,
The unspoken Word that inspires unconscious forms;
She groped in his deeps for an invisible Law,
Fumbled in the dim subconscient for his mind
And strove to find a way for spirit to be.

ସକଳ ବସ୍ତୁ ମଧ୍ୟରେ ସେହି ପ୍ରାଣ-ଦେବୀ ସେସବୁର ନିଦ୍ରିତ ରହସ୍ୟମୟ ସତ୍ୟକୁ ଖୋଜି ଚାଲିଲେ, ଅଚେତନ ରୂପାବଳୀକୁ ଅନୁପ୍ରେରିତ କରୁଥିବା ଅବ୍ୟକ୍ତ ମହାବାକ୍ୟର ସଂଧାନ କରିବାକୁ ଲାଗିଲେ; ଈଶ୍ୱରଙ୍କର ଗଭୀରତା ମଧ୍ୟରେ ସେ ଅଣ୍ଡାଳି ବୁଲିଲେ ଏକ ଅଦୃଶ୍ୟ ବିଧାନ ନିମିତ୍ତ, ନିଷ୍ପ୍ରଭ ଅବଚେତନା ଭିତରେ ଦରାଣ୍ଡିଲେ ଈଶ୍ୱରଙ୍କର ମାନସକୁ ପାଇବା ଲାଗି, ଏବଂ ଆତ୍ମଚେତନାର ଭବିଷ୍ୟ ରୂପାୟଣ ସକାଶେ ଏକ ପଥ ଅନ୍ୱେଷଣରେ ପ୍ରୟାସରତ ହେଲେ ।

But from the Night another answer came.

ମାତ୍ର ମହାନିଶା ମଧ୍ୟରୁ ଆସିଲା ଅନ୍ୟ ଏକ ଉତ୍ତର ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ଅଧ୍ୟୟନ ଓ ଜ୍ଞାନାର୍ଜନ

## ଶ୍ରୀମା

### ଜ୍ଞାନ ତୁମ ଭିତରେ ଅଛି

ତୁମର ଅନ୍ତରାତ୍ମାରେ ତୁମେ ଆଗରୁ ଯାହା ଜାଣିସାରିଛ, ତାହାହିଁ କେବଳ ତୁମେ ବାହାରେ ବୁଝିପାର । ବହିଟିଏ ପଢ଼ିଲାବେଳେ ତା'ର ଯେଉଁ କଥାଟି ତୁମ ମନକୁ ପାଇଯାଏ, ତୁମେ ସେକଥାଟିକୁ ଆଗରୁ ତୁମ ଅନ୍ତରର ଗଭୀରରେ ଅନୁଭବ କରିସାରିଥିଲ । ଲୋକେ କୌଣସି ବହି ଅଥବା ପ୍ରବଚନକୁ ଖୁବ୍ ଚମତ୍କାର ଓ ଅଦ୍ଭୁତ ବୋଲି ଅନୁଭବ କରିଥା'ନ୍ତି । ଏବଂ ପ୍ରାୟ ସେମାନେ ଏପରି କହିବାର ଶୁଣାଯାଏ, ''ସେଇ ବିଷୟଟି ବା ସେହି ବାଣୀଟି ମୁଁ ମଧ୍ୟ ଆଗରୁ ଅନୁଭବ କରିଥିଲି । କିନ୍ତୁ ମୁଁ ସେତେକ ଏପରି ସୁନ୍ଦର ଭାବେ ପ୍ରକାଶ କରିପାରି ନ ଥିଲି ଯେପରି ଏଠାରେ କୁହାଯାଇଛି ।'' ଯେତେବେଳେ ଲୋକେ ଯଥାର୍ଥ ଜ୍ଞାନ ଥିବା ବହିଟିଏର ସଂସ୍ପର୍ଶରେ ଆସନ୍ତି, ସେତେବେଳେ ସେମାନେ ପ୍ରତ୍ୟେକେ ସେ ବହିରେ ନିଜକୁ ଖୋଜି ପାଇଥା'ନ୍ତି ଏବଂ ପ୍ରତିଟି ବହି ପଢ଼ିଲା ବେଳେ ସେ ପ୍ରଥମରୁ ଦେଖି ନଥିବା କେତେକ ବିଷୟ ଆବିଷ୍କାର କରେ । ପ୍ରତିଥର ସେ ସେହି ବହିଟିରୁ ଜ୍ଞାନର ଏକ ନୂତନ ପ୍ରସ୍ତ ଖୋଲି ଯିବାର ଦେଖେ, ଯାହା ସେ ପ୍ରଥମ ଥର ଦେଖିପାରି ନଥିଲା । ତା'ର କାରଣ ହେଲା – ତୁମ ଅବଚେତନ ଭିତରେ ବହୁ ପ୍ରକାର ଜ୍ଞାନର ସ୍ତର ଥାଏ, ଯେଉଁଗୁଡ଼ିକ କି ଅଭିବ୍ୟକ୍ତ ହେବା ଲାଗି ଅପେକ୍ଷା କରିଥା'ନ୍ତି । ବର୍ତ୍ତମାନ ଯେତେବେଳେ ତୁମେ ବହିଟିଏ ପଢ଼ିଲ ସେତେବେଳେ ଆଉ ଜଣେ ତୁମ ଲାଗି ସେ ବହିରେ ସେହି ଜ୍ଞାନଟିକୁ ତୁମ ଲାଗି ପ୍ରକାଶ କରିଦେଲା । ତୁମେ ଯାହା ପ୍ରକାଶ କରିଥା'ନ୍ତ, ତା'ଠାରୁ ସେ ଅଧିକ ଭଲ ଭାବେ ସେହି କଥାଟିକୁ ତା' ବହିରେ ପ୍ରକାଶ କରିଦେଇଛି । ବହିଟିରେ ତାହା ପ୍ରକାଶିତ ହେବାର ଦେଖି ସେ ତତ୍କ୍ଷଣାତ୍ ତାକୁ ଚିହ୍ନିପାରେ ଏବଂ ବୁଝିପାରେ ଏହାହିଁ ସତ୍ୟ । ଯେଉଁ ଜ୍ଞାନ ବାହାରୁ ତୁମ ଭିତରକୁ ଆସୁଛି ବୋଲି ତୁମେ ଅନୁଭବ କରୁଛ – ତାହା ପ୍ରକୃତରେ ତୁମ ଭିତରେ ଅପ୍ରକଟ ରହିଥିବା ଜ୍ଞାନ ବା ଚିନ୍ତାଟିର ବାହ୍ୟ ପ୍ରକାଶର ସୁଯୋଗ ରୂପେ ଦେଖାଯାଏ ।

### ଯେଉଁ ପଠନ ଜାଗରିତ କରେ

ଯେଉଁମାନେ କିଛି ଗୋଟାଏ ଖୋଜୁଛନ୍ତି, କିଛି ଗୋଟାଏ ପାଇବା ପାଇଁ ଅଣ୍ଟାଳି ହେଉଛନ୍ତି, ଯେଉଁମାନେ କୌଣସି ବିଷୟରେ ପୂର୍ଣ୍ଣଭାବେ ନିଶ୍ଚିତ ହୋଇ ନାହାନ୍ତି, ଯେଉଁମାନେ ଇତସ୍ତତଃ ହେଉଛନ୍ତି, ଯେଉଁମାନଙ୍କର ଜୀବନରେ ନାନାଦି ସରାଗ ରହିଛି, ଯେଉଁମାନେ ସ୍ଥିର ହୋଇ ନାହାନ୍ତି, ଯେଉଁମାନେ କୌଣସି ଉପଲବ୍ଧି ପାଇ ସ୍ଥିର-ସଂକଳ୍ପ ହୋଇପାରି ନାହାନ୍ତି, ସେମାନଙ୍କ ପାଇଁ ଗ୍ରନ୍ଥପାଠ ନିଶ୍ଚୟ ଖୁବ୍ ଭଲ । କାରଣ ଏହା ଦ୍ୱାରା ସେମାନେ ପ୍ରକୃତ ବିଷୟଟିର ପରିଚୟ ଲାଭ କରିବେ । ଏହା ସେମାନଙ୍କୁ ବିଷୟଟି ଦିଗରେ କିଛି ଆଗ୍ରହ ଆଣିଦିଏ ।

... ଗ୍ରନ୍ଥ ପଠନର ଗୋଟିଏ ପ୍ରଣାଳୀ ରହିଛି, ଯେଉଁ ପ୍ରଣାଳୀରେ ପଢ଼ିଲେ ସେହି ଗ୍ରନ୍ଥଟି ତୁମ ଭିତରେ ବିଷୟଟି ପ୍ରତି ଆଗ୍ରହ ସୃଷ୍ଟି କରିବ ଏବଂ ପ୍ରାଥମିକ ଅନ୍ୱେଷଣରେ ମଧ୍ୟ ତୁମକୁ ସାହାଯ୍ୟପ୍ରଦ ହେବ । ସାଧାରଣତଃ, କାହାର ଯଦି ସେ ସମ୍ବନ୍ଧେ ପୂର୍ବରୁ କିଛି ଧାରଣା ବା ଅଭିଜ୍ଞତା ବି ଥାଏ, ତା'ର ମଧ୍ୟ ସେହି ସମ୍ବନ୍ଧୀୟ ଚିନ୍ତା ବା ଧାରଣା ସହିତ କିଛି ଅଧିକ ସଂଯୋଗର ଆବଶ୍ୟକତା ଥାଏ ଯାହା ଫଳରେ ଅଧିକ ସଚେତନ ଭାବେ ସେ ସେହି ଧାରଣାକୁ ସଫଳତାର ସହିତ ରୂପାୟିତ କରିପାରିବ । କିନ୍ତୁ ଜଣେ ଯେତେ ଅଧିକ ଜାଣିବ, ସେ ତା'ର ବାସ୍ତବ ଅଭିଜ୍ଞତାରେ ସେତିକି ନିଷ୍ଠାପର ହେବା ଉଚିତ । ତା' ଅର୍ଥ, ସେ କେବଳ ତା'ର ସଂଗଠିତ ଜ୍ଞାନକୁ ମନ ଭିତରେ ରଖି ତା'ର ସବୁକିଛି ଅଭିଜ୍ଞତା ହୋଇଗଲାଣି ବୋଲି ମନେ ମନେ କଳ୍ପନା କରିନେବା ଉଚିତ ନୁହେଁ ।... ଏସବୁ କଥା ଭିତରେ ଏକ ଆନୁପାତିକ ସମ୍ପର୍କ ରହିବା ଉଚିତ । ପ୍ରତ୍ୟେକେ ନିଜ ପାଇଁ କେତେ ପରିମାଣରେ କ'ଣ ଦରକାର ତାହା ଜାଣିଯିବା ଉଚିତ – କେତେ ପଢ଼ିବ, କେତେ ଧ୍ୟାନ କରିବ, କେତେ ଏକାଗ୍ର ହେବ, ଇତ୍ୟାଦି ।... ପ୍ରତ୍ୟେକଙ୍କ ପାଇଁ ଏସବୁର ପ୍ରୟୋଜନ ଅଲଗା ଅଲଗା ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ
## (ପରିଚ୍ଛେଦ : ୭୧)
## କାରାଗାର : ଭିତରେ ଓ ବାହାରେ (୨)
## ମନୋଜ ଦାସ

କାରାଗାରର ଡାକ୍ତର ଡେଲି ସାହେବ ଏବଂ ସହକାରୀ ତତ୍ତ୍ୱାବଧାରକ ପ୍ରାୟ ପ୍ରତିଦିନ ଶ୍ରୀଅରବିନ୍ଦଙ୍କୁ ତାଙ୍କ ନିର୍ଜନ କକ୍ଷରେ ଆସି ସାକ୍ଷାତ୍ କରୁଥିଲେ । କାହିଁକି କେଜାଣି ଶ୍ରୀଅରବିନ୍ଦ ସେମାନଙ୍କ ସହ ଅତି କମ୍ କଥା କହୁଥିଲେ ମଧ୍ୟ ସେମାନେ ଗପୁଥିଲେ — ତାଙ୍କ ପ୍ରତି ଏକ ଅହେତୁକୀ ଆକର୍ଷଣବଶତଃ ।

ଡାକ୍ତର ଡେଲିହିଁ କର୍ତ୍ତୃପକ୍ଷଙ୍କୁ ସମ୍ମତ କରାଇଲେ — ଏହି ବିଶେଷ ବନ୍ଦୀଜଣଙ୍କୁ ପ୍ରତ୍ୟହ ପୂର୍ବାହ୍ନରେ ଓ ଅପରାହ୍ନରେ କିଛି କିଛି ସମୟ ପାଇଁ ତାଙ୍କ ରୁଦ୍ଧ ପଞ୍ଜୁରି ଭିତରୁ ବାହାରି ପଦଚାରଣା କରିବାର ସୁଯୋଗ ପ୍ରଦାନ ନିମନ୍ତେ । ଶ୍ରୀଅରବିନ୍ଦ ଲେଖିଛନ୍ତି :

''ଏ ସମୟତକ ଖୁବ୍ ଭଲ ଲାଗୁଥିଲା । ଗୋଟିଏ ପାଖରେ କାରାଗାରର କାରଖାନା, ଅନ୍ୟ ଦିଗରେ ଗୋଶାଳା — ମୋ ସ୍ୱାଧୀନ ରାଜ୍ୟର ଥିଲେ ଏହି ଦୁଇ ସୀମାନ୍ତ । କାରଖାନାରୁ ଗୋଶାଳା, ଗୋଶାଳାରୁ କାରଖାନା, ଇତସ୍ତତଃ ବିଚରଣ କରୁଁ କରୁଁ ହୁଏତ ଉପନିଷଦ୍‌ର ଗଭୀର ଭାବୋଦ୍ଦୀପକ ମନ୍ତ୍ରସବୁ ଆବୃତ୍ତି କରୁଥାଏଁ, ନହେଲେ କଏଦୀମାନଙ୍କ କାର୍ଯ୍ୟକଳାପ ଓ ଯାତାୟତ ଲକ୍ଷ୍ୟକରି ସର୍ବଘଟେ ନାରାୟଣ — ଏହି ମୂଳ ସତ୍ୟ ଉପଲବ୍ଧି କରିବାର ଚେଷ୍ଟା କରୁଥାଏଁ । ବୃକ୍ଷ, ଗୃହ, ପ୍ରାଚୀର, ମନୁଷ୍ୟ, ପଶୁ, ପକ୍ଷୀ, ଧାତୁ, ମୃତ୍ତିକା ସର୍ବତ୍ର 'ସର୍ବଂ ଖଲ୍ୱିଦଂ ବ୍ରହ୍ମ' ମନେ ମନେ ଏହି ମନ୍ତ୍ରୋଚ୍ଚାରଣପୂର୍ବକ ସର୍ବଭୂତରେ ସେହି ଉପଲବ୍ଧି ଆରୋପ କରୁଥାଏଁ । ଏମିତି କରୁଁ କରୁଁ ଏଭଳି ଭାବ ଆସିଯାଉ ଥାଏ ଯେ କାରାଗାର ଆଉ କାରାଗାର ବୋଧ ହେଉ ନଥାଏ । ସେହି ଉଚ୍ଚ ପ୍ରାଚୀର, ସେହି ଲୁହା ବାଡ଼, ସେହି ଧଳା କାନ୍ଥ, ସେହି ସୂର୍ଯ୍ୟରଶ୍ମିଦୀପ୍ତ ନୀଳପତ୍ରଶୋଭିତ ବୃକ୍ଷ, ସେହି ସାମାନ୍ୟ ଜିନିଷପତ୍ର ଯେପରି ଆଉ ଅଚେତନ ନୁହନ୍ତି, ଯେପରିକି ସର୍ବବ୍ୟାପୀ ଚୈତନ୍ୟପୂର୍ଣ୍ଣ ହୋଇ ସଜୀବ ହୋଇଉଠିଛନ୍ତି, ସେମାନେ ମୋତେ ଭଲପାଆନ୍ତି, ମୋତେ ଆଲିଙ୍ଗନ କରିବାକୁ ଚାହାନ୍ତି ଏହିଭଳି ମନେ ହେଉଥାଏ ।''[୧]

୧୯୦୮ ମସିହା ଜୁଲାଇ ୨ ତାରିଖରେ 'ସଞ୍ଜୀବନୀ' (କଲିକତା) ଶ୍ରୀଅରବିନ୍ଦଙ୍କ ସୁରକ୍ଷା ସକାଶେ ପ୍ରତିଷ୍ଠିତ ପାଣ୍ଠିରେ ଚାରିହଜାର ଟଙ୍କା ସଂଗୃହୀତ ହୋଇଛି ବୋଲି ଜଣାଇ ଲେଖିଲେ :

''ପ୍ରତିଟି ଆତ୍ମାର ଏହାହିଁ ଆକାଂକ୍ଷା ଯେ ଅରବିନ୍ଦ ଘୋଷ ଯେମିତି ନିର୍ବାଧରେ ବିପନ୍ମୁକ୍ତ ହେବେ । ଖାସ୍ ଅର୍ଥାଭାବ ଯୋଗୁଁ ତାଙ୍କ ପାଇଁ ଲଢ଼ିବା ନିମନ୍ତେ ଯୋଗ୍ୟ ଓକିଲ ନିଯୁକ୍ତ କରାଯାଇ ନପାରିବା ବଙ୍ଗବାସୀମାନଙ୍କ ସକାଶେ ଘୋର ଅପମାନଜନକ ବ୍ୟାପାର ହେବ ।''[୨]

୧୯୦୮ ଜୁଲାଇ ୧୨ ତାରିଖର ଦୈନିକ 'ହିତବାଦ' ଶ୍ରୀଅରବିନ୍ଦଙ୍କ ସହ ମାଣିକତଲାର ବିପ୍ଳବୀ ଯୁବଗୋଷ୍ଠୀର କୌଣସି ସମ୍ପର୍କ ଥାଇ ନପାରେ ବୋଲି ଦର୍ଶାଇ ଦେଲେ ଏହି ମନ୍ତବ୍ୟ :

''ତାଙ୍କ ବ୍ୟାପାର କିନ୍ତୁ ଜଟିଳ ହୋଇଉଠିଛି ଏବଂ ଜଣେ ଦକ୍ଷ ଓକିଲଙ୍କ ସହାୟତା ନମିଳିଲେ ସେ ମୁକୁଳି ଆସିବା ଅସମ୍ଭବ ମନେହୁଏ । ତେଣୁ ଦେଶବାସୀମାନଙ୍କର କର୍ତ୍ତବ୍ୟ ଏ ସଙ୍କଟ ବେଳେ ତାଙ୍କୁ ସାହାଯ୍ୟ କରିବା । କିନ୍ତୁ ଓକିଲ, ବାରିଷ୍ଟରମାନେ ବା ତାଙ୍କ ଭଳି ଜଣେ ବ୍ୟକ୍ତିଙ୍କ ସୁରକ୍ଷା ନିମନ୍ତେ କାହିଁକି ବିନା ପ୍ରାପ୍ୟରେ ଆଗଭର ନହେବେ ?''[୩]

ଜୁଲାଇ ୧୩ ତାରିଖ ସଂଖ୍ୟାରେ ସେହି ସମ୍ବାଦପତ୍ର ପୁଣି ଲେଖିଲେ :

''ଆଲିପୁର ବୋମା ମକଦ୍ଦମା ଚଳିତବର୍ଷ ଭିତରେ ସମାପ୍ତ ହେବାର ସମ୍ଭାବନା କ୍ଷୀଣ ମନେହୁଏ । ଅତଏବ ମିଃ. ନର୍ଟନଙ୍କ ସକାଶେ ଏହା ଏକ ସୁଖପ୍ରଦ ସମୟ; ସେ ଦୈନିକ ଏକ ସହସ୍ର ମୁଦ୍ରା ଉପାର୍ଜନ କରିଚାଲିଥିବେ । ଏମିତି ଭାବରେ ଦେଶର ଯାବତୀୟ ଅର୍ଥ ଗଳାଧଃକରଣ କରୁଥିବେ ଓକିଲ, ବାରିଷ୍ଟରଗଣ । ଲୋକେ ପାନୀୟଜଳାଭାବ, ମରୁଡ଼ି ଏବଂ ମେଲେରିଆ କବଳରୁ ନିସ୍ତାର ପାଇବେ ନାହିଁ ।''[୪]

ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ଏକହଜାର ଟଙ୍କାର ମୂଲ୍ୟ ବୁଝିବାକୁ ହେଲେ ଆମକୁ ମନେପକାଇବାକୁ ହେବ ଯେ ଶ୍ରୀଅରବିନ୍ଦଙ୍କ ସଂପାଦିତ ବଙ୍ଗଳା ପତ୍ରିକା 'ଧର୍ମ'ର ମୂଲ୍ୟ ଥିଲା 'ଦୁଇ ପଇସା'। ଚଉଷଠି ପଇସାରେ ଗୋଟିଏ ଟଙ୍କା। 'ଅଧଲା' ବା ଅଧ ପଇସା ଏବଂ ଗୋଟାଏ ପଇସାର ଏକ ତୃତୀୟାଂଶ ମୂଲ୍ୟସୂଚକ 'ପାହୁଲା' ମୁଦ୍ରା ମଧ୍ୟ ପ୍ରଚଳିତ ଥିଲା। ଦୀନେନ୍ଦ୍ର କୁମାର ରାୟ ଠାଏଁ କ୍ଷୋଭଭରେ ଲେଖିଛନ୍ତି ଯେ ତାଙ୍କ ଜେଜେବାପା ଗୋଟାଏ ଟଙ୍କାରେ ଷୋହଳ 'ସେର' (ଗୋଟାଏ 'ସେର' ଏକ କିଲୋଗ୍ରାମ ପାଖାପାଖି) ରନ୍ଧନତୈଳ କିଣିପାରୁଥିବା ସ୍ଥଳେ ସେ ଗୋଟାଏ ଟଙ୍କାରେ ମାତ୍ର ଚାରି ସେର ତେଲ ଓ ଅଢ଼େଇ ସେର ଘିଅ କିଣିବାକୁ ସକ୍ଷମ !(୫)

ଏହି ନର୍ଟନ୍ ଭଦ୍ରଲୋକଟି କିଏ ? ୧୮୫୨ରେ ଜନ୍ମିତ ୟାର୍ଡ଼ଲେ ଜନ୍ ନର୍ଟନ୍ ମାଦ୍ରାଜ (ଚେନ୍ନାଇ) ହାଇକୋର୍ଟର ଜଣେ ବିଚାରପତି ସାର୍ ଜନ୍ ଡେଭିଡ୍ ନର୍ଟନଙ୍କ ନାତି। ଏକଦା ମାଦ୍ରାଜରେ ଆଡ଼ଭୋକେଟ୍ ଜେନେରାଲ ଥିବା ଜନ୍ ବ୍ରୁସ୍ ନର୍ଟନ ତାଙ୍କ ପିତା। ୟାର୍ଡ଼ଲେ ନର୍ଟନ ଅକ୍ସଫୋର୍ଡ଼ରେ ଅଧ୍ୟୟନ କରିଥିଲେ ଓ ଲଣ୍ଡନରେ କିଛି ଦିନ ବାରିଷ୍ଟରୀ କରିବା ପରେ ୧୮୭୯ରେ ଭାରତବର୍ଷକୁ ତାଙ୍କ କର୍ମଭୂମି ରୂପେ ବାଛିଲେ। ୧୯୩୧ରେ ତାଙ୍କ ମୃତ୍ୟୁରେ ଲଣ୍ଡନ 'ଟାଇମ୍ସ୍' ତାଙ୍କୁ 'ନିଃସନ୍ଦେହରେ ଭାରତରେ ସର୍ବାଗ୍ରଗଣ୍ୟ ଇଂରେଜ ଆଇନଜୀବୀ' ବୋଲି ଅଭିହିତ କରିଥିଲା।(୬)

ମାଜିଷ୍ଟ୍ରେଟ କୋର୍ଟରୁ ଆରମ୍ଭ କରି ହାଇକୋର୍ଟ ପର୍ଯ୍ୟନ୍ତ ସମଗ୍ର ବିଚାରକାଳ ପାଇଁ ସରକାର ତାଙ୍କ ଓକିଲ ବାହିନୀର ମୁଖ୍ୟରୂପେ ନର୍ଟନଙ୍କୁ ନିଯୁକ୍ତ କରିବାର ତାତ୍ପର୍ଯ୍ୟ ସ୍ପଷ୍ଟ। ଅଭିଯୁକ୍ତମାନେ ଯେମିତି କୌଣସି ମତେ ଖସି ଯାଇ ନପାରିବେ ! ବିଶେଷତଃ 'ସମ୍ରାଟ'ଙ୍କ ପ୍ରମୁଖ ଶତ୍ରୁ ଶ୍ରୀଅରବିନ୍ଦ ଯେପରି କଠୋର ଦଣ୍ଡ ପାଇବେ। ବାରିଷ୍ଟର ନର୍ଟନଙ୍କ ଖ୍ୟାତି ଥିଲା, ଥରେ ତାଙ୍କ ଶରବ୍ୟ ହେଲେ କେହି କାରାଗାର ବାହାରେ ସୂର୍ଯ୍ୟୋଦୟ ଦେଖନ୍ତି ନାହିଁ – ବହୁ ବର୍ଷ ଯାଏ।

ସେତେବେଳେ ବିପିନଚନ୍ଦ୍ର ପାଲ ରାଜନୈତିକ ରଙ୍ଗମଞ୍ଚରୁ ଅନ୍ତର୍ହିତ; ତିଲକଙ୍କୁ ମଧ୍ୟ ସେହି ଭବିତବ୍ୟ ଅପେକ୍ଷା କରିଥାଏ। ବିପ୍ଳବୀ ଯୁବକମାନେ କାରାରୁଦ୍ଧ ଅଥବା ପଳାତକ। ସମାଜର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସାହସ ତଥା ବିବେକକୁ ଅସାଡ଼ କରିଦେଇଥାଏ 'ସମ୍ରାଟ'ଙ୍କ ପକ୍ଷରୁ ଦଣ୍ଡ ଓ ଅପମାନର ଆତଙ୍କ। ଶ୍ରୀଅରବିନ୍ଦଙ୍କ ତରଫରୁ ଲଢ଼ିବା ଦିଗରେ ବ୍ୟବସ୍ଥା କରିବାର ଦାୟିତ୍ୱ ପଡ଼ିଲା ତାଙ୍କ ଶ୍ୱଶୁର ଭୂପାଳ ଚନ୍ଦ୍ର ବୋଷଙ୍କ ଉପରେ, ଯିଏ ଖାଲି ଉଚ୍ଚପଦସ୍ଥ ସରକାରୀ ହାକିମ ନଥିଲେ, ବଙ୍ଗ ଓ ଆସାମର କୃଷି ବ୍ୟବସ୍ଥାରେ ଅଭୂତପୂର୍ବ ଉନ୍ନତି ବିଧାନ କରି 'ରାୟବାହାଦୁର' ଉପାଧିରେ ଅଳଙ୍କୃତ ହୋଇଥିଲେ। ତାଙ୍କ ସହ ଯୋଗ ଦେଲେ ଶ୍ରୀଅରବିନ୍ଦଙ୍କ ମଉସା, ଋଷି ରାଜ-ନାରାୟଣଙ୍କ ଜ୍ୟେଷ୍ଠ ଜାମାତା, ସ୍ୱନାମଧନ୍ୟ ଶିକ୍ଷାବିତ୍, ସଂପାଦକ ତଥା ଦେଶଭକ୍ତ କୃଷ୍ଣ କୁମାର ମିତ୍ର।

ଭୂପାଳ ଚନ୍ଦ୍ର ବୋଷଙ୍କ ପରାମର୍ଶ କ୍ରମେ ମିତ୍ର ମହାଶୟ ଦେଶପ୍ରେମୀ ଭାବରେ ଜଣାଶୁଣା ବ୍ୟୋମକେଶ ଚକ୍ରବର୍ତ୍ତୀ ନାମକ ଜଣେ ବାରିଷ୍ଟରଙ୍କୁ ସାକ୍ଷାତ୍ କଲେ। ଆଶା କରାଯାଉଥିଲା ସେ ଦେଶପ୍ରେମୀ ସୌଜନ୍ୟ ପ୍ରଣୋଦିତ ହୋଇ ଶ୍ରୀଅରବିନ୍ଦଙ୍କ ସକାଶେ ଲଢ଼ିବେ। କିନ୍ତୁ ସେ କହିଲେ, "ମୁଁ ପଇସାଟିଏ ନେବି ନାହିଁ ଯେ କିନ୍ତୁ ମୋ ସହକାରୀମାନଙ୍କୁ ତ ପ୍ରାପ୍ୟ ଦେବାକୁ ହେବ !" ଚୁକ୍ତି ହେଲା ସେ ଏବଂ ତାଙ୍କ ଜାମାତା ବି. କେ. ଲାହିଡ଼ି ଏବଂ ଆହୁରି ତିନିଜଣ ବାରିଷ୍ଟର ସମନ୍ୱିତ ତାଙ୍କ ବାହିନୀ ମାଜିଷ୍ଟ୍ରେଟ କୋର୍ଟରୁ ଆରମ୍ଭ କରି ହାଇକୋର୍ଟ ଯାଏ ଲଢ଼ିବେ ଏବଂ ସମୁଦାୟ ଏଗାର ହଜାର ଟଙ୍କା ହେବ ସେମାନଙ୍କ ପ୍ରାପ୍ୟ – ଯଦି ଅଗ୍ରିମ ମିଳିଯାଏ।

ସମୁଦାୟ ଅର୍ଥହିଁ ବିଶ୍ୱାସଭରେ ଦେଇଦିଆଗଲା।(୭)

ମାଜିଷ୍ଟ୍ରେଟଙ୍କ କୋର୍ଟରେ ୭୬ ଦିନ କାଳ ବିଚାର ଚାଲିବା ଅନ୍ତେ ଅଗଷ୍ଟ ୨୦ତାରିଖରେ ତାହା ସେସନ୍ସ କୋର୍ଟକୁ ଗଲା। ବାରୀନ୍ଦ୍ର କୁମାର ବ୍ରିଟିଶ ନାଗରିକ ହୋଇଥିବା ଦୃଷ୍ଟିରୁ ସେହି ଭାବରେ ବିଚାର ଚାହାନ୍ତି କି ବୋଲି ତାଙ୍କୁ ପ୍ରଶ୍ନ କରା ହୁଅନ୍ତେ ସେ ମନା କଲେ।

ଜୁଲାଇ ମଝାମଝି ସୁଦ୍ଧା ଅରବିନ୍ଦ ସୁରକ୍ଷା ପାଣ୍ଠିରେ ସଂଗୃହୀତ ହୋଇଥାଏ ତେର ହଜାର। ଅବଶ୍ୟ ସେ ଅର୍ଥ ଅନ୍ୟ ଅଭିଯୁକ୍ତମାନଙ୍କ ନିମନ୍ତେ ମଧ୍ୟ ଉଦ୍ଦିଷ୍ଟ ଥିଲା। 'ବସୁମତି' ସମ୍ବାଦପତ୍ର ସନ୍ଧାନ କରି ଦେଖିଲା ଦାତାମାନେ ମୁଖ୍ୟତଃ ଅତି ସାଧାରଣ ଲୋକ। ସେମାନଙ୍କ ଭିତରେ ଥିଲେ ଜଣେ ଅନ୍ଧ ଭିକାରି ଏବଂ ଜଣେ ଗରିବ ସ୍କୁଲ ଛାତ୍ର। ସପ୍ତାହ ସପ୍ତାହ ଧରି ଦିବାହାର ନକରି ଦୁଇ ପଇସା ଲେଖାଏଁ ବଞ୍ଚାଇଥିଲା ସେ ଛାତ୍ର।(୮)

ସେସନ୍ସ କୋର୍ଟରେ ୧୯୦୮ ଅକ୍ଟୋବର ୧୯ ତାରିଖରେ ବିଚାର ଆରମ୍ଭ ହୋଇ ୧୯୦୯ ଏପ୍ରିଲ ୧୪ ତାରିଖ ଯାଏ ଚାଲିଲା। ମାନ୍ୟବର ବିଚାରପତି

ସି. ପି. ବିର୍‌କ୍ରାଫ୍‌ଟଙ୍କ ଆଖି ଯେତେବେଳେ ଅର୍ଗଳ ଭିତରେ ମାମୁଲି ବେଶରେ ଦଣ୍ଡାୟମାନ ଶ୍ରୀଅରବିନ୍ଦଙ୍କ ଉପରେ ପଡ଼ିଥିବ, ତାଙ୍କ ପ୍ରତିକ୍ରିୟା କ'ଣ ହୋଇଥିବ ତାହା ଆମ କଳ୍ପନା ସାପେକ୍ଷ । କ୍ୟାମ୍ବ୍ରିଜ୍‌ରେ ଦୁହେଁ ଥିଲେ ସବୁଠାରୁ ପ୍ରତିଭାଶାଳୀ ଛାତ୍ର । ଗ୍ରୀକ୍ ସାହିତ୍ୟରେ ଶ୍ରୀଅରବିନ୍ଦ ପ୍ରଥମ ହେଲେ ବିର୍‌କ୍ରାଫ୍‌ଟ ହେଉଥିଲେ ଦ୍ୱିତୀୟ ।

ବିର୍‌କ୍ରାଫ୍‌ଟଙ୍କୁ ଦେଖି ଶ୍ରୀଅରବିନ୍ଦଙ୍କ ମୁହଁରେ କୌଣସି ପ୍ରତିକ୍ରିୟା ଫୁଟି ଉଠିଥିବାର ସମ୍ଭାବନା ନାହିଁ । କାରଣ ସେତେବେଳକୁ କୌଣସି ବହିଃଦୃଶ୍ୟ ବା ଘଟଣା ତାଙ୍କ ଉପରେ ପ୍ରଭାବ ପକାଉ ନଥାଏ ବୋଲି ଅନ୍ୟ କାରାବାସୀମାନଙ୍କ ସ୍ମୃତିଚାରଣରୁ ଜଣାଯାଏ ।

ବିଡ଼ମ୍ବନା ! ସମଗ୍ର ଅର୍ଥ ଅଗ୍ରୀମ ନେଇଥିବା ବାରିଷ୍ଟର ପ୍ରବର ବ୍ୟୋମକେଶ ଚକ୍ରବର୍ତ୍ତୀ ଏବଂ ତାଙ୍କର ଜଣେ ସହକାରୀ ଅଳ୍ପ କେତେଦିନ ପାଇଁ ମାତ୍ର କୋର୍ଟରେ ଉପସ୍ଥାନ ପକାଇ ତା'ପରେ ନେପଥ୍ୟଗାମୀ ହେଲେ ବୋଲି କାଗଜପତ୍ରରୁ ଜଣାପଡ଼େ । ତେବେ ସେଭଳି ଜଣେ ଦାମୀ ଓକିଲଙ୍କୁ ମିତ୍ର ମହାଶୟ ନିୟୋଗ କରିଥିବା ଦୃଷ୍ଟିରୁ କୌଣସି ରହସ୍ୟମୟ ଉତ୍ସରୁ ତାଙ୍କ ତହବିଲ ବିସ୍ତାରିତ ହେଉଛି, ଏହି ସନ୍ଦେହରେ ତାଙ୍କ ଗୃହ ଖାନତଲାସ ହେଲା । ଦେଖାଗଲା, ମିଳିଥିବା ସମସ୍ତ ଅର୍ଥର ଯଥାର୍ଥ ହିସାବ ରଖିବାରେ ତ୍ରୁଟି ହୋଇ ନାହିଁ । ସର୍ବାଧିକ ପରିମାଣ ଅର୍ଥ – ଶହେ ଟଙ୍କା – ପ୍ରଦାନ କରିଥିଲେ ରବୀନ୍ଦ୍ରନାଥ ଠାକୁରଙ୍କ ପରିବାରର ଜଣେ ମହିଳା ସ୍ୱର୍ଣ୍ଣକୁମାରୀ ଦେବୀ (ବିପ୍ଳବପନ୍ଥୀ ସରଳା ଦେବୀଙ୍କ ମାତା) ।

କିନ୍ତୁ ନିଜ ମାନ ରଖିବା ନିମନ୍ତେ ପୁଲିସ ମିତ୍ରମହାଶୟଙ୍କ ଥାକେ ଫାଇଲ ଓ ତାଙ୍କ ଲିଖିତ ଗୁରୁ ନାନକଙ୍କର ଏକ ଜୀବନୀର ପାଣ୍ଡୁଲିପି ଜବଦ କରି ନେଇଗଲେ । ସେସବୁ ଆଉ ଫେରସ୍ତ ଆସିଲା ନାହିଁ ।[୯]

ପାଣ୍ଠିରେ ଜମିଥିବା ପରିମାଣର ସିଂହାଂଶ ତ ବାରିଷ୍ଟର ଚକ୍ରବର୍ତ୍ତୀଙ୍କ ସମେତ ନିରୁଦ୍ଦିଷ୍ଟ ହୋଇଯାଇଥିଲା । ମିତ୍ର ମହାଶୟ କରିବେ କ'ଣ ? ସେ ତାଙ୍କର ଜଣେ ବନ୍ଧୁ ବିଶିଷ୍ଟ ଓକିଲ ଆଶୁତୋଷ ବିଶ୍ୱାସଙ୍କୁ କାର୍ଯ୍ୟଭାର ଗ୍ରହଣ କରିବାକୁ ଅନୁରୋଧ କଲେ ।

ଭଦ୍ରଲୋକ ରାଜି ହେଲେ । କିନ୍ତୁ ପରେ ପରେ ସରକାର ତାଙ୍କୁ ଏକହିଁ ମକଦ୍ଦମା ନିମନ୍ତେ ନିୟୋଗ କରନ୍ତେ ସେ ମିତ୍ର ମହାଶୟଙ୍କୁ ନାସ୍ତିବାଣୀ ଶୁଣାଇ ଦେଲେ ।[୧୦]

ହାୟ ! ଭଦ୍ରଲୋକ ସରକାରୀ ଆହ୍ୱାନ ପ୍ରତ୍ୟାଖ୍ୟାନ କରିଥା'ନ୍ତେ ହେଲେ ! ମକଦ୍ଦମା ଚାଲୁଥିବା ଅବସ୍ଥାରେ କୋର୍ଟ ପରିସର ଭିତରେ ଜଣେ ବିପ୍ଳବୀ ଗୋଷ୍ଠୀର ଯୁବକଙ୍କ ଗୁଳିରେ ବିଶ୍ୱାସ ତ୍ୟାଗ କଲେ ଶେଷ ନିଃଶ୍ୱାସ ।

ହତାଶ ଭାବରେ ମିତ୍ର ମହାଶୟ ନୀଳକଣ୍ଠ ବାବୁ ନାମକ ଜଣେ ଅଭିଜ୍ଞ ମୁକ୍ତିଆରଙ୍କୁ ଦୈନିକ କୋଡ଼ିଏ ଟଙ୍କା ପାରିଶ୍ରମିକରେ ନିଯୁକ୍ତ କଲେ ଏବଂ ସେ ବାବୁ ଜଣକ ତାଙ୍କ ସାଧ୍ୟାନୁସାରେ ତଦବିରରେ ଲାଗିଲେ । ପ୍ରତ୍ୟହ ମୁକ୍ତିଆର-ପାଠାଗାରରେ ମିତ୍ର ମହାଶୟ ତାଙ୍କୁ ଭେଟନ୍ତି । ନରେନ ଗୋସାଇଁର ପିତା ମଧ୍ୟ ପ୍ରଥମେ ପ୍ରଥମେ ଉତ୍ସାହରେ ଆଲୋଚନାରେ ଭାଗ ନେଉଥା'ନ୍ତି । କିନ୍ତୁ କ୍ରମେ ସେ ନିସ୍ପୃହ ହୋଇଗଲେ; ଏପରିକି ମିତ୍ର ମହାଶୟଙ୍କୁ ଦେଖି ନଦେଖିଲା ଭଳି ଆଚରଣ କଲେ । ରହସ୍ୟ ଯଥା ସମୟରେ ଉନ୍ମୋଚିତ ହେଲା । ପୁତ୍ରଟି ଇତି ମଧ୍ୟରେ ସରକାରୀ ସାକ୍ଷୀ ହେବାକୁ ସ୍ୱୀକୃତି ଦେଇଥିଲା !

ଯଥାଶୀଘ୍ର ମିତ୍ର ମହାଶୟ ବୁଝିଲେ ଯେ ନର୍ଟନ ସାହେବ ଭଳି ଜଣେ ଚତୁର, ଦର୍ପୀ ଇଂରେଜ ବାରିଷ୍ଟରଙ୍କୁ ସାମନା କରିବା ନିମନ୍ତେ ଯେତେ ପ୍ରବୀଣ ହେଲେ ବି ନୀଳକଣ୍ଠ ବାବୁ ଭଳି ଜଣେ ମୁକ୍ତିଆରଙ୍କ ପକ୍ଷରେ ଅସମ୍ଭବ । ସେ ତାଙ୍କର ଜଣେ ପୂର୍ବତନ ଛାତ୍ର ହାଇକୋର୍ଟ ଆଟର୍ଣ୍ଣି ଧନୁଲାଲ ଅଗ୍ରୱାଲଙ୍କ ସହ ପରାମର୍ଶ କଲେ ଏବଂ ସିଏ ଜଣେ ଉଦୀୟମାନ ବାରିଷ୍ଟର ଚିତ୍ତରଞ୍ଜନ ଦାସଙ୍କ ନାମ ସୁପାରିସ କଲେ ।

ଅବସ୍ଥା ସଙ୍ଗିନ୍ ହୋଇ ଉଠୁଥାଏ । ପୁଲିସ ଶ୍ରୀଅରବିନ୍ଦଙ୍କ ଭଉଣୀ ସରୋଜିନୀଙ୍କୁ ଗିରଫ କରି ପାଣ୍ଠି ସଂଗ୍ରହ ଅଭିଯାନ ଭଣ୍ଡୁର କରିବାର ଯୋଜନା କରୁଥାଏ । କିନ୍ତୁ ସମ୍ବାଦପତ୍ର ଓ ଜନସାଧାରଣଙ୍କ ପ୍ରତିକ୍ରିୟାକୁ ଭୟ କରି ସେଥିରୁ ନିରସ୍ତ ଥାଏ ।

ବିଳମ୍ବ କଲେ ଚଳିବ ନାହିଁ । ମିତ୍ରଙ୍କ ତରଫରୁ ଅଗ୍ରୱାଲ ଚିତ୍ତରଞ୍ଜନଙ୍କୁ ଭେଟିଲେ ଏବଂ ନିଃସଙ୍କୋଚରେ ଜଣାଇଲେ ଯେ ପାଣ୍ଠିରେ ସେତେବେଳକୁ ମାତ୍ର ଛଅ ହଜାର ଟଙ୍କା ଅବଶିଷ୍ଟ ରହିଛି ।

ଚିତ୍ତରଞ୍ଜନ ଯେପରି ଏ ପ୍ରସ୍ତାବକୁ ଆଗ୍ରହଭରେ ଅପେକ୍ଷା କରୁଥିଲେ ! ତାଙ୍କ କନ୍ୟା ଅପର୍ଣ୍ଣା ଦେବୀ ଲେଖିଛନ୍ତି : ''ବାପାଙ୍କୁ ପୂର୍ବରୁ କେହି ଏ ପ୍ରସ୍ତାବ ଦେଇ ନଥିଲେ । କିନ୍ତୁ ପ୍ରଥମରୁହିଁ ସେ ଏଭଳି ସୁଯୋଗକୁ ଅପେକ୍ଷା କରୁଥିଲେ । ସେତେବେଳେ ସେ ଅନେକ ସମୟରେ ରାତିରେ କେତେକ ବନ୍ଧୁଙ୍କ ସହ ବସି 'ପ୍ରେତଚକ୍ର' ଅନୁଷ୍ଠିତ କରୁଥିଲେ । ବିଶିଷ୍ଟ

ବ୍ୟକ୍ତିଙ୍କ ପ୍ରେତାତ୍ମାମାନ ଆହୂତ ହେଉଥିଲେ । ଆମେ ଝରକା ଫାଙ୍କ ଦେଇ ଉଙ୍କି ମାରି ଦେଖୁଥାଉଁ । ଦିନେ ବାପା କହିଲେ, 'ଆଜି ମୁଁ ଅରବିନ୍ଦଙ୍କ ବିଷୟରେ ପ୍ରଶ୍ନ କରିବି ।' ନାଟୋରର ମହାରାଜା ଜଗଦୀନ୍ଦ୍ରନାଥ ରାୟ ମଧ୍ୟ ସେସବୁ ଚକ୍ରରେ ଉପସ୍ଥିତ ରହୁଥିଲେ । ସେ ରାତିରେ ସେମାନେ ବ୍ରହ୍ମବାନ୍ଧବ ଉପାଧ୍ୟାୟଙ୍କ ପ୍ରେତାତ୍ମାକୁ ଆହ୍ୱାନ କଲେ । ଇଂରାଜୀରେ ସ୍ୱୟଂ-ଚାଳିତ ଲେଖା (Automatic Writing) ଦେଖାଇଲା, 'ତୁମେ ନିଶ୍ଚୟ ଅରବିନ୍ଦଙ୍କ ପାଇଁ ଲଢ଼ିବା ଉଚିତ !' ପେନ୍‌ସିଲ ଏକହିଁ ବାକ୍ୟ ବାରଂବାର ଲେଖି ଚାଲିଲା । ବାପା ଖୁବ୍ ଆବେଗ-ପ୍ରଣୋଦିତ ହୋଇ ଉଠିଲେ । ବିନୟ କକା (ବାରିଷ୍ଟର ବି. ସି. ଚାଟାର୍ଜି) ଆସି ପହଞ୍ଚିବା ମାତ୍ରେ ସେ ଉଚ୍ଚକଣ୍ଠରେ କହିଲେ, 'ବିନୟ ! ତୁମେ ଦେଖିବ, ଏ ମକଦ୍ଦମା ମୋ ହାତକୁ ଆସିବହିଁ ଆସିବ !'...''(୧୧)

ତାଙ୍କ ହାତକୁ ତାହା ବାସ୍ତବରେ ଆସିବା ମାତ୍ରେ ପରିବାରର ବାତାବରଣ ତେଣିକି ହୋଇଗଲା ଏକ ଆଶ୍ରମ ଭଳି । ଚିତ୍ତରଞ୍ଜନ ତାଙ୍କ ସହକାରୀମାନଙ୍କୁ ନିର୍ଦ୍ଦେଶ ଦେଲେ — ଅନ୍ୟ କୌଣସି ମକଦ୍ଦମାର ଭାର ସେ ହାତକୁ ନେବେ ନାହିଁ । ଆହାର ନିଦ୍ରା ଭୁଲି ସେ ଆଇନ ବହିମାନ ଏବଂ ଶ୍ରୀଅରବିନ୍ଦଙ୍କ ବିରୋଧରେ ଆଗତ ଅଭିଯୋଗସବୁ ଉପରେ ମନୋନିବେଶ କଲେ । ସେତେବେଳେ ତାଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ । କିନ୍ତୁ ସେ ସତେ ଯେପରି ସାଧନା-ନିମଗ୍ନ ! ପରିବାର ମଧ୍ୟ ସେଥିରେ ସହଯୋଗ କଲେ । କେହି ତାଙ୍କୁ ଅନ୍ୟ କୌଣସି ବ୍ୟାପାରରେ ବିବ୍ରତ କରୁ ନଥା'ନ୍ତି ।

କୃଷ୍ଣକୁମାର ମିତ୍ରଙ୍କ କାର୍ଯ୍ୟକଳାପ ଉପରେ ଆଖି ରଖୁଥିଲେ ସରକାର । ଯେଉଁଦିନ ଚିତ୍ତରଞ୍ଜନ ମକଦ୍ଦମା ହାତକୁ ନେଲେ, ତହିଁ ପରଦିନ ମିତ୍ର ମହାଶୟ ଗିରଫ ହେଲେ ଏବଂ ଆଗ୍ରା ଦୁର୍ଗରେ ବନ୍ଦୀ ଜୀବନ ଯାପନ କଲେ ୧୯୧୦ ଯାଏ । ତାଙ୍କ ସହ ଅନ୍ୟ ଯେଉଁ ବିଶିଷ୍ଟ ବ୍ୟକ୍ତିମାନେ ଧରା ହୋଇ ବ୍ରହ୍ମଦେଶ ଓ ଉତ୍ତର ଭାରତର ଭିନ୍ନ ଭିନ୍ନ ସ୍ଥାନରେ ରଖା ହେଲେ, ସେମାନଙ୍କ ଅନ୍ତର୍ଭୁକ୍ତ ରାଜା ସୁବୋଧ ମଲ୍ଲିକ, ମନୋରଞ୍ଜନ ଗୁହଠାକୁର୍ତ୍ତା, ଅଶ୍ୱିନୀ କୁମାର ଦତ୍ତ ତଥା 'ବନ୍ଦେ ମାତରମ୍'ରେ ଶ୍ରୀଅରବିନ୍ଦଙ୍କ ସୁଯୋଗ୍ୟ ସହକାରୀ ଶ୍ୟାମ ସୁନ୍ଦର ଚକ୍ରବର୍ତ୍ତୀ ।

ନିର୍ଜନ କକ୍ଷରୁ ଆସି ଅନ୍ୟମାନଙ୍କ ସହ ମେଳା ଘରେ ରହୁଥିଲେ ମଧ୍ୟ ଯୁବକମାନଙ୍କ ଅହରହ ହଟ୍ଟଗୋଳ ଭିତରେ ଶ୍ରୀଅରବିନ୍ଦ ଥିଲେ ଅବିଚଳ, ପ୍ରଶାନ୍ତ । କାରାବାସୀ ଉପେନ୍ଦ୍ରନାଥ ବନ୍ଦୋପାଧ୍ୟାୟଙ୍କ ସ୍ମୃତିକଥା ଉପରେ ଦୃଷ୍ଟିପାତ କରାଯାଉ :

''ଆମ ଭିତରେ ଥିଲେ କେବଳ ଜଣେ ମାତ୍ର ବ୍ୟକ୍ତି — ଯିଏ କି ସମସ୍ତ ପ୍ରକାର ହୈହଲ୍ଲାର ଚୂଡ଼ାନ୍ତ ଊର୍ଦ୍ଧ୍ୱରେ ରହୁଥିଲେ । ସେ ହେଲେ ଅରବିନ୍ଦ । କାରାପ୍ରହରୀ (Wardens)ମାନଙ୍କ ପାଖରୁ ଆମେ ତାଙ୍କ ସମ୍ପର୍କରେ ଶୁଣୁଥିଲୁଁ ନାନା ବିଚିତ୍ର କାହାଣୀ । ସେମାନଙ୍କ ବିଶ୍ୱାସ, ସେ କିଛି ଆହାର କରୁ ନଥିଲେ... ତାଙ୍କ ଖାଦ୍ୟତକ ସେ ଅସରପା ଓ ପିମ୍ପୁଡ଼ିମାନଙ୍କ ପାଇଁ ଛାଡ଼ି ଦେଉଥିଲେ... କୌତୂହଳ ସତ୍ତ୍ୱେ ମୁଁ କିନ୍ତୁ ତାଙ୍କୁ କିଛି ପଚାରିବାର ସାହସ କରୁ ନଥିଲି । ଦିନେ ଦେଖିଲି, ତାଙ୍କ କେଶ ତୈଳାକ୍ତ ଚହଟ । ଏହା ଥିଲା ବିସ୍ମୟର କଥା ଓ ପ୍ରହେଳିକା ! କାରଣ ତେଲ ବ୍ୟବହାର ନିମନ୍ତେ କାହାକୁ ଅନୁମତି ମିଳୁ ନଥିଲା । ସାହସ କରି ପଚାରିଲି, 'କେଶ ତୈଳ କାହୁଁ ପାଇଲେ ?'

ତାଙ୍କ ଉତ୍ତର ମୋତେ ହତବାକ୍ କରି ଦେଲା । 'ମୁଁ ତ ସ୍ନାନ ବି କରେ ନାହିଁ !'

'କିନ୍ତୁ ଆପଣଙ୍କ କେଶ ତ ଉଜ୍ଜ୍ୱଳ ଦିଶୁଛି !'

'କଥା ହେଲା, ସାଧନା ଯୋଗୁଁ ମୋ କେଶ ମୋ ଦେହରୁ ତେଲ ଟାଣି ନେଉଛି ।'... ପରେ ମୁଁ ଅରବିନ୍ଦଙ୍କଠିଁ ଆହୁରି କେତେ ବିସ୍ମୟକର ଲକ୍ଷଣ ଲକ୍ଷ୍ୟ କଲି । ଥରେ କଏଦୀମାନଙ୍କ ସହ (ବିଚାରାଳୟରେ) ବସିଥିବା ବେଳେ ତାଙ୍କ ଉପରେ ମୋର ଆଖି ପଡ଼ିଲା, ଦେଖିଲି ତାଙ୍କ ଆଖିର ପିତୁଳା କାଚ ଭଳି ସୁସ୍ଥିର; ସେ ଆଖିପତା ପକାଉ ନଥିଲେ । ଆଖିରେ ସାମାନ୍ୟତମ ଅସ୍ଥିରତା ନଥିଲା । ପୂର୍ବରୁ ପଢ଼ିଥିଲି, ମନ ସମ୍ପୂର୍ଣ୍ଣ ନିଶ୍ଚଳ ହୋଇଗଲେ ଚକ୍ଷୁ ସେଭଳି ଦେଖା ଯାଇପାରେ । ମୁଁ ତାଙ୍କ ଚକ୍ଷୁ ପ୍ରତି ଅନ୍ୟ କେତେଜଣଙ୍କ ଦୃଷ୍ଟି ଆକର୍ଷଣ କଲି । କିନ୍ତୁ ତାଙ୍କୁ କିଛି ପଚାରିବା ଭଳି ଦମ୍ଭ କାହାରି ନଥିଲା । ଅବଶେଷରେ ସଚୀନ୍ ଧୀରେ ଧୀରେ ତାଙ୍କ ପାଖକୁ ଘୁଞ୍ଚିଯାଇ ପଚାରିଲା, 'ଆଜ୍ଞା, ସାଧନାରୁ କ'ଣ ଲାଭ କଲେ ?'

ଶ୍ରୀଅରବିନ୍ଦ ତରୁଣଟି କାନ୍ଧରେ ହାତ ରଖି ସ୍ମିତହସ ସହକାରେ କହିଲେ, 'ଯାହା ଚାହୁଥିଲି ତାହା ଲାଭ କଲି !'

ଏହାପରେ ଆମେ ସଭିଏଁ ବଳ ପାଇ ଯାଇ ତାଙ୍କୁ ଘେରି ବସିଲୁଁ । ସେ ମଣିଷର ଆନ୍ତର ଜୀବନର ଯେତେ ଯାହା ରହସ୍ୟ କହିଲେ, ସେସବୁ ଅବଶ୍ୟ ମୁଁ ବିଶେଷ ବୁଝିପାରିଲି ନାହିଁ, କିନ୍ତୁ ଏହି ଅନନ୍ୟ ବ୍ୟକ୍ତିଙ୍କ ଜୀବନରେ ଯେ ଏକ ଅଭିନବ

ପର୍ଯ୍ୟାୟ ଆରମ୍ଭ ହୋଇଛି, ତାହା ଅବିସମ୍ବାଦିତ ବୋଲି ମୋର ହୃଦ୍‌ବୋଧ ହେଲା । ସେ ବେଦାନ୍ତିକ ତଥା ତାନ୍ତ୍ରିକ ସାଧନା ସମ୍ପୂର୍ଣ୍ଣ କରିସାରିଛନ୍ତି ବୋଲି ଜଣାଇଲେ । ପୂର୍ବରୁ ତାଙ୍କଠାରୁ ତନ୍ତ୍ରଶାସ୍ତ୍ର ବିଷୟରେ କିଛି ଶୁଣି ନଥିଲି । ସେ ଅତିଭୌତିକ ଜ୍ଞାନ ସେ କେଉଁଠାରୁ ପାଇଲେ ବୋଲି ପ୍ରଶ୍ନ କଲି । ଉତ୍ତରରେ ସେ ଜଣାଇଲେ, ଏକ ମହାନ୍ ଶକ୍ତି ସୂକ୍ଷ୍ମ ଶରୀରରେ ଆସି ତାଙ୍କୁ ସମସ୍ତ ଶୃଙ୍ଖଳା ପ୍ରଦାନ କରିଛନ୍ତି ।

ବିଚାରର ଫଳ ସମ୍ପର୍କରେ ପ୍ରଶ୍ନର ଉତ୍ତର ଦେଇ ସେ କହିଲେ, 'ମୁଁ ମୁକ୍ତ ହୋଇଯିବି ।'[୧୨]

ବିଖ୍ୟାତ ଉତ୍ତରପଡ଼ା ଅଭିଭାଷଣରେ ମଧ୍ୟ ଶ୍ରୀଅରବିନ୍ଦ କହିଥିଲେ, ''ମୁଁ ଜାଣିଥିଲି ଯେ ମୁଁ ମୁକ୍ତ ହେବି ।'' ଯଥେଷ୍ଟ ପୂର୍ବରୁହିଁ ସେକଥା ତାଙ୍କୁ ଜଣାଥିଲା ବୋଲି ମନେ ହୁଏ । ନଳିନୀ କାନ୍ତ ଗୁପ୍ତ ଲେଖିଛନ୍ତି :

''ଦିନେ ବିଚାରାଳୟରେ ଆମେ ଆମ ଯନ୍ତା ଭିତରେ ବସିଛୁଁ, ଜଣେ ଖୁବ୍ ଫିଟ୍‌ଫାଟ୍ ଚାଲୁ ଇଂରେଜ କାରାରକ୍ଷୀ ଶ୍ରୀଅରବିନ୍ଦଙ୍କ ପାଖକୁ ଆସି ଥଟ୍ଟା କରି କହିଲେ, 'ଆବ୍ରିଣ୍ଡୋ ! (ସେ ଅରବିନ୍ଦ ଉଚ୍ଚାରଣ କରିପାରୁ ନଥାଏ) ଶେଷରେ ଧରା ପଡ଼ିଛ, ଧରା ପଡ଼ିଛ !' ତୁରନ୍ତ ତୀକ୍ଷ୍ଣ ସ୍ୱରରେ ଶୁଣାଇ ଦେଲେ ଶ୍ରୀଅରବିନ୍ଦ 'କିନ୍ତୁ ପଳେଇଯିବି, ପଳେଇଯିବି !'...''[୧୩]

ଶ୍ରୀଅରବିନ୍ଦଙ୍କ ଅବିଶ୍ୱାସ୍ୟ ଉଜ୍ଜ୍ୱଳ କେଶରାଶି ଖାଲି ଉପେନ୍ଦ୍ରନାଥଙ୍କୁ ନୁହେଁ, ଅନ୍ୟମାନଙ୍କୁ ମଧ୍ୟ ଚମତ୍କୃତ କରିଥିବ । ସୁଧୀର କୁମାର ସରକାର ଲେଖିଛନ୍ତି (ସଂକ୍ଷିପ୍ତ ଅନୁବାଦ) :

''କେଉଁ ଦୂର ଅସୀମରେ ନିବଦ୍ଧ ଥାଏ ତାଙ୍କ ନୟନବେନି । ସାଧାରଣ ଧୋତି ଓ ସୂତାଚଦର ପରିହିତ ସେ ଦିଶୁଥା'ନ୍ତି ଜଣେ ସନ୍ନ୍ୟାସୀ ଭଳି !... (ବିଚାରାଳୟର କଏଦୀ ପଞ୍ଜୁରି ଭିତରେ) ଗୋଟାଏ କୋଣରେ ସେ ବସୁଥା'ନ୍ତି ଏବଂ ମଧ୍ୟେ ମଧ୍ୟେ ଆପଣାଛାଏଁ ହସି ହସି ବେଦମ ହେଉଥା'ନ୍ତି ।[୧୪] କାହିଁକି, ସେକଥା କେବଳ ତାଙ୍କୁହିଁ ଜଣାଥାଏ ।... ତାଙ୍କ କୃଷ୍ଣ କେଶ ସର୍ବଦା ଚକଚକ କରୁଥାଏ । ତେଲ ନିଗିଡ଼ି ପଡ଼ିବ କି ? ମୁହଁଟି ତାଙ୍କର ଶିଶୁ ଭଳି; ଭାବନା, ଚିନ୍ତାର ବିନ୍ଦୁବିସର୍ଗ ନାହିଁ । ନୟନରେ ଅପରିସୀମ ପ୍ରଶାନ୍ତି... ତାଙ୍କ ସ୍ମିତହସ ଆମମାନଙ୍କ ଭଳି ନୁହେଁ; ତାଙ୍କ ଦୃଷ୍ଟିଯୋଗେ ତାହା ପ୍ରତିଭାତ ହେଉଥାଏ । ଗୋଟାଏ କୋମଳ ଶିଶୁ ତନୁର ମହକ ଥାଏ ତାଙ୍କ ଦେହରେ... ଥରେ ପଚାରି ଦେଲି, 'କୌଣସି ୟୁରୋପୀୟ କାରା-କର୍ମଚାରୀ କ'ଣ ଆପଣଙ୍କୁ ଗୋପନରେ କେଶତୈଳ ଯୋଗାଇ ଦିଏ ?' ସେ ନିରୁତ୍ତର ରହିଲେ । ରାତିରେ କାରା-ରକ୍ଷକମାନେ ଆମକୁ ଆସି କହୁଥା'ନ୍ତି, 'ଅରବିନ୍ଦ ସାରାରାତି ଦଣ୍ଡାୟମାନ ରହିଥା'ନ୍ତି । ତାଙ୍କ ଶେଯ କାନ୍ଥ କଡ଼ରେ ଅଖୋଲା ରହିଛି ।' ସେମାନେ ତାଙ୍କୁ କିଛି କହିପାରନ୍ତି ନାହିଁ । ରାତିରେ ଯେମିତି ଆମ ନାମଧରି ଡାକି ଆମକୁ ଜଗାଇ ଦେଇ ଆମେ ପଳାଇ ନାହୁଁ ବୋଲି ନିଶ୍ଚିତ ହୁଅନ୍ତି, ତାଙ୍କୁ କିନ୍ତୁ ସେମିତି ଡକାଡ଼କି କରନ୍ତି ନାହିଁ ।''[୧୫]

ଦିନେ ବଙ୍ଗ ଦେଶର ଗଭର୍ଣ୍ଣର ବେକର୍ ସାହେବ କାରା ପରିଦର୍ଶନରେ ଆସି ବିପ୍ଳବୀ ମହଲ ଆଗରେ ପହଞ୍ଚିବା ବେଳକୁ ଶ୍ରୀଅରବିନ୍ଦ ମେଲାର ଗୋଟିଏ କୋଣରେ ଶୀର୍ଷାସନପୂର୍ବକ ସମାଧିସ୍ଥ ହୋଇ ରହିଛନ୍ତି । ସେମିତି ସେ ଘଣ୍ଟା ଘଣ୍ଟା ଧରି ରହୁଥା'ନ୍ତି । କାବା ହୋଇ ଅନାଇ ରହି ଗଭର୍ଣ୍ଣର ସାହେବ ଅଧ ଘଣ୍ଟାଏ ଅପେକ୍ଷା କଲେ । କିନ୍ତୁ ପରିସ୍ଥିତିରେ ପରିବର୍ତ୍ତନ ନହୁଅନ୍ତେ ନିରବରେ ପ୍ରସ୍ଥାନ କଲେ ।[୧୬]

ଗଭର୍ଣ୍ଣର ଚମତ୍କୃତ ହୋଇଥିବେ । ଆହୁରି ଚମତ୍କୃତ ହୋଇଥା'ନ୍ତେ ଯଦି ସେ ଶ୍ରୀଅରବିନ୍ଦ ତାଙ୍କ ନିର୍ଜନ ଏକଣା କକ୍ଷରେ ଥିବା ବେଳେ ଦିନେ ଯାହା ଘଟିଥିଲା, ଯଦି ଦୈବାତ୍ ସାହେବ ତାହା ଦେଖିବାର ଦୁର୍ଲଭ ସୁଯୋଗ ପାଇଥା'ନ୍ତେ । ଦିନେ ଧ୍ୟାନସ୍ଥ ଅବସ୍ଥାରେ ଶ୍ରୀଅରବିନ୍ଦଙ୍କ ଦେହ ଚଟାଣରୁ ଉଠି କେତେ ଇଞ୍ଚ ଶୂନ୍ୟରେ ଭାସମାନ ରହିଥିଲା – ଯେଉଁ ଅବସ୍ଥାକୁ Levitation କୁହାଯାଏ ।[୧୭]

(କ୍ରମଶଃ) ❑

---

## ତଥ୍ୟ ନିର୍ଦ୍ଦେଶିକା


୧. 'କାରାକାହାଣୀ' । ପ୍ରଥମେ ଶ୍ରୀଅରବିନ୍ଦ ଏହା ବଙ୍ଗଳା 'ସୁପ୍ରଭାତ' ପତ୍ରିକା ସକାଶେ ଲେଖିଥିଲେ । (୧୯୦୯)

୨. Old India Office Library, London ରୁ ଲେଖକ କର୍ତ୍ତୃକ ସଂଗୃହୀତ ।

୩. ତତ୍ରୈବ

୪. ତତ୍ରୈବ

୫. ଦୀନେନ୍ଦ୍ରକୁମାର ରାୟ : ''ସେକାଲେର୍ ସ୍ମୃତି'' ଆନନ୍ଦ ପବ୍ଲିଶର୍ସ, କଲିକତା ।
୬. ଏ. ଜି. ନୁରାନି : "Champion Lawyer", 'Frontline' (ଚେନ୍ନାଇ), ୨୧ ସେପ୍ଟେମ୍ବର ୨୦୧୨ ।
୭. କୃଷ୍ଣକୁମାର ମିତ୍ର : ''ଆତ୍ମକାହାଣୀ'' (ବଙ୍ଗଳା); ସାଧାରଣ ବ୍ରାହ୍ମ ସମାଜ, କଲିକତା ।
୮. ''ବସୁମତି'', ୧୮ ଜୁଲାଇ ୧୯୦୮; 'Sri Aurobindo in the First Decade of the Century' (by Manoj Das, Sri Aurobindo Ashram) ଦ୍ରଷ୍ଟବ୍ୟ ।
୯. କୃଷ୍ଣକୁମାର ମିତ୍ର ''ଆତ୍ମଚରିତ'' (ବଙ୍ଗଳା) ।
୧୦. ତତ୍ରୈବ
୧୧. ଅପର୍ଣ୍ଣା ଦେବୀ : ''ମାନୁଷ୍ ଚିତ୍ତରଞ୍ଜନ'' (ବଙ୍ଗଳା) Indian Associated Publishers, Kolkata.
୧୨. ଉପେନ୍ଦ୍ରନାଥ ବନ୍ଦ୍ୟୋପାଧ୍ୟାୟ : Memories of a Revolutionary ଏବଂ 'ନିର୍ବାସିତେର ଆତ୍ମକଥା', National Publishers, Kolkata.
୧୩. Collected Works of Nolini Kanta Gupta, Vol. 7, SAICE, Pondicherry.
୧୪. ଶ୍ରୀଅରବିନ୍ଦଙ୍କର ଏଭଳି ହସ ପାଠକମାନଙ୍କୁ ଅସ୍ୱାଭାବିକ ମନେ ହୋଇପାରେ । କିନ୍ତୁ ଥରେ ଥରେ ସେ ସେମିତି ହସୁଥିଲେ ବୋଲି ଦୀନେନ୍ଦ୍ର କୁମାର ରାୟଙ୍କର 'ସେକାଲେର୍ ସ୍ମୃତି'ରୁ ଜଣାଯାଏ ।
୧୫. A Spirit Indomitable : Lights on the Life of Sudhir Kumar Sarkar, edited by Mona Sarkar.
୧୬. ତତ୍ରୈବ
୧୭. ନିରଦବରଣ : Talks with Sri Aurobindo : Vol. 1; Sri Aurobindo Ashram, Pondicherry. ❑

Persist in your aspiration and it will be fulfilled.

*CWM-14, p. 161* - The Mother

**Collected Works of The Mother (PB) (Crown) – 17 Vols.**
**Rs. 2750 only** *(Till stocks last)*

**Savitri (Pocket - HB - 1972 Edition) : Rs. 200 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001
E-mail : vakbooks@gmail.com, Contact Person : S. Patnaik (+91 9489063512)

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## (ଚତୁର୍ଥ ଅଧ୍ୟାୟ)

## ଗୀତା-ଶିକ୍ଷାର ସାରମର୍ମ

ଶେଖ ଅବଦୁଲ କାଶମ

ଆଧ୍ୟାତ୍ମିକ ଶାସ୍ତ୍ର ହିସାବରେ ଭଗବଦ୍ ଗୀତାର ମହାନତା ସର୍ବଜନସ୍ୱୀକୃତ । ଏହା ଗଭୀର ଆଧ୍ୟାତ୍ମିକ ଭାବନା ଓ ଆଦର୍ଶକୁ ନେଇ ସମୃଦ୍ଧ । ଜୀବନର ନିର୍ମାଣ ଓ ପରିପୋଷଣ ଯେପରି ସର୍ବୋତ୍କୃଷ୍ଟ ହୋଇପାରିବ ସେଥିପାଇଁ ସମସ୍ତ ଆବଶ୍ୟକୀୟ ଉପାଦାନ ଏଥିରେ ନିହିତ । ମହାତ୍ମାଗାନ୍ଧି ଏହାକୁ ଗୀତାମାତା ବୋଲି ଅଭିହିତ କରିଥିଲେ । ଗୀତାରେ ରହିଛି ବହୁପ୍ରସ୍ଥବିଶିଷ୍ଟ ବିଚାର । ଆଧ୍ୟାତ୍ମିକ ଜୀବନର ବିଭିନ୍ନ ଦିଗକୁ ଏଥିରେ ଏପରି ସମନ୍ୱିତ କରାଯାଇଛି ଯେ ପ୍ରତ୍ୟେକ ବ୍ୟକ୍ତି ନିଜେ ବିଶ୍ୱାସ କରୁଥିବା ସିଦ୍ଧାନ୍ତ ବା ମତବାଦକୁ ସାବ୍ୟସ୍ତ କରିବା ପାଇଁ ଏହାର (ଗୀତାର) ତତ୍ତ୍ୱକୁ ପ୍ରାମାଣିକ ଅବଲମ୍ବନ ରୂପେ ଗ୍ରହଣ କରିପାରେ । ମାତ୍ର ଏ କ୍ଷେତ୍ରରେ ଭୀଷଣ ପ୍ରମାଦର ସମ୍ଭାବନା ରହିଛି । ପକ୍ଷପାତପୂର୍ଣ୍ଣ ବୌଦ୍ଧିକତାକୁ ଉପଯୋଗ କରି ନିଜର ପୂର୍ବାଗ୍ରହ, ରୁଚିଗତ ବିଶ୍ୱାସ ଓ ଏକଦିଗଦର୍ଶୀ ବିଚାରଧାରାକୁ ଅନ୍ୟମାନଙ୍କ ଉପରେ ଲଦିବା ଉଦ୍ଦେଶ୍ୟରେ ଜଣେ ଗୀତାକୁ ବ୍ୟବହାର କରିପାରେ ଯାହା ଆଦୌ ସମୀଚୀନ ନୁହେଁ ।

କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ବା ମତବାଦକୁ ସମର୍ଥନ ତଥା ପ୍ରତିଷ୍ଠିତ କରିବାକୁ ଯାଇ ଗୀତାର ବିଭିନ୍ନ ପ୍ରକାର ବ୍ୟାଖ୍ୟା କରାଯାଇଛି । ଏହାଦ୍ୱାରା ଗୀତାର ଗଭୀର ସମନ୍ୱୟଧର୍ମୀ ତତ୍ତ୍ୱସବୁ ଯଥାର୍ଥ ରୂପେ ଉପସ୍ଥାପିତ ହୋଇପାରି ନାହିଁ । ଯେଉଁମାନେ ଜୀବନ ଓ କର୍ମର ସନ୍ନ୍ୟାସ ଉପରେ ଗଭୀର ବିଶ୍ୱାସ କରନ୍ତି ସେମାନେ ଗୀତାର ମୁଖ୍ୟ ଉଦ୍ଦେଶ୍ୟ ସନ୍ନ୍ୟାସ ଧର୍ମର ଶିକ୍ଷା ବୋଲି ଯୁକ୍ତି କରିଥା'ନ୍ତି । ସେହିଭଳି ଯେଉଁମାନେ କର୍ମ ଦିଗରେ ବିଶେଷ ଆଗ୍ରହୀ ସେମାନେ ଗୀତାର ମୁଖ୍ୟ ସ୍ୱର କେବଳ କର୍ମଯୋଗର ଶିକ୍ଷା ବୋଲି ମତବ୍ୟକ୍ତ କରିଥା'ନ୍ତି । ଆଉ କେତେକେ ଗୀତାକୁ କେବଳ ଭକ୍ତି ଓ ସମର୍ପଣର ସର୍ବୋଚ୍ଚ ଶାସ୍ତ୍ର ରୂପେ ପ୍ରତିପାଦିତ କରିଥା'ନ୍ତି ।

ବିଭିନ୍ନ ବ୍ୟାଖ୍ୟାକାର ଓ ପଣ୍ଡିତମାନେ ଗୀତାକୁ ନିଜ ପ୍ରଣୀତ ସିଦ୍ଧାନ୍ତ ଓ ଦର୍ଶନର ପ୍ରତିପାଦକ ଗ୍ରନ୍ଥରୂପେ ବିବେଚନା କରି ତାକୁ ସେହି ସିଦ୍ଧାନ୍ତର ଅନୁରୂପ ଯେଉଁ ବ୍ୟାଖ୍ୟା ପ୍ରସ୍ତୁତ କରିଛନ୍ତି ସେଥିରେ ଅପୂର୍ଣ୍ଣତା ଓ ଅସଙ୍ଗତି ରହିବା ସ୍ୱାଭାବିକ । ପୁନଶ୍ଚ ଗୀତାରେ ଯୁକ୍ତି ଉପସ୍ଥାପନ ଓ ପ୍ରତିପାଦନର ଯେଉଁ ଧାରା ବିକଶିତ ହୋଇଛି ତାହା ପ୍ରତ୍ୟକ୍ଷ ଓ ଏକରୈଖିକ ନୁହେଁ, ତାହା ଅନେକ ବୁଲାଣିଆ ପଥ ଅତିକ୍ରମ କରିଛି । କୌଣସି ନିର୍ଦ୍ଦିଷ୍ଟ ବିଷୟ ଉପରେ ଏକ ସଂକେନ୍ଦ୍ରିତ ଚର୍ଚ୍ଚା ଚାଲିଥିବା ବେଳେ ହଠାତ୍ ସେଠାରେ ବିରାମ ଘଟି ଭିନ୍ନ ବିଷୟଟିଏ ଆଲୋଚନା ପରିସରକୁ ଚାଲିଆସିଛି । କିଛି ଦୂର ଗଲାପରେ ପୁଣି ମୂଳ ବିଷୟଟି ଉତ୍ଥାପିତ ହୋଇ ଚର୍ଚ୍ଚିତ ହୋଇଛି । ସୁତରାଂ ଯୁକ୍ତିବାଦୀ ବ୍ୟାଖ୍ୟାକାର ଓ ଟୀକାକାରଙ୍କ ପକ୍ଷରେ ଯଥା ସମ୍ଭବ ଏକ ନିର୍ଭୁଲ ଓ ସଂପୂର୍ଣ୍ଣ ବ୍ୟାଖ୍ୟା ପ୍ରସ୍ତୁତ କରିବା କଷ୍ଟକର ହୋଇପଡ଼ିଛି ।

ଗୀତାର ଭାଷ୍ୟକାର, ଟୀକାକାର ଓ ଆଲୋଚକ ହିସାବରେ ଯେଉଁ ବିଶିଷ୍ଟ ବ୍ୟକ୍ତିମାନେ ପ୍ରସିଦ୍ଧି ଲାଭ କରିଛନ୍ତି ସେମାନଙ୍କ ମଧ୍ୟରେ ଆଦିଗୁରୁ ଶଙ୍କରାଚାର୍ଯ୍ୟ, ଆନନ୍ଦଗିରି, ଶ୍ରୀଧରସ୍ୱାମୀ, ଶ୍ରୀମାଧ୍ୱାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟ, ନିମ୍ବାର୍କାଚାର୍ଯ୍ୟ, ଲୋକମାନ୍ୟ ବାଳଗଙ୍ଗାଧର ତିଳକ, ମହାତ୍ମାଗାନ୍ଧି, ବିନୋବା ଭାବେ, ରାଜଗୋପାଳାଚାରୀ, ଡକ୍ଟର ରାଧାକ୍ରିଷ୍ଣନ୍, ସ୍ୱାମୀ ବିବେକାନନ୍ଦ, ସ୍ୱାମୀ ଶିବାନନ୍ଦ, ଶ୍ରୀସତ୍ୟସାଇ, ଜୟ ଦୟାଲ ଗୋୟଙ୍କା, ସ୍ୱାମୀ ରାମସୁଖଦାସ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଶ୍ରୀଅରବିନ୍ଦଙ୍କ ''Essays on the Gita'' ଏକ ଅନବଦ୍ୟ ଓ ଅତୁଳନୀୟ ଗ୍ରନ୍ଥ । ତାଙ୍କ ପୂର୍ବରୁ ଗୀତା ଉପରେ ପ୍ରସ୍ତୁତ ଅସଂଖ୍ୟ ପାଣ୍ଡିତ୍ୟପୂର୍ଣ୍ଣ ଓ ମତବାଦଧର୍ମୀ ବ୍ୟାଖ୍ୟାରେ ଆଉ ଏକ ସିଦ୍ଧାନ୍ତ ଯୋଡ଼ିବା ପାଇଁ ଶ୍ରୀଅରବିନ୍ଦ ଚାହି ନାହାନ୍ତି । ଗୀତା-ନିବନ୍ଧମାଳା ଲେଖିବା ମୂଳରେ ତାଙ୍କର ଲକ୍ଷ୍ୟ ଥିଲା ଗୀତାରେ ଦେଶକାଳକୁ ଅତିକ୍ରମ କରି ଯେଉଁ ସନ୍ଦେଶ ଜୀବନ୍ତ ଓ ଶକ୍ତିମନ୍ତ ହୋଇ ରହିଛି, ଯାହା ଆତ୍ମା ଓ ଚେତନାର ଉଚ୍ଚତମ

ଶିଖରରେ ପହଞ୍ଚାଇବା ପାଇଁ ମନୁଷ୍ୟକୁ ସହାୟତା କରିପାରିବ, ତାକୁ ଜଗତ୍ ସମ୍ମୁଖରେ ଉପସ୍ଥାପିତ କରିବା । ''Essays on the Gita''ରେ ଶ୍ରୀଅରବିନ୍ଦ ଯେଉଁ ଚେତନାଦୀପ୍ତ ଓଜସ୍ୱଳ ଭାଷା ପ୍ରୟୋଗ କରିଛନ୍ତି ତାହା ସ୍ୱତଃ ଆତ୍ମାକୁ ସ୍ପନ୍ଦିତ କରେ, ଜାଗ୍ରତ୍ କରେ ।

ବେଦାନ୍ତବାଦୀମାନେ ମତ ଦିଅନ୍ତି ଯେ ଗୀତାରେ ଜୀବନ ଓ କର୍ମର ପରିତ୍ୟାଗ କରୁଥିବା ସନ୍ନ୍ୟାସ ଧର୍ମର ବାର୍ତ୍ତା ଦିଆଯାଇଛି । ସେମାନଙ୍କ ବକ୍ତବ୍ୟ ହେଲା, ଜୀବନ ଓ କର୍ମ ମନୁଷ୍ୟକୁ ନାନା ବନ୍ଧନରେ ଆବଦ୍ଧ କରିଦିଏ ଏବଂ ତାକୁ ପ୍ରକୃତିର ଦାସ କରି ପକାଏ । ସୁତରାଂ ଜୀବନ ନିର୍ବାହ ପାଇଁ ଯେତିକି ସର୍ବନିମ୍ନ କର୍ମର ଆବଶ୍ୟକତା ରହିଛି ସେତିକି ମାତ୍ର ସମ୍ପାଦନ କରି ମୁକ୍ତିଲାଭ ଦିଗରେ ସର୍ବାଧିକ ମନୋନିବେଶ କରିବା ଉଚିତ । ଅଥବା କର୍ମ ବନ୍ଧନର କାରଣ ହୋଇଥିବାରୁ ସେଥିରୁ ସମ୍ପୂର୍ଣ୍ଣ ଦୂରେଇ ରହିବା ଶ୍ରେୟସ୍କର । ପ୍ରକୃତରେ ଏହା ଯଥାର୍ଥ ମନୋଭାବ ନୁହେଁ । ଗୀତା ସନ୍ନ୍ୟାସର ବାର୍ତ୍ତା ଦେଇଛି ମାତ୍ର ଜୀବନରୁ ସନ୍ନ୍ୟାସ ଗ୍ରହଣ କରିବା ପାଇଁ ଏହା କହି ନାହିଁ । କର୍ମର ପରିତ୍ୟାଗ ନୁହେଁ, କାମନାର ପରିତ୍ୟାଗ ହେଉଛି ଗୀତାର ଶିକ୍ଷା । କର୍ମକୁ ସାଧନାରେ ପରିଣତ କରାଯାଇପାରିବ । ଏହା ସାଧନାର ଆଦୌ ପରିପନ୍ଥୀ ନୁହେଁ । କର୍ମର ତ୍ୟାଗ ନୁହେଁ, କର୍ମ ଓ କର୍ମଫଳ ପ୍ରତି ଆସକ୍ତି ତ୍ୟାଗହିଁ ଆଧ୍ୟାତ୍ମିକତାର ଅଂଶବିଶେଷ । ଗୀତା ଯେ କର୍ମବର୍ଜନ ବା ନିଷ୍କ୍ରିୟତାକୁ ସମର୍ଥନ କରି ନାହିଁ ଏକଥା ନିମ୍ନ ଶ୍ଲୋକରୁ ସୁସ୍ପଷ୍ଟ ।

''ନିୟତଂ କୁରୁ କର୍ମ ତ୍ୱଂ କର୍ମ ଜ୍ୟାୟୋ ହ୍ୟକର୍ମଣଃ ।
ଶରୀରଯାତ୍ରାପି ଚ ତେ ନ ପ୍ରସିଦ୍ଧ୍ୟେଦକର୍ମଣଃ ॥ (୩/୮)

ଅର୍ଥାତ୍, ''ତୁମେ ଇନ୍ଦ୍ରିୟସଂଯମ ପୂର୍ବକ କର୍ତ୍ତବ୍ୟ କର୍ମ (ନିଷ୍କାମ କର୍ମ) କର । କାରଣ କର୍ମ ନ କରିବା ଅପେକ୍ଷା କର୍ମ କରିବା ଶ୍ରେଷ୍ଠ ଏବଂ କର୍ମ ନକଲେ ତୁମର ଶରୀର ନିର୍ବାହ ମଧ ସିଦ୍ଧ ହେବ ନାହିଁ ।''

ଗୀତା ପ୍ରକାଶ କରେ ଯେ କାମନାରହିତ ହୋଇ କର୍ମ କଲେ ଧୀରେ ଧୀରେ ସତ୍ତା ମଧ୍ୟରେ ସମତାଭାବ ସୃଷ୍ଟି ହୁଏ । ଫଳରେ ସାଧକ ସୁଖଦୁଃଖ, ଜୟପରାଜୟ, ଯଶ-ଅପଯଶ, ସଫଳତା-ବିଫଳତା ଆଦି ସକଳ ପରିସ୍ଥିତିରେ ଶାନ୍ତି ଓ ସ୍ଥିରତା ବଜାୟ ରଖିପାରେ । ଭଗବାନଙ୍କଠାରେ କର୍ମ ଓ କର୍ମଫଳକୁ ସମର୍ପଣ କରି ସାଧକ ନିଶ୍ଚିନ୍ତ ହୋଇ ରହିବା ସଙ୍ଗେ ସଙ୍ଗେ ଭଗବତ୍ ଚେତନା ସହିତ ସଂଯୁକ୍ତ ହୋଇପାରେ ।

କେତେକ ବ୍ୟାଖ୍ୟାକାର ବିଶ୍ୱାସ କରନ୍ତି ଯେ ଗୀତା-ଶିକ୍ଷାର ସାରମର୍ମ ହେଲା ଭକ୍ତି । ସେମାନଙ୍କ ମତରେ କର୍ମ ଓ ଜ୍ଞାନ ଅପେକ୍ଷା ଭକ୍ତିକୁହିଁ ଗୀତାରେ ସର୍ବୋଚ୍ଚ ଗୁରୁତ୍ୱ ଦିଆଯାଇଛି । ଭଗବାନ୍ ହେଉଛନ୍ତି ପରମ ପୁରୁଷ ଓ ପରମ ପ୍ରେମାସ୍ପଦ । ତାଙ୍କ ସହିତ ପ୍ରେମ ଓ ଭକ୍ତିର ସମ୍ପର୍କ ସ୍ଥାପନ କରିବା ଭକ୍ତିଯୋଗର ମୁଖ୍ୟ ସାଧନା । କର୍ମ ଓ ଜ୍ଞାନକୁ ଗୁରୁତ୍ୱ ନଦେଇ କେବଳ ପରମ ପ୍ରଭୁଙ୍କ ସହ ଭକ୍ତି ଭାବରେ ତଲ୍ଲୀନ ହୋଇ ରହିଲେ ବ୍ୟକ୍ତି ତାଙ୍କ ସହ ମିଳିତ ଓ ଏକାତ୍ମ ହୋଇପାରିବ । ଭକ୍ତିହିଁ ମୁକ୍ତିର ଏକମାତ୍ର ମାର୍ଗ, ଏହା ସେମାନଙ୍କ ଧାରଣା । ପ୍ରକୃତରେ ଏହି ଏକଦେଶଦର୍ଶୀ ସିଦ୍ଧାନ୍ତକୁ ଗୀତା ଗ୍ରହଣ କରି ନାହିଁ । ଗୀତାର ଦୃଷ୍ଟିରେ ସାଧକ ପାଇଁ ଭକ୍ତି ଯେତିକି ଗୁରୁତ୍ୱପୂର୍ଣ୍ଣ, କର୍ମ ଓ ଜ୍ଞାନ ମଧ ସେତିକି ଗୁରୁତ୍ୱପୂର୍ଣ୍ଣ । ଭକ୍ତିକୁ ସର୍ବୋଚ୍ଚ ପ୍ରାଧାନ୍ୟ ଦେଉଥିବା ବ୍ୟାଖ୍ୟାକାରମାନେ ଭୁଲିଯାଆନ୍ତି ଯେ ପରମ ପ୍ରେମାସ୍ପଦ ଭଗବାନ୍ ପ୍ରେମର ଅଧୀଶ୍ୱର ହେବା ସଙ୍ଗେ ସଙ୍ଗେ କର୍ମ ଓ ଜ୍ଞାନର ମଧ ଅଧୀଶ୍ୱର । ଭଗବାନ୍ ହେଉଛନ୍ତି ପରମ ଅଦ୍ୱୈତ ସତ୍ତା ଯିଏ କ୍ଷର ଓ ଅକ୍ଷର ସତ୍ତାର ଊର୍ଦ୍ଧ୍ୱରେ ରହିଛନ୍ତି ତଥା ଜଗତର ସକଳ ବ୍ୟକ୍ତି ଓ ବସ୍ତୁଙ୍କ ମଧ୍ୟରେ ବି ନିବାସ କରୁଛନ୍ତି । ସେ ହେଉଛନ୍ତି ପରମାତ୍ମା, ପରମ ପ୍ରକାଶ, ଯାହାଙ୍କଠାରେ ସକଳ ଜ୍ଞାନ ଆସି ମିଳିତ ହୁଏ ତଥା ଯିଏ ସକଳ କର୍ମ ଭିତରେ ପ୍ରକାଶିତ ହୋଇପାରନ୍ତି ଏବଂ ସକଳ କର୍ମ ତାଙ୍କରି ଆଡ଼କୁହିଁ ପରିଚାଳିତ ହୁଏ ।

ପ୍ରକୃତରେ ଜ୍ଞାନ, ଭକ୍ତି ଓ କର୍ମ ଏଇ ତ୍ରୟୀ ମାର୍ଗ ସ୍ୱାଭାବିକ ରୂପରେ ପରମପୁରୁଷଙ୍କ ପାଖରେ ଯାଇ ମିଳିତ ହୁଅନ୍ତି । ଏଇ ତିନୋଟି ମାର୍ଗ ମଧ୍ୟରୁ କାହା ଉପରେ କେତେ ଗୁରୁତ୍ୱ ଦିଆଯିବ, କେଉଁ ମାର୍ଗକୁ କିପରି ଓ କେତେ ପରିମାଣରେ ଅବଲମ୍ବନ କରାଯିବ ତାହା ନିର୍ଭର କରେ ବ୍ୟକ୍ତିର ସ୍ୱଭାବ, ମନୋଭାବ, ସାମର୍ଥ୍ୟ ଓ ତା' ଭିତରେ କ୍ରିୟାଶୀଳ ଆତ୍ମାର ପ୍ରେରଣା ଉପରେ ।

ଆଧୁନିକ ବିଚାରଧାରା ଦ୍ୱାରା ପ୍ରଭାବିତ ବ୍ୟକ୍ତିମାନେ ଗୀତାକୁ କର୍ମଯୋଗର ଏକ ଶାସ୍ତ୍ରରୂପେ ଗ୍ରହଣ କରିବାକୁ ଅଧିକ ପ୍ରବୃତ୍ତ ହୋଇଥା'ନ୍ତି । କାରଣ ସେମାନେ ଜ୍ଞାନ ଓ ଭକ୍ତିକୁ ଗୌଣ ଦୃଷ୍ଟିରେ ଦେଖନ୍ତି ଅଥବା ସାମାଜିକ ଉପଯୋଗିତା ଦୃଷ୍ଟିରୁ ତାହା ଅନାବଶ୍ୟକ ବୋଲି ଭାବନ୍ତି । ଏହା ସତ୍ୟ ଯେ ଗୀତା କର୍ମ ଉପରେ ଅନେକ ଗୁରୁତ୍ୱ ଦେଇଛି । ମାତ୍ର ଆଧୁନିକ ମନ କର୍ମ କହିଲେ ସାଧାରଣତଃ ଯାହା ବୁଝେ ଏହା ସେପରି କର୍ମ ନୁହେଁ ।

ଗୀତା ଯେଉଁ କର୍ମର ଉପଦେଶ ଦେଇଛି ତାହା ଭକ୍ତି ଓ ସମର୍ପଣଭାବ ଦ୍ୱାରା ପ୍ରେରିତ କର୍ମ ଯାହା ଆଧ୍ୟାତ୍ମିକ ଉପଲବ୍ଧି ଓ ପରମଶାନ୍ତି ଆଣିବା ସଙ୍ଗେ ସଙ୍ଗେ ପରିଶେଷରେ ଜ୍ଞାନ ପାଖରେ ପହଞ୍ଚାଇଦିଏ । ଅନ୍ୟପକ୍ଷରେ ଆଧୁନିକ ମନ କର୍ମ କହିଲେ ଅହଂପ୍ରେରିତ ଓ ଲୋକହିତକର କର୍ମକୁହିଁ ବୁଝେ । ବ୍ୟକ୍ତିଗତ ଓ ସାମାଜିକ ହିତ ଦୃଷ୍ଟିରୁ କରାଯାଇଥିବା କର୍ମ ବା ମାନବହିତୈଷୀ କର୍ମକୁ ଏହା ଶ୍ରେଷ୍ଠ ଆଦର୍ଶରୂପେ ସ୍ୱୀକାର କରେ । ମାତ୍ର ଗୀତା ଦୃଷ୍ଟିରେ କର୍ମର ଉଦ୍ଦେଶ୍ୟ ବ୍ୟକ୍ତି ବା ସମାଜର ଆବଶ୍ୟକତା ପୂରଣ ନୁହେଁ । ସାମାଜିକ ଦାୟିତ୍ୱପାଳନ କରିଦେଲେ କର୍ମରେ ପରିପୂର୍ଣ୍ଣତା ଆସେ ନାହିଁ । ସମାଜସେବା ମୂଳରେ ବି ଅହଂ, ସ୍ୱାର୍ଥ ଓ ଯଶ ଲିପ୍‌ସା ପ୍ରଚ୍ଛନ୍ନ ରୂପେ ରହିଥାଏ । ତେଣୁ ତାହା ଦିବ୍ୟକର୍ମ ହୋଇପାରେ ନାହିଁ । ଗୀତା ଆମକୁ ମାନୁଷୀ କର୍ମ ନୁହେଁ, ଦିବ୍ୟକର୍ମ କରିବାକୁ ନିର୍ଦ୍ଦେଶ ଦେଇଛି । ଭଗବାନଙ୍କ ଇଚ୍ଛା ଓ ସଂକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ସମ୍ପୂର୍ଣ୍ଣ ସମର୍ପଣଭାବ ସହ ନିଷ୍କାମ ଓ ନୈର୍ବ୍ୟକ୍ତିକ ଭାବରେ ଯେଉଁ କର୍ମ କରାଯାଏ ତାହାହିଁ ଦିବ୍ୟକର୍ମ । କର୍ତ୍ତବ୍ୟ ଓ ଆଚରଣର ସମସ୍ତ ଆଦର୍ଶ ତ୍ୟାଗ କରି ସମ୍ପୂର୍ଣ୍ଣ ଈଶ୍ୱରନିଷ୍ଠ ହୋଇ ସମଗ୍ର ପୃଥିବୀ ଓ ଭଗବାନଙ୍କ ସକାଶେହିଁ କାର୍ଯ୍ୟ କରିବାକୁ ହୁଏ । ଏହି କର୍ମ ଯଜ୍ଞରୂପେ ଭଗବାନଙ୍କ ପ୍ରତି ସମର୍ପିତ ଓ ଉତ୍ସର୍ଗୀକୃତ ହୋଇଥାଏ । ଗୀତାରେ ଉଚ୍ଚାରିତ ବାଣୀ ''ସର୍ବ-ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ'', ''ଯଜ୍ଞାର୍ଥାତ୍ କର୍ମଣଃ'' (ଯଜ୍ଞ ନିମନ୍ତେହିଁ କର୍ମ ଉଦ୍ଦିଷ୍ଟ) ତଥା ''ବ୍ରହ୍ମଣ୍ୟାଧାୟ କର୍ମାଣି'' (ପରମାତ୍ମାଙ୍କଠାରେ ସକଳ କର୍ମ ଅର୍ପଣ କରି) ଏହାହିଁ ସୂଚିତ କରୁଛି ।

ଗୀତା କେଉଁଠି କହି ନାହିଁ ଯେ ଆମେ କର୍ମ ପ୍ରତି ଆଗ୍ରହ ରଖିବା ନାହିଁ । କର୍ମ ପ୍ରତି ଶ୍ରଦ୍ଧା, ଆଗ୍ରହ ଓ ଉତ୍ସାହ ନ ରହିଲେ କର୍ମରେ ରସ ବା ଆନନ୍ଦ ଆସିବ ନାହିଁ । ନିଃସ୍ୱାର୍ଥ ଉଦାସୀନତା ସହ କର୍ମ କରିବାକୁ ଗୀତା ନିର୍ଦ୍ଦେଶ ଦେଇ ନାହିଁ । କିନ୍ତୁ ସ୍ୱାର୍ଥପ୍ରଣୋଦିତ ଆଗ୍ରହ ବା ଉପଯୋଗିତାବାଦୀ ଉଦ୍ଦେଶ୍ୟ ସହ କର୍ମ ନ କରି ଏକ ଯଥାର୍ଥ ଆଧ୍ୟାତ୍ମିକ ଉତ୍ସାହ ସହ କର୍ମ କରିବାକୁ ହେବ ।

ଗୀତା ଏକ ବ୍ୟାବହାରିକ ନୀତିଶାସ୍ତ୍ର ନୁହେଁ, ଏହା ହେଉଛି ଆଧ୍ୟାତ୍ମିକ-ଜୀବନ ନିର୍ମାଣକାରୀ ଶାସ୍ତ୍ର । ଭଗବାନ୍ ଓ ଆଧ୍ୟାତ୍ମିକତା ଏହି ଦୁଇ ମୂଳ ବିଷୟକୁ ନେଇ ଏହା ରଚିତ । ଆଧୁନିକ ମନ ମନୁଷ୍ୟ ଓ ସମାଜକୁହିଁ ଦେବତା ବୋଲି ମାନେ । ନାନା ବ୍ୟାବହାରିକ ନୈତିକତାର ଦ୍ୱାହି ଦେଇ ଏହା ମନୁଷ୍ୟ ଓ ସମାଜର ସେବାକୁହିଁ ସର୍ବଶ୍ରେଷ୍ଠ ଆଦର୍ଶ ବୋଲି ଘୋଷଣା କରେ । ଭଗବାନଙ୍କୁ ରବିବାସରୀୟ ପ୍ରାର୍ଥନାସଭା ଭଳି କେତେକ ଆନୁଷ୍ଠାନିକ ଓ ବିଶେଷ ଅବସର ସମୟରେହିଁ ଲୋଡ଼ିଥାଏ । ଅନ୍ୟ ସମୟରେ ତା'ଲାଗି ଭଗବାନ୍ ସମ୍ପୂର୍ଣ୍ଣ ବିସ୍ମୃତ, ଉପେକ୍ଷିତ ଓ ବର୍ଜିତ ହୋଇ ରହିଥା'ନ୍ତି । ଗୀତା ଆମକୁ ଶିକ୍ଷା ଦିଏ ଯେ ଏକମାତ୍ର ଭଗବାନଙ୍କ ଲାଗିହିଁ ସମଗ୍ର ଜୀବନ ବଞ୍ଚିବାକୁ ହେବ । ଭଗବାନଙ୍କୁ ଦୂରେଇ ଦେଇ ଖାଲି ଜଗତ୍ ଲାଗି ବଞ୍ଚିବାକୁ ହେବ ନାହିଁ । ଯଦି ଜଗତ୍ ଲାଗି ବଞ୍ଚିବାକୁ ହୁଏ ତେବେ ଏହି ଭାବ ନେଇ ବଞ୍ଚିବା ଯେ ଜଗତ୍ ଭଗବାନଙ୍କ ମଧ୍ୟରେ ତିଷ୍ଠି ରହିଛି ଏବଂ ଜଗତରେ ଭଗବାନ୍ ପ୍ରକାଶିତ ହେବାକୁ ଚାହୁଁଛନ୍ତି । ଆଧୁନିକ ମାନସିକତା ଶରୀର, ମନ, ପ୍ରାଣ ଓ ହୃଦୟକୁ ନେଇ ବଞ୍ଚିବାକୁ ଚାହୁଁଥିବା ବେଳେ ଗୀତା ଆମକୁ ଆତ୍ମା ମଧ୍ୟରେ ବଞ୍ଚିବା ଲାଗି ନିର୍ଦ୍ଦେଶ କରୁଛି । ଗୀତା ଆମକୁ ବିନାଶଶୀଳ ଓ ପରିବର୍ତ୍ତନଶୀଳ ସତ୍ତାମାନଙ୍କ ଲାଗି ବଞ୍ଚିବାକୁ କହୁ ନାହିଁ । ବରଂ ଅକ୍ଷର ପରମପୁରୁଷଙ୍କ ଉଦ୍ଦେଶ୍ୟରେ ତଥା ତାଙ୍କରି ମଧ୍ୟରେହିଁ ବଞ୍ଚିବାକୁ ଗୀତାର ନିର୍ଦ୍ଦେଶ ରହିଛି । ପ୍ରକୃତରେ ଶାଶ୍ୱତଙ୍କ ଭିତରେ ବଞ୍ଚିବାରେହିଁ ଜୀବନର ସାର୍ଥକତା ଓ ପୂର୍ଣ୍ଣତା ନିହିତ ।

ନୈତିକତା, ପରୋପକାର ଓ ଜନସେବାର ଆଦର୍ଶକୁ ଗୀତା ବିରୋଧ କରି ନାହିଁ । ଏଗୁଡ଼ିକ ନିଶ୍ଚିତଭାବରେ ବର୍ତ୍ତମାନ ଯୁଗରେ ଆବଶ୍ୟକ । ଜଣେ ଆଧ୍ୟାତ୍ମିକ ବ୍ୟକ୍ତି ନୈତିକତା ଓ ପରୋପକାର ଭଳି ଉତ୍ତମ ଆଦର୍ଶକୁ କାହିଁକି ବା ଆଚରଣ ନ କରିବ ତା'ର କୌଣସି କାରଣ ନାହିଁ । ଯଦି ଯୁଗଧର୍ମ ସେପରି ଆଚରଣ ଲାଗି ଆହ୍ୱାନ କରୁଛି ତାହା ଅବଶ୍ୟ ପାଳନୀୟ । ମାତ୍ର ନୈତିକତା ଓ ସମାଜର କଲ୍ୟାଣକାରୀ କୌଣସି ଆଦର୍ଶ ଅପେକ୍ଷା ଆହୁରି ଏକ ମହତ୍ତର ଲକ୍ଷ୍ୟ ଓ ଆଦର୍ଶ ଜଣେ ଆଧ୍ୟାତ୍ମିକ ବ୍ୟକ୍ତିର ସମ୍ମୁଖରେ ଉପନୀତ ହୋଇପାରେ । ସେତେବେଳେ ଉଚ୍ଚତର ଆଧ୍ୟାତ୍ମିକ ଆହ୍ୱାନର ପ୍ରତ୍ୟୁତ୍ତର ଦେବାଲାଗି ସାମାଜିକ ନୀତିନିୟମ, ବିଧାନ, ବ୍ୟବସ୍ଥା ଓ ଆଦର୍ଶକୁ ବି ଅତିକ୍ରମ କରିବାକୁ ହୁଏ । ପୃଥିବୀରେ ଏକ ବିରାଟ ଓ ମୌଳିକ ପରିବର୍ତ୍ତନ ଆଣିବା ସକାଶେ ଏହା ଆବଶ୍ୟକ ହୋଇପାରେ । ଗୀତା ଶିକ୍ଷା ଦିଏ ଯେ ମନୁଷ୍ୟକୁ ସର୍ବଦା ଚେତନାର ନିମ୍ନତର ଭୂମିରୁ ଉଚ୍ଚତର ଭୂମିକୁ ଉଠିବାକୁ ହେବ ଏବଂ ଉଚ୍ଚତର ଭୂମିର ଚେତନାକୁ ମଧ୍ୟ ନିମ୍ନତର ଭୂମିରେ ପ୍ରୟୋଗ କରିବାକୁ ହେବ ।

ପରିବାର, ସମାଜ, ଦେଶ, ପୃଥିବୀ ଓ ଭଗବାନଙ୍କ ପ୍ରତି ଆମର କେତେକ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ଓ ଦାୟିତ୍ୱ ରହିଛି । ବେଳେବେଳେ ଏହି ବିଭିନ୍ନ ପ୍ରକାରର କର୍ତ୍ତବ୍ୟ ପାଳନ କରିବାକୁ ଗଲାବେଳେ ମନୁଷ୍ୟ ଧର୍ମସଂକଟ ବା ଦ୍ୱନ୍ଦ୍ୱର ସମ୍ମୁଖୀନ ହୁଏ । କର୍ତ୍ତବ୍ୟ କର୍ତ୍ତବ୍ୟ ଓ ଆଦର୍ଶ ଆଦର୍ଶ ମଧ୍ୟରେ ଜଟିଳ ସଂଘର୍ଷ ସୃଷ୍ଟି ହୁଏ । ସେପରି ପରିସ୍ଥିତିରେ ମନୁଷ୍ୟକୁ ଏକ ଉଚ୍ଚତର ଆଦର୍ଶର ସ୍ଥାପନା ପାଇଁ ନିମ୍ନତର ଆଦର୍ଶକୁ ଜଳାଞ୍ଜଳି ଦେବାକୁ ହୋଇଥାଏ । ବୁଦ୍ଧଦେବ ଆଧ୍ୟାତ୍ମିକ ଜ୍ଞାନର ସନ୍ଧାନରେ ଯିବା ପାଇଁ ପରିବାର ଓ ଦେଶ ପ୍ରତି ଆପଣାର ଦାୟିତ୍ୱକୁ ପରିହାର କରିଥିଲେ । ସୁତରାଂ ଯେତେବେଳେ ଆତ୍ମା ଓ ଭଗବାନଙ୍କ ଆହ୍ୱାନ ଆସେ ସେତେବେଳେ ବ୍ୟକ୍ତିକୁ ସକଳ ନୀତି ଓ ଆଦର୍ଶର ଊର୍ଦ୍ଧ୍ୱକୁ ଉଠିଯିବାକୁ ହୁଏ । ''ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ''– ଏହି ବାଣୀରେ ଗୀତା ସେହି ସତ୍ୟଟିରହିଁ ଉଦ୍‌ଘୋଷଣା କରିଛି । ଅକର୍ମଠାରୁ କର୍ମକୁ ଶ୍ରେଷ୍ଠ ବୋଲି ଗୀତାରେ କୁହାଯାଇଛି, ମାତ୍ର କର୍ମ-ସନ୍ନ୍ୟାସକୁ ନିଷିଦ୍ଧ କରାଯାଇ ନାହିଁ । ଯଦି କର୍ମ, ଜୀବନ ଓ କର୍ତ୍ତବ୍ୟ ତ୍ୟାଗ କରିବା ଦ୍ୱାରାହିଁ ଭଗବାନଙ୍କୁ ଲାଭ କରାଯାଇପାରିବ ବୋଲି ଜଣେ ଅନୁଭବ କରେ ଏବଂ ଏଥିପାଇଁ ଯଦି ପ୍ରକୃତରେ ଦିବ୍ୟ-ଆହ୍ୱାନ ଆସିଥାଏ, ତା'ହେଲେ ସେସବୁକୁ ନିଶ୍ଚୟହିଁ ତ୍ୟାଗ କରିବାକୁ ହେବ । ସେପରି ଆହ୍ୱାନ ଅବଶ୍ୟ ପାଳନୀୟ, ତାକୁ ଲଂଘନ କରିବାର ପ୍ରଶ୍ନହିଁ ଉଠୁ ନାହିଁ ।

ସାମାଜିକ ଆଦର୍ଶ ଦୃଷ୍ଟିରୁ ଦେଖିଲେ ଅର୍ଜୁନଙ୍କୁ ଜଣେ ସୈନିକ ବା ଯୋଦ୍ଧାର ଦାୟିତ୍ୱ ତୁଲାଇବାକୁ ପଡ଼ିବ । ଆଉ ନୈତିକତାର ଦୃଷ୍ଟିରୁ ଦେଖିଲେ ସେ ଆତ୍ମୀୟ ସ୍ୱଜନଙ୍କୁ ହତ୍ୟା କରିବା ବା ମନୁଷ୍ୟମାନଙ୍କ ସଂହାର କରିବା ଆଦୌ ଉଚିତ ନୁହେଁ । ଗୀତା କହୁ ନାହିଁ ଯେ ଏକ ଉଚ୍ଚତର ସ୍ତର ନିମ୍ନତର ସ୍ତରର ଅଧୀନତା ସ୍ୱୀକାର କରିବା ଉଚିତ । ଏହି ଦୃଷ୍ଟିରୁ ବିଚାର କଲେ ଅର୍ଜୁନ ସାମାଜିକ ଆଦର୍ଶ ପାଖରେ ନିଜର ଜାଗ୍ରତ୍ ନୈତିକ ଚେତନାକୁ ବଳି ଦେଇ ପାରିବେ ନାହିଁ । ଅର୍ଥାତ୍ ସାମାଜିକ ଆଦର୍ଶ ଓ ନୈତିକ ଆଦର୍ଶ ମଧ୍ୟରେ ଦ୍ୱନ୍ଦ୍ୱର ସୂତ୍ରପାତ ହୋଇଛି । ମାତ୍ର ଗୀତା ଏହି ଦ୍ୱନ୍ଦ୍ୱରୁ ଊର୍ଦ୍ଧ୍ୱକୁ ଉଠିଯିବାକୁ ନିର୍ଦ୍ଦେଶ କରୁଛି । ବ୍ୟାବହାରିକ ଆଦର୍ଶ ଓ ନୈତିକ ଆଦର୍ଶକୁ ଅତିକ୍ରମ କରି ବ୍ରହ୍ମଚେତନାରେ ସ୍ଥିତ ହେବା ପାଇଁ ଏହା କହିଛି । ଗୀତା ସାମାଜିକ କର୍ତ୍ତବ୍ୟ ପରିବର୍ତ୍ତେ ଭଗବାନଙ୍କ ପ୍ରତି କର୍ତ୍ତବ୍ୟକୁ ଉଚ୍ଚତର ସ୍ଥାନ ଦେଇଛି । ବାହ୍ୟବିଧାନର ଅଧୀନତା ସ୍ୱୀକାର ନକରି ଆତ୍ମାର ନିର୍ଦ୍ଦେଶରେ କର୍ତ୍ତବ୍ୟ ପାଳନ କରିବା ପାଇଁ ଏହା ଉଦ୍‌ବୋଧିତ କରିଛି । ଆତ୍ମାର ଆହ୍ୱାନ ଜଟିଳ କର୍ମବିଧିରୁ ମୁକ୍ତ ଅଟେ । ଅର୍ଜୁନଙ୍କୁ ଯେଉଁ କର୍ମ କରିବା ପାଇଁ କୁହାଯାଇଛି ତାହା ଆତ୍ମାର ସ୍ୱାଧୀନତା ଉପରେ ପ୍ରତିଷ୍ଠିତ । ଶ୍ରୀଅରବିନ୍ଦଙ୍କ ଭାଷାରେ – ''– the Brahmic consciousness, the soul's freedom from works and the determination of works in the nature by the Lord within and above us,– is the kernel of the Gita's teaching with regard to action.''

(Essays on the Gita. p. 35)

ଅର୍ଥାତ୍ ''– ଏହି ବ୍ରାହ୍ମୀସ୍ଥିତି, କର୍ମବନ୍ଧନରୁ ଆତ୍ମାର ମୁକ୍ତି, ଅନ୍ତରରେ ତଥା ଊର୍ଦ୍ଧ୍ୱରେ ରହିଥିବା ଭଗବାନଙ୍କ ଦ୍ୱାରା ଆମ ପ୍ରକୃତିରେ କର୍ମର ନିର୍ଦ୍ଧାରଣ – ଏହି ସବୁହିଁ ହେଲା କର୍ମ ସମ୍ବନ୍ଧରେ ଗୀତା-ଶିକ୍ଷାର ସାରମର୍ମ ।''

(ଗୀତାନିବନ୍ଧମାଳା, ପୃଷ୍ଠା-୪୨)

କେତେକ ଆଧୁନିକ ବ୍ୟାଖ୍ୟାକାରଙ୍କ ମତରେ ''କର୍ମଣ୍ୟେ-ବାଧିକାରସ୍ତେ ମା ଫଳେଷୁ କଦାଚନ'' [କର୍ମରେ ତୁମର ଅଧିକାର ଅଛି, ଫଳରେ (ଅଧିକାର) ନାହିଁ] – ଏହାହିଁ ଗୀତାର ମହାବାକ୍ୟ । ମାତ୍ର ଶ୍ରୀଅରବିନ୍ଦଙ୍କ ମତରେ ଏହା ଗୀତାର ମହାବାକ୍ୟ ବା ସର୍ବୋଚ୍ଚ ଉଚ୍ଚାରଣ ନୁହେଁ । ଏହା କେବଳ ସାଧନାର ପ୍ରାଥମିକ ପର୍ଯ୍ୟାୟର ସ୍ଥିତିକୁ ସୂଚାଉଛି । ସାଧନାର ପରବର୍ତ୍ତୀ ପର୍ଯ୍ୟାୟରେ ଏହି କଥାଟିକୁ ଅତିକ୍ରମ କରିବାକୁ ପଡ଼େ । ଗୀତା ସ୍ପଷ୍ଟ ଭାବରେ କହିଛି ଯେ ମନୁଷ୍ୟ କର୍ମର କର୍ତ୍ତା ନୁହେଁ । ତ୍ରିଗୁଣମୟୀ ପ୍ରକୃତିହିଁ ମନୁଷ୍ୟକୁ ସକଳ କର୍ମ କରିବାକୁ ପ୍ରବୃତ୍ତ କରାଏ । ସୁତରାଂ ମନୁଷ୍ୟ ଯଦି କର୍ତ୍ତା ନୁହେଁ ତେବେ କର୍ମରେ ତା'ର ଅଧିକାର ଆସିଲା କେଉଁଠୁ ? ଯେତେବେଳେ ମନୁଷ୍ୟ ଏହି କର୍ତ୍ତାର ଭାବରୁ ବା କର୍ତ୍ତୃତ୍ୱାଭିମାନରୁ ମୁକ୍ତ ହୋଇଯାଏ ସେତେବେଳେ କେବଳ କର୍ମର ଫଳ ଉପରେ ନୁହେଁ କର୍ମ ଉପରେ ବି ତା'ର ଅଧିକାର ରହି ନଥାଏ ।

ଶ୍ରୀଅରବିନ୍ଦଙ୍କ ମତରେ ପ୍ରକୃତିର ନିୟନ୍ତ୍ରଣ ମଧ୍ୟ ଗୀତାର ଚୂଡ଼ାନ୍ତ ବାଣୀ ନୁହେଁ । ସତ୍ତ୍ୱ, ରଜ ଓ ତମ ବିଶିଷ୍ଟ ତ୍ରିଗୁଣମୟୀ ପ୍ରକୃତିର ପ୍ରଭାବ ଯୋଗୁଁ ମନୁଷ୍ୟ ବିଭିନ୍ନ କର୍ମରେ ପ୍ରବୃତ୍ତ ହୋଇ ସୁଖଦୁଃଖ, ଜୟପରାଜୟ, ସଫଳତା ବିଫଳତା ଆଦି ପରିସ୍ଥିତିର ସମ୍ମୁଖୀନ ହୁଏ । ମାତ୍ର ସାଧନା ଓ ପ୍ରୟାସ ଦ୍ୱାରା ସେ କର୍ମଫଳ

ତ୍ୟାଗ କରିବାକୁ ଓ ସମତାର ସ୍ଥିତିରେ ରହିବାକୁ କ୍ରମଶଃ ସମର୍ଥ ହୁଏ । ସମତା ଅର୍ଥ ନିଃସ୍ୱାର୍ଥ ଉଦାସୀନତା ନୁହେଁ । ଏହା ହେଉଛି ଏକ ଆନ୍ତର ସ୍ଥିତି ଓ ପ୍ରସାରତା । ଆଧ୍ୟାତ୍ମିକ ସ୍ୱାଧୀନତା ହେଉଛି ତାହାର ଭିତ୍ତି । ଉପରୋକ୍ତ ଦ୍ୱନ୍ଦ୍ୱମୟ ପରିସ୍ଥିତିରେ ସ୍ଥିର, ଅବିଚଳିତ, ଅନୁତ୍ତେଜିତ ଓ ସମଚିତ୍ତତାର ଅବସ୍ଥାରେ ରହିବା ହେଉଛି ସମତା । କର୍ମଫଳ ତ୍ୟାଗ ଓ ସମତାର ଅଭ୍ୟାସ ମାଧ୍ୟମରେ ବ୍ୟକ୍ତିର ମନ, ପ୍ରାଣ, ବୁଦ୍ଧି ଓ ହୃଦୟ ପରିଶୁଦ୍ଧ ହୁଏ ଏବଂ ସେ ଦିବ୍ୟ-ଚେତନାରେ ପ୍ରବେଶ କରି ସେଥିରେ ପ୍ରତିଷ୍ଠିତ ହୁଏ । ଏହି ଉଚ୍ଚତର ଆଧ୍ୟାତ୍ମିକ ସ୍ଥିତିକୁ ଆସି ସେ ପୁରୁଷୋତ୍ତମଙ୍କୁ ଉପଲବ୍ଧି କରେ । ସେ ଜାଣିପାରେ ଯେ ପୁରୁଷୋତ୍ତମ ହେଉଛନ୍ତି ପରମସତ୍ତା ଯିଏ କି ଉଭୟ ଆତ୍ମାପୁରୁଷ ଓ ପ୍ରକୃତିର ଊର୍ଦ୍ଧ୍ୱରେ ରହିଛନ୍ତି । ପ୍ରକୃତି ତାଙ୍କର କାର୍ଯ୍ୟକାରିଣୀ ଶକ୍ତି । ତାଙ୍କ ମଧ୍ୟରୁହିଁ ସକଳ ସୃଷ୍ଟି ନିଃସୃତ ହୋଇଛି ଅର୍ଥାତ୍ ସେହିଁ ନିଖିଳ ସୃଷ୍ଟି ମଧ୍ୟରେ ବିଭିନ୍ନ ରୂପରେ ଅଭିବ୍ୟକ୍ତ ହୋଇଛନ୍ତି । ମାୟା ଦ୍ୱାରା ବଶୀଭୂତ ସକଳ ଜୀବଙ୍କ ହୃଦୟରେ ସେ ବିରାଜମାନ ଅଛନ୍ତି ତଥା ସେମାନଙ୍କ ଭିତରେ ପ୍ରକୃତିର କ୍ରିୟାବଳିକୁ ନିୟନ୍ତ୍ରଣ କରୁଛନ୍ତି । ତାହାଙ୍କ ଦ୍ୱାରା କୁରୁକ୍ଷେତ୍ରର ସୈନ୍ୟମାନେ ପୂର୍ବରୁ ନିହତ ହୋଇ ସାରିଲେଣି ଯଦିଓ ବାହାରକୁ ସେମାନେ ବର୍ତ୍ତମାନ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିଥିବା ଦୃଶ୍ୟ ହେଉଛି । କୁରୁକ୍ଷେତ୍ରର ଏହି ଭୀଷଣ ସଂହାର-କର୍ମରେ ଅର୍ଜୁନ ସେଇ ପୁରୁଷୋତ୍ତମଙ୍କରହିଁ ଏକ ନିମିତ୍ତ ଓ ଯନ୍ତ୍ର ରୂପେ ନିଯୁକ୍ତ ହୋଇଛନ୍ତି ।

ଏହି ସର୍ବୋଚ୍ଚ ଉପଲବ୍ଧିକୁ ପ୍ରାପ୍ତ ହେବା ପାଇଁ ସାଧକ ବା ଶିଷ୍ୟଙ୍କୁ ପ୍ରକୃତି ଓ ତାହାର ତ୍ରିଗୁଣରୁ ଊର୍ଦ୍ଧ୍ୱକୁ ଉଠିଯିବାକୁ ହେବ । ତାକୁ ତ୍ରିଗୁଣାତୀତ ହେବାକୁ ପଡ଼ିବ ।

ଗୀତାରେ ଦିବ୍ୟଗୁରୁଙ୍କ ନିର୍ଦ୍ଦେଶ ହେଲା ସାଧକ ନିଜ କର୍ମଗୁଡ଼ିକୁ ପ୍ରକୃତି ପାଖରେ ନୁହେଁ ପୁରୁଷୋତ୍ତମଙ୍କ ପାଖରେହିଁ ସମର୍ପଣ କରିବ । ତା'ର କର୍ମରେ ଅଧିକାର ରହିବ ନାହିଁ କି ଫଳରେ ବି ଅଧିକାର ରହିବ ନାହିଁ । ସେ ନିଜର ମନ, ବୁଦ୍ଧି, ହୃଦୟ ଓ ଇଚ୍ଛାଶକ୍ତିକୁ ଭଗବାନଙ୍କଠାରେ ନିବିଷ୍ଟ କରି ରଖିବ । କାରଣ ଭଗବାନହିଁ ସକଳ ଯଜ୍ଞର ଅଧୀଶ୍ୱର । ପୂର୍ଣ୍ଣ ଭକ୍ତି, ପୂର୍ଣ୍ଣ ସମତା ଓ ପୂର୍ଣ୍ଣ ଆତ୍ମସମର୍ପଣ ସହ ତାଙ୍କରି ଉଦ୍ଦେଶ୍ୟରେହିଁ ସକଳ କର୍ମ କରିବାକୁ ହେବ । ଆତ୍ମଜ୍ଞାନ, ବ୍ରହ୍ମଜ୍ଞାନ ଓ ବିଶ୍ୱଜ୍ଞାନ ପ୍ରାପ୍ତ ହୋଇ ସେ ନିଜର ସବୁକିଛି ଭଗବାନଙ୍କ ପାଖରେ ଉତ୍ସର୍ଗ କରିଦେବ । ତା'ର ସଂକଳ୍ପ ଭଗବାନଙ୍କ ସଂକଳ୍ପ ସହ ଏକ ହୋଇଯିବ । ସେ ସମ୍ପୂର୍ଣ୍ଣଭାବରେ ଭଗବତ୍ ଚେତନାରେ ବାସ କରିବ । ସେ ପ୍ରତି ମୁହୂର୍ତ୍ତରେ ଅନୁଭବ କରିବ ଯେ ଭଗବାନହିଁ ସକଳ କର୍ମର ନିର୍ଦ୍ଧାରଣ ଓ ପ୍ରବର୍ତ୍ତନ କରୁଛନ୍ତି ।

ଶ୍ରୀଅରବିନ୍ଦ କହିଛନ୍ତି ଯେ ଗୀତାର ମହାବାକ୍ୟ ବା ସାରଶିକ୍ଷା ପରିଶେଷରେ ନିମ୍ନ କେତୋଟି ଶ୍ଳୋକରେ ପ୍ରକଟିତ ହୋଇଛି –

''ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ ।
ତତ୍‌ପ୍ରସାଦାତ୍ ପରାଂ ଶାନ୍ତିଂ ସ୍ଥାନଂ ପ୍ରାପ୍‌ସ୍ୟସି ଶାଶ୍ୱତମ୍ ॥
ଇତି ତେ ଜ୍ଞାନମାଖ୍ୟାତଂ ଗୁହ୍ୟାଦ୍ ଗୁହ୍ୟତରଂ ମୟା ।...
ସର୍ବ ଗୁହ୍ୟତମଂ ଭୂୟଃ ଶୃଣୁ ମେ ପରମଂ ବଚଃ ।...
ମନ୍ମନା ଭବ ମଦ୍‌ଭକ୍ତୋ ମଦ୍‌ୟାଜୀ ମାଂ ନମସ୍କୁରୁ ।
ମାମେବୈଷ୍ୟସି ସତ୍ୟଂ ତେ ପ୍ରତିଜାନେ ପ୍ରିୟୋଽସି ମେ ॥
ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥''
(୧୮/୬୨,୬୩,୬୪,୬୫,୬୬)

ଅର୍ଥାତ୍ ''ସର୍ବଭାବରେ ନିଜର ହୃଦୟସ୍ଥ ଭଗବାନଙ୍କର ଶରଣ ନିଅ, ତାଙ୍କର ପ୍ରସାଦରେହିଁ ତୁମେ ପରମ ଶାନ୍ତି ଓ ଶାଶ୍ୱତ ପଦ ଲାଭ କରିବ । ଏହି ଭାବରେ ଯେଉଁ ଜ୍ଞାନ ଗୁହ୍ୟରୁ ଆହୁରି ଗୁହ୍ୟତର ମୁଁ ତୁମକୁ ତାହା ବୁଝାଇଲି । ପୁଣି ବର୍ତ୍ତମାନ ମୁଁ ତୁମକୁ ସର୍ବାପେକ୍ଷା ଗୁହ୍ୟତମ ଯେଉଁ ପରମ-ବାଣୀ କହିବି ତାହା ଶୁଣ । ତୁମର ମନକୁ କେବଳ ମୋର ଭାବରେ ପୂର୍ଣ୍ଣ କର, ମୋର ଭକ୍ତ ହୁଅ, ମୋ ଉଦ୍ଦେଶ୍ୟରେହିଁ ଯଜ୍ଞ କର, ମୋତେ ଆରାଧନା କର, ସତ୍ୟ ପ୍ରତିଜ୍ଞା କରି କହୁଛି ତୁମେ ନିଶ୍ଚୟହିଁ ମୋତେ ଲାଭ କରିବ । କାରଣ ତୁମେ ମୋର ପ୍ରିୟ । ସମସ୍ତ ଧର୍ମ ପରିତ୍ୟାଗ କରି ଏକମାତ୍ର ମୋର ଶରଣାପନ୍ନ ହୁଅ । ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିବି, ଶୋଚନା କର ନାହିଁ ।''

ଗୀତାକୁ ଯଥାର୍ଥଭାବେ ବୁଝିବାକୁ ହେଲେ ଏହାକୁ ସାମଗ୍ରିକ ଭାବରେ ଅଧ୍ୟୟନ କରିବାକୁ ହେବ । କାରଣ ଏଥିରେ କ୍ରମବିକାଶଶୀଳ ଭାବରେ ଯୁକ୍ତିକୁ ସମନ୍ୱିତ କରାଯାଇଛି । ଗୀତାର ଯୁକ୍ତି ଓ ପ୍ରତିପାଦ୍ୟ ବିଷୟକୁ ତିନୋଟି ସୋପାନରେ ବିଭକ୍ତ କରାଯାଇପାରେ । ଏହି ତିନୋଟି ସୋପାନ ଅନୁସରଣ କରି ସାଧନା କଲେ ଜଣେ ମାନୁଷୀ ଚେତନାରୁ ଦିବ୍ୟଚେତନାକୁ ଉତ୍ତୀର୍ଣ୍ଣ ହୋଇପାରିବ । ପ୍ରଥମେ କାମନା-ବାସନା ପରିତ୍ୟାଗ ପୂର୍ବକ ପୂର୍ଣ୍ଣ ସମତା ସହ କର୍ତ୍ତା ରୂପେ କର୍ମ କରି ଯିବାକୁ ହେବ, କିନ୍ତୁ ସେହି କର୍ମ ଯଜ୍ଞ ରୂପରେ ପରମେଶ୍ୱରଙ୍କଠାରେ

ଉତ୍ସର୍ଗିତ ହେବା ଆବଶ୍ୟକ । ଦ୍ୱିତୀୟ ସୋପାନ ହେଲା, କେବଳ ଫଳପ୍ରାପ୍ତିର ବାସନା ନୁହେଁ କର୍ତ୍ତାର ଅଭିମାନ ମଧ୍ୟ ତ୍ୟାଗ କରିବାକୁ ହେବ । ଉପଲବ୍ଧି କରିବାକୁ ହେବ ଯେ ଆତ୍ମା ହେଉଛି ସମ, ନିଷ୍କ୍ରିୟ ଓ ଅକ୍ଷର ଏବଂ ସମସ୍ତ କର୍ମାବଳି ହେଉଛି ବିଶ୍ୱ ଶକ୍ତି ଓ ପ୍ରକୃତିର କ୍ରିୟା । ଏହି ପ୍ରକୃତି ହେଉଛି ଅସମ, ସକ୍ରିୟ ଓ କ୍ଷରଶକ୍ତି । ତୃତୀୟ ସୋପାନରେ ପରମାତ୍ମାଙ୍କୁ ପୁରୁଷୋତ୍ତମ ବୋଲି ଉପଲବ୍ଧି କରିବାକୁ ହେବ, ଯେ କି ଏହି ପ୍ରକୃତିର ନିୟନ୍ତା ଓ ସର୍ବମୟ କର୍ତ୍ତା । ପ୍ରକୃତିରେ ବ୍ୟକ୍ତ ଆତ୍ମା ହେଉଛି ତାହାଙ୍କର ଆଂଶିକ ଅଭିବ୍ୟକ୍ତି । ସେହି ପୁରୁଷୋତ୍ତମ ନିଜର ପରାତ୍ପର ସ୍ୱରୂପରେ ଅଧିଷ୍ଠିତ ହୋଇ ମଧ୍ୟ ପ୍ରକୃତି ଦ୍ୱାରା ସମସ୍ତ କର୍ମକୁ ପରିଚାଳିତ କରୁଛନ୍ତି । ପ୍ରେମ, ଭକ୍ତି ଓ କର୍ମର ସମସ୍ତ ଯଜ୍ଞ ତାଙ୍କୁହିଁ ଅର୍ପଣ କରିବାକୁ ହେବ । ସମସ୍ତ ସତ୍ତାକୁ ତାଙ୍କଠାରେହିଁ ସମର୍ପିତ ହେବାକୁ ପଡ଼ିବ । ସମଗ୍ର ଚେତନାକୁ ଉତ୍ତୋଳିତ କରି ଦିବ୍ୟଚେତନା ସହିତ ସମ୍ମିଳିତ କରିବାକୁ ହେବ । ଏହାର ପରିଣାମ ସ୍ୱରୂପ ମାନୁଷୀ ଆତ୍ମା ପ୍ରକୃତିର ଊର୍ଦ୍ଧ୍ୱରେ ଥିବା ପରାତ୍ପରଙ୍କ ସହିତ ଏକାତ୍ମ୍ ହୋଇପାରିବ ଏବଂ ପୂର୍ଣ୍ଣ ଆଧ୍ୟାତ୍ମିକ ମୁକ୍ତି ସହିତ ତାଙ୍କରି କର୍ମରେ ଅଂଶଗ୍ରହଣ କରିପାରିବ ।

ଏହିପରି ଭାବରେ ତିନୋଟି ସୋପାନରେ ଯଥାକ୍ରମେ କର୍ମ, ଜ୍ଞାନ ଓ ଭକ୍ତି ଉପରେ ଗୁରୁତ୍ୱ ଦିଆଯାଇ କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗ ବିଷୟରେ କୁହାଯାଇଛି । ଜ୍ଞାନଯୋଗର ସାଧନା କାଳରେ କର୍ମଯୋଗକୁ ବାଦ୍ ଦିଆଯିବ ନାହିଁ । କର୍ମଯୋଗ ମଧ୍ୟ ଜ୍ଞାନଯୋଗରେ ପରିଣତ ହୋଇପାରିବ । ସମର୍ପଣ ଓ ଉତ୍ସର୍ଗର ଭାବ ନେଇ କର୍ମ କଲେ ତାହା ଭକ୍ତିଭାବ ଉତ୍ପନ୍ନ କରିବ । ସେହିପରି ଭକ୍ତିର ସାଧନା କାଳରେ ଜ୍ଞାନକୁ ଉପେକ୍ଷା ନକରି ତାକୁ ଉତ୍ତୋଳିତ ଓ ପରିପୂର୍ଣ୍ଣ କରାଯିବ ଏବଂ କର୍ମର ଯଜ୍ଞ ମଧ୍ୟ ଏକସଙ୍ଗରେ କରାଯାଉଥିବ । ଏହି ତ୍ରିବିଧ ପଥ ପ୍ରକୃତରେ ପରସ୍ପର ସହିତ ଘନିଷ୍ଠଭାବେ ସମ୍ବନ୍ଧିତ । ଗଭୀର ନିଷ୍ଠା ଓ ଦୃଢ଼ ସଂକଳ୍ପ ସହ ଏହି ତିନୋଟି ମାର୍ଗକୁ ଅନୁସରଣ କଲେ ପରିଶେଷରେ ସାଧକ ପରମ ଭାଗବତ ସତ୍ତା ଓ ଦିବ୍ୟପ୍ରକୃତି ସହ ଐକ୍ୟ ଉପଲବ୍ଧି କରିବ ।

ଗୀତାର ଶିକ୍ଷା କେବଳ ବିଷାଦଗ୍ରସ୍ତ ଅର୍ଜୁନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ । ଏହା ସମଗ୍ର ମାନବସମାଜ ପାଇଁ ଉଦ୍ଦିଷ୍ଟ । ଏହାର ସର୍ବକାଳୀନ ପ୍ରାସଙ୍ଗିକତା ଅନସ୍ୱୀକାର୍ଯ୍ୟ । ଶ୍ରୀଅରବିନ୍ଦ କହନ୍ତି, ଶ୍ରୀମଦ୍‌ଭଗବତ୍ ଗୀତା ଆଧୁନିକ ଯୁଗରେ ସେତିକି ନବ୍ୟତାପୂର୍ଣ୍ଣ ଓ ସ୍ଫୂର୍ତ୍ତିଦାତ୍ରୀ ଅଟେ ଯେତିକି ମହାଭାରତରେ ସମାବିଷ୍ଟ ହେବା ସମୟରେ ହୋଇଥିଲା । ଏକ ରାଷ୍ଟ୍ର ଓ ସଂସ୍କୃତିର ପୁନରୁଜ୍ଜୀବନ ପାଇଁ ଗୀତାର ଉପଦେଶ ନିଶ୍ଚିତ ରୂପେ ସହାୟକ ହୋଇପାରିବ । ଶ୍ରୀଅରବିନ୍ଦଙ୍କ ଭାଷାରେ – "Its (Gita's) teaching is universal whatever may have been its origins." (*Essays on the Gita*, p. 7) ଅର୍ଥାତ୍ 'ଏହାର (ଗୀତାର) ମୂଳ ଯାହା ହେଉ ନା କାହିଁକି ଏହାର ଶିକ୍ଷା ସାର୍ବଜନୀନ ।''

(କ୍ରମଶଃ)

❑❑❑

ମୁଁ ଯାହା ଦେଖୁଛି ତାହା ହେଉଛି ଆଗାମୀ କାଲିର ଜଗତ୍, କିନ୍ତୁ ଗତକାଲିର ଜଗତ୍ ତଥାପି ଜୀବିତ ରହିଛି ଓ କିଛି ସମୟ ପାଇଁ ଜୀବିତ ରହିବ । ଜୀବିତ ରହିଥିବା ପର୍ଯ୍ୟନ୍ତ ପୁରାତନ ବ୍ୟବସ୍ଥା ସେହିପରି ରହି ଚାଲୁ ।

ପୃଥିବୀପୃଷ୍ଠରେ ପରିବର୍ତ୍ତନ ଆସେ ମନ୍ଥର ଗତିରେ ।

ବ୍ୟସ୍ତ ହୁଅ ନାହିଁ – ଭବିଷ୍ୟତ୍ ପାଇଁ ଆଶା ରଖ ।

– ଶ୍ରୀମା

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

(୬୯)

## 'ଏ.ଜି.'ରୁ ଶ୍ରୀଅରବିନ୍ଦ, 'ମୀରା'ରୁ ଶ୍ରୀମା :

ଇତିପୂର୍ବରୁ 'ନନୀବାଳାଙ୍କର ଆଶ୍ରମ ଆଗମନ' ଶିରୋନାମାରେ ଆମେ ଉଲ୍ଲେଖ କରିଛୁ ଯେ ୧୪ ଅଗଷ୍ଟ ୧୯୨୬ରେ ଶ୍ରୀଅରବିନ୍ଦଙ୍କ ବାସଭବନର ଉପର ମହଲା ବାରଣ୍ଡାରେ ସାଧକମାନଙ୍କ ବସିବା ସକାଶେ ଚେୟାରସବୁ ହଟାଇ ଦିଆଯାଇ ଚଟାଣରେ ଗାଲିଚା ବିଛା ଯାଇଥିଲା । କେବଳ ଶ୍ରୀଅରବିନ୍ଦଙ୍କ ସକାଶେ ଚେୟାରଟିଏ ରହିଥିଲା । ତା' ପରଦିନ ଶ୍ରୀଅରବିନ୍ଦଙ୍କର ଜନ୍ମଦିନ । ଏହାର କିଛି ଦିନ ପରେ ଏବଂ ୧୪ ଅକ୍ଟୋବର ପୂର୍ବରୁ ଅନ୍ୟ ଦୁଇଟି ଆଗ୍ରହୋଦ୍ଦୀପକ ଘଟଣା ଘଟିଥିଲା । ନନୀବାଳାଙ୍କର 'ସ୍ମୃତିକଥା'ରୁ :

''ଦିନେ ମୁଁ ଶ୍ରୀଅରବିନ୍ଦଙ୍କୁ ପ୍ରଶ୍ନ କଲି, 'ପ୍ରଭୁ, କାହିଁକି ସେମାନେ ଆପଣଙ୍କୁ 'ଏ.ଜି.', 'ଏ.ଜି.' ବୋଲି ଡାକୁଛନ୍ତି । (ଅରବିନ୍ଦ ଘୋଷଙ୍କର ସଂକ୍ଷିପ୍ତ ନାମ) ସେ ଓଲଟି ପ୍ରଶ୍ନ କଲେ, 'କିଏ 'ଏ.ଜି.' ବୋଲି ଡାକୁଛି ?' 'ଏହି ସାଧକମାନେ ଏପରି କହୁଛନ୍ତି, ମୁଁ ଶୁଣିଛି ।' ତା'ପରେ ସେ ସ୍ମିତହାସ୍ୟ ସହ କହିଲେ, 'ଏହା ତୋର ଏକ ସୁନ୍ଦର ଧାରଣା ।' ସାତ, ଆଠଦିନ ପରେ ମୁଁ ନୋଟିସ ବୋର୍ଡ଼ରେ 'ଶ୍ରୀଅରବିନ୍ଦ' ଲେଖା ଥିବାର ଦେଖିଲି । ମୁଁ ଶୁଣିବାକୁ ପାଇଲି ଯେ ମା ସେହି ନାମଟି ଦେଇଛନ୍ତି । ଏହା ମୋତେ ଅଧିକ ଆନନ୍ଦ ଆଣିଦେଲା ।

''ଦୁଇ ଦିନ ପରେ ମୁଁ ନିଜ ହାତରେ ଗୁନ୍ଥିଥିବା ଦୁଇଟି ଫୁଲମାଳକୁ ଗୋଟିଏ ରୁମାଲରେ ଗୁଡ଼ାଇ ଶ୍ରୀଅରବିନ୍ଦଙ୍କର ଦର୍ଶନ ପାଇଁ ଗଲି । ମୋ ହାତରେ ଲୁଚା ହୋଇ ରହିଥିବା ଜିନିଷଟିକୁ ଲକ୍ଷ୍ୟ କରି ସେ ପଚାରିଲେ : 'ତୁ କ'ଣ ନେଇ ଆସିଛୁ ?' ଉତ୍ତରରେ କହିଲି, 'ଦୁଇଟି ଫୁଲମାଳ ।' 'ସେହିଟିକୁ ତୁ କ'ଣ କରିବୁ ?' ମୁଁ ଖୁସିରେ ହସିଉଠି କହିଲି : 'ଗୋଟିଏ ମୁଁ ଆପଣଙ୍କ ଗଳାରେ ଲମ୍ବାଇ ଦେବି ଓ ଅନ୍ୟଟି ଆପଣଙ୍କ ପାଦତଳେ ।' ମୋ ଉତ୍ତରରେ ଖୁସି ହୋଇ ସେ କହିଲେ : 'ଆଚ୍ଛା, ମୋତେ ଗୋଟିଏ ଦେଇ ଦେ ଓ ଅନ୍ୟଟି ପାଖ କୋଠରିରେ ତୋର ମା ଅଛନ୍ତି, ତାଙ୍କୁ ଯାଇ ଦେଇ ଆ ।' 'ପାଖ କୋଠରି ମଧ୍ୟରେ ! ମୋତେ କିଛି ବି ଜଣା ନାହିଁ; ଦୟାକରି ମୋତେ ଟିକିଏ ବତାଇ ଦିଅନ୍ତୁ, ପ୍ରଭୁ !' ତା'ପରେ ସେ ବୁଝାଇ ଦେଲେ : 'ଭିତର ଅଗଣାରେ ଥିବା ଶିଡ଼ି ଦେଇ ତୁ ଉପରକୁ ଗଲାବେଳେ ସମ୍ମୁଖରେ ଗୋଟିଏ କୋଠରି ଦେଖିବୁ । ମା ସେଠାରେ ରହନ୍ତି । ତୁ ତାଙ୍କୁ ମାଳାଟି ଦେଇ ଦେବୁ ।' ମୁଁ କହିଲି : 'ପ୍ରଭୁ, ମୋତେ ସେଠାକୁ ଯିବାକୁ ଅନୁମତି ଦିଅନ୍ତୁ ।' ସେ ସ୍ମିତହାସ୍ୟ ସହ ସମ୍ମତି ଜଣାଇଲେ : 'ହଁ, ବର୍ତ୍ତମାନ ଯାଇପାରୁ ।'

''ମୁଁ ତଳମହଲାକୁ ଆସି ଦେଖିବାକୁ ପାଇଲି ଯେ ପୁରାଣୀଙ୍କର ପତ୍ନୀ ଲୀଳାବତୀ ଠିଆ ହୋଇଛନ୍ତି । ମୁଁ ଲୀଳାଙ୍କୁ କହିଲି, 'ଭଉଣୀ, ଦୟାକରି ମୋ ସହିତ ଟିକିଏ ଆସ ।' ସେ ପ୍ରଶ୍ନ କଲେ, 'କେଉଁଠିକୁ ?' ମୁଁ କହିଲି, 'ମୁଁ ତୁମକୁ ପରେ କହିବି ।' ସେ କହିଲେ, 'ତେବେ ଚାଲ ।' ଆମେ ପାହାଚରେ ଉପରକୁ ଉଠି ସମ୍ମୁଖରେ ଗୋଟିଏ ରୁମ୍ ଦେଖିଲୁ । ଲୀଳାଙ୍କୁ ବାହାରେ ଅପେକ୍ଷା କରିବାକୁ କହିଲି । ମୁଁ ମାଳାଟି ସହ ଭିତରକୁ ପ୍ରବେଶ କଲି । ସେଠାରେ ମା ଏକ ନାଲିଧଡ଼ି ଥିବା ଶାଢ଼ିଟିଏ ପରିଧାନ କରି ଠିଆ ହୋଇଥିଲେ । ସେ ମୋ ନିକଟକୁ ସାମାନ୍ୟ ଆଗେଇ ଆସିଲେ ଓ ମୁଁ ମୋର ମାଳାଟିକୁ ତାଙ୍କୁ ଅର୍ପଣ କରି ପ୍ରଣାମ କଲି । ମା'ଙ୍କ ମଥାରେ ଏକ ଆବରଣ ଥିଲା ଓ ମୁଁ ତାଙ୍କୁ ମାଳାଟି ଅର୍ପଣ କଲାବେଳେ ସେ ହସୁଥିଲେ । ମାତ୍ର ମୁଁ ଇଂରାଜୀ ଜାଣି ନଥିବାରୁ ତାଙ୍କ ସହିତ କିଛି ବି କଥାବାର୍ତ୍ତା କରି ପାରିଲି ନାହିଁ । କିଛିକ୍ଷଣ ପରେ ମୁଁ ବାହାରକୁ ଚାଲି ଆସିଲି ।...

''ପରଦିନ ଶ୍ରୀଅରବିନ୍ଦଙ୍କୁ ଦର୍ଶନ ସମୟରେ ମୁଁ ପଚାରିଲି, 'ପ୍ରଭୁ, ମା'ଙ୍କୁ ସାକ୍ଷାତ୍ କରିବାରେ ସକ୍ଷମ ହୋଇ ପାରିଲି । ସେ ତାଙ୍କ କକ୍ଷରେ ଥିଲେ । ମାତ୍ର ମୁଁ ଇଂରାଜୀ ଜାଣି ନଥିବାରୁ ତାଙ୍କ ସହ କଥାବାର୍ତ୍ତା ହୋଇ ପାରିଲି ନାହିଁ । ତେଣୁ ମୁଁ କେବଳ ମାଳାଟି ଅର୍ପଣ କରି ଚାଲି ଆସିଲି । ପ୍ରଭୁ, ମୁଁ ସ୍ୱାଧୀନ ଭାବରେ ରହି ଥାଆନ୍ତି କି ... ଅନେକ ଭାଷା ଶିଖି ଥାଆନ୍ତି ଓ ବିଭିନ୍ନ ସ୍ଥାନ ବୁଲି ପାରି ଥାଆନ୍ତି । ମୋତେ ଆପଣ ପୁରୁଷଟିଏ କରି ଦିଅନ୍ତୁ । ମୋର ଆଉ ନାରୀଟିଏ ହୋଇ ରହିବାକୁ ଇଚ୍ଛା ହେଉ ନାହିଁ ।' ସ୍ମିତ ହସି ସେ କହିଲେ, 'ଖୁବ୍ ଭଲକଥା,

ତୁ ମୁକ୍ତ ହେବୁ । ପୁରୁଷ ଓ ନାରୀ ଉଭୟେ ସମକକ୍ଷ ହେବେ ।'...''

ଶ୍ରୀଅରବିନ୍ଦଙ୍କ ଓଷ୍ଠାଧରରେ 'ତୋର ମା' ଉଚ୍ଚାରିତ ହେବାର ଶ୍ରବଣ ମାତ୍ରେ ସ୍ୱତଃ ସ୍ମରଣରେ ଆସେ ନଳିନୀକାନ୍ତଙ୍କର ଏକ ଗୁରୁତ୍ୱପୂର୍ଣ୍ଣ କଥା : ''ଶ୍ରୀମା'ଙ୍କୁ ଶ୍ରୀଅରବିନ୍ଦ ପ୍ରଥମେ ପ୍ରଥମେ 'ମୀରା' ବୋଲି ସ୍ପଷ୍ଟ ଭାବରେ ସମ୍ବୋଧନ କରୁଥିଲେ । ତା'ପରେ ବେଶ୍ କେତେ ବର୍ଷ ପରେ, ଆମେ ଲକ୍ଷ୍ୟ କଲୁ 'ମୀରା'ର ମ ପର୍ଯ୍ୟନ୍ତ ଉଚ୍ଚାରଣ କରି ସେ ଅଟକି ଯାଉଥିଲେ ଏବଂ ଇତସ୍ତତଃ ହୋଇ 'ମୀରା' କହୁଥିଲେ । ସେସମୟରେ ଆମମାନଙ୍କଠାରେ ଏହି ଦୃଶ୍ୟଟି ପ୍ରହେଳିକା ପରି ବୋଧ ହେଉଥିଲା । କିନ୍ତୁ ପରେ ହୃଦୟଙ୍ଗମ କଲୁ, କାହିଁକି, କ'ଣ ପାଇଁ ? ଶ୍ରୀଅରବିନ୍ଦଙ୍କ ଓଷ୍ଠାଧର କହିବାକୁ ଉଦ୍ୟତ 'Mother' (ମା) କିନ୍ତୁ ଆମେ ପ୍ରସ୍ତୁତ ନଥିଲୁ, ତେଣୁ 'Mother' କହିବାକୁ ଯାଇ ଅଟକି ମୀରା ଉଚ୍ଚାରଣ କରୁଥିଲେ । କେବେ କେଉଁ ଶୁଭ ମୁହୂର୍ତ୍ତରେ ଶ୍ରୀଅରବିନ୍ଦଙ୍କ ଓଷ୍ଠାଧରରେ 'Mother' (ମା) ଶବ୍ଦଟି ସର୍ବପ୍ରଥମେ ଉଚ୍ଚାରିତ ହୋଇଥିଲା, ସେଇଟି ଆମର ଅଗୋଚର – କିନ୍ତୁ ତାହା ହେଉଛି ଅଲିଖିତ ଇତିହାସରେ ଏକ ଦିବ୍ୟ-ମୁହୂର୍ତ୍ତ, ପୃଥିବୀ ପକ୍ଷରେ, ମାନବଜାତି ପକ୍ଷରେ ମହା ସନ୍ଧିକ୍ଷଣ । କାରଣ ସେହି ମୁହୂର୍ତ୍ତରେହିଁ ଏହି ଜଡ଼ ଭୂତଳରେ, ମଣିଷର ବାହ୍ୟ ଚେତନାରେ ମା'ଙ୍କର (ଶ୍ରୀମା'ଙ୍କର) ପ୍ରତିଷ୍ଠା ।''

(ନଳିନୀକାନ୍ତଙ୍କ ରଚନାବଳି, ୫ମ ଖଣ୍ଡ)

୧୯୨୬ ସେପ୍ଟେମ୍ବର ୨ ତାରିଖରୁ ତିନି, ଚାରି ଜଣ ଅନ୍ତେବାସୀ ସାଧିକା ମା'ଙ୍କ ପାଖକୁ ନିତି ଯାଇ ସମବେତ ଧ୍ୟାନ କରିବା ଆରମ୍ଭ କଲେ ।

ବ୍ୟତିକ୍ରମ ସ୍ୱରୂପ ଅଳ୍ପ କେତେଜଣ ସାଧକ ଓ ସାଧିକାଙ୍କୁ ବାଦ୍ ଦେଲେ ଶ୍ରୀଅରବିନ୍ଦଙ୍କୁ ଗୁରୁ ରୂପେ ଏବଂ ମା'ଙ୍କୁ ଦିବ୍ୟଜନନୀ ରୂପେ ଗ୍ରହଣ କରିବାର ପ୍ରସ୍ତୁତି ପର୍ବ ଧୀରେ ଧୀରେ ନିକଟରୁ ନିକଟତର ହୋଇ ଆସୁଥିଲା । ସବୁକିଛି ସ୍ୱତଃ ପ୍ରସ୍ତୁତ ହୋଇ ଉଠୁଥିଲା ।

ସଂକ୍ଷେପରେ ବ୍ୟତିକ୍ରମ କେତୋଟିର ଉଦାହରଣ ଦେଉଛୁ, ଆଶାକରୁ ଆଗ୍ରହୋଦ୍ଦୀପକ ହେବ :

ପ୍ରଥମତଃ, ମାଦାମ୍ ପୋତେଲ୍ (Mme Potel) ଜଣେ ଫରାସୀ ଭଦ୍ରମହିଳା, ୧୯୧୩ରେ 'ମୀରା'ଙ୍କୁ 'ମା' ବୋଲି ସମ୍ବୋଧନ କରିଥିଲେ । ସେ ପ୍ରଥମେ ମା'ଙ୍କର ବାନ୍ଧବୀ ଥିଲେ, ପରେ ତାଙ୍କର ଘନିଷ୍ଠ ସଂସ୍ପର୍ଶରେ ଆସି ତାଙ୍କର ପ୍ରଥମ ଶିଷ୍ୟା ହୋଇଥିଲେ । ମାର୍ଚ୍ଚ ୧୯୨୬ରେ ସ୍ୱାମୀଙ୍କ ସହିତ ସେ ପଣ୍ଡିଚେରୀକୁ ଆସି ଶ୍ରୀମାଶ୍ରୀଅରବିନ୍ଦଙ୍କ ସହ ଆଳାପ-ଆଲୋଚନା କରିଥିଲେ ଏବଂ ସେହି ମାସରେ ନିଜ ଦେଶକୁ ଫେରି ଯାଇଥିଲେ । ଖୁବ୍ ସମ୍ଭବତଃ ଶ୍ରୀଅରବିନ୍ଦ ତାଙ୍କର ନୂତନ ନାମକରଣ କରିଥିଲେ 'ଇଲା' ('Ila') ।

ଦ୍ୱିତୀୟତଃ, ଚନ୍ଦନନଗରର ମୋତିଲାଲ ରାୟ, ଯିଏକି ଶ୍ରୀଅରବିନ୍ଦଙ୍କ ଅନୁମତି ପ୍ରାପ୍ତ ହୋଇ ସେଠାରେ ଏକ ସାଧନା କେନ୍ଦ୍ର ସ୍ଥାପନ କରି ତା'ର ପରିଚାଳନା ଭାର ନେଇଥିଲେ, ଅବଶ୍ୟ ସବୁକିଛି ଶ୍ରୀଅରବିନ୍ଦଙ୍କର ନିର୍ଦ୍ଦେଶରେହିଁ ସମ୍ପାଦିତ ହେଉଥିଲା । ସେ ୨୬ ଅଗଷ୍ଟ ୧୯୨୦ରେ 'Standard Bearer' ପତ୍ରିକାରେ ପ୍ରଥମ କରି 'Sri Aurobindo' ବ୍ୟବହାର କରିଥିଲେ । ନଚେତ୍ ଇତିପୂର୍ବରୁ 'Sri Aurobindo Ghosh', 'Aurobindo', 'Mr. Ghose', 'A.G.' ବ୍ୟବହୃତ ହେଉଥିଲା । ଏପରିକି ତାଙ୍କ ପାଖକୁ ଲିଖିତ ପତ୍ରରେ ଶ୍ରୀଅରବିନ୍ଦ ବିଭିନ୍ନ ସମୟରେ 'Kali' ବା 'K' ଲେଖୁଥିଲେ ।

ତୃତୀୟତଃ, ଶ୍ରୀମାଶ୍ରୀଅରବିନ୍ଦଙ୍କର ଜଣେ ନୈଷ୍ଠିକ ଶିଷ୍ୟ ଥିଲେ ତିରୁପତି । ଆନ୍ଧ୍ରର ବିଜୟନଗରମ୍‌ରେ ତାଙ୍କର ବାସସ୍ଥାନ ଥିଲା । ୧୯୨୬ରେ ସେ ତାଙ୍କ ଲିଖିତ ପତ୍ରରେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କୁ 'ଶ୍ରୀଅରବିନ୍ଦାୟ' ଓ 'ମା ମୀରା' ସମ୍ବୋଧନ କରି ଲେଖୁଥିଲେ । ଗୁରୁଦେବ ୨୨ ମାର୍ଚ୍ଚ ୧୯୨୬ରେ ତାଙ୍କ ନିକଟକୁ ଲିଖିତ ପତ୍ରରେ ପ୍ରଥମ କରି 'Sri Aurobindo' ଦସ୍ତଖତ କରିଥିଲେ । ଏବଂ ଶ୍ରୀମା ମଧ୍ୟ ପ୍ରଥମ କରି ତାଙ୍କୁ ଲିଖିତ ପତ୍ର ଆରମ୍ଭରେ 'Tirupati, my child' ଉଲ୍ଲେଖ କରି ପତ୍ରଟିର ଶେଷରେ, 'My blessings are with you' ଉଲ୍ଲେଖ କରିଥିଲେ । ଏହି ସମୟରେ ଅନ୍ୟ ସାଧକମାନେ ତାଙ୍କୁ 'ମୀରା ଦେବୀ' ବୋଲି ଜାଣିଥିଲେ ।...

ତା'ପରେ ଆମେ ଆସିବା ଶ୍ରୀଅରବିନ୍ଦଙ୍କ ସହିତ ଆରମ୍ଭରୁ ରହିଥିବା ପାଞ୍ଚ ଜଣ ସାଧକଙ୍କ ସମ୍ବନ୍ଧରେ ଏକ ବ୍ୟତିକ୍ରମ । ଆଶ୍ରମ ସ୍କୁଲର ଛାତ୍ରାଛାତ୍ରୀମାନଙ୍କୁ ଦେଉଥିବା ଏକ ଭାଷଣରେ ନଳିନୀକାନ୍ତ ଏହି ମର୍ମରେ ଉଲ୍ଲେଖ କରିଥିଲେ ଯେ 'ତୁମେମାନେ ଶ୍ରୀମା'ଙ୍କୁ ଯେମିତି ସହଜରେ 'ଦିବ୍ୟ ଜନନୀ' ବୋଲି ସର୍ବାନ୍ତଃକରଣରେ ବରଣ କରି ନେଉଛ, ଆମମାନଙ୍କ କ୍ଷେତ୍ରରେ ଏହା ଥିଲା ଅତ୍ୟନ୍ତ ଦୁରୂହ ବ୍ୟାପାର ।' କହିବା ବାହୁଲ୍ୟ ସେହି ପାଞ୍ଚ ଜଣଙ୍କ ମଧ୍ୟରୁ ନଳିନୀକାନ୍ତହିଁ ପ୍ରଥମେ

ମା'ଙ୍କୁ ଦିବ୍ୟଜନନୀ ରୂପେ ଗ୍ରହଣ କରିଥିଲେ ଏବଂ ଶ୍ରୀଅରବିନ୍ଦଙ୍କୁ କିପରି ଗୁରୁରୂପେ ସମ୍ମାନ ଦେବାକୁ ହେବ ମା'ଙ୍କ ପାଖରୁହିଁ ଶିଖିଥିଲେ ।

ଚମ୍ପକଲାଲ ଏବଂ ପବିତ୍ରଙ୍କ କଥା ତ ଏକେବାରେ ସ୍ୱତନ୍ତ୍ର । ଆଗରୁ ଏ ବିଷୟରେ ଉଲ୍ଲେଖ କରିଛୁ ।

ମୋଟ ଉପରେ କହିବାକୁ ଗଲେ ୧୯୨୬ର ଶେଷ ଆଡ଼କୁ ସେହି ପ୍ରସ୍ତୁତି-ପର୍ବର ଅନ୍ତିମ ମୁହୂର୍ତ୍ତ ଉପସ୍ଥିତ ହୋଇଥିଲା । 'ଏ.ଜି.' ହୋଇ ଉଠିଥିଲେ ସମ୍ପୂର୍ଣ୍ଣରୂପେ 'ଶ୍ରୀଅରବିନ୍ଦ' । କିନ୍ତୁ 'Mirra', 'Mira', 'Mira Devi', 'Sri Mirra Devi' ଇତ୍ୟାଦି ସମ୍ବୋଧନର ବା ଡାଏରି ନୋଟରେ ଲେଖାର ଅବସାନ ଘଟି ସମ୍ପୂର୍ଣ୍ଣରୂପେ 'Mother' ହୋଇ ଉଠିବାକୁ ଏବଂ ପରେ 'The Mother' ହେବାକୁ ଆହୁରି କିଛି ସମୟ ଲାଗିଥିଲା । ୧୯୨୭ର ପ୍ରାରମ୍ଭରୁ କିନ୍ତୁ ବାରୀନ୍, ଅମୃତ, ବିଜୟ ଇତ୍ୟାଦି ମଧ୍ୟ ମା'ଙ୍କୁ 'ଶ୍ରୀମା' ବୋଲି ସମ୍ବୋଧନ କରିବାକୁ ଆରମ୍ଭ କରିଥିଲେ ।

୧୯୨୭ ଅଗଷ୍ଟ ପହିଲାରେ ଶ୍ରୀମା'ଙ୍କ ସମ୍ବନ୍ଧରେ ଶ୍ରୀଅରବିନ୍ଦ ଜନୈକ ଶିଷ୍ୟ କପାଳୀ ଶାସ୍ତ୍ରୀଙ୍କ ନିକଟକୁ ଲେଖିଥିବା ଏକ ପତ୍ରରେ ପ୍ରଥମ କରି ପ୍ରକାଶ କରିଥିଲେ, ଯାହାକି ପରବର୍ତ୍ତୀ କାଳରେ 'ମା' ପୁସ୍ତକର ତୃତୀୟ ଅଧ୍ୟାୟରେ ସନ୍ନିବେଶିତ ହୋଇଛି । ୧୯୨୮ରେ ଶ୍ରୀଅରବିନ୍ଦ ମା'ଙ୍କର ଚାରୋଟି ଶକ୍ତି ସମ୍ବନ୍ଧେ ସୁବିସ୍ତୃତ ବର୍ଣ୍ଣନା କରି ପୃଥକ୍ ଏକ ପ୍ରବନ୍ଧ ଲେଖି ମା'ଙ୍କ ସମ୍ବନ୍ଧେ ଲେଖିଥିବା ସମସ୍ତ କିଛିକୁ 'ମା' ପୁସ୍ତକରେ ପ୍ରକାଶ କଲେ । 'ମା' ପୁସ୍ତକର ପ୍ରଥମ ଅଧ୍ୟାୟଟି ମଧ୍ୟ ସେ ପୃଥକ୍ ଭାବେ ଲେଖିଥିଲେ ।

ଏବେ ଚମ୍ପକଲାଲଙ୍କ ପୂର୍ବ ସ୍ମୃତିରୁ :

''ମା'ଙ୍କୁ ମୁଁ କିଛି ଅର୍ପଣ କରିବାକୁ ଚାହିଲି । ଦୁଇଟି ପଦ୍ମ – ଗୋଟିଏ ଶ୍ୱେତ ପଦ୍ମ, ଅନ୍ୟଟି ରକ୍ତ ପଦ୍ମ ଆଙ୍କିବାର ବିଚାର ମୋ ମନକୁ ଆସିଲା ।... ଯାହାହେଉ ଅଙ୍କନ ଶେଷ କରି ବହୁତ ଆନନ୍ଦର ସହିତ ସେଇଟିକୁ ନେଇ ମୋର ଜନ୍ମଦିନ (୨.୨.୪୦)ରେ ମା'ଙ୍କୁ ଅର୍ପଣ କଲି ।...

''ମା ଏକ ହୃଦୟଖୋଲା ହସ ହସି ମୋତେ ଖୁବ୍ ଧୀରେ, ଅତି ଅନୁଚ୍ଚ ସ୍ୱରରେ କହିଲେ : 'ଚମ୍ପକଲାଲ, ଏହାକୁ ମୁଁ ଶ୍ରୀଅରବିନ୍ଦଙ୍କ ପାଖକୁ ନେଇଯିବି ଆଉ ତାଙ୍କୁ କହିବି ଏହା ଉପରେ କିଛି ଲେଖିଦେବାକୁ ।'... 'ମା ଯଦି ତୁମେ ଶ୍ରୀଅରବିନ୍ଦଙ୍କ ପାଖକୁ ନେଉଛ, ତେବେ ସେ ଏହାର ଅର୍ଥ ଲେଖିଦେଲେ କେଡ଼େ ସୁନ୍ଦର ହୁଅନ୍ତା ! ମା ! ଶ୍ରୀଅରବିନ୍ଦ ଶ୍ୱେତ ପଦ୍ମ ଉପରେ ଲେଖିବେ ଆଉ ତୁମେ ରକ୍ତ ପଦ୍ମ ଉପରେ ଲେଖିବ ।'...

''ଚିତ୍ର ଦୁଇଟିକୁ ଶ୍ରୀଅରବିନ୍ଦଙ୍କୁ ଦେଖାଇ ମା କହିଲେ, 'ଦେଖନ୍ତୁ, କି ସୁନ୍ଦର ଚିତ୍ର ଦୁଇଟି । ଆଜି ଚମ୍ପକଲାଲର ଜନ୍ମଦିନ । ସେ ମୋ ପାଇଁ ଏଇ ଦୁଇଟି ଚିତ୍ର ଆଙ୍କିଛି । ଆପଣ ଯଦି ଚିତ୍ରଟି ଉପରେ ତା'ର ନିହିତାର୍ଥ ଲେଖି ଦିଅନ୍ତେ, ତା'ହେଲେ ମୁଁ ଚମ୍ପକଲାଲକୁ ଏଇଟିକୁ ଦିଅନ୍ତି । ସେ ମଧ୍ୟ ଚାହେ ଯେ ଆପଣ ଶ୍ୱେତ ପଦ୍ମଟି ଉପରେ ଲେଖିବେ ଆଉ ମୁଁ ରକ୍ତ ପଦ୍ମଟି ଉପରେ ଲେଖିବି ।'

(ଚମ୍ପକଲାଲ ସେତେବେଳେ ଶ୍ରୀଅରବିନ୍ଦଙ୍କ କକ୍ଷରେ ଉପସ୍ଥିତ ଥିଲେ ।)

''ସ୍ନେହପୂର୍ଣ୍ଣ ମଧୁର ହସ ହସି ଶ୍ରୀଅରବିନ୍ଦ କହିଲେ : 'ହଁ' ।... ତା'ପରେ ସେ ଶ୍ୱେତ ପଦ୍ମଟି ଉପରେ ଲେଖିଲେ :

Aditi
The Divine Mother

ଆଉ ରକ୍ତ ପଦ୍ମଟି ତଳେ

To Champaklal
with blessings
2.2.40 Sri Aurobindo

''ଲେଖା ଶେଷ କରି ଶ୍ରୀଅରବିନ୍ଦ ମୋ ଆଡ଼କୁ ଏକ ମଧୁର ସ୍ମିତ ହସ ହସି ଟିକିଏ ଅନାଇଲେ ।

ରକ୍ତ ପଦ୍ମର ଉପରେ ମା ଲେଖିଲେ :

The Avatar
Sri Aurobindo

ଶ୍ୱେତ ପଦ୍ମ ତଳେ :

To Champaklal
with blessings to my dear child
2.2.40 Mother

''ମା ମୋ ହାତକୁ ପଦ୍ମ ଦୁଇଟିକୁ ବଢ଼ାଇ ଦେଇ ଅନ୍ୟ କାହାରିକୁ ନଦେଖାଇବା ଲାଗି ମୋତେ କହିଲେ ।...

''ତୁମେ ଜାଣ ଅନେକ ବର୍ଷ ପରେ ମା ପୁଣି ପଦ୍ମ ଦୁଇଟିକୁ ଛପାଇ ଅନ୍ୟମାନଙ୍କୁ ବାଣ୍ଟିଥିଲେ । ପରିସ୍ଥିତି ବଦଳିଯିବା ପରେହିଁ ସେ ଏହା କରିଥିଲେ ।''

('ଚମ୍ପକଲାଲ କହନ୍ତି', ପୃ. ୬୧-୬୩)

ପରିଶେଷରେ ପ୍ରୀତି ଦାଶଗୁପ୍ତଙ୍କର ସ୍ମୃତିକଥାରୁ କିଛି : ‘‘ଆଖି ସାମନାରେ ଭାସିଉଠୁଛି ଯେମିତି ଶ୍ରୀଅରବିନ୍ଦ ଲେଖୁଛନ୍ତି : ‘ଦିବ୍ୟଜନନୀ’, ଆଉ ମା ସେହି ଲେଖାକୁ ଚାହିଁ ରହିଛନ୍ତି ଏବଂ ମା ନିଜେ ପୁଣି ଲେଖୁଛନ୍ତି ‘ଅବତାର’, ଆଉ ମା’ଙ୍କର ସେହି ଲେଖାକୁ ଶ୍ରୀଅରବିନ୍ଦ ଚାହିଁ ରହିଛନ୍ତି ।

‘‘ଏହି ଯେଉଁ ଅପୂର୍ବ ଘଟଣା ପୃଥିବୀ ଇତିହାସରେ ଘଟିଗଲା ଦିନେ ତାହା ଆମର ବୋଧଗମ୍ୟ ହେବ । ଫେବ୍ରୁଆରୀ ୨ ତାରିଖ, ୧୯୪୦ ମସିହା – ଏହି ଦିନଟି ପୃଥିବୀ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।...’’

(‘ଅବିସ୍ମରଣୀୟ ମୁହୂର୍ତ୍ତ’, ପୃ. ୧୬୨-୧୬୩)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

# ମାଆ ପାଇଁ

## ହୃଷୀକେଶ ପଣ୍ଡା

ମାଆ ପାଇଁ
କିଏ ଖୋଜେ ତିଥିଟିଏ
କିଏ ଖୋଜେ ସ୍ମୃତିଟିଏ
ଉତ୍ସବ ମନାଏ କିଏ
ସ୍ମରିବାକୁ ଜିଇଥିବା ଯାଏ,
ଅଥଚ ମାଆ ନାମ ଶୁଭୁଥାଏ
ଜନ୍ମ-ଜନ୍ମାନ୍ତର
ସଗର୍ବରେ ଅନ୍ତଃକରଣରେ
ମାଆର ମହୋତ୍ସବ ଲାଗିଥାଏ
ହୃଦୟର କୁଞ୍ଜବନେ
ସମ୍ପର୍କର ଶିଆଳି ଲଟାରେ ।

ଭୂମିରୁ ଭୂମା, ଭୂମାରୁ ଭୂମି
ବ୍ୟାପିଥାଏ ଚରାଚର
ସେ ପବିତ୍ର ଧ୍ୱନି,
ତମାମ ଅସହାୟତାକୁ
ମଣିଷର ଛେଉଣ୍ଡ ପଣକୁ
ପଣତ ପ୍ରସାରି ସମ୍ଭାଳି ଥାଏ ସେ
ବହେ ଯେବେ ଯମୁନା ଉଜାଣି ।

ଅଦୃଶ୍ୟ ଝୁଲଣା ତା’ର
ଝୁଲୁଥାଏ ମଝି ଅଗଣାରେ,
ନିରିମାଖି ଚୈତ୍ୟସତ୍ତା
ଘୂରୁଥାଏ ଚଉପାଶ
ଜପୁଥାଏ ମାଆ ନାମ
ପୂର୍ଣ୍ଣ ବିଶ୍ୱାସରେ ।

ଜୀବନର ଚଲାପଥେ
ମାଆହିଁ ତ ଆଦ୍ୟ ବର୍ଣ୍ଣମାଳା
ସଜ୍ଞାନରେ ଅଜ୍ଞାନରେ
ଗୁଞ୍ଜରିତ ହେଉଥାଏ
ପ୍ରତିକ୍ଷଣେ ପ୍ରତି କାନେ
ସେ ନାମର ଅବାରିତ ଧାରା ।

❑❑❑



**କାହାଣୀ :**

# ଈଶ୍ୱରଙ୍କୁ ସତ୍ୟ ଜ୍ଞାତ; ସେ କିନ୍ତୁ ରହନ୍ତି ଅପେକ୍ଷାରତ

[ରୁଷିଆର ବିଶ୍ୱବିଖ୍ୟାତ ଲେଖକ **ଲିଓ ଟଲ୍‌ଷ୍ଟୟ** (୧୮୨୮-୧୯୧୦) ତାଙ୍କର ''ଯୁଦ୍ଧ ଓ ଶାନ୍ତି'' ଓ ''ଆନା କାରେନିନା'' ଭଳି ଉପନ୍ୟାସ ପାଇଁ ତଥା ତାଙ୍କ ଦାର୍ଶନିକ ଚିନ୍ତାଧାରା ନିମନ୍ତେ ଶ୍ରଦ୍ଧେୟ । କିନ୍ତୁ ତାଙ୍କର ଆଉ ଗୋଟିଏ ଧରଣର ଲେଖା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ତାହା ହେଲା ସେ ଭୂଖଣ୍ଡର ସୁପ୍ରାଚୀନ ଲୋକକଥାସବୁର ପୁନଃବିନ୍ୟାସ ଓ ତାଙ୍କ ନିଜସ୍ୱ ଶୈଳୀରେ ଉପସ୍ଥାପନ । ସେ ମନୋନୀତ କରିଥିବା କାହାଣୀଟିମାନ ଭିତରେ ଆମେ ଦେଖିପାରିବା ଜ୍ଞାନର ଏକ ଏକ ଝଲକ । ଆକ୍ଷରିକ ଅନୁବାଦ ନକରି ତାଙ୍କର ସେ କାହାଣୀମାଳାରୁ କେତୋଟିର ସଂକ୍ଷିପ୍ତ ରୂପ ''ନବପ୍ରକାଶ'' ଧାରାବାହିକ ପରିବେଷଣ କରୁଛି ।]

ଛୋଟ ସହରଟିର ନାମ ଭ୍ଲାଦିମିର୍ । ସହରର ଗୋଟାଏ ପ୍ରାନ୍ତରେ ଆସିନୋଭର ଘର ଏବଂ ପାଖରେ ତା'ର ଦୋକାନ ।

ଆସିନୋଭ ଯୁବକ; ବୁଦ୍ଧିମାନ୍ ତଥା କର୍ମଠ । ସେତିକି ନୁହେଁ, ମନଟି ତା'ର ସର୍ବଦା ସରସ ଥାଏ । ବେଶ୍ ଭଲ ଗୀତ ବୋଲି ପାରୁଥାଏ । ଅବଶ୍ୟ ସେ ମଦ ପିଉଥାଏ; କିନ୍ତୁ ବିବାହ ପରେ ସେ ଅଭ୍ୟାସ ବି ସେ ଛାଡ଼ି ଦେଇଥାଏ । ପାଖ ପଡ଼ୋଶୀମାନେ ତାକୁ ଭଲ ପାଉଥା'ନ୍ତି । କହିବା ବାହୁଲ୍ୟ ବେପାର ତା'ର ବେଶ୍ ଭଲ ଚାଲିଥାଏ । ଘରେ ସ୍ତ୍ରୀ ଏବଂ ଛୋଟ ଛୋଟ ଯୋଡ଼ିଏ ପୁଅ ।

ଦୁଇ, ତିନି ମାସରେ ଥରେ ତାକୁ ବଡ଼ ସହରକୁ ଯାଇ ପଣ୍ୟଦ୍ରବ୍ୟ ଆଣିବାକୁ ହୁଏ । ଦୀର୍ଘ ପଥ । ତା' ନିଜ ଘୋଡ଼ା ଗାଡ଼ିରେ ଯିବାକୁ ପ୍ରାୟ ଦୁଇ ଦିନ ଲାଗିଯାଏ ।

ସେଥର ସେ ଯିବାକୁ ବାହାରିବା ବେଳେ ତା' ସ୍ତ୍ରୀ କହିଲା, ''ଆଜି ଯାଅ ନାହିଁ । କାଲି ରାତିରେ ମୁଁ ସ୍ୱପ୍ନ ଦେଖିଲି ତୁମ କେଶ ଧଳା ହୋଇଯାଇଛି; ମୁହଁ ବହୁତ ମଳିନ ଦେଖାଯାଉଛି !''

''ସହରକୁ ଯାଇ ମଦ ପିଇବି ବୋଲି ଡରୁଛ ତ ? ମୋତେ ଡର ନାହିଁ !'' ହସି ହସି କହିଲା ଆସିନୋଭ ।

''ଆଗରୁ କ'ଣ କେବେ ସେମିତି ସନ୍ଦେହ କରିଥିଲି ? ସେକଥା ନୁହେଁ । ଏମିତି ଅସ୍ୱାଭାବିକ ସ୍ୱପ୍ନ ଦେଖିଲି ବୋଲି କହୁଛି ।'' ସ୍ତ୍ରୀ ଗମ୍ଭୀର ଭାବରେ କହିଲା ।

''ଦେଖ, କେଶ ଧଳା ହେବାର ଅର୍ଥ ମୋର ବିପୁଳ ଲାଭ ହେବ । ଖବର ପାଇଛି, ବର୍ତ୍ତମାନ ଶସ୍ତାରେ ଜିନିଷ ମିଳୁଛି ।'' ଏହା କହି, ହସି ଦେଇ ଆସିନୋଭ ଗାଡ଼ିରେ ଯୋଖା ହୋଇ ସାରିଥିବା ଘୋଡ଼ା ପିଠିକୁ ଉଠି ପଡ଼ିଲା ।

ମଧ୍ୟାହ୍ନ ବେଳେ ଆସିନୋଭ ରାସ୍ତା କଡ଼ର ଗୋଟାଏ ଗଛ ମୂଳରେ ବସି ଆହାର କଲାବେଳେ ଆଉ ଜଣେ ବେପାରୀ ଆସି ସେଠାରେ ପହଞ୍ଚିଲେ । ସେ ବେଶ୍ ଚିହ୍ନା । ସେ ବି ବଡ଼ ସହରକୁ ଯାଉଥିଲେ । ଦୁହିଙ୍କ ଗାଡ଼ି ଆଗପଛ ହୋଇ ଚାଲିଲା ।

ସନ୍ଧ୍ୟା ବେଳକୁ ଦୁଇଟି ଯାକ ଗାଡ଼ି ଗୋଟାଏ ଛୋଟିଆ ବଜାର ପାଖ ଚଟି ଘର ଆଗରେ ଅଟକିଲେ । ସାଙ୍ଗ ହୋଇ ଖିଆପିଆ କରି ଦୁହେଁ ପାଖାପାଖି ଦୁଇଟି କୋଠରିରେ ଶୋଇଲେ ।

ଭୋର ହେବା ମାତ୍ରେ ଆସିନୋଭ ପୁନର୍ବାର ଯାତ୍ରା ପାଇଁ ପ୍ରସ୍ତୁତ ହୋଇଗଲା । ସହଯାତ୍ରୀ ବେପାରୀ ଉଠି ନଥିଲେ । ସହଳ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ନିମନ୍ତେ ଆସିନୋଭ ଚଟି ଘର ମାଲିକକୁ ତା' ପ୍ରାପ୍ୟ ବୁଝାଇ ଦେଇ ଛୁଟାଇ ଦେଲା ଗାଡ଼ି । ଦୁଇ ପହର ବେଳକୁ ଘୋଡ଼ାମାନଙ୍କୁ ଖିଆପିଆ କରାଇବା ନିମନ୍ତେ ସେ ଗୋଟାଏ ଜଳାଶୟ ପାଖରେ ଅଟକିବାର ଅଳ୍ପ ସମୟ ପରେ ଗୋଟାଏ ବଡ଼ ଗାଡ଼ି ଆସି ତା' ପାଖରେ ରହିଗଲା । ସେଥିରୁ ବାହାରି ଆସିଲେ ଜଣେ ପୁଲିସ ବାବୁ । ସାଙ୍ଗରେ ଥିଲେ କେତେଜଣ ସିପାହୀ ।

''ତୁମେ ପଛ ଚଟି ଘରେ ରାତି ବିତାଇଥିଲ ?'' ପଚାରିଲେ ପୁଲିସ ବାବୁ ।

''ହଁ, ଆଜ୍ଞା ।''

''ତୁମ ସାଥିରେ ଥିବା ଅନ୍ୟ ଜଣଙ୍କୁ ଛାଡ଼ି ତରତରରେ ଚାଲି ଆସିଲ କାହିଁକି ?'' ରୁକ୍ଷ କଣ୍ଠରେ ପ୍ରଶ୍ନ କଲେ ପୁଲିସ ବାବୁ ।

''ତାଙ୍କ ନିଦ ଭାଙ୍ଗି ନଥିଲା ।''

''ନିଦ କେବେ ଭାଙ୍ଗିବ ନାହିଁ, ସେ ବ୍ୟବସ୍ଥା ତୁମେହିଁ କରିଦେଇଛ ତ ?'' କହି ବିକଟ ଭାବରେ ହସିଲେ ବାବୁ । ତାଙ୍କ ନିର୍ଦ୍ଦେଶରେ ସିପାହୀମାନେ ଆସିନୋଭର ଘୋଡ଼ା ଗାଡ଼ି

ଭିତରୁ ତା' ବୋକଚାପତ୍ର ବାହାର କରି ଆଣି ଖୋଲିଲେ । ବାହାରିଲା ଗୋଟାଏ ବଡ଼ ଛୁରି । ସେଥିରେ ତଟକା ରକ୍ତଦାଗ !

''ଏଥର ?'' ପୁଲିସ ବାବୁ ଆସିନୋଭର ବାହୁ ଝିଙ୍କି ଦେଇ ଧମକ ଦେଲେ । ତାଙ୍କ ଆଦେଶରେ ତା' ଗୋଡ଼ ହାତ ବାନ୍ଧି ସେମାନଙ୍କ ଗାଡ଼ି ଭିତରକୁ ପ୍ରାୟ ଫୋପାଡ଼ି ଦିଆଗଲା । ତା' ନିଜ ଗାଡ଼ିଟିକୁ ଜଣେ ସିପାହୀ ଚଳାଇ ବଡ଼ ଗାଡ଼ିର ଅନୁସରଣ କରି ପାଖ ସହରକୁ ନେଇଗଲା । ତାକୁ ପକାଇ ରଖାଗଲା କାରାଗାରରେ । ଅଭିଯୋଗ : ସେ ତା'ର ସହଯାତ୍ରୀ ବେପାରୀକୁ ହତ୍ୟା କରି ତାଙ୍କ ପାଖରେ ଥିବା ଅର୍ଥ ଚୋରି କରି ପଳାଇ ଯାଉଥିବା ବେଳେ ଧରାପଡ଼ିଛି । ଆସିନୋଭ ନିଜେ ରଖିଥିବା ଅର୍ଥକୁ ଚୋରି ଅର୍ଥ ବୋଲି ଧରି ନିଆଗଲା ।

ତା' ପାଖରୁ ରକ୍ତାକ୍ତ ଛୁରି ମିଳିବା ପରେ ଅନ୍ୟ କେଉଁ ପ୍ରତ୍ୟକ୍ଷ ପ୍ରମାଣ ଲୋଡ଼ା ?

କିଛିଦିନ ଭିତରେ ତା' ନିଜ ସହରରେ ପହଞ୍ଚିଲା ଏ ବିମର୍ଷକର ସମ୍ବାଦ । ପ୍ରତିବେଶୀମାନେ ବିସ୍ମିତ ହେଲେ । ତା' ସ୍ତ୍ରୀ ଚେତା ହରାଇଲା । ପିଲା ଦୁଇଟି ଚିତ୍କାର କରି କାନ୍ଦିଲେ ।

ଆସିନୋଭ ଏମିତି କାମ କଦାପି କରିପାରେନା ! ସ୍ଥାନୀୟ ସମାଜର ବିଶିଷ୍ଟ ପ୍ରତିନିଧିମାନେ ଏକମତ ହୋଇ ଜାର୍ (ସମ୍ରାଟ)ଙ୍କ ନିକଟକୁ ପ୍ରାର୍ଥନା ପତ୍ର ପଠାଇଲେ – ଭ୍ରାନ୍ତ ଅଭିଯୋଗରେ କାରାରୁଦ୍ଧ ଆସିନୋଭକୁ ମୁକ୍ତି ଦେବା ନିମନ୍ତେ । କିନ୍ତୁ ସେ ପ୍ରାର୍ଥନା ନାମଞ୍ଜୁର ହେଲା ।

ବିଚାର ହେଲା ଏବଂ ଯଥା ସମୟରେ ରାୟ ପ୍ରକାଶ ପାଇଲା : ଆସିନୋଭ ଦୂର ସାଇବେରିଆରେ ଆଜୀବନ କାରାଦଣ୍ଡ ଭୋଗିବ !

ତା' ସ୍ତ୍ରୀ ପିଲା ଦୁଇଟିକୁ ଧରି ତା' ସହ ସାକ୍ଷାତ୍ ସକାଶେ ଆସିଲା । ବହୁ କାତର ନିବେଦନ ପରେ ସେ ତିନିଜଣଙ୍କୁ ଅଭିଯୁକ୍ତ ସହ ଶେଷ ସାକ୍ଷାତ୍‌ର ସୁଯୋଗ ଦିଆଗଲା । ସ୍ତ୍ରୀ ନିଜ ଆଖିକୁ ବିଶ୍ୱାସ କରିପାରିଲା ନାହିଁ । ସର୍ବଦା ଚଳଚଞ୍ଚଳ ଓ ପ୍ରଫୁଲ୍ଲ ସ୍ୱାମୀର ଏମିତି ପରିବର୍ତ୍ତନ ! କେଶରାଶି ଫାକାସିଆ, ପ୍ରାୟ ଯେମିତି ସେ ଦେଖିଥିଲା ସ୍ୱପ୍ନରେ !

କେହି କଥାବାର୍ତ୍ତା କଲା ଭଳି ଅବସ୍ଥାରେ ନଥିଲେ । ବାରଂବାର ଉଦ୍ୟମ କଲେ ମଧ୍ୟ ସ୍ତ୍ରୀ କୋହ ଚାପିପାରୁ ନଥାଏ । କିନ୍ତୁ କାରାରକ୍ଷୀ ଆସି ଜଣାଇ ଦେଲା – ଆଉ ଡେରି କଲେ ଚଳିବ ନାହିଁ !

ବହୁ କଷ୍ଟରେ ସ୍ତ୍ରୀ କହିଲା, ''ତୁମେ ସାଇବେରିଆ ଚାଲିଯିବା ପରେ ଆଉ ତ ଜୀବନରେ ଦେଖା ହେବ ନାହିଁ ! ମୋତେ ଖାଲି ଗୋଟାଏ କଥା କୁହ । ତାକୁହିଁ ହୃଦୟରେ ପୋଷଣ କରି ମୁଁ ବଞ୍ଚିବି ।''

''କି କଥା ?'' ପଚାରିଲା ଆସିନୋଭ ।

''ତୁମେ ପ୍ରକୃତରେ ନିରପରାଧ !''

ହତାଶ ଦୃଷ୍ଟିରେ ଅନାଇ ରହି ଆସିନୋଭ ଖାଲି ଏତିକି କହିଲା, ''ତୁମ ମନକୁ ବି ଏମିତି ସନ୍ଦେହ ଆସି ପାରିଲା !''

ପରେ ପରେ କାରାରକ୍ଷୀ ସ୍ତ୍ରୀ ଓ ପିଲାମାନଙ୍କୁ ବାହାର କରି ଦେଲା ।

ଦିନ କେତୋଟି ପରେ ଆସିନୋଭ ଆଉ କେତେ ଜଣ ବନ୍ଦୀଙ୍କ ସହ ସାଇବେରିଆକୁ ପ୍ରେରିତ ହେଲା । ତା' ଦୃଷ୍ଟିପଥରୁ ଅପସରିଗଲା ବହୁ ପରିଚିତ ଏ ମୁଲକର ଦୃଶ୍ୟ ।

ସାଇବେରିଆର କାରାଗାରରେ ବନ୍ଦୀମାନଙ୍କୁ ନାନାପ୍ରକାର ଶାରୀରିକ ଶ୍ରମ କରିବାକୁ ପଡ଼େ । ଯେଉଁମାନେ ସନ୍ତୋଷଜନକ କାମ କରନ୍ତି ସେମାନଙ୍କୁ ସାମାନ୍ୟ ମଜୁରି ମିଳେ । ବିନା ଆପତ୍ତି ଅଭିଯୋଗରେ ତାକୁ ଦିଆ ଯାଉଥିବା କାମ ନିର୍ବାହ କରେ ଆସିନୋଭ; କାହା ସହ ବିଶେଷ କଥାବାର୍ତ୍ତା କରେ ନାହିଁ – ବାଗ୍‌ବିତଣ୍ଡା ତ ଦୂରର କଥା । ଦିନ, ମାସ, ବର୍ଷ ବିତିଯାଏ । ମିଳୁଥିବା ମଜୁରି ଯୋଗେ ସେ ଧର୍ମପୁସ୍ତକ ଓ ସାଧୁସନ୍ଥଙ୍କ ଜୀବନୀ କ୍ରୟ କରେ ଓ କାମରୁ ଛୁଟି ମିଳିଲେ ପଢ଼େ । କେହି କେହି ବନ୍ଦୀ କୌତୂହଳୀ ହେଲେ ସେମାନଙ୍କୁ ସେସବୁ ବହିର କିଛି କିଛି କଥା ଶୁଣାଏ । କେହି କୌଣସି ଦରଖାସ୍ତ ଦେବାର ଥିଲେ ସେ ଖସଡ଼ା କରିଦିଏ ।

କ୍ରମେ କ୍ରମେ ସେ ଉଭୟ ବନ୍ଦୀ ଓ କାରାରକ୍ଷୀମାନଙ୍କର ଶ୍ରଦ୍ଧାର ପାତ୍ର ହୋଇଉଠିଲା । ସେ ନୀରବରେ ଆଖି ବୁଜି ବସିଥିବାର ଦେଖିଲେ କେହି ତାକୁ ଡକାଡ଼କି କରନ୍ତି ନାହିଁ ।

ଦିନେ ଜଣେ ନୂଆ ବନ୍ଦୀ ଆସି ସେମାନଙ୍କ ସହ ସାମିଲ ହେଲା । ତା'ର କଥାବାର୍ତ୍ତା କର୍କଶ, ଆଚାର ବ୍ୟବହାର ରୁକ୍ଷ । ସେ ବିରାଟ ମେଲା ଘରର ଗୋଟାଏ କୋଣରେ ରହୁଥିବା ଆସିନୋଭର ପାଖାପାଖି ସ୍ଥାନରେ ତା'ର ରହିବାର ବ୍ୟବସ୍ଥା ହେଲା । ପ୍ରଥମ ଦିନ ସନ୍ଧ୍ୟାବେଳେ ତାକୁ ଘେରି ବସି ଅନ୍ୟ ବନ୍ଦୀମାନେ ତା' ଅପରାଧ କ'ଣ, ଘର କେଉଁଠାରେ ଭଳି ନାନା ପ୍ରଶ୍ନ ପଚାରିଲେ । ଅପରାଧ ବାବଦରେ ସେ କହିଲା, ''କିଛି ନୁହେଁ । ଘୋଡ଼ାଟାଏ ଖୁଣ୍ଟିରେ ବନ୍ଧା ହୋଇଥିଲା । ମୁଁ ତାକୁ ଖୋଲି ନେଇ ଚଢ଼ି ମୋ ଗନ୍ତବ୍ୟ ସ୍ଥାନରେ ପହଞ୍ଚିଲି – ଜରୁରି କାମ ଥିବା ଯୋଗୁଁ । ଘୋଡ଼ାକୁ ଛାଡ଼ି ଦେଲେ ତ ସେ ବଳେ ବଳେ

ତା' ମୁନିବ ପାଖକୁ ପଳାଇଥା'ନ୍ତା ! କିନ୍ତୁ ମୁଁ ସେତକ କରିବା ପୂର୍ବରୁ ମୋତେ ଅନୁଧାବନ କରି ପହଞ୍ଚିଗଲେ ଦଳେ ପୁଲିସବାଲା । ସାମାନ୍ୟ ଅପରାଧରେ ଆଜୀବନ ସାଇବେରିଆ ନିର୍ବାସନ !''

''ତୁମେ ହୁଏତ ଆଉ କେବେ କିଛି ଗୁରୁତର ଅପରାଧ କରିଥିବ !'' ଜଣେ ବୃଦ୍ଧ ବନ୍ଦୀ ମନ୍ତବ୍ୟ ଦେଲେ ।

ଟିକିଏ ରହିଯାଇ ନବାଗତ ପାଟି କରି କହିଲା, ''ଜରୁର୍ କରିଛି ! କିନ୍ତୁ ସେତେବେଳେ କେହି ମୋତେ ଧରି ପାରିଲେ ନାହିଁ !''

''ତୁମ ଘର କେଉଁଠାରେ, ବାବୁ ?'' ଜଣେ ପଚାରିଲା ।

''ଭ୍ଲାଦିମିର୍ ସହର ନାମ ଶୁଣିଛ ? ପାଖାପାଖି ଗୋଟାଏ ଗାଁରେ ।''

ନବାଗତର ଉତ୍ତରରେ ଚମକି ପଡ଼ିଲା ଆସିନୋଭ । ସେ ଧୀର କଣ୍ଠରେ ପ୍ରଶ୍ନ କଲା, ''ତୁମେ ଭ୍ଲାଦିମିର୍‌ର ଜଣେ ଦୋକାନୀ ଆସିନୋଭର ପରିବାରକୁ ଜାଣିଥିବ ?''

''ନିଶ୍ଚୟ ! ତିରିଶ ବର୍ଷ ତଳେ ଗୋଟାଏ ଖୁନ୍ କରି ସେ ବି ସାଇବେରିଆକୁ ନିର୍ବାସିତ ହୋଇଥିଲା । କେବେଠୁ ମରିଯିବଣି । ତେବେ ତା' ଦୁଇ ପୁଅ ବେପାରରେ ଏମିତି ପାରଙ୍ଗମ ଯେ ସେମାନଙ୍କ ପରିବାର ସହରରେ ବୋଧହୁଏ ସବୁଠାରୁ ଧନୀ । ମାଆଟି ଆଉ ନାହିଁ; କିନ୍ତୁ ତାକୁ ପୁଅମାନେ ଶେଷ ପର୍ଯ୍ୟନ୍ତ ସୁଖରେ ରଖିଥିଲେ ।''

''ଭଗବାନ୍ ! ତୁମକୁ ଅଶେଷ ଧନ୍ୟବାଦ !'' ସ୍ୱତଃସ୍ଫୂର୍ତ୍ତ ଭାବରେ କହି ପକାଇଲା ଆସିନୋଭ ।

''ମାଆ ତଥା ପୁଅ ଦୁଇ ଜଣ ବରାବର କହୁଥା'ନ୍ତି କି ଆସିନୋଭ ନିରପରାଧ !''

''ଭଗବାନ୍ ! ତୁମକୁ ଅଶେଷ ଧନ୍ୟବାଦ !'' ପୁଣି କହି ପକାଇଲା ଆସିନୋଭ ।

''କିନ୍ତୁ ମୁଁ କହେ, ଯଦି ସେ ଖୁନ୍ ନକରିଥିଲା, ତେବେ ତା' ଥଳିରୁ ରକ୍ତମଖା ଛୁରି ଜବତ ହେଲା କେମିତି ?'' ନବାଗତ ଏକଥା କହିଲା ବେଳେ ତା' କଣ୍ଠଟି ଯେମିତି ଥରି ଉଠିଲା !

''ଆସିନୋଭ ପରିବାର ଠିକ୍ କହନ୍ତି । ଆସିନୋଭ ଆମ ସମସ୍ତଙ୍କଠାରୁ ଭିନ୍ନ । ସେ ଅର୍ଥଲୋଭରେ ନରହତ୍ୟା କରିବ – ଏହା ଅସମ୍ଭବ !'' ସବୁ ବନ୍ଦୀ ପ୍ରାୟ ସମସ୍ୱରରେ କହିଲେ ।

''ମାନେ ? ତୁମେମାନେ କେମିତି ଜାଣିଲ ?'' କାବା ହୋଇ ପଚାରିଲା ନବାଗତ ଏବଂ ଟିକିଏ ପାଖକୁ ଘୁଞ୍ଚି ଆସି ଆସିନୋଭକୁ ନିରୀକ୍ଷଣ କରି କହିଲା, ''ଓଃ, ତୁମ ଚେହେରା ଏମିତି ହେଲାଣି ?''

ଆସିନୋଭ କିଛି କହିଲା ନାହିଁ । କିନ୍ତୁ ନବାଗତର ହାବଭାବରୁ ତା'ର ସନ୍ଦେହ ହେଲା – ଲୋକଟି ଯେମିତି ତାକୁ ଚିହ୍ନି ପକାଇ ହଠାତ୍ ବଡ଼ ଅସ୍ୱସ୍ତି ଅନୁଭବ କରୁଛି !

ରାତିରେ ଆସିନୋଭ ଶୋଇ ପାରିଲା ନାହିଁ । ତା' ବିଷାଦ ଅପସରି ଗଲା ଏବଂ ଏତିକି ସନ୍ତୋଷ ସେ ଅନୁଭବ କଲା ଯେ ତା' ପରିବାର ଆଖିରେ ସେ ନିର୍ଦ୍ଦୋଷ । କିନ୍ତୁ ପରମୁହୂର୍ତ୍ତରେ ସେଭଳି ସନ୍ତୋଷ ମଧ ତାକୁ ଅସାର ମନେ ହେଲା । କିଏ କ'ଣ ଭାବିଲା – ସେସବୁର ମୂଲ୍ୟ ବାସ୍ତବରେ କ'ଣ ? କେଇଜଣ ତାକୁ ନିର୍ଦ୍ଦୋଷ ବୋଲି ବିଶ୍ୱାସ କଲାବେଳକୁ ଶହେ ଲୋକ ତାକୁ ଦୋଷୀ ବୋଲି ଭାବୁଥିବେ । ତିରିଶ ବର୍ଷ ପରେ ଆଜି ସେଥିରେ କାହାରି କିଛି ଯାଏ ଆସେ ନାହିଁ । ଅଧିକାଂଶ ସେକଥା ବିସ୍ମୃତ । ସତ୍ୟ ତା' ନିଜକୁହିଁ ଜଣା; ଆଉ ଜଣା ଭଗବାନଙ୍କୁ । ତେବେ ଭଗବାନଙ୍କୁ ନିଶ୍ଚୟ ଅଧିକନ୍ତୁ ଜଣା ସେ ନିରପରାଧ ହେବା ସତ୍ତ୍ୱେ କାହିଁକି ଏପରି ହିନସ୍ତା ହେଲା । ଅବଶ୍ୟ ସେ କାରାଗାର ଭିତରେ ପ୍ରଥମ କେତେ ଦିନର ମାନସିକ ଯନ୍ତ୍ରଣା ଓ ପରିବାର ପାଇଁ ଉତ୍କଣ୍ଠା ପରେ ତା'ର ଗୋଟାଏ ପ୍ରକାର ସ୍ଥିରତା ଆସି ଯାଇଥିଲା; ସେ ଯେଉଁ କେତେ ଖଣ୍ଡ ମୂଲ୍ୟବାନ୍ ବହି ପଢ଼ିବାର ସୁଯୋଗ ପାଇଲା ଓ ଧ୍ୟାନ ପ୍ରାର୍ଥନାରେ ଯେତିକି ସମୟ ଦେଇ ପାରିଲା, ବେପାରରେ ବୁଡ଼ି ରହିଥିଲେ ସେତକ ସମ୍ଭବ ହୋଇ ପାରି ନଥା'ନ୍ତା । ଭଗବାନ୍ ତ ତା' ପରିବାରର ତତ୍ତ୍ୱ ନେଇଛନ୍ତି !

ନବାଗତ ବନ୍ଦୀଟି ତେଣିକି ତାକୁ ଦେଖିଲେ ଯେମିତି ଶଙ୍କି ଯାଏ ! କିନ୍ତୁ ଅନ୍ୟ ବନ୍ଦୀମାନଙ୍କ ସହ ଉଦ୍ଧତ ଆଚରଣ କରେ ।

ପ୍ରାୟ ସପ୍ତାହକ ପରେ ଥରେ ରାତି ଅଧରେ ଆସିନୋଭ କୌଣସି ମୃଦୁ ଶବ୍ଦ ଶୁଣି ଉଠି ପଡ଼ିଲା । ଦେଖିଲା, ଗୋଟାଏ କୋଣରେ ନବାଗତ ବନ୍ଦୀ ଜଣକ ଠିକ୍ କାନ୍ଥ ତଳେ ଗାତ ଖୋଳୁଛି ।

ଆସିନୋଭ ଦେଖି ପକାଇଛି ଜାଣି ନବାଗତ ତା' ପାଖକୁ ଆସି ଚାପା କଣ୍ଠରେ କହିଲା, ''ଶୁଣ, ମୁଁ ପଳାଇ ଯିବାର ବ୍ୟବସ୍ଥା କରୁଛି । ତୁମେ ବି ସେ ସୁଯୋଗ ନେଇପାରିବ । ଦୁଇ, ତିନି ରାତିରେ ବାଟ ଫିଟିଯିବ । ଖବରଦାର, ଯଦି ମୋତେ ଧରାପକାଇ ଦେବ ତେବେ ମୁଁ ନିଜେ ରକ୍ଷୀମାନଙ୍କ ମାଡ଼ରେ ମରିବା ପୂର୍ବରୁ ତୁମକୁ ମାରିଦେବି !''

''ବାବୁ, ସମ୍ଭବତଃ ତୁମେ ତିରିଶ ବର୍ଷ ତଳେ ମୋତେ ମାରି ସାରିଛ ! ଆଉ ଜାଣିରଖ, ମୁଁ ପଳାଇବାକୁ ଚାହେନା । ଏ କାମ ଜଣାପଡ଼ିଗଲେ ତୁମକୁ ଧରାପକାଇବି କି ନାହିଁ, ତାହା

ମୋ ହୃଦୟରେ ଭଗବାନଙ୍କ ନିର୍ଦ୍ଦେଶ ଉପରେ ନିର୍ଭର କରେ ।''

ଲୋକଟି ଚୁପ୍ ରହିଲା । ସେ ରାତିରେ ଖୋଳୁଥିବା ମାଟିତକ ସବୁଦିନ ସକାଳେ କାମକୁ ଯିବାବେଳେ ନିଜ ବୁଟ ଯୋତାରେ ପୂରାଇ ନେଇଯାଏ ଏବଂ ବଗିଚା ପାଖରେ ସେତକ ବାହାର କରିଦିଏ । କିନ୍ତୁ ଦୁଇଦିନ ପରେ କାରାରକ୍ଷୀମାନେ କେହି ଜଣେ ସେମିତି ମାଟି ଜମା କରୁଛି ଜାଣିପାରି ଦୀର୍ଘ ମେଲା ଘର ତଦାରଖ କଲେ ଓ ଗର୍ତ୍ତଟି ଆବିଷ୍କାର କଲେ । ଚାଞ୍ଚଲ୍ୟ ଖେଳିଗଲା । କାରାଗାରର ଅଧକ୍ଷ ଓ ତାଙ୍କ ସହକାରୀମାନେ ଆସି ଜଣ ଜଣ କରି ସମସ୍ତ ବନ୍ଦୀକୁ ଜେରା କଲେ । ସମସ୍ତେ ନିଜ ନିଜ ଅଜ୍ଞତା ପ୍ରକାଶ କଲେ ।

ଶେଷକୁ ଅଧକ୍ଷ ଆସିନୋଭକୁ କହିଲେ, ''ତୁମେ ଯେ କଦାପି ମିଛ କହିବ ନାହିଁ, ଏ ବିଶ୍ୱାସ ଆମର ଦୃଢ଼ । କୁହ, କିଏ ଏ ଭୟଙ୍କର କାମ କରୁଥିଲା ?''

''ହଜୁର, କହିବା ପାଇଁ ମୁଁ ଭଗବାନଙ୍କ ଅନୁମତି ପାଉ ନାହିଁ । କ୍ଷମା କରନ୍ତୁ ।'' ଉତ୍ତର ଦେଲା ଆସିନୋଭ ।

ଅଧକ୍ଷ ଯେତେ ବୁଝାଇଲେ ମଧ ଆସିନୋଭର ପରିବର୍ତ୍ତନ ହେଲା ନାହିଁ । ସେ କହିଲା, ''ହଜୁର ! ମୁଁ ଆପଣଙ୍କ ଅବାଧ ହେଉଛି । ଆପଣ ତେଣୁ ମୋତେ ଯେମିତି ଦଣ୍ଡ ଦେବା ଉଚିତ ଦିଅନ୍ତୁ ।''

ଅଧକ୍ଷ ଦୀର୍ଘ ନିଃଶ୍ୱାସ ଛାଡ଼ି ସେଠାରୁ ଚାଲିଗଲେ । ଆସିନୋଭ ଭଳି ଭଲ ମଣିଷକୁ ଦଣ୍ଡ ଦେବାର ପ୍ରଶ୍ନ ନଥିଲା ।

ରାତିରେ ଆସିନୋଭ ତନ୍ଦ୍ରାଛନ୍ନ ହୋଇ ଆସିବା ବେଳକୁ ହଠାତ୍ କେହି ଜଣେ ତା' ଗୋଡ଼ ଉପରେ ମୁଣ୍ଡ ରଖିବା ଅନୁଭବ କଲା । ଦେଖିବା ବେଳକୁ ସେ ଜଣକ ନବାଗତ ବନ୍ଦୀ ।

''ଆଉ କ'ଣ ଚାହ ମୋଠାରୁ ? ପୁଣି କାହିଁକି ଆସିଛ ?'' ପ୍ରଶ୍ନ କଲା ଆସିନୋଭ ।

କାନ୍ଦି କାନ୍ଦି ନବାଗତ କହିଲା, ''କ୍ଷମା ଚାହେ । ମୋ କର୍ମ ପାଇଁ ମୁଁ ନର୍କକୁ ଯିବି ବୋଲି ଜାଣୁଛି । କିନ୍ତୁ ତୁମେ ମୋତେ କ୍ଷମା କର । ନର୍କ ଯନ୍ତ୍ରଣା ଭିତରେ ବି ସେତିକି ମୋତେ ଶାନ୍ତି ଦେବ ।''

''ତୁମେ ଯଦି କିଛି ପାପ କରିଥିବ, ଭଗବାନହିଁ ତୁମକୁ କ୍ଷମା ଦେଇ ପାରିବେ ।'' କହିଲା ଆସିନୋଭ ।

''ଭୀଷଣ ପାପ କରିଛି ଆସିନୋଭ । ତୁମ ସହଯାତ୍ରୀ ସେ ବେପାରୀଙ୍କ ହତ୍ୟାକାରୀ ମୁଁ । ତୁମକୁ ବି ହତ୍ୟା କରିଥା'ନ୍ତି । କିନ୍ତୁ କେହି ସେ କୋଠରି ଆଡ଼କୁ ଆସୁଥିବା ଭଳି ଶବ୍ଦ ହୁଅନ୍ତେ ମୁଁ ତରତରରେ ଛୁରି ଖଣ୍ଡିକ ତୁମର ଗୋଟାଏ ବୋକଚା ଭିତରେ ପୂରାଇଦେଇ ପଳାଇଗଲି । ଦଣ୍ଡିତ ହେଲ ତୁମେ । ମୁଁ କାଲି ଅଧକ୍ଷଙ୍କ ଆଗରେ ସବୁ କଥା ସ୍ୱୀକାର କରିବି । ତୁମେ ଅଚିରେ ମୁକ୍ତି ଲାଭ କରିବ ।'' ନବାଗତ କାନ୍ଦୁଥିବା ଅବସ୍ଥାରେ କହିଲା ।

ଆସିନୋଭ ନିରବ ରହିଲା । ରାତି ଯାକ ନବାଗତଟି ସେମିତି ତାହାରି ଗୋଡ଼ ପାଖରେ ପଡ଼ି ରହିଥାଏ ।

ପରଦିନ ଲୋକଟି ବାସ୍ତବରେ ଅଧକ୍ଷଙ୍କ ଆଗରେ ତା'ର ସ୍ୱୀକାରୋକ୍ତି ଦେଲା । ଅଧକ୍ଷ ତାହା କର୍ତ୍ତୃପକ୍ଷଙ୍କ ପାଖକୁ ପଠାଇଲେ ଆସିନୋଭର ତୁରନ୍ତ ମୁକ୍ତି ପାଇଁ ସୁପାରିସ ସମେତ ।

ଯଥା ସମୟରେ ଉପରୁ ଆସିଲା ନିର୍ଦ୍ଦେଶ : ଆସିନୋଭକୁ ମୁକ୍ତ କର ।

ପ୍ରଭାତରେ ଅଧକ୍ଷ ସ୍ୱୟଂ ସେ ଶୁଭ ସମ୍ବାଦ ଦେବା ନିମନ୍ତେ କରାଗାରର ସେ ଦୀର୍ଘ ମେଲା ଆଗରେ ଆସି ଠିଆ ହେଲେ । ମେଲା ଖୋଲା ହେଲା । ବନ୍ଦୀମାନେ ପ୍ରାଙ୍ଗଣ ଭିତରକୁ ବାହାରି ଆସିଲେ । କିନ୍ତୁ ଆସିନୋଭ ଆସିଲା ନାହିଁ । କାରାରକ୍ଷୀମାନେ ଯାଇ ଦେଖିଲେ, ରାତିରେ କେତେବେଳେ ସେ ତା' କଳେବରରୁ ମୁକ୍ତି ପାଇ ବିଦାୟ ନେଇଛି । ଅଧକ୍ଷ ଓ କାରାରକ୍ଷୀମାନେ ମଥା ନତ କରି ତା' ଆତ୍ମାକୁ ଶ୍ରଦ୍ଧା ନିବେଦନ କଲେ ।

(ପାଠକ ମନରେ ସ୍ୱତଃ ପ୍ରଶ୍ନ ଉଠିବ, ଆସିନୋଭ ସଂପୂର୍ଣ୍ଣ ନିର୍ଦୋଷ ହେବା ସତ୍ତ୍ୱେ ଆଜୀବନ ନିର୍ବାସିତ ତଥା କାରାରୁଦ୍ଧ ହେଲା କାହିଁକି ? ଏ ପ୍ରାଚୀନ ଲୋକକଥା କ'ଣ ଦର୍ଶାଇବାକୁ ଉଦ୍ଦିଷ୍ଟ ? ପ୍ରଥମେ ଯେଉଁ ଉତ୍ତର ମନକୁ ଆସେ ତାହା ହେଲା କାର୍ଯ୍ୟକାରଣ, ଯୌକ୍ତିକତା ଯୋଗେ ଜୀବନ-ପ୍ରହେଳିକାର ସମାଧାନ ଅସମ୍ଭବ । କାହାଣୀରେ ଇଙ୍ଗିତ ରହିଛି ଯେ ଆସିନୋଭର ଅନ୍ତରାତ୍ମା ହୁଏତ ଏଭଳି ଏକ ପର୍ଯ୍ୟାୟରେ ପହଞ୍ଚିଥିଲା, ଯେତେବେଳେ ଧାନ ଓ ପ୍ରାର୍ଥନାରେ ଚିତ୍ତ ନିବେଶ ଥିଲା ତା'ର ଏକାନ୍ତ ପ୍ରୟୋଜନ । ତେବେ ଏଭଳି ବ୍ୟାଖ୍ୟା ଗ୍ରହଣ କରିବା ନିମନ୍ତେ ପାଠକର ପୁନର୍ଜନ୍ମରେ ବିଶ୍ୱାସ ଥିବା ଚାହି । ଜନ୍ମ ଜନ୍ମ ଧରି ଆମ ଚେତନାର ଯେଉଁ ବିକାଶ ହୋଇ ଚାଲିଛି, ସେ ପଦ୍ଧତି ବହୁବିଧ ଅଭିଜ୍ଞତା ଉପରେ ନିର୍ଭରଶୀଳ । ଏ ଜନ୍ମର ନାନାଦି ମୋହମୁକ୍ତି ଓ ଏକାକୀତ୍ୱ ଭଳି ଅଭିଜ୍ଞତା ସମୂହର ସମାବେଶରେ ଆସିନୋଭର ଚେତନା ଯେଉଁ ପରିପକ୍ୱତା ଲାଭ କରିଥିବ ତାହାହିଁ ତା'ର ପରଜନ୍ମ ସକାଶେ ହୋଇଥିବ ଅମୂଲ୍ୟ ପାଥେୟ । ମାନସିକ ଜ୍ଞାନ ସ୍ତରରେ ଆମେ ଏତିକି ମାତ୍ର ସିଦ୍ଧାନ୍ତରେ ଉପନୀତ ହୋଇପାରୁଁ ।)

ନବବିନ୍ୟାସ : ଦେବପ୍ରିୟ ❑

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୫୩)

## ସାହାନା ଦେବୀ

**ସାହାନା :** ଶ୍ରୀଅରବିନ୍ଦଦେବ, ଦିବ୍ୟଜନନୀ, ତୁମମାନଙ୍କୁ ଜଣାଇବା ପାଇଁ ଲେଖୁଛି ଯେ ଏଥର ମୋର ସେମିତି କିଛି ପ୍ରତିକ୍ରିୟା ହୋଇ ନାହିଁ। '– କିଏ' ବୋଲି କହିବାଟା ମୋର ଭୁଲ୍ ହୋଇଛି ବୋଲି ମୁଁ ଠିକ୍ ସେହି ସମୟରେହିଁ ବୁଝି ପାରିଥିଲି। ଯେତେବେଳେ ବୁଝି ପାରିଲି ଯେ ସେ ସେଇଟିକୁ ଠିକ୍‌ଭାବେ ବୁଝିଛି ସେତେବେଳେ ସେଥିପାଇଁ ଅଶ୍ୱସ୍ତି ଆଉ ନଥିଲା। କିନ୍ତୁ ତୁମକୁ ଲୁଚାଇବାର ମୋର ଏହି ପ୍ରବୃତ୍ତିଟି ଦେଖି ମୋତେ ଯନ୍ତ୍ରଣା ହେଉଛି, କେବଳ ତାହା ନୁହେଁ ଅନ୍ୟ ଜଣକୁ ବି ସେଇ କାର୍ଯ୍ୟ କରିବାକୁ ଜବରଦସ୍ତି ପ୍ରବର୍ତ୍ତା ଯାଉଛି। ମୁଁ ଖୁବ୍ ବିଚଳିତ ଅବା କ୍ଷୁବ୍ଧ ମଧ ହୋଇ ନାହିଁ କାରଣ ଆନ୍ତର-ପ୍ରଶାନ୍ତି ଓ ସ୍ଥିରତା ସର୍ବଦାହିଁ ବଜାୟ ରହିଥିଲା। ମୁଁ ଏହି ଅଂଶର ସଂଗ୍ରାମକୁ ଭିନ୍ନ ଭାବେ ଅନୁଭବ କରିଥିଲି, ଯାହା ଆଦୌ ଶକ୍ତ ନଥିଲା, ବରଂ ଏହା ଥିଲା ଗଭୀର ଏବଂ ଶାନ୍ତ, କିନ୍ତୁ ମୁଁ ତାକୁ ମୋର ଯଥାର୍ଥ ଚୈତ୍ୟସତ୍ତା ବୋଲି ଗ୍ରହଣ କରିଥିଲି, ଯିଏ ସେସବୁ ତୁମ ନିକଟରୁ ଲୁଚାଇବା ଏବଂ ତାକୁ ପ୍ରଶୟ ଦେବାରେ ମନର (ହୁଏତ ପ୍ରାଣର) ମଧ ଏଇ କପଟତା ଓ ପ୍ରବୃତ୍ତିକୁ ଦେଖି ଏତେ ବ୍ୟଥିତ ହେଉଥିଲା। ମୁଁ ଚିହ୍ନି ପାରିଥିଲି ଦୁଇଟିଯାକ ଅଂଶକୁ ଏବଂ ଚାହିଥିଲି ଏଇ ଅନିଚ୍ଛାକୁ ଚୈତ୍ୟସତ୍ତା ସ୍ୱମତରେ ଅନୁପ୍ରାଣିତ କରୁ, ଏବଂ ଯେତେବେଳେ ମୁଁ ମୋ ନିଜକୁ କହିବାକୁ ଆରମ୍ଭ କଲି – 'ନା, ଏହା କେବେହେଲେ ସର୍ବଦା ରହି ପାରେନା, ମା'ଙ୍କୁ ସବୁ କହିବାକୁହିଁ ହେବ – ଏବଂ ଏମିତି ଭାବରେ ସମସ୍ତ ଜିନିଷଟା ଏକେବାରେ ଗତିହୀନ, ସ୍ଥିର ହୋଇଗଲା, ଯେପରିକି ଚତୁର୍ଦ୍ଦିଗରେ ଏକ ଚାଦର ବିଛେଇ ହେଲା ପରି, କିନ୍ତୁ ସଂଗ୍ରାମ ସେତେବେଳେ ବି ଚାଲିଥିଲା ଯେପର୍ଯ୍ୟନ୍ତ ଅନ୍ୟ ଭାବଧାରା ଚୈତ୍ୟସତ୍ତାକୁ ପ୍ରାଧାନ୍ୟ ଦେବାକୁ ଅସ୍ୱୀକାର କରୁଥିଲା।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଅତି ଉତ୍ତମ ଏବଂ ଏଥିରୁ ବୁଝାଯାଉଛି ଯେ ଆନ୍ତର ସତ୍ତାରେ ତୁମେ ଏକ ଦୃଢ଼ ପ୍ରତିଷ୍ଠା ଲାଭ କରିଛ। ଏହା ନିଶ୍ଚିତହିଁ ତୁମର ଚୈତ୍ୟସତ୍ତା, ଯେ କି ପ୍ରାଣକୁ ଗୋପନ କରିବାର ବିଷୟଟି ବୁଝାଇଛି ଏବଂ ବାଧ କରିଛି ତା'ର କ୍ରିୟାରେ ସମ୍ମତି ଦେବାକୁ। ତାହା ଭଲ, କାରଣ ଚୈତ୍ୟସତ୍ତାର ନିୟନ୍ତ୍ରଣ କରିବାର କ୍ଷମତା ବର୍ତ୍ତମାନ ସୁଦ୍ଧା ଯଦିବା ସେତେଟା ସମ୍ପୂର୍ଣ୍ଣ ହୋଇ ନାହିଁ (ଯାହା ହେବାକୁ ହେବ ଏବଂ ହେବହିଁ ହେବ) ଯେଉଁଥି ପାଇଁ ସେ କିଛି କିଛି ସହଜାତ ପ୍ରବୃତ୍ତିକୁ ବାଧା ଦେଇ ପାରେ ନାହିଁ। ତେବେ ବି ସେହି ନିୟନ୍ତ୍ରଣ ସ୍ପଷ୍ଟତଃ ପୂର୍ବ ଅପେକ୍ଷା ବର୍ତ୍ତମାନ ଅନେକ ବେଶୀ ହୋଇଛି, ଏବଂ ତା'ର ପ୍ରଭାବ କ୍ରମେ କ୍ରମେ ବଢ଼ି ଚାଲିଛି।

(୧୪.୧୨.୩୪)

**ସାହାନା :** ଗତକାଲି ରାତ୍ରିରେ ହଠାତ୍ ପୁନର୍ବାର କିଛି ସମୟ ପାଇଁ ମନେ ହେଲା ତୁମ ପାଖରୁ ଶକ୍ତି ମୋ ମଧକୁ ଆସୁଛି। ଆଜି ସକାଳେ ଶ୍ରୀଅରବିନ୍ଦଙ୍କଠାରୁ ପତ୍ର ପାଇ ସାରି ଅନେକ ସମୟ ଧରି ମନେ ହେଉଥିଲା ଯେ ଶକ୍ତି ତୁମମାନଙ୍କଠାରୁ ଆସୁଛି। ଶରୀରଟା ଖୁବ୍ କ୍ଳାନ୍ତ ହୋଇ ପଡ଼ିଲେ ବି ମନେ ହେଉଥିଲା ମୁଁ ସବୁ ଠିକ୍ ରୂପେ ବୁଝିପାରୁଥିଲି।

**ଶ୍ରୀଅରବିନ୍ଦଙ୍କ ପତ୍ର :** ହଁ, ଶକ୍ତି ତ ପ୍ରେରଣ କରାଯାଇଥିଲା, ବିଶେଷ କରି ଶାରୀରିକ ଶକ୍ତି, ସାମର୍ଥ୍ୟ ଓ ଶାନ୍ତ ଭାବ ସ୍ନାୟୁ ମଧରେ ଏବଂ ମନର ପ୍ରଶାନ୍ତି ନିମନ୍ତେ ପ୍ରେରଣ କରାଯାଉଥିଲା ତଦ୍ୱାରା ନିଦ୍ରା ସହଜରେ ଆସୁଥିଲା। ମୁଁ ଏହି ଶକ୍ତି ପ୍ରେରଣର କାର୍ଯ୍ୟକ୍ରମ ଚାଲୁ ରଖିଥିବି ଯେତେଦିନ ପର୍ଯ୍ୟନ୍ତ ତୁମ ଭିତରେ ନିଦ୍ରା ଓ ଶାନ୍ତ ଭାବ ନଆସୁଛି, ଶାନ୍ତ ରହି ଚେଷ୍ଟାକର ନିଜକୁ ଖୋଲି ଧରିବାକୁ ଏବଂ ସୁସ୍ଥ ହୋଇ ଉଠିବାକୁ।

(୦୩.୦୩.୩୫)

**ସାହାନା :** ଦିବ୍ୟଜନନୀ, ମୁଁ ଶୁଣୁଛି ଅଧିକ ପରିଶ୍ରମ ଯୋଗୁଁ ଶ୍ରୀଅରବିନ୍ଦଙ୍କର ଚକ୍ଷୁ ଲାଲ ହୋଇ ଯାଉଛି। ମୋତେ ଭାରି କଷ୍ଟ ହେଉଛି ଏହା ଭାବି ଯେ ମୁଁ ହିଁ କେବଳ ପ୍ରତିଦିନ ତାଙ୍କୁ ମୋର ଶରୀର ବିଷୟରେ ଅନେକ ପତ୍ର ଲେଖି ବିବ୍ରତ କରାଇଛି। ଯେତେଦିନ ଯାଏ ସେ ଭଲ ନହୋଇଛନ୍ତି ସେତେଦିନ ପର୍ଯ୍ୟନ୍ତ ମୁଁ ଆଉ ଚିଠି ଲେଖିବି ନାହିଁ।

ମୋର ଖାଦ୍ୟ ବିଷୟରେ, ପ୍ରକୃତରେ ମୁଁ ବେଶୀ ଖାଏ ନାହିଁ; ମୋର ଭୟ ହୁଏ ମୋର ଯକୃତ୍‌ଜନିତ କଷ୍ଟ ପାଇଁ;

ତେଣୁ ଅନେକ ସମୟରେ ମୋତେ ଭୋକ ଲାଗିଲେ ମଧ ମୁଁ ଖାଏ ନାହିଁ ଏବଂ ସର୍ବଦା ଆଉ ଏକ ଭାବନା ଆସେ ଯଦି ବେଶୀ ମୋଟା ହୋଇଯାଏ । ଯା' ହେଉ, ଯଦି ଆବଶ୍ୟକ ହୁଏ ତେବେ ବେଶୀ ଖାଇବି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ପତ୍ର ଲେଖା ବନ୍ଦ କର ନାହିଁ । ତୁମର ପତ୍ର ଖୁବ୍ ଛୋଟ, ତାହା ମୋ କାର୍ଯ୍ୟରେ ଅସୁବିଧା କରିବ ନାହିଁ; ତା'ଛଡ଼ା ମୋର ଚକ୍ଷୁ ଏବେ ଅନେକ ଭଲ ଅଛି ଏବଂ ପରିଷ୍କାର ହୋଇଯାଇଛି । ମୋତେ ସେ ସମ୍ବନ୍ଧରେ ସାବଧାନ ହେବାକୁ ହେବ, ତେବେ ସେଥିଲାଗି ପୂର୍ଣ୍ଣ ବିଶ୍ରାମର ଆବଶ୍ୟକତା ନାହିଁ ।

କ୍ଷୁଧାକୁ ଏପରି ଭାବେ ଅବଦମନ କରିବା ଉଚିତ ନୁହେଁ, ଯାହାକି ପ୍ରାୟ ରୋଗ ସୃଷ୍ଟି କରିଥାଏ । ମୋର ସନ୍ଦେହ ହେଉଛି ଖାଦ୍ୟର ପରିମାଣ ନେଇ ସ୍ୱାସ୍ଥ୍ୟବାନ୍‌ମାନଙ୍କର ପତଳା ଅବା ମୋଟା ହେବା ନିର୍ଭର କରେ କି ନା । ଅନେକେ ଅଛନ୍ତି ଯେଉଁମାନେ ଖୁବ୍ ବେଶୀ ଖାଇଥା'ନ୍ତି କିନ୍ତୁ ଶରୀର ଦୁର୍ବଳ ହୋଇଥାଏ ଏବଂ ଅନ୍ୟ କେତେକେ ଯେଉଁମାନେ ସାରାଦିନରେ କେବଳ ଥରେ ମାତ୍ର ଖାଇ ଥାଆନ୍ତି ତଥାପି ସେମାନେ ମୋଟା ହୁଅନ୍ତି । ସ୍ୱଳ୍ପ ଆହାର ଦ୍ୱାରା (ଶରୀରର ପ୍ରୟୋଜନଠାରୁ କମ୍ ଖାଇବା) କେହି ଶୀର୍ଣ୍ଣ ହୋଇ ଯାଇପାରେ, କିନ୍ତୁ ତାହା ସ୍ୱାସ୍ଥ୍ୟ ଦିଗରୁ ଏତେଟା ଭଲ ଅବସ୍ଥା ନୁହେଁ । ଡାକ୍ତରମାନଙ୍କ ମତରେ ଏହା ବେଶୀଭାଗ ନିର୍ଭର କରେ ବିଶେଷ ବିଶେଷ ଗ୍ରନ୍ଥିର କାର୍ଯ୍ୟ ଉପରେ । ଯା'ହେଉ ବର୍ତ୍ତମାନ ତୁମର ଅସଲ ଆବଶ୍ୟକତା ହେଉଛି ସ୍ନାୟବିକ ଶକ୍ତିକୁ ଫେରି ପାଇବା । ଯକୃତ୍ ନିମନ୍ତେ କମ୍ ଖାଦ୍ୟ ବି ସାହାଯ୍ୟ କରେ ନାହିଁ । ପ୍ରାୟଶଃ କମ୍ ଖାଦ୍ୟ ଖାଇବା ଯକୃତ୍‌କୁ ଅଳସୁଆ କରିଦିଏ ଯେଉଁଥି ପାଇଁ ସେ ଆଉ ଭଲ ରୂପେ କାର୍ଯ୍ୟ କରିପାରେ ନାହିଁ । ଯକୃତ୍‌ର ଗୋଳମାଳ ପାଇଁ ଯାହା କରିବାକୁ କୁହାଯାଏ ତାହା ହେଉଛି ତୈଳାକ୍ତ ଖାଦ୍ୟ ଏବଂ ବେଶୀ ପରିମାଣରେ ମିଷ୍ଟାନ୍ନ ପରିହାର କରିବା ଏବଂ ତାହା ଏକ ଦିଗରେ ମୋଟା ନହେବା ପାଇଁ ସାହାଯ୍ୟ ମଧ କରେ । କିନ୍ତୁ ଖୁବ୍ କମ୍ ଖାଇବା ଭଲ ନୁହେଁ – ତାହା କେବଳ ଆବଶ୍ୟକ ହୁଏ ପାକସ୍ଥଳୀ ବା ଅନ୍ତ୍ରନାଳୀର ବିଶେଷ କୌଣସି ରୋଗ ପାଇଁ, କିନ୍ତୁ ଯକୃତ୍‌ର ସାଧାରଣ ଗୋଳମାଳ ପାଇଁ ନୁହେଁ । ପ୍ରତିଦିନ ଥରେ ଚାଲିବାକୁ ଗଲେ କେମିତି (ଶାରୀରିକ ବ୍ୟାୟାମ ଓ ବିଶୁଦ୍ଧ ବାୟୁ ନିମନ୍ତେ) ହୁଅନ୍ତା ?

(୧୫.୦୩.୩୫)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

## ଅଚେତନାହିଁ ପାପ

ଏକ ଅନ୍ଧକାର ରାତ୍ରିରେ ଯୁବକଟିଏ ଜଣେ ସାଧୁଙ୍କ କୁଟୀରରେ ପ୍ରବେଶକରି ତାଙ୍କୁ କହିଲା – ''ମୁଁ ଆପଣଙ୍କ ଶିଷ୍ୟ ହେବାକୁ ଚାହେଁ ।'' ସାଧୁ ଉତ୍ତର ଦେଲେ : ''ତୁମକୁ ସ୍ୱାଗତ ! ପରମାତ୍ମାଙ୍କ ଦ୍ୱାର ସମସ୍ତଙ୍କ ପାଇଁ ସର୍ବଦା ଉନ୍ମୁକ୍ତ ।'' ଯୁବକ ଟିକିଏ ସଙ୍କୋଚ ସହ କହିଲା : ''କିନ୍ତୁ ମୋ ଭିତରେ ବହୁତ ତ୍ରୁଟି ରହିଛି । ମୁଁ ଜଣେ ପାପୀ ।'' ସାଧୁ କହିଲେ : ''ପରମାତ୍ମା ତୁମକୁ ସ୍ୱୀକାର କରିଛନ୍ତି ଯେତେବେଳେ, ମୁଁ କିଏ ଅସ୍ୱୀକାର କରିବାକୁ ? ତୁମର ସବୁ ପାପ ସହ ତୁମକୁ ମୁଁ ସ୍ୱୀକାର କରୁଛି । କିନ୍ତୁ ମୋର ଗୋଟିଏ କଥା ତୁମକୁ ମାନିବାକୁ ହେବ । ତୁମେ ଯାହାବି କରିବ ସବୁବେଳେ ମୋର ଉପସ୍ଥିତିକୁ ଧ୍ୟାନରଖି କରିବ ।''

ଗୁରୁଙ୍କ କଥାକୁ ଶିରୋଧାର୍ଯ୍ୟ କରି ଯୁବକ ଘରକୁ ଫେରିଲା । କିଛିଦିନ ପରେ ସେ ଯେତେବେଳେ ପୁଣି ଗୁରୁଙ୍କୁ ଭେଟିଲା, ଗୁରୁ ପଚାରିଲେ – ''ତୁମର ସେହି ପାପଗୁଡ଼ିକର ଖବର କ'ଣ ?'' ଯୁବକଟି ହସି କହିଲା : ''ମୁଁ ପାପର ପ୍ରରୋଚନାରେ ଯେତେବେଳେ ପଡ଼େ, ସେତେବେଳେ ଆପଣଙ୍କ ଆଖି ମୋର ସମ୍ମୁଖକୁ ଆସି ଦେଖାଦିଏ । ଆପଣଙ୍କ ଉପସ୍ଥିତିକୁ ଅନୁଭବ କରି ମୁଁ ଜାଗ୍ରତ୍ ହୋଇଯାଏ । ଜାଗ୍ରତ୍ ହୋଇ ତ ଖାଲରେ ପଡ଼ିବା ଅସମ୍ଭବ ।''

ଅଚେତନାହିଁ ପାପ । ଅଚେତନାହିଁ ମୃତ୍ୟୁ ।

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୨୪)

## ମହେନ୍ଦ୍ରନାଥ ସ୍ୱାଇଁ

**ଦିବ୍ୟରସର ସ୍ୱଚ୍ଛଧାରା :**

ଡିସେମ୍ବର ୫, ୧୯୧୬ ପ୍ରାର୍ଥନାଟିରେ ଦିବ୍ୟଜନନୀ ଶ୍ରୀମା ଏକ ଚମତ୍କାର ଉପଲବ୍ଧିର କଥା ବର୍ଣ୍ଣନା କରିଛନ୍ତି । ତାହା ହେଲା –

''THOU hast granted me the grace of Thy repose in which all individual limits are dissolved, in which one is in all and, more clearly still, all is in oneself. But the mind, merged in this divine ecstasy, cannot yet find any power of expression.''

(*Prayers and Meditations,* P. 322)

''ଆପଣ ମୋତେ ଆପଣଙ୍କ ଅନୁକମ୍ପାର ଭଣ୍ଡାର ପ୍ରଦାନ କରିଦେଇଛନ୍ତି, ଯାହା ମଧ୍ୟରେ ମୋର ସମସ୍ତ ବ୍ୟକ୍ତିଗତ ସୀମିତତା ଦ୍ରବୀଭୂତ ହୋଇଯାଇଛି, ଯେଉଁଠାରେ ସମସ୍ତ ବ୍ୟକ୍ତିଙ୍କ ଭିତରେ ମୁଁ ଏବଂ ଅଧିକ ସ୍ପଷ୍ଟଭାବରେ କହିବାକୁ ଗଲେ ସମସ୍ତେ ମୋ ଭିତରେ ଅନୁଭୂତ ହେଉଛନ୍ତି । କିନ୍ତୁ ମନ ଏହି ଦିବ୍ୟ-ଆନନ୍ଦ ଭିତରେ ମଜ୍ଜି ରହି ନିଜର ପରିପ୍ରକାଶ କରିବାର ଶକ୍ତିକୁ ହରାଇ ବସିଛି ।''

ଉକ୍ତ ପ୍ରାର୍ଥନାରେ ମା ''ସମସ୍ତଙ୍କ ଭିତରେ ବାସୁଦେବ'' ଏବଂ ''ବାସୁଦେବଙ୍କ ଭିତରେ ସମସ୍ତଙ୍କୁ'' ଦର୍ଶନ କରିବା ଉପାୟଟି ବତାଇଛନ୍ତି । ବ୍ୟକ୍ତି ପରମ ପ୍ରଭୁଙ୍କ ଅନୁକମ୍ପାର ପ୍ରଶାନ୍ତି ଭିତରେ ବୁଡିଗଲେ ଦ୍ରବୀଭୂତ ହୋଇଯିବ । ଅହଂକାର, ଲୋଭ, ସୀମିତଭାବ ମିଳେଇ ଯିବ । ପ୍ରଭୁଙ୍କର ଅନନ୍ତ-ଅସୀମ ତତ୍ତ୍ୱ ଏବଂ ବ୍ୟକ୍ତିର ସୀମିତଭାବ ମଧ୍ୟରେ କୌଣସି ପ୍ରତିବନ୍ଧକ ରହିବ ନାହିଁ । ଏହି ଅବସ୍ଥାହିଁ ଦିବ୍ୟାନନ୍ଦର ଅବସ୍ଥା । ଏହି କ୍ରିୟା ଅନୁଷ୍ଠିତ ହେଉଥିଲା ବେଳେ ମନ ''କିଂକର୍ତ୍ତବ୍ୟବିମୂଢ଼'' ହୋଇଯାଏ ଓ ଏହାକୁ ପ୍ରକାଶ କରିବାର କ୍ଷମତା ହରାଇଥାଏ । ମା'ଙ୍କୁ ତାଙ୍କ ପ୍ରକୋଷ୍ଠରେ ଦର୍ଶନ କଲାବେଳେ, ତାଙ୍କର କୌଣସି ଦ୍ରବ୍ୟକୁ ସ୍ପର୍ଶ କଲାବେଳେ, ''ଶ୍ରୀସ୍ମୃତି''ରେ ମା'ଙ୍କର ଏବଂ ଶ୍ରୀଅରବିନ୍ଦଙ୍କ ବ୍ୟବହୃତ ଦ୍ରବ୍ୟମାନଙ୍କୁ ଦର୍ଶନ କଲାବେଳେ ଅଥବା ଅରୋଭିଲ୍ ମାତୃମନ୍ଦିରର ଅଭ୍ୟନ୍ତର ପ୍ରକୋଷ୍ଠରେ ଉପବେଶନ ପୂର୍ବକ ଧ୍ୟାନ ମଗ୍ନ ଥିଲାବେଳେ ଏହି ଭାବ ଅନୁଭୂତ ହୋଇଥାଏ । ଏହି ପରିପ୍ରେକ୍ଷୀରେ ସ୍ମୃତିପଟରେ ଉଙ୍କି ମାରୁଥିବା ଏକ ଘଟଣାର ଅବତାରଣା ପାଠକମାନଙ୍କ ହୃଦୟରେ ଆନନ୍ଦ ପ୍ରଦାନ କରିବ ବୋଲି ଆଶା କରାଯାଇପାରେ । ଦିବ୍ୟଜନନୀଙ୍କ ଅନୁକମ୍ପା ଓ ଜ୍ୟୋତିଃର ପ୍ରବାହ ସଂସ୍ପର୍ଶରେ ଆସିଲେ ବ୍ୟକ୍ତିର ମନ କିପରି ଶକ୍ତିହୀନ ହୋଇଯାଏ ଏହା ତାହାର ଏକ ନମୁନା । ଘଟଣାଟି ଏହିପରି –

''ଶ୍ରୀଯୁକ୍ତ ଦୟାଲାଲ ଦେଶାଇ, ଜନୈକ ମହାରାଷ୍ଟ୍ରୀୟ ଭକ୍ତ ୧୯୩୨ ମସିହାରେ ଆଶ୍ରମ ପରିଦର୍ଶନରେ ଆସିଥିଲେ । ମା'ଙ୍କ ପ୍ରକୋଷ୍ଠରେ ଶ୍ରୀମାଙ୍କୁ ଦର୍ଶନ ପାଇଁ ସେ ଅନୁମତି ପ୍ରାପ୍ତ ହୋଇଥିଲେ । ଦର୍ଶନ ଓ ପ୍ରଣାମ ପରେ ସେ ଦିବ୍ୟଜନନୀଙ୍କ ସମ୍ମୁଖରେ ବସିଲେ । ମା ପଚାରିଲେ, ''ତୁମର କିଛି ପ୍ରଶ୍ନ ଅଛି କି ?'' ''ହଁ ମା !'' ତାଙ୍କର ସଂକ୍ଷିପ୍ତ ଉତ୍ତର । ଶ୍ରୀଯୁକ୍ତ ଦୟାଲାଲ ଥିଲେ ଜଣେ ବିଶିଷ୍ଟ ଏବଂ ବରିଷ୍ଠ ଆଇନଜୀବୀ । ସୁତରାଂ ସେ ଓକିଲାତି ବୁଦ୍ଧି ଅନୁସାରେ ପ୍ରଶ୍ନର ଏକ ତାଲିକା ପ୍ରସ୍ତୁତ କରି ଆଣିଥିଲେ । କିନ୍ତୁ ଆଶ୍ଚର୍ଯ୍ୟର କଥା ସେ କୌଣସି ପ୍ରଶ୍ନ ପଚାରି ପାରିଲେ ନାହିଁ । ମା ପୁନଶ୍ଚ ପ୍ରଶ୍ନ କଲେ, ''ଦୟାଲାଲ, ତୁମର କିଛି ପ୍ରଶ୍ନ ଅଛି କି ?'' ''ହଁ ମା !''– କହି, ସେ ପୁନଶ୍ଚ ଚୁପ୍ ହୋଇଗଲେ । ଅନୁଭବ କଲେ ଯେ ସେ ପ୍ରଶ୍ନ ପଚାରିବାର କ୍ଷମତା ହରାଇ ବସିଛନ୍ତି ।

ମା ପଚାରିଲେ, ''କିପରି ଧ୍ୟାନ କରିବାକୁ ହୁଏ ଜାଣିଛ କି ?'' ସେହି ଗୋଟିଏ ଉତ୍ତର, ''ହଁ, ମା !'' ''ଚାଲ ତାହାହେଲେ ଧ୍ୟାନ କରିବା ।'' ଦୟାଲାଲ ମା'ଙ୍କ ସହିତ ଧ୍ୟାନ କଲେ । ଧ୍ୟାନ ଶେଷ ହେଲା । ମା ଦୟାଲାଲଙ୍କୁ ଆଶୀର୍ବାଦ ପ୍ରଦାନ କଲେ । ତତ୍ପରେ ଗୋଟି ଗୋଟି କରି ବିଭିନ୍ନ ରଙ୍ଗର କେତେଗୁଡ଼ିଏ ଫୁଲ ତାଙ୍କୁ ଦେଇ କହିଲେ, ''ଦୟାଲାଲ ! ନଳିନୀଙ୍କ ନିକଟକୁ ଯାଅ, ସେ ତୁମକୁ ଏହି ଫୁଲଗୁଡ଼ିକର ତାତ୍ପର୍ଯ୍ୟ ବିଷୟରେ କହିଦେବେ ।'' ଦୟାଲାଲ ନଳିନୀଦାଙ୍କ ପାଖକୁ ଯାଇ ମା କହିଥିବା କଥାଟି କହିଲେ ।

ନଳିନୀଦାଙ୍କ ପ୍ରଶ୍ନ, ''ମୋତେ କୁହ, ମା ତୁମକୁ କେଉଁ ଫୁଲଟି ପ୍ରଥମେ ଦେଲେ – ତା'ପରେ କେଉଁଟି ... ତା'ପରେ କେଉଁଟି..., ଏହିପରି ଗୋଟି ଗୋଟି କରି କହିଯାଅ ।''

ଦୟାଲାଲ : ''ମୋର ତ ସେ କଥା ମନେ ନାହିଁ ।''

ନଳିନୀଦା : ''ତା' ହେଲେ ମୁଁ ତୁମକୁ ଏହାର ତାତ୍ପର୍ଯ୍ୟ କହିପାରିବି ନାହିଁ ।''

ଏତାଦୃଶ ପ୍ରହେଳିକାଟିକୁ ସମାଧାନ କରିବାକୁ ଦୟାଲାଲ ଦେଶାଇ ପ୍ରଭୁ ଶ୍ରୀଅରବିନ୍ଦଙ୍କୁ ଚିଠି ଲେଖି ପ୍ରାର୍ଥନା କରିଥିଲେ । ଶ୍ରୀଅରବିନ୍ଦ ଉତ୍ତରରେ ଲେଖିଥିଲେ, ''ପ୍ରଥମେ ମା ଯେଉଁ ଫୁଲ ଦେଇଥିଲେ ତା'ର ଅର୍ଥ..., ଦ୍ୱିତୀୟଟିର ଅର୍ଥ..., ତୃତୀୟଟିର ଅର୍ଥ... । ଏହିପରି ଗୋଟି, ଗୋଟିକରି ମା ଦେଇଥିବା ସବୁ ଫୁଲର ଗୂଢ଼ ରହସ୍ୟକୁ ତୁମ ପ୍ରଶ୍ନର ଉତ୍ତରରେ ଲେଖି ଜଣାଇଥିଲେ ।''

ଦୟାଲାଲ ଶ୍ରୀଅରବିନ୍ଦଙ୍କ ଉତ୍ତର ସହିତ ସେ ପ୍ରସ୍ତୁତ କରି ମା'ଙ୍କ ପାଖକୁ ନେଇଥିବା ପ୍ରଶ୍ନମାନଙ୍କୁ ଖୋଲି ମିଳାଇଥିଲେ । ତାଙ୍କର ଚକ୍ଷୁ ବିସ୍ଫାରିତ ହୋଇଗଲା, ଦେହରେ ରୋମାଞ୍ଚ ସୃଷ୍ଟି ହେଲା । ଆଖିରୁ ଆନନ୍ଦର ଅଶ୍ରୁଧାରା ବହିବାକୁ ଲାଗିଲା । ସବୁ ପ୍ରଶ୍ନର ଉତ୍ତର ଫୁଲମାନଙ୍କ ମାଧ୍ୟମରେ, କ୍ରମାନ୍ୱୟରେ ଦିବ୍ୟଜନନୀ ଭଗବତୀ ଶ୍ରୀମା ପ୍ରଦାନ କରିବାରେ କୃପା କରିଥିଲେ ।

(ଦିବ୍ୟ ସମାଚାର, ପୃଷ୍ଠା. ୨୦୮-୨୦୯)

ଏଥରକ ଆସନ୍ତୁ ଆମର ଆଲୋଚ୍ୟ ଡିସେମ୍ବର ୫, ୧୯୧୬ର ପ୍ରାର୍ଥନାଟି ପାଖକୁ । ପ୍ରାର୍ଥନାଟିର ଦ୍ୱିତୀୟ ଅନୁଚ୍ଛେଦରେ ମା ତାଙ୍କର ଏକ ଅନୁଭୂତିର ପ୍ରକୃତ ଦୃଶ୍ୟଟିକୁ ଉଲ୍ଲେଖ କରିଛନ୍ତି । ଯେଉଁ ଅନୁଭୂତିଟି ତାଙ୍କୁ ସୂକ୍ଷ୍ମଦର୍ଶନ ଭାବରେ ପ୍ରାପ୍ତ ହୋଇଥିଲା ଏବଂ ସେ ତତ୍‌କ୍ଷଣାତ୍ ସମସ୍ତ ଘଟଣାକୁ ଲିପିବଦ୍ଧ କରିଥିଲେ, ଯାହାକୁ ମା ''Factual notation of the experience'' ବା ଅନୁଭୂତିର ଅବିକଳ ରଚନା ବୋଲି ଉଲ୍ଲେଖ କରିଛନ୍ତି । ତାହାହେଲା –

"Turn towards the earth." The usual injunction was heard in the silence of the immutable identification. Then the consciousness became that of the One in all. "Everywhere and in all those in whom thou canst see the One, there will awake the consciousness of this identity with the Divine. Look...."

(*Prayers and Meditations,* P. 322)

''ପୃଥିବୀ ଅଭିମୁଖୀ ହୁଅ ।'' ସବୁଦିନ ପରି ଏପରି ଏକ ଆଦେଶ, ଅପରିବର୍ତ୍ତନୀୟ ଏକାତ୍ମତାର ନୀରବତା ମଧ୍ୟରେ ଶ୍ରୁତିଗୋଚର ହେଲା । ତତ୍‌ପରେ ସକଳଙ୍କ ଅନ୍ତରସ୍ଥିତ ଅଦ୍ୱିତୀୟ ପରମ ପ୍ରଭୁଙ୍କ ଚେତନା ସହିତ ମୋର ଚେତନା ଏକାକାର ହୋଇଗଲା । ''ପ୍ରତ୍ୟେକ ସ୍ଥାନରେ ଏବଂ ସମସ୍ତଙ୍କ ହୃଦୟରେ, ଯେଉଁମାନଙ୍କର ଅନ୍ତର ଭିତରେ ତୁମେ ଅଦ୍ୱିତୀୟଙ୍କୁ ଦର୍ଶନ କରିପାରୁଛ, ସେଠାରେ ପରମ ପ୍ରଭୁଙ୍କ ସହିତ ଏହି ଏକାତ୍ମବୋଧର ଚେତନା ଜାଗ୍ରତ୍ ହେବ । ଚାହିଁ ଦେଖ... ।'' ତତ୍‌କ୍ଷଣାତ୍ ମା'ଙ୍କ ଚକ୍ଷୁ ସମକ୍ଷରେ ଯେଉଁ ଯେଉଁ ଦୃଶ୍ୟାବଳୀ ଭାସି ଭାସି ଚାଲିଯାଉଥିଲେ, ସେ ସମସ୍ତଙ୍କୁ ମା ଏହିପରି ଭାବରେ ଉଲ୍ଲେଖ କରିଛନ୍ତି ଉକ୍ତ ପ୍ରାର୍ଥନାଟିରେ –

"It was a Japanese street brilliantly illuminated by gay lanterns picturesquely adorned with vivid colours. And as gradually what was conscious moved on down the street, the Divine appeared, visible in everyone and everything. One of the lightly-built houses became transparent, revealing a woman seated on a tatami in a sumptuous violet kimono embroidered with gold and bright colours. The woman was beautiful and must have been between thirty-five and forty. She was playing a golden samisen. At her feet lay a little child. And in the woman too the Divine was visible."

(*Prayers and Meditations,* P. 322)

''ଜାପାନର ଏକ ରାଜରାସ୍ତା । ରାସ୍ତାର ଉଭୟ ପାର୍ଶ୍ୱରେ ଅସଂଖ୍ୟ, ଉଜ୍ଜ୍ୱଳ ବର୍ଣ୍ଣବିଭାରେ ସୁସଜ୍ଜିତ ସୁଦୃଶ୍ୟ ଲଣ୍ଠନମାନ ଝୁଲା ହୋଇଛନ୍ତି । ସେହି ଆଲୋକରେ ରାଜରାସ୍ତା ଝଲସି ଉଠୁଛି । ତା' ମଧ୍ୟରେ ଏହି ସଚେତନ ସତ୍ତାଟି ରାସ୍ତାରେ ଆଗେଇ ଚାଲୁ ଚାଲୁ ଦେଖିଲା ପ୍ରତ୍ୟେକଙ୍କ ଭିତରେ ଏବଂ ପ୍ରତିଟି ଭିତରେ ଭଗବାନ୍ ଉପସ୍ଥିତ ଓ ଦୃଶ୍ୟମାନ । ସେଠାରେ ହାଲୁକା ଭାବରେ ନିର୍ମିତ ଗୋଟିଏ ଗୃହ ସ୍ୱଚ୍ଛ ହୋଇ ଉଠିଲା, ଘରର ଭିତର

ପରିଷ୍କାର ଭାବରେ ଦୃଷ୍ଟିଗୋଚର ହେଲା । ଘର ମଧ୍ୟରେ ଜଣୈକା ମହିଳା (ଦେବୀ ପ୍ରତିମା ସ୍ୱରୂପା) ଉଜ୍ଜ୍ୱଳ ସୁନେଲି ରଙ୍ଗରେ ଚିତ୍ରିତ ବାଇଗଣୀ ରଙ୍ଗର ଗୋଟିଏ 'କିମୋନୋ' ପିନ୍ଧି 'ଟାଟାମି' (ଗଦି) ଉପରେ ଉପବେଶନ କରିଥିଲେ । ସେହି ମହିଳା ଅପୂର୍ବ ସୌନ୍ଦର୍ଯ୍ୟମୟୀ ଥିଲେ ଓ ତାଙ୍କର ବୟସ ପ୍ରାୟ ପଇଁତିରିଶରୁ ଚାଳିଶ ମଧ୍ୟରେ ହେବ । ସେ ବାଦନ କରୁଥିଲେ ଏକ ସୁବର୍ଣ୍ଣ ରଙ୍ଗର 'ସାମିସେନ୍' । ସେହି ମହିଳାଙ୍କ ପାଦତଳେ ଗୋଟିଏ ଛୋଟ ନିଦ୍ରାମଗ୍ନ ଶିଶୁଟିଏ ଥିଲା ଏବଂ ତାଙ୍କ (ମହିଳାଙ୍କ) ଭିତରେ ବିରାଜିତ ପରମ ପ୍ରଭୁଙ୍କ ଦିବ୍ୟରୂପ ସ୍ପଷ୍ଟ ଭାବରେ ଦେଖାଯାଉଥିଲା ।''

(ବି.ଦ୍ର. :'**ଟାଟାମି**' ହେଉଛି ଜାପାନୀମାନେ ଘର ଚଟଣାରେ ପକାଇ ବସିବା ପାଇଁ ବ୍ୟବହାର କରୁଥିବା ଏକ ପାରମ୍ପରିକ ଚିତ୍ରିତ ଲମ୍ବା ଆସନ । '**କିମୋନୋ**' ହେଉଛି ସୁନ୍ଦର ସୂଚୀକାର୍ଯ୍ୟ ଯୁକ୍ତ ଏକ ପୋଷାକ ଯାହାକୁ ଜାପାନୀ ମହିଳାମାନେ ବ୍ୟବହାର କରିଥା'ନ୍ତି । '**ସାମିସେନ୍**' ଏକ ତାର ବାଦ୍ୟଯନ୍ତ୍ର ଯେଉଁଥିରେ ତିନୋଟି ତାର ଲାଗିଥାଏ । ଏହା ଆମର 'ଏକତାରା' ସଦୃଶ ।)

ଡିସେମ୍ବର ୫, ୧୯୧୬ ପ୍ରାର୍ଥନାଟିର ଅନ୍ତଃସ୍ରୋତର କଥାବସ୍ତୁ ହେଲା 'ମାନବିକ ଚେତନା', 'ଅଦ୍ୱିତୀୟ ପରମ ପ୍ରଭୁ' ଏବଂ 'ଦିବ୍ୟ-ଶକ୍ତି' । ସଚେତନ ବ୍ୟକ୍ତି ନିଜ ଦିବ୍ୟ-ଚେତନାର ଉପଯୋଗ କରି କିପରି ସ୍ଥାବର, ଜଙ୍ଗମ, କୀଟ, ପତଙ୍ଗ, ବନସ୍ପତି ଏବଂ ମନୁଷ୍ୟ ଭିତରେ ପରମ ପ୍ରଭୁ 'ବାସୁଦେବ'ଙ୍କୁ ଦର୍ଶନ କରିପାରିବ ଏବଂ ସେଠାରେ ଦିବ୍ୟଶକ୍ତିଙ୍କର ଲୀଳାଖେଳାକୁ ଦର୍ଶନ କରି ଦିବ୍ୟାନନ୍ଦ ପ୍ରାପ୍ତ ହେବ ତାହାର ସୂଚନା ଦିବ୍ୟଜନନୀ ଶ୍ରୀମା ସମଗ୍ର ମାନବସମାଜ ସମକ୍ଷରେ ଉପସ୍ଥାପନ କରିଛନ୍ତି । ଏଠାରେ ପ୍ରଣିଧାନ ଏବଂ ଉପଲବ୍ଧିର ବିଷୟଟି ହେଉଛି ପ୍ରଭୁଙ୍କ ଆଦେଶ – ''Look...'', ''ଦେଖ...'' । ତତ୍‌କ୍ଷଣାତ୍ ମା ଦେଖୁଛନ୍ତି ... ଜାପାନର ରାଜରାସ୍ତା, ଜଡ଼ ପଦାର୍ଥରେ ନିର୍ମିତ ଗୃହ, ଆସବାବପତ୍ର, ପରମ ସୌନ୍ଦର୍ଯ୍ୟମୟୀ ଭଗବତୀ, ହାତରେ ତାରବାଦ୍ୟ – ଅସ୍ୱଚ୍ଛ ଜଡ଼ବସ୍ତୁ ମଧ୍ୟ ସ୍ୱଚ୍ଛ ହୋଇ ଉଠିଛି । ମା'ଙ୍କ ପାଦପଦ୍ମରେ ଆନନ୍ଦ ଏବଂ ସୁରକ୍ଷିତ ଭାବରେ ସୁପ୍ତ ଛୋଟ ଶିଶୁଟି ତୁଲ୍ୟ ଏହି ଧରିତ୍ରୀ, ଯାହାର ନବଜନ୍ମ ହୋଇଛି । ସର୍ବଶେଷରେ ବିରାଜିତା ଦେବୀ ପ୍ରତିମା ଭିତରେ ମା ଦେଖୁଛନ୍ତି ସ୍ୱୟଂ ଦିବ୍ୟଶକ୍ତିଙ୍କୁ ଅର୍ଥାତ୍ ନିଜକୁ । 'ଧ୍ୟାନ ଓ ପ୍ରାର୍ଥନା'ରେ ଏହା ଏକ ଅପୂର୍ବ ଦିବ୍ୟାନନ୍ଦର ଉପଲବ୍ଧି ।

ଉକ୍ତ ପରିପ୍ରେକ୍ଷୀରେ ଏକ ପୌରାଣିକ ଉପକଥା ସ୍ମୃତିପଟରେ ଉଙ୍କିମାରେ । ଦ୍ୱାପର ଯୁଗର କଥା । ଦ୍ୱାରକାଧିପତି ଭଗବାନ୍ ଶ୍ରୀକୃଷ୍ଣ ଏକଦା ନିଜ ନାତିଙ୍କ ହାତ ଧରି ଜଣୈକ ଆଜନ୍ମ ଚକ୍ଷୁହୀନ ବ୍ରାହ୍ମଣଙ୍କ ଦ୍ୱାରଦେଶରେ ଦଣ୍ଡାୟମାନ – ଦିବ୍ୟାଙ୍ଗ ବ୍ରାହ୍ମଣ ପ୍ରଭୁଙ୍କୁ ପ୍ରଣିପାତ ହୋଇ ଆଗମନର କାରଣ ଜିଜ୍ଞାସା କରନ୍ତେ, ଶ୍ରୀକୃଷ୍ଣ ଅଙ୍ଗୁଳି ନିର୍ଦ୍ଦେଶପୂର୍ବକ ଉଚ୍ଚ ସ୍ୱରରେ କହୁଛନ୍ତି, ''ଦେଖ... ତୁମର ନାତି ମୋ ନାତିକୁ ମାରି କିପରି ରକ୍ତାକ୍ତ କରିଦେଇଛି ।'' ତତ୍‌କ୍ଷଣାତ୍ ଚକ୍ଷୁହୀନ ଦିବ୍ୟାଙ୍ଗ ଚକ୍ଷୁଷ୍ମାନ୍ ହୋଇଗଲେ । ପ୍ରଭୁଙ୍କ ନିର୍ଦ୍ଦେଶ, ''ଦେଖ...'' । ଚକ୍ଷୁ ଦୁଇଟି କିପରି ବା ଜ୍ୟୋତିଃହୀନ ହୋଇ ରହିପାରନ୍ତା ! ଦ୍ୱାରକାପୁରୀର ସେହି ବରିଷ୍ଠ ନାଗରିକ ବୃଦ୍ଧ ବ୍ରାହ୍ମଣଙ୍କ ଦୁଇ ଚକ୍ଷୁରୁ ଆନନ୍ଦାଶ୍ରୁର ଧାରା ଶ୍ରାବଣ – ଏହାହିଁ ଦିବ୍ୟ-କୃପା ।

– ଆଲୋଚ୍ୟ 'ଧ୍ୟାନ ଓ ପ୍ରାର୍ଥନା'ର ଅନ୍ତଃସ୍ରୋତ 'ଦିବ୍ୟକୃପା'ସିକ୍ତ ଦିବ୍ୟ-ରସର ସ୍ୱଚ୍ଛ ଧାରା ।

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା; (୨) Notes on the Prayers and Meditations : Goutam Ghosal

ପ୍ରଗତିର କେବେ ବି ଅନ୍ତ ନାହିଁ ଓ ପ୍ରତିଦିନ ତୁମେ ଯାହା କରୁଛ ତାକୁ ଆହୁରି ଭଲ କରି କରିବା ପାଇଁ ଶିକ୍ଷା କରିପାର ।

– ଶ୍ରୀମା

# ଅମୃତ ବର୍ଷା

## (୨)

## ସୂର୍ଯ୍ୟକାନ୍ତି ମହାନ୍ତି

ବର୍ଷାଋତୁର ଆକାଶରେ ସୂର୍ଯ୍ୟକିରଣରେ ଜଳକଣାର ପ୍ରତିଫଳନ (reflection), ପ୍ରତିସରଣ (refraction) ଓ ବିଚ୍ଛୁରଣ (dispersion) ହେତୁ ସୃଷ୍ଟି ହେଉଥିବା ଇନ୍ଦ୍ରଧନୁର ଦୃଶ୍ୟ ଅତ୍ୟନ୍ତ ଆକର୍ଷଣୀୟ । ଏଥିରେ ସୂର୍ଯ୍ୟକିରଣର ବର୍ଣ୍ଣାଳି (spectrum) ସୃଷ୍ଟି ହୋଇ ସପ୍ତରଙ୍ଗ ଭିନ୍ନ ଭିନ୍ନ ଭାବରେ ଦୃଶ୍ୟମାନ ହୋଇଥାଏ ଯାହା ୧୬୭୨ ମସିହାରେ ସାର୍ ଆଇଜାକ୍ ନିଉଟନ୍ ଆବିଷ୍କାର କରିଥିଲେ । ଇନ୍ଦ୍ରଧନୁ ପରି ଆକାଶରେ ଥିବା ଜଳକଣାରେ ଚନ୍ଦ୍ରକିରଣର ସମାନ ପ୍ରତିକ୍ରିୟାରୁ ସୃଷ୍ଟି ହୋଇଥାଏ ଚନ୍ଦ୍ରଧନୁ, ଯାହା ନିଶ୍ଚୟ ଏକ ବିରଳ ଘଟଣା । ରଙ୍ଗିନ ଇନ୍ଦ୍ରଧନୁ ପରି ଚନ୍ଦ୍ରଧନୁ ଏତେଟା ଆକର୍ଷଣୀୟ ନୁହେଁ । ଏହା ସାମାନ୍ୟ ଧୂଆଁଳିଆ ବା ଧୂସର ବା ଧଳା ଦେଖାଯାଏ । ବହୁ ସମୟ ଧରି ଭଲ ଭାବରେ ଦେଖିବା ପରେ ସେଥିରେ ସାତୋଟି ରଙ୍ଗ ଥିବା ବୁଝାଯାଏ । କାରଣ ଚନ୍ଦ୍ରକିରଣରେ ଔଜ୍ଜ୍ୱଲ୍ୟ ନଥାଏ ।

କାଲିଫର୍ଣ୍ଣିଆର ୟେସୋମାଇଟ୍ ଜାତୀୟ ଉଦ୍ୟାନରେ, ଆଫ୍ରିକାର ଭିକ୍ଟୋରିଆ ଜଳପ୍ରପାତରେ ଓ କାରିବିଆନ୍ ସାଗରରୁ କୁହୁଡ଼ି ଉଡ଼ିବା ବେଳେ ମଧ୍ୟ ଚନ୍ଦ୍ରଧନୁର ଦୃଶ୍ୟ ଦେଖାଯାଏ ।

ପୁରାକାଳରେ ଭାରତର ଲୋକମାନେ ବିଶ୍ୱାସ କରୁଥିଲେ ଯେ ଚନ୍ଦ୍ର ହେଉଛନ୍ତି ଜଳର ନିୟନ୍ତ୍ରକ, ଯାହା ସମସ୍ତ ଜୀବ ଜଗତକୁ ପୋଷଣ କରେ । ଶିଶିର ଓ ବର୍ଷା ପରିଣତ ହୁଅନ୍ତି ଉଦ୍ଭିଦର ରସରେ, ରସ ପରିଣତ ହୁଏ ଗାଈର ଦୁଗ୍ଧରେ, ଦୁଗ୍ଧ ପରେ ରକ୍ତରେ ପରିବର୍ତ୍ତିତ ହୁଏ । ଜଳ, ରସ, ଦୁଗ୍ଧ ଓ ରକ୍ତ ସୂଚିତ କରନ୍ତି ଜୀବନ ସୁଧାର ବିଭିନ୍ନ ଅବସ୍ଥାକୁ । ଚନ୍ଦ୍ର ହେଉଛନ୍ତି ଅବିନଶ୍ୱର ଅମୃତର ପାତ୍ର ।

ପୂର୍ଣ୍ଣିମା ଓ ଅମାବାସ୍ୟା ଏହି ଦୁଇ ତିଥିରେ ମହାଜାଗତିକ ସ୍ତରରେ ଆକାଶ, ବାୟୁ, ଅଗ୍ନି, ଜଳ ଓ ପୃଥିବୀ – ଏହି ପଞ୍ଚ ମହାଭୂତକୁ ଚନ୍ଦ୍ର ସମ୍ପୂର୍ଣ୍ଣ ଭାବରେ ଆକର୍ଷିତ କରିଥାଏ । ଏହା ଫଳରେ ପୃଥିବୀକୁ ଖୁବ୍ ଉଚ୍ଚଚାପ ବେଷ୍ଟନ କରେ । ଏଣୁ ଚନ୍ଦ୍ର ଆଡ଼କୁ ପୃଥିବୀର ଜଳ ଆକର୍ଷିତ ହୁଏ । ଫଳରେ ଜଳୀୟବାଷ୍ପ ଉପରକୁ ଉଠିଯାଇ ସୂକ୍ଷ୍ମ ସ୍ତରରେ ଉଚ୍ଚ ଚାପର ବେଷ୍ଟନୀ ମଧ୍ୟକୁ ପ୍ରବେଶ କରେ । ନକାରାତ୍ମକ ଶକ୍ତି ବାଷ୍ପୀୟ ସ୍ତର ମଧ୍ୟରେ ପ୍ରଭାବଶାଳୀ ହୋଇଥିବାରୁ ମନୁଷ୍ୟ ଉପରେ ଏହାର କୁପ୍ରଭାବ ପଡ଼ିଥାଏ । ଏପରିକି ଅନ୍ୟ ଦିନ ଅପେକ୍ଷା ପୂର୍ଣ୍ଣିମା ଦିନ ପ୍ରାୟ ଭଲ ପ୍ରଭାବ ସହ ଖରାପ ପ୍ରଭାବ ମଧ୍ୟ ମନୁଷ୍ୟର ମନ ଉପରେ ପଡ଼ିଥାଏ । ପୂର୍ଣ୍ଣିମାର ଦୁଇ ଦିନ ଆଗରୁ ଓ ଦୁଇ ଦିନ ପର ପର୍ଯ୍ୟନ୍ତ ଏହାର ଚାପ ରହିଥାଏ । ଏଣୁ ଏହିଦିନ ଭଗବତ୍ ଆରାଧନା, ଧ୍ୟାନ ଓ ପ୍ରାର୍ଥନା ଆଦି କଲେ ଏହାର ପ୍ରଭାବ ଅତି ଉନ୍ନତମାନର ହୁଏ ଏବଂ ଦିବ୍ୟଶକ୍ତି ଲାଭ କରିବାର ସାମର୍ଥ୍ୟ ଜଣେ ପ୍ରାପ୍ତ କରିପାରେ । ଯଦି କୌଣସି କାରଣରୁ ଜଣେ ଧ୍ୟାନ ଓ ପ୍ରାର୍ଥନା କରି ପାରେନି, ଅନ୍ତତଃ ସେହି ଦିନଗୁଡ଼ିକରେ ନିମ୍ନମାନର କର୍ମରୁ ନିବୃତ୍ତ ରହିବା ଆବଶ୍ୟକ । ସମୂହ ଧ୍ୟାନ ଓ ପ୍ରାର୍ଥନା କଲେ ଏହି ଦିନ ନିଜର ଓ ବିଶ୍ୱ ଚେତନାର ଉର୍ଦ୍ଧ୍ୱ ସ୍ତରରେ ତାହା କାର୍ଯ୍ୟ କରିଥାଏ । ପୂର୍ଣ୍ଣିମା ଦିନ ମନର କ୍ରିୟାଶୀଳତା ଏତେ ତୀବ୍ର ଥାଏ ଯେ ଏହି ସମୟରେ ସୃଜନଶୀଳ ଲେଖକଙ୍କର ଲେଖାର ମାନ ଗୁଣାତ୍ମକଭାବେ ଉନ୍ନତ ହୋଇଥାଏ । ପୁନଶ୍ଚ ପୃଥିବୀ ଓ ଚନ୍ଦ୍ର ଚୁମ୍ବକ ପରି ପରସ୍ପରକୁ ଆକର୍ଷିତ କରୁଥିବାରୁ ବ୍ୟକ୍ତିର ସୁସ୍ଥତା ଉପରେ ଏହାର ପ୍ରଭାବ ପଡ଼ିଥାଏ ।

**ଚନ୍ଦ୍ରର ପ୍ରଭାବ**

**୧.** ସମୁଦ୍ର ଉପରେ ଚନ୍ଦ୍ରର ପ୍ରଭାବ ପଡୁଥିବାରୁ ଏଥିରେ ଜୁଆର ଓ ଭଟ୍ଟାର ଗତି ତୀବ୍ର ହୋଇଥାଏ । ମନୁଷ୍ୟର ଶରୀର ପ୍ରାୟ ୭୫ ଭାଗ ଜଳରେ ଗଠିତ ହୋଇଥିବାରୁ ଶରୀର ମଧ୍ୟରେ ବି ଜୁଆର ଓ ଭଟ୍ଟା ସଂଘଟିତ ହୋଇଥାଏ ।

**୨.** ପୂର୍ଣ୍ଣଚନ୍ଦ୍ରର ଉପସ୍ଥିତି ମଣିଷର ବ୍ୟବହାରକୁ ମଧ୍ୟ ନିୟନ୍ତ୍ରଣ କରେ । ଏପରି ହୋଇଥାଏ ଯେ ପୂର୍ଣ୍ଣିମା ଦିନ ବ୍ୟକ୍ତି ଛୋଟ ଛୋଟ କଥାରେ ରାଗିଯାଏ ବା ମନରେ ଆଘାତ ପାଏ । ଚନ୍ଦ୍ରକଳାର ହ୍ରାସବୃଦ୍ଧି ପରି ତା'ର ବ୍ୟବହାରରେ ମଧ୍ୟ ପରିବର୍ତ୍ତନ ଦେଖାଯାଏ । ତେବେ ପୂର୍ଣ୍ଣିମା ରାତ୍ରିରେହିଁ ମନର ଅବସ୍ଥା ସବୁଠାରୁ ଖରାପ ଭାବରେ ପ୍ରଭାବିତ ହୁଏ ।

**୩.** ଚନ୍ଦ୍ରକଳାର ହ୍ରାସବୃଦ୍ଧିର ପ୍ରଭାବ ପଶୁ ଓ ଉଦ୍ଭିଦମାନଙ୍କର ଜୀବତତ୍ତ୍ୱର ଛନ୍ଦ ଉପରେ ମଧ ପଡ଼ିଥାଏ । କେତେକ ସ୍ଥଳରେ ଆୟୁର୍ବେଦିକ ଔଷଧୀୟ ବୃକ୍ଷରୁ ଉକ୍ତ ଦିନ ଔଷଧ ମଧ୍ୟ ପ୍ରସ୍ତୁତ କରାଯାଏ ।

**୪.** ଏହା ମଧ ଦେଖାଯାଏ ମାନସିକ ଅସୁସ୍ଥ ଥିବା ଲୋକମାନେ ଏହିଦିନ ଅଧିକ ଅସୁସ୍ଥ ହୋଇଯାଆନ୍ତି ।

ପାଗଳାମି, ଉଗ୍ରତା, ଅପରାଧ ଓ ଦୁର୍ଘଟଣାଠାରୁ ଆରମ୍ଭ କରି କଳ୍ପନା ପ୍ରବଣତା ଓ ଆଧ୍ୟାତ୍ମିକ ଅନୁଭୂତି ପର୍ଯ୍ୟନ୍ତ ସମସ୍ତ ପ୍ରକାର କାର୍ଯ୍ୟ ପୂର୍ଣ୍ଣମୀ ଦିନ କିଛି ପରିମାଣରେ ସଂଘଟିତ ହୋଇଥାଏ । ତେଣୁ କହିବାକୁ ଗଲେ ଏହା ହେଉଛି ସଙ୍କଟ ବା ସୁଯୋଗର ସମୟ । ଅବଶ୍ୟ ଏହା ନିର୍ଭର କରେ ମଣିଷର ସକାରାତ୍ମକ ବା ନକାରାତ୍ମକ ମାନସିକ ସ୍ଥିତି ଉପରେ । ତେବେ ଶାସ୍ତ୍ର ଅନୁଯାୟୀ ପୂର୍ଣ୍ଣିମା ଦିନ ଜନ୍ମିତ ଶିଶୁ ଅଧିକ ବୁଦ୍ଧିମାନ୍ ଏବଂ ଆକର୍ଷଣୀୟ ଚେହେରାଯୁକ୍ତ ହୋଇଥା'ନ୍ତି ।

ଜାପାନୀ କିଂବଦନ୍ତୀ ଅନୁଯାୟୀ ଆନନ୍ଦର ସପ୍ତ ଦେବତା ହେଉଛନ୍ତି – ସୂର୍ଯ୍ୟ, ଚନ୍ଦ୍ର, ବୃହସ୍ପତି, ବୁଧ, ମଙ୍ଗଳ, ବରୁଣ ଓ ଶନି । ଏମାନଙ୍କ ମଧ୍ୟରୁ ଚନ୍ଦ୍ର ହେଉଛନ୍ତି ଜୀବନର ସୁଖ ଓ ସମୃଦ୍ଧିର ପ୍ରତୀକ । ସେ ହେଉଛନ୍ତି 'ଫୁକୁରୋକୁଜିନ୍' ।

ତାଓ ଦାର୍ଶନିକ ଫୁକୁରୋକୁଜିନ୍ କହିଛନ୍ତି :

''ଆକାଶର କୁହୁଡ଼ି ଓ ପୃଥିବୀର ଶିଶିର ମଧ୍ୟରେ ଅଛି ଜୀବନ ।'' ଏହା ଚନ୍ଦ୍ରଙ୍କୁ ସୂଚିତ କରେ । ଏହି ଦାର୍ଶନିକଙ୍କ ମତ ଅନୁଯାୟୀ ଚନ୍ଦ୍ର ହେଉଛନ୍ତି ଅସାମାନ୍ୟ ଅଲୌକିକ ଘଟଣାବଳୀର ସ୍ରଷ୍ଟା ।

ହିନ୍ଦୁଶାସ୍ତ୍ର ଅନୁଯାୟୀ ଚନ୍ଦ୍ରରେ ଅଛି ଗୁପ୍ତଶକ୍ତି, ଯାହା ଭଗବାନଙ୍କ ସୃଷ୍ଟିର ବାସ୍ତବ ରୂପକୁ ଲୁଚାଇ ଦିଏ । ଯାହାଫଳରେ ଏ ସଂସାରକୁ ମାୟା ବୋଲି କୁହାଯାଏ ଏବଂ ଏଥିପାଇଁ ଚନ୍ଦ୍ରହିଁ ପ୍ରମୁଖ ଭୂମିକା ଗ୍ରହଣ କରିଥା'ନ୍ତି । ବିଜ୍ଞାନ ଅନୁଯାୟୀ ସମସ୍ତ ନକ୍ଷତ୍ର, ଗ୍ରହ ଓ ଉପଗ୍ରହର ଅଛି ପୌନଃପୁନ୍ୟ (frequency), ଯାହାର ପ୍ରଭାବ ମଣିଷ ଜୀବନ ଉପରେ ପଡ଼ିଥାଏ । ବିଶେଷତଃ ଚନ୍ଦ୍ରର ସୂକ୍ଷ୍ମ ପୌନଃପୁନ୍ୟ ମଣିଷ ଭାବନାର ପୌନଃପୁନ୍ୟ ଅପେକ୍ଷା ସୂକ୍ଷ୍ମତର ହୋଇଥିବାରୁ ମଣିଷର ଅବଚେତନ ମନରେ ଭାବନା ସୃଷ୍ଟି କରିବା କ୍ଷମତା ବି ଚନ୍ଦ୍ର ବହନ କରେ ।

ଜ୍ୟୋତିଷ ଶାସ୍ତ୍ରାନୁଯାୟୀ ଶରୀରର ଦୁଇ ଭ୍ରୂଲତା ମଧ୍ୟରେ ଥିବା ଦୁଇ ଦଳ ବିଶିଷ୍ଟ ଆଜ୍ଞାଚକ୍ର ପ୍ରତୀକାତ୍ମକ ଭାବରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ସହିତ ସମ୍ପର୍କିତ ।

ତନ୍ତ୍ର ଶାସ୍ତ୍ରରେ ଉଲ୍ଲେଖ ଅଛି ମଣିଷ ଶରୀରରେ ଥିବା ସପ୍ତ ଚକ୍ର ମଧ୍ୟରୁ ଶୀର୍ଷ ଚକ୍ର ବା ସହସ୍ରାର ହେଉଛି ଚନ୍ଦ୍ରମଣ୍ଡଳ ବା ଚନ୍ଦ୍ରଲୋକ । ଯୋଗ ଶାସ୍ତ୍ର ଅନୁଯାୟୀ ଶରୀରର ସୁଷୁମ୍ନାର ଦୁଇ ପାର୍ଶ୍ୱରେ ଗତିଶୀଳ ଥିବା ଇଡ଼ା ଓ ପିଙ୍ଗଳା ନାଡ଼ି ସୂର୍ଯ୍ୟ ଓ ଚନ୍ଦ୍ରଙ୍କୁହିଁ ସୂଚିତ କରେ ।

ଏସବୁ ସତ୍ତ୍ୱେ ଚନ୍ଦ୍ରମାର ସୌନ୍ଦର୍ଯ୍ୟରେ ମନୁଷ୍ୟ ଆତ୍ମ-ବିଭୋର ହୋଇ ଉଠୁଥିବାରୁ ତା'ର ବାହ୍ୟିକ ପରିପ୍ରକାଶରେ ମଧ୍ୟ ସୌନ୍ଦର୍ଯ୍ୟର ଆଭା ଫୁଟି ଉଠେ । ଚନ୍ଦ୍ର ଉପଗ୍ରହକୁ ଜାଣିବାର ଉତ୍ସୁକତା ମନୁଷ୍ୟ ନିମନ୍ତେ ସର୍ବଦା ରହସ୍ୟମୟ ହୋଇ ରହିଛି ।

ପୃଥିବୀର ଏହି ଏକମାତ୍ର ପ୍ରାକୃତିକ ଉପଗ୍ରହ ଚନ୍ଦ୍ରରେ ଜନବସତିର ପରିକଳ୍ପନା ଏବଂ ଏଥିପାଇଁ ବିଜ୍ଞାନର ଜୟଯାତ୍ରା ଏପର୍ଯ୍ୟନ୍ତ ଅବ୍ୟାହତ ରହିଛି । ଏପରି ଏକ ଦିନ ଥିଲା ୧୯୬୯ ମସିହା ଜୁଲାଇ ୨୦ ତାରିଖ, ଯେଉଁଦିନ ମନୁଷ୍ୟର ଏକ ଅଦ୍ଭୁତ ମହାକାଶ ଯାତ୍ରା କେବଳ ଯାନ୍ତ୍ରିକ ବିଜ୍ଞାନର କୌଶଳ ପ୍ରଦର୍ଶନ ନଥିଲା, ବରଂ ଏଥିରେ ରହିଥିଲା ବାସ୍ତବତା ଓ ରୋମାଞ୍ଚ, ଥିଲା ସମଗ୍ର ମାନବଜାତି ପାଇଁ ମହାକାଶରେ ବିଜୟ ଯାତ୍ରା । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦିବସରେ ମହାକାଶଯାତ୍ରୀ Neil Armstrong ଚନ୍ଦ୍ରପୃଷ୍ଠରେ ପ୍ରଥମ ପାଦ ରଖିଥିଲେ । ସେ କହିଥିଲେ –''ମଣିଷ ପାଇଁ ଏହା ଏକ ଛୋଟ ପଦକ୍ଷେପ, ଯାହା ମାନବଜାତି ପାଇଁ ଏକ ବିଶାଳ ଲମ୍ଫ ।''

ଏହି ପ୍ରଥମ ମହାକାଶ ଯାତ୍ରାରେ Edwin Aldrin ଏବଂ Michael Collins ଥିଲେ ଆର୍ମଷ୍ଟ୍ରଙ୍ଗଙ୍କର ଦୁଇ ସହଯୋଗୀ । ସେମାନେ ଯାତ୍ରା କରିଥିବା ମହାକାଶ ଯାନର ନାମ ଥିଲା ଆପୋଲୋ-୧୧ ଏବଂ ଏହାକୁ ପ୍ରେରଣ କରିଥିଲା ଯୁକ୍ତରାଷ୍ଟ୍ର ଆମେରିକା ।

ଆପୋଲୋ-୧୧ ଯାନର ଅନ୍ତରୀକ୍ଷ ଯାତ୍ରୀମାନଙ୍କ ସଫଳତାର ପ୍ରଶଂସାରେ ଶତ-ସହସ୍ର ମୁଖରେ ଅଭିନନ୍ଦନ ଜଣାଇଥିଲେ ପୃଥିବୀର ସମସ୍ତ ଦେଶବାସୀ । ଏହି ଅବିସ୍ମରଣୀୟ ଘଟଣାର ସମ୍ମାନାର୍ଥେ ଭାରତୀୟ ଡାକ ବିଭାଗ ୨୦ ପଇସା ମୂଲ୍ୟ ଯୁକ୍ତ ଏକ ସ୍ମାରକ ଡାକ ଟିକଟ (Commemorative Postage Stamp) ଉନ୍ମୋଚନ କରିଥିଲେ ୧୯୬୯ ମସିହା ନଭେମ୍ବର ୧୯ ତାରିଖ ଦିନ । ଏଥିରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିବା ମହାକାଶଯାନ ଓ ଆର୍ମଷ୍ଟ୍ରଙ୍ଗ ସେଠାରେ ଦଣ୍ଡାୟମାନ ହୋଇଥିବାର ଛବି ରହିଛି ।

(କ୍ରମଶଃ) ❑

# ଶିକ୍ଷାରେ ଆଧ୍ୟାତ୍ମିକତା

## ରମାକାନ୍ତ ସାହୁ

ଶ୍ରେଣୀରେ ପିଲାଙ୍କ ପାଇଁ ଅତି ସାଧାରଣ ପ୍ରଶ୍ନଟିଏ ପଚରା ଯାଇଥିଲା –

''ଆମ୍ବ କିପରି ଲାଗେ ?''

ପିଲାଙ୍କ ଉତ୍ତରଗୁଡ଼ିକ ଥିଲା – ମିଠା... । ଖଟା... । କଷା... । କଷାଳିଆ ଖଟା... । ଖଟାଳିଆ ମିଠା... । ଇତ୍ୟାଦି ।

ପିଲାମାନେ ପଚାରିଲେ – ସଠିକ୍ ଉତ୍ତର କେଉଁଟି ? ଶିକ୍ଷକ କହିଲେ – ''ସବୁ ଉତ୍ତର ଠିକ୍'' । ବିଶଦ ଭାବରେ ବୁଝାଇବାକୁ ଯାଇ କହିଲେ – ବଉଳରୁ ଅଳ୍ପ ଦିନରେ କଷି ଆମ୍ବ – ଯାହାର ଆକାର ପିଲାଙ୍କ ଅଙ୍ଗୁଳି ଟିପ ପରି ତାହା କଷା ଲାଗେ । ଆଉ କିଛି ଦିନ ପରେ ତାହା କଷା ଓ ଖଟା ମିଶା ସ୍ୱାଦ ଦେଇଥାଏ । ପୁଣି କିଛିଦିନ ବଡ଼ ହୋଇଗଲେ ପୂରା ଖଟାହିଁ ଲାଗେ । ପାଚିବା ପୂର୍ବରୁ ଖଟା-ମିଠା ମିଶ୍ରିତ ସ୍ୱାଦ ଓ ପୂରା ପାଚିଗଲେ ପ୍ରାୟଶଃ ମିଠା ଲାଗେ । ଯେଉଁ ପିଲାକୁ ଯେଉଁ ଆମ୍ବ ପସନ୍ଦ ସେ ତା'ର ସ୍ୱାଦ ସେପରି ହିଁ ମନେ ରଖିଥାଏ ବା ଆମ୍ବ କଥା ପଡ଼ିଲେ ତା'ର ସେହି ସ୍ୱାଦଟି ମନକୁ ଆସିଯାଏ । ମନର କାମ ହେଉଛି ସେ ପୂର୍ବରୁ ସାଇତି ରଖିଥିବା ଧାରଣାକୁ ତା' ଚାରିପଟେ ଘଟୁଥିବା ଅନେକ ଘଟଣା ଭିତରେ ଖୋଜି ବୁଲୁଥାଏ । ଅନେକ ସମୟରେ ଦୃଶ୍ୟ ଯାହା ହୋଇଥାଉ ନା କହିଁକି ତା ମନର ଦୃଷ୍ଟିରେ ପୂର୍ବ ସଞ୍ଚିତ ରୂପହିଁ ସେ ଦେଖୁଥାଏ । ସେଥିପାଇଁ ତ କୁହାଯାଏ – 'ଯା ପୁଅକୁ ସାପ କାମୁଡ଼ିଥାଏ ତା ମା ପାଳ ଦଉଡ଼ି ଦେଖିଲେ ବି ଡରେ ।' ବାସ୍ତବ ପାଳ ଦଉଡ଼ିରେ ବି ସେ ସାପର ପ୍ରତିଛବି ଦେଖିପାରେ ଓ କିଛି କ୍ଷଣ ପାଇଁ ଚମକି ପଡ଼େ ।

ଏକ ମନସ୍ତତ୍ତ୍ୱର ଶ୍ରେଣୀ କକ୍ଷରେ ସ୍ନାତକୋତ୍ତର ପିଲାଙ୍କୁ କ୍ରମାନ୍ୱୟରେ ତିନୋଟି ଲେଖାଏଁ ସୁବାସିତ ଜଳପୂର୍ଣ୍ଣ କାଚ ବୋତଲ (ଛୋଟ ଛୋଟ) ଶୁଙ୍ଘିବାକୁ ଦିଆଗଲା । ପ୍ରଥମଟି କେତକୀର, ଦ୍ୱିତୀୟଟି କସ୍ତୁରୀର, ତୃତୀୟଟି ଗୋଲାପର ଅତର ଥିଲା । ଏଗୁଡ଼ିକୁ ଶୁଙ୍ଘି ଖାତାରେ ବାସ୍ନାର ନାମଗୁଡ଼ିକ ଲେଖିସାରିବା ପରେ ଚତୁର୍ଥ ବୋତଲଟିକୁ ସମସ୍ତେ ଆଘ୍ରାଣ କରି ସେହି ଅଜ୍ଞାତ ଅତରର ବାସ୍ନାକୁ ଖାତାରେ ଲେଖିବାକୁ କୁହାଗଲା । ଫଳତଃ ଶ୍ରେଣୀରେ ଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ଚତୁର୍ଥ ଅତରଟିର ନାମ ଭିନ୍ନ ଭିନ୍ନ ଆସିଲା । ଶେଷରେ ଅଧ୍ୟାପକ ଘୋଷଣା କଲେ ଯେ ତାହା ନିରୋଳା ଗନ୍ଧହୀନ ଶୁଦ୍ଧ ଜଳ ଥିଲା । ଯାହା ଘଟିଲା – ତାହା ଥିଲା ଛାତ୍ରଛାତ୍ରୀଙ୍କ ଅବଚେତନ ମନରେ ସକ୍ରିୟ ଥିବା ନିଜ ପ୍ରିୟ ବାସ୍ନାର ପ୍ରତିଛବି ।

ନିକଟରେ ଏକ ବିଦେଶୀ ଚ୍ୟାନେଲ୍‌ରେ ଦେଖିବାକୁ ମିଳିଲା ଏକ କୌତୂହଳ ପୂର୍ଣ୍ଣ ଦୃଶ୍ୟ । ଅନେକ ଲୋକଙ୍କର ଫଟୋ ଚିତ୍ରଗୁଡ଼ିକର ଏକ ବିଶାଳ ପ୍ରଦର୍ଶନୀ । ଅନେକ ଦର୍ଶକ ବୁଲି ବୁଲି ଦେଖୁଥା'ନ୍ତି ଓ ନିଜ ମନ ପସନ୍ଦର ଚିତ୍ରପଟ ତଳେ ଉଦ୍ଦିଷ୍ଟ ସ୍ଥାନରେ ଠିକ୍ ଚିହ୍ନ (✓) ମାରୁଥା'ନ୍ତି । ବେଶ୍ କିଛି ସମୟ ଅନ୍ତେ ପସନ୍ଦ କରିଥିବା ଚିତ୍ର ଓ ବ୍ୟକ୍ତିର ମୁହଁର ଫଟୋକୁ ମିଳାଇବାରୁ ଦେଖାଗଲା ଯେ – ଶତକଡ଼ା ନବେ ଭାଗ ବ୍ୟକ୍ତି ନିଜ ମୁଖ, ରୂପର ପାଖାପାଖି ଅନୁରୂପ ପ୍ରତିଛବିକୁହିଁ ଅଧିକ ପସନ୍ଦ କରିଛନ୍ତି ।

ଅର୍ଥାତ୍ ଆମେ ଏହି ସୁନ୍ଦର ସଂସାରରେ ଅନେକ ସମୟରେ ନିଜର ପ୍ରତିଛବି, ନିଜ ରୁଚିର ପ୍ରତିଫଳନ, ନିଜ ସ୍ୱଭାବର ଅନୁରୂପକୁ ଖୋଜି ବୁଲୁଥାଉ । ଯେଉଁଗୁଡ଼ିକ ମେଳ ଖାଏନି ସେଗୁଡ଼ିକୁ ସମାଲୋଚନା କରୁ ବା ଗୁରୁତ୍ୱ ଦେଇ ନଥାଉ । ଯାହା ମେଳ ଖାଇଯାଏ ସେଠି ଆନନ୍ଦିତ ହେଉ । ଅତଏବ ଆମେ ଆମ ଇନ୍ଦ୍ରିୟମାନଙ୍କ ଦ୍ୱାରା ସଂସାରକୁ ତା ନିଜସ୍ୱ ରୂପରେ ଦେଖି ପାରୁନା କି ଅନୁଭବ କରି ପାରୁନା, ଅନୁଭବ କରୁ ନିଜର ମନଗଢ଼ା ପୂର୍ବକଳ୍ପିତ ରୂପର ଛାଞ୍ଚରେ । ମୋଟାମୋଟି ଭାବେ କହିଲେ – ମନ ଦ୍ୱାରା ଆମେ ଅନୁଭବ କରୁଥିବା ଏ ସଂସାର ଅର୍ଦ୍ଧସତ୍ୟ ବା ମିଥ୍ୟା । କେବଳ ମନକୁ ସଂପୂର୍ଣ୍ଣ ନିରବ କଲା ପରେ ଯାହା ଆମେ ଅନୁଭବ କରିବା ତାହାହିଁ ଆମ ପାଇଁ ସେ ସମୟର ସତ୍ୟ ।

ଏହାର ଶିକ୍ଷା ସହ ସମ୍ପର୍କ କ'ଣ ? ଶ୍ରେଣୀ କକ୍ଷରେ ଆମେ କୌଣସି ଏକ ବିଷୟର ଅବତାରଣା କଲାବେଳେ ଆମେ ଯେଉଁ ଉଦ୍ଦେଶ୍ୟରେ ଯାହା ଯାହା ସବୁ ବୁଝାଉ, ପିଲାମାନେ ସେହି ଉଦ୍ଦେଶ୍ୟରେ ଏବଂ ସେଇ ସେଇ କଥାସବୁ ଅକ୍ଷରେ ଅକ୍ଷରେ ବୁଝନ୍ତି ନାହିଁ । ପ୍ରଥମତଃ ମନୁଷ୍ୟ ମାତ୍ରକେ ମନୋମୟ ସତ୍ତାର ଅଧୀନ, ଦ୍ୱିତୀୟତଃ ଭିନ୍ନ ଭିନ୍ନ ଧର୍ମ ଓ ଭିନ୍ନ ଭିନ୍ନ

ପରିବେଶ, ପରିସ୍ଥିତି ତଥା ପରିବାରରୁ ଆସି ଶ୍ରେଣୀରେ ଠୁଳ ହୋଇଥା'ନ୍ତି । ସେମାନଙ୍କ ଭାବନାସବୁ ବିକ୍ଷିପ୍ତ ତଥା ଚଳଚଞ୍ଚଳ ହେବା ସ୍ୱାଭାବିକ । ତେଣୁ ଶିକ୍ଷକଙ୍କ ସମାନ କଥାକୁ ସେମାନେ ନିଜସ୍ୱ ଢଙ୍ଗରେ ଭିନ୍ନ ଭିନ୍ନ ଭାବରେ ଗ୍ରହଣ କରନ୍ତି । ଉକ୍ତ ବିଷୟକୁ ମନନ, ଚିନ୍ତନ ଓ ଆତ୍ମସ୍ଥ କରିବାରେ ଭିନ୍ନତା ଘଟିବା ଅବଶ୍ୟମ୍ଭାବୀ । କିଛିଦିନ ପରେ ବିଷୟଟିକୁ ପିଲାଏ ବୁଝିପାରିଥିବାର ପାରଙ୍ଗମତାକୁ ପରଖିଲେ ବିଭିନ୍ନତା ଆସିବା ସ୍ୱାଭାବିକ । କିନ୍ତୁ ସମସ୍ତେ ଶତକଡ଼ା ନବେରୁ ଅଧିକ ମାର୍କ ରଖିବା ବା ଆପାତତଃ ସମାନ ଉତ୍ତର ଲେଖିପାରିବା କେବଳ ନିର୍ବୋଧ ସ୍ମରଣଶକ୍ତିର ଅପବ୍ୟବହାର ମାତ୍ର । ଶିକ୍ଷାକ୍ଷେତ୍ରରେ ଏ ପ୍ରକାର ନିଜ ବିଡ଼ମ୍ବନାକୁ ଅନୁଭବ କରି ଶ୍ରୀଅରବିନ୍ଦ ଲେଖିଥିଲେ –

"Nothing can be taught."

– ''କିଛି ବି ଶିକ୍ଷା ଦିଆଯାଇ ପାରିବ ନାହିଁ ।''

ଆସନ୍ତୁ ଦେଖିବା ସତରେ ମନ କ'ଣ ନୂଆ ଶିଖିବାକୁ ଚାହେ ନା ନିଜେ ଜାଣିଥିବା କଥା, ରୁଚି, ଧାରଣାକୁ ବଢ଼ାଇବାକୁ ଚାହେ ? ଶ୍ରୀମା'ଙ୍କର ନିମ୍ନୋକ୍ତ ବାଣୀ ଆମମାନଙ୍କ ଆଖି ଖୋଲିଦିଏ ।

''ପ୍ରତ୍ୟେକ ବ୍ୟକ୍ତି ତା ନିଜର ଏକ ମାନସିକ ଜଗତ୍ ମଧ୍ୟରେ ବିଚରଣ କରିବାରେ ଲାଗିଥାଏ ଏବଂ ତା'ର ଭାବନାଗୁଡ଼ିକହିଁ ସେହି ପୃଥିବୀକୁ ରଚନା କରିଥା'ନ୍ତି । ଏବଂ ଏହି କଥାଟି ଏତେ ଅଧିକ ପରିମାଣରେ ସତ ଯେ ସର୍ବଦା ଯେତେବେଳେ କୌଣସି ଏକ ବିଷୟରେ କିଛି କୁହାଯାଏ ସେତେବେଳେ ପ୍ରତ୍ୟେକ ବ୍ୟକ୍ତି ସେହି କଥାଟିକୁ ଭିନ୍ନ ଭିନ୍ନ ଅର୍ଥରେ ବୁଝନ୍ତି; କାରଣ ଯାହା କୁହାଯାଏ ପ୍ରତ୍ୟେକ ବ୍ୟକ୍ତି ଯେ ଠିକ୍ ତାହାରି ଅର୍ଥରେ ସେହି କଥାଟିକୁ ବୁଝେ, ସେକଥା ନୁହେଁ, ମାତ୍ର ସେ ସଂକ୍ରାନ୍ତରେ ତା'ର ମୁଣ୍ଡ ଭିତରେ ଆଗରୁ ଯାହାସବୁ ଥିଲା, ସିଏ ସେହିଭଳି କିଛି ବୁଝିଥାଏ । ମାତ୍ର ଏହି ସତ୍ୟଟି ମାନସିକ ଭୂମିର କ୍ଷେତ୍ରରେ ଏକ ସତ୍ୟରୂପେ କାର୍ଯ୍ୟ କରୁଥାଏ ଏବଂ ସେହି ଭୂମିରେହିଁ ତାହାର ଏକ ଯଥାର୍ଥତା ରହିଥାଏ ।''

(ପୂର୍ଣ୍ଣାଙ୍ଗ ଶିକ୍ଷାପତ୍ର : ଏପ୍ରିଲ-ମେ,୧୯୮୭, ପୃଷ୍ଠା - ୩)

ମାନସିକ ଶିକ୍ଷାଦାନ କ୍ଷେତ୍ରରେ ଆମେ ଯାହା ଶିକ୍ଷା ଦେଉ ପିଲାମାନେ ଠିକ୍ ତାହା ଗ୍ରହଣ କରିପାରନ୍ତି ନାହିଁ । ମଝିରେ ଘଟିଯାଏ ଅନେକ ବ୍ୟତିକ୍ରମ ।

ତେବେ ପିଲାଙ୍କୁ ଆଧ୍ୟାତ୍ମିକ ଶିକ୍ଷା ଦେବାର ଉପାୟ କ'ଣ ହୋଇ ଥାଇପାରେ ?

ଗତାନୁଗତିକ ଶିକ୍ଷା ଉପରେ ମା ବିସ୍ମୟ ପ୍ରକଟ କରି ଶିକ୍ଷକମାନଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ –

''ଆଧ୍ୟାତ୍ମିକ ବିଷୟଗୁଡ଼ିକ...ହଁ ପିଲାମାନଙ୍କୁ ଇତିହାସ ପଢ଼ାଯାଉଛି ନା ଆଧ୍ୟାତ୍ମିକ ବିଷୟ, ସେମାନଙ୍କୁ ବିଜ୍ଞାନ ପଢ଼ାଯାଉଛି ନା ଆଧ୍ୟାତ୍ମିକ ବିଷୟ, ତାହାହିଁ ନିର୍ବୋଧତା ! ଇତିହାସ ପଢ଼ା ମଧ୍ୟରେ ଚେତନାର କଥା ରହିଛି, ବିଜ୍ଞାନ ମଧ୍ୟରେ ଚେତନାର କଥା ରହିଛି, ସତ୍ୟ ସବୁକିଛି ମଧ୍ୟରେ ରହିଛି । ତେଣୁ ଆମମାନଙ୍କ ପାଇଁ ଯାହା ଆବଶ୍ୟକ ତାହା ହେଉଛି ଆମେ ତାହାକୁ ଭୁଲ୍ ପ୍ରଣାଳୀରେ ପଢ଼ାଇବା ନାହିଁ ବରଂ ସମ୍ପୂର୍ଣ୍ଣ ଠିକ୍ ଢଙ୍ଗରେ ପଢ଼ାଇବା ଉଚିତ । ଶିକ୍ଷକମାନେ ଏକଥାଟିକୁ ବୁଝିପାରୁ ନାହାନ୍ତି ।''

(5 April, 1967) – ଶ୍ରୀମା

ନିରାଟ ସତକଥା ଯେ ଆଜିଯାଏ ଆମେମାନେ ବି ଏକଥାର ମର୍ମ ବୁଝିପାରି ନାହୁଁ । ଅଥବା ଯାହା ଯେତିକି ଭାଷଣ ଦେବାକୁ ବୁଝିଛୁ କାର୍ଯ୍ୟରେ ପ୍ରକାଶ କରିପାରୁ ନାହୁଁ । ପୁରୁଣା ମାନସିକ ଶିକ୍ଷାର ଗୁଳାରେ ସବୁ ଭିଡ଼ି ଆଣି ପକାଇ ଦେଇଛୁ । ପିଲାଙ୍କୁ ଆଧ୍ୟାତ୍ମିକ ଶିକ୍ଷା ଦେବା ପାଇଁ ଅଲଗା ଏକ ପାଠଚକ୍ର କ୍ଲାସ କରିବା ପଛରେ ରହିଛି ଲମ୍ବା ଇତିହାସ । ବିଦ୍ୟାଳୟରେ ଆମେ ସାହିତ୍ୟ ବହିରୁ ସାହିତ୍ୟ ପଢ଼ାଉ, ଇତିହାସ ବହିରୁ ଇତିହାସ ପଢ଼ାଉ । ଗଣିତ ପଢ଼ାଇବାକୁ ଗଣିତ ବହିଟିଏ ଆବଶ୍ୟକ । ପିଲାଙ୍କ କ୍ଲାସର ସୋପାନକ୍ରମ ଅନୁସାରେ ଆମେ ଶିକ୍ଷା ପୁସ୍ତକରୁ ପଢ଼ାଇ ଦେବାକୁ ମାନସିକ ଶିକ୍ଷା ବୋଲି କହିଥାଉ । ବହିରୁ ପଢ଼ିବା, ଖାତାରେ ପ୍ରଶ୍ନ ଉତ୍ତର ଲେଖାଇବା ଓ ପରୀକ୍ଷାରେ ମନେ ପକାଇ ଲେଖିବା ମଧ୍ୟରେ ମାନସିକ ଶିକ୍ଷା ସରିଯାଏ । ପୂର୍ଣ୍ଣାଙ୍ଗ ଶିକ୍ଷାରେ ମାନସିକ ଶିକ୍ଷା ସହ ଶାରୀରିକ ଶିକ୍ଷା, ପ୍ରାଣିକ ଶିକ୍ଷା ଓ ଆଧ୍ୟାତ୍ମିକ ଶିକ୍ଷା ବି ରହିଥାଏ । ସ୍ୱତନ୍ତ୍ର ଖେଳ ଶିକ୍ଷକ, ଖେଳ ଉପକରଣ, ଖେଳ ପଡ଼ିଆ, ପିଲାଙ୍କ ନାନାବିଧ ଖେଳ, ଖେଳ-କୌଶଳ ମଧ୍ୟରେ ଶାରୀରିକ ଶିକ୍ଷା ବ୍ୟାପୀ ରହିଥାଏ । ଛବି ଆଙ୍କିବା, ନାଚ-ଗୀତ ଓ ନାଟକରେ ପ୍ରାଣିକ ଶିକ୍ଷାର ସମୀକରଣ ହୋଇଯାଏ । ମାତ୍ର ଆଧ୍ୟାତ୍ମିକ ଶିକ୍ଷାହିଁ ବିଦ୍ୟାଳୟ ପାଇଁ ବଡ଼ ଆହ୍ୱାନ ରୂପେ ଠିଆ ହୋଇଥାଏ ।

ସମାଜକୁ ବୁଝାଇବା ପାଇଁ ହେଉ ବା ଆମର ସୀମିତ

ଜ୍ଞାନର ସର୍ବାଧିକ ଉପଯୋଗ ପାଇଁ ହେଉ – ଆମେ ରୁଟିନ୍ ମଧ୍ୟରେ ପାଠଚକ୍ର ନାମକ ପିରିୟଡ୍‌ଟିଏ ଖଞ୍ଜି ଦେଇଥାଉ । ସପ୍ତାହରେ ଗୋଟିଏ ଦୁଇଟି ପାଠଚକ୍ର ପିରିୟଡ୍ ରହିଲେ ହୁଏତ ଆଧ୍ୟାତ୍ମିକ ଶିକ୍ଷା ଲାଗି ଯଥେଷ୍ଟ ହେବ ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ ଧରି ନେଇଥା'ନ୍ତି । କେତେକ ବିଦ୍ୟାଳୟରେ ପିଲାଙ୍କ ବୟସ ଓ ଶ୍ରେଣୀ ଅନୁସାରେ ମାଶ୍ରୀଅରବିନ୍ଦଙ୍କ ଲିଖିତ ବହି ବା ଆଶ୍ରମ ସାଧକମାନଙ୍କ ରଚିତ ବହିକୁ ଚୟନ କରାଯାଇଥାଏ । କ୍ରମେ ଇତିହାସ, ଭୂଗୋଳ, ବିଜ୍ଞାନ ପରି ଆଧ୍ୟାତ୍ମିକ ଶିକ୍ଷା ପାଇଁ ବହିଗୁଡ଼ିକ ମଧ୍ୟ ଖଞ୍ଜି ଦିଆଯାଇଛି । କହିବା ନିଷ୍ପ୍ରୟୋଜନ ଯେ କେତେକ ବିଦ୍ୟାଳୟ ଆଉ ପାଦେ ଆଗେଇ ଯାଇ ଆଧ୍ୟାତ୍ମିକ ଶିକ୍ଷା ହାସଲର ପ୍ରମାଣ ଦେବା ପାଇଁ ଲିଖିତ ପରୀକ୍ଷାର ଆରମ୍ଭ କରିଦେଲେ । ଯଦି ବହି ନାହିଁ, ପରୀକ୍ଷା ନାହିଁ, ପ୍ରଗତି ପତ୍ରରେ ମୂଲ୍ୟାୟନ କରି ନମ୍ବର ଦିଆଯାଇ ନାହିଁ ତେବେ ତାହା ଶିକ୍ଷା ପଦବାଚ୍ୟ ନୁହେଁ ବୋଲି ସମାଜରେ ଅଲିଖିତ ନିୟମ ରହିଛି । ତେଣୁ ସର୍ବସାଧାରଣଙ୍କ ବିଶ୍ୱାସକୁ ସମ୍ମାନ ଦେବାକୁ ଯାଇ ଆମ ଜାଣତରେ ବା ଅଜାଣତରେ ଅତୀତର ଶିକ୍ଷାଗୁଳାରେ ଆଧ୍ୟାତ୍ମିକ ଶିକ୍ଷାକୁ ମାଡ଼ିମକଚି ଚପାଇବାକୁ ଉଦ୍ୟମ କରାଯାଇଛି ।

ମା' ଏ ଦିଗରେ ମାତୃରଚନାବଳୀ ଦ୍ୱାଦଶ ଭାଗରେ ବିଶଦ ଭାବେ (ପୃ. ୫୪୧-୫୪୮) ଆଲୋଚନା କରି ଶେଷ ଭାଗରେ କହିଛନ୍ତି – ''ଏଗୁଡ଼ିକର ନିଷ୍କର୍ଷ ହେଉଛି ଯେ, ସ୍ୱୟଂ ଶିକ୍ଷକମାନଙ୍କ ଜୀବନରେ ଅନ୍ତତଃ ଶୃଙ୍ଖଳା ଏବଂ ସ୍ୱ-ଅନୁଭବର ଏକ ନିଷ୍ଠାପର ଆରମ୍ଭ ନିଶ୍ଚୟ ହୋଇଥିବ । ସେମାନେ ଭଲକରି ଜାଣି ରଖିବେ ଯେ ଶିକ୍ଷାଦାନ କହିଲେ କେବଳ ଗୁଡ଼ାଏ ବହିକୁ ଏକତ୍ର କରି ସେଥିରେ ରହିଥିବା ବିଷୟଗୁଡ଼ିକୁ ପିଲାମାନଙ୍କ ଆଗରେ ଆଉଥରେ ଯାଇ କହିଦେବାକୁହିଁ କଦାପି ବୁଝାଇବ ନାହିଁ । ଏବାଟରେ କେହି କଦାପି ଜଣେ ଶିକ୍ଷକ ହୋଇପାରିବ ନାହିଁ; ବାହାରର ପୃଥିବୀ ଯଦି ସେହିଭଳି ହୋଇ ରହିବାକୁ ଇଚ୍ଛା କରୁଛି, ତେବେ ରହିଥାଉ ।''

(ମାତୃରଚନାବଳୀ ଭାଗ ୧୨, ପୃଷ୍ଠା ୫୪୬-୪୭) – ଶ୍ରୀମା

କିନ୍ତୁ ବାସ୍ତବରେ ଆମେ ପିଲାଙ୍କ ପାଇଁ ତେବେ କ'ଣ କରି ପାରିବୁ ?

ସେ କଥାର ଉତ୍ତରରେ ମା' କହନ୍ତି – ''ପିଲାମାନେ ଯଦି ଅଳ୍ପ ବୟସରୁ ଏହି ରୀତିରେ ପଢ଼ିପାରିବେ, ତେବେ ତାହା ଅତି ଚମତ୍କାର କଥା ହେବ । କରିବା ଲାଗି ପ୍ରକୃତରେ ଖୁବ୍ କମ୍ କାମ ରହିଛି : ନିଜେ କିଛି **ହୋଇପାରିବାହିଁ** ଯଥେଷ୍ଟ ।

କଦାପି ଭୁଲ୍ କରିବ ନାହିଁ ।

କଦାପି ରାଗିଯିବ ନାହିଁ ।

ସର୍ବଦା ବୁଝିବାକୁ ଚେଷ୍ଟା କରିବ ।

''ଏବଂ, ଏହି ଗତିସ୍ପନ୍ଦନଟି ପିଲା ଭିତରେ କାହିଁକି ଆସିଲା, ପିଲାର ଭିତରଟା ପ୍ରକୃତରେ କେଉଁ ଧାତୁରେ ତିଆରି ହୋଇଛି, ତା' ଭିତରେ କେଉଁ କଥାଟିକୁ ଅଧିକ ଟାଣ କରିବାକୁ ହେବ ଓ କେଉଁ କଥାଟିକୁ ପ୍ରକାଶିତ କରି ଆଣିବାକୁ ହେବ, ଏତିକି ଜାଣିବା ଓ ଅତ୍ୟନ୍ତ ସ୍ପଷ୍ଟଭାବରେ ତାହାକୁ ଦେଖିବା ଲାଗି ସମର୍ଥ ହେବା,– ଆମକୁ କେବଳ ଏତିକିମାତ୍ର କରିବାକୁ ପଡ଼ିବ । ଏତିକି ବ୍ୟତୀତ ଆଉ ସବୁ କ୍ଷେତ୍ରରେ ଆମେ ସେମାନଙ୍କୁ ମୁକ୍ତ ଭାବରେ ଛାଡ଼ିଦେବା, ଫୁଲଟି ପରି ଫୁଟିଉଠିବା ସକାଶେ ସେମାନଙ୍କୁ ବାଟ ଛାଡ଼ିଦେବା । ସେମାନେ ଅନେକ କଥା ଦେଖିବେ, ଅନେକ କଥାକୁ ସ୍ପର୍ଶ କରିପାରିବେ, ଯଥାସମ୍ଭବ ଅଧିକ କାର୍ଯ୍ୟରେ ଆପଣାକୁ ବ୍ୟାପୃତ କରି ରଖିଥିବେ, ସେମାନଙ୍କୁ ଆମେ ସେଥିଲାଗି ସୁଯୋଗ ଯୋଗାଇ ଦେବା । ଏଥିରେ ପ୍ରକୃତରେ ଭାରି ଆନନ୍ଦ ଲାଗିବ । ଏବଂ, ସର୍ବୋପରି, ଆମେ ନିଜେ ଯାହାସବୁ ଜାଣିଛୁ ବୋଲି ଭାବୁଛୁ, ଆମେ ସେଗୁଡ଼ାକୁ ନେଇ ସେମାନଙ୍କ ଉପରେ କେବେହେଲେ ଲଦିଦେବାକୁ ଚେଷ୍ଟା କରିବା ନାହିଁ ।

''ତୁମେ ସେମାନଙ୍କୁ ମୋଟେ ଗାଳିଦେବ ନାହିଁ । ସବୁବେଳେ ସେମାନଙ୍କୁ ବୁଝିବାକୁ ଚେଷ୍ଟା କରିବ; ଏବଂ ଯଦି ପିଲା ସେଥିପାଇଁ ପ୍ରସ୍ତୁତ ଅଛି, ତେବେ ତାକୁ ସବୁକଥା ବୁଝାଇଦେବ । ଯଦି ତାକୁ କିଛି ବୁଝାଇ ଦିଆଯାଇ ପାରିବାର ଅବସ୍ଥାରେ ସେ ନ ଥାଏ,– ମାତ୍ର ଯଦି ତୁମେ ନିଜେ ପ୍ରସ୍ତୁତ ହୋଇ ରହିଥାଅ,– ତେବେ ସେହି ମିଛ ଗତିସ୍ପନ୍ଦନର ସ୍ଥାନାପନ୍ନ ଭାବରେ ତୁମେ ଏକ ଯଥାର୍ଥ ଗତିସ୍ପନ୍ଦନକୁ ଆଣି ଦେବାକୁ ଚେଷ୍ଟା କରିବ । ମାତ୍ର ଏଇଟି କରିପାରିବା... ଏହା ଦ୍ୱାରା ଶିକ୍ଷକମାନଙ୍କଠାରୁ ପ୍ରକୃତରେ ଏଭଳି ଏକ ପରିପୂର୍ଣ୍ଣତାର ଦାବି କରାଯାଉଛି, ଯାହାକି କ୍ୱଚିତ୍ ସେମାନଙ୍କଠାରେ ରହିଥାଏ ।''

(ମାତୃରଚନାବଳୀ ଭାଗ ୧୨, ପୃଷ୍ଠା ୫୪୭-୪୮) – ଶ୍ରୀମା

ଏତିକିରୁ ବୁଝାପଡୁଛି ଯେ – ଆଧ୍ୟାତ୍ମିକତା ଆମ ବିଦ୍ୟାଳୟର ସମଗ୍ର ପରିବେଶରେ ରହିବ, ପିଲାଙ୍କ ସହ ସବୁ ପ୍ରକାର ସମ୍ପର୍କ ଓ କାର୍ଯ୍ୟକ୍ରମ ମଧ୍ୟରେ ଫୁଟି ଉଠୁଥିବ । ସେମାନଙ୍କୁ ମା'ଙ୍କ ଦୃଷ୍ଟିକୋଣରୁ ଦେଖି ବୁଝିପାରିବାର ସାମର୍ଥ୍ୟ

ଟିକିଏ ବି ଆମର ରହିଥିବ । ପିଲାଙ୍କର ସବୁ ଗତିସ୍ପନ୍ଦନ ଉପରେ ନିଘା ରଖୁଥିବା ଆମ ଶିକ୍ଷକମାନେ ପିଲାଙ୍କ ଅନ୍ତର ଭିତରର ଆବେଗ-ପ୍ରବେଗକୁ ନଜର ଅନ୍ଦାଜ କରିବାର କଳା ହାସଲ କରିଥିବା ଆବଶ୍ୟକ । ଆମ ପିଲାମାନେ କ୍ଲାସରେ ଥା'ନ୍ତୁ ବା ଖେଳପଡ଼ିଆରେ ଥା'ନ୍ତୁ, ଗୀତ ଗାଉଥା'ନ୍ତୁ କିଂବା ହସ୍ତକର୍ମ କରୁଥା'ନ୍ତୁ – ଆମର ଦୃଷ୍ଟି ଓ ପ୍ରେରଣା ଆଧ୍ୟାତ୍ମିକ ହୋଇଥିବା ଆବଶ୍ୟକ । ପିଲାଟିର ବାହ୍ୟ ଆଚାର-ବିଚାର, ଶୃଙ୍ଖଳା-ବିଶୃଙ୍ଖଳା ଓ ଅଳି ଅଝଟକୁ ନେଇ ତତ୍କାଳ ବିଚାର କରିବା ଓ ଗତାନୁଗତିକ ଶିକ୍ଷକ ବୃତ୍ତିର ଅନୁଶାସନ ନେଇ କାର୍ଯ୍ୟପନ୍ଥା ସ୍ଥିର କରିନେଲେ କାହାରି ମଧ୍ୟ ଅଗ୍ରଗତି ହେବ ନାହିଁ । ପିଲାଙ୍କୁ ଗଢ଼ିବା ପାଇଁ ଆମର ଅଜସ୍ର ଉଦ୍ୟମର କେନ୍ଦ୍ରଟି ବରଂ ନିଜ ଉପରକୁ ଆସିଯାଏ । ଆମକୁ ଆଧ୍ୟାତ୍ମିକ ଜୀବନର ପ୍ରଥମ ପାହାଚରେ ପାଦ ଥାପିବାକୁ ହେବ । ଆନ୍ତରିକତାର ସହ ଆମ ନିଜ ଭିତରକୁ ଦେଖିପାରିଲେ – ଅନ୍ୟମାନଙ୍କ ପ୍ରତିଫଳିତ ସୁନ୍ଦର ସୁନ୍ଦର ଛବି କିଛିଟା ଦିଶିଯିବ । ଆମ ନିଜ ଭିତରର ପାଖୁଡ଼ାଗୁଡ଼ିକ ଯେତେ ଖୋଲି ଖୋଲି ଯିବ ପିଲାଙ୍କ ଭିତରର ଦୃଶ୍ୟ ଆମ ଆଗରେ ସେତେ ମେଲି ମେଲି ଯିବ । ନିଜ ଜୀବନରେ ଆଧ୍ୟାତ୍ମିକ ପଥରେ ଯାତ୍ରା ଆରମ୍ଭ କଲେ ଅଲକ୍ଷ୍ୟରେ ଆମେ ଅନ୍ୟ ସତୀର୍ଥମାନଙ୍କର ପ୍ରେରଣାର ଉତ୍ସ ହୋଇପାରିବା ।

ଆସନ୍ତୁ ଆଧ୍ୟାତ୍ମିକ ଶିକ୍ଷା ଆରମ୍ଭ କରିବା, ପିଲାଙ୍କ କାର୍ଯ୍ୟରେ ଜଣେ ପ୍ରକୃତ ସହଯୋଗୀ ହେବା । ମା'ଙ୍କ ଧାରାରେ ମା'ଙ୍କ କାର୍ଯ୍ୟ କରିବାର ଅପୂର୍ବ ଆନନ୍ଦ ଲାଭ କରିବା ।

❑❑❑

# କର ମୋତେ ଯୋଗ୍ୟ

## ଯଦୁ ନନ୍ଦନ ସାମଲ

ଯେତେବେଳେ ସବୁ ସରିଯାଏ
ପାଦତଳୁ ମାଟି ଖସୁଥାଏ
ଆପଣା ବିଚାର, ବଳ ପଙ୍ଗୁ ହୋଇ ରହେ;
ସେତେବେଳେ ଯାଇ
ମୋ ଦୃଷ୍ଟି ଫେରେ ତୁମ ଆଡ଼େ ଜୀବନ ବିକଳେ ।

ସେ ବେଳରେ ଯେବେ ତୁମେ କୁହ :
''ସବୁ ଦେଇ ଦେ ମୋତେ ଅଚିନ୍ତା ଚିତ୍ତରେ,
ମୁଁ ନେବି ସକଳ ଭାର ତୋ ସତ୍ତାର
ଯେ ହୋଇବ ତୋ' ପାଇଁ ଅନୁକୂଳ ବାଆ
ଜୀବନର ପୋତ ଚାଳି ଆଗକୁ ଯିବାକୁ ।...''

ତଥାପି ଉପୁଜେ ଶଙ୍କା,
କୁଣ୍ଠା ଆସେ ଦେବାକୁ ସମ୍ମତି ।
ଭାବେ ବସି ଏକା ଏକା ନିରୋଳା ମନରେ
ସବୁ ଯଦି ଅରପିବି ତୁମ ଚରଣରେ
ହୋଇଯିବ ଦୂର ସିନା ମୋ ଅର୍ଜିତ ସମ୍ପଦ ସକଳ,
କିଭଳି ବିତିବ ଦିନ ହୋଇ ଏତେ ଦରିଦ୍ର, ଦୁର୍ବଳ ?

ତୁମେ ତ ସର୍ବଜ୍ଞ, କିଛି କୁହ ନାହିଁ
ଲୁଚି ଯାଅ ପରଦା ଉହାଡ଼େ ସ୍ମିତହାସ୍ୟ ଫେଇ ।

ଯାତନା ମୋ ଯାଏ ବଢ଼ି,
ଅଦିନିଆ ବନ୍ୟା ପ୍ରାୟେ ହୃଦୟର ଦୁଇ ତଟ ଖାଇ
ଜଳନ୍ତା ଅନଳେ ଜଳି ଉଠେ ସର୍ବାଙ୍ଗ ମୋହର,
ଅବୁଝା ମୋ ମନ, ପ୍ରାଣ
ଲୋଡ଼େ ତ ତୁମକୁ ପୁଣି ଭିତରେ ବାହାରେ...
କି ଅବା କରିବି କୁହ ?
ଏ ତ ମୋର ଜୀବନର ରାହା
ଯାହା ମୋ ସାଥୀରେ ଅଛି ଜନ୍ମଜନ୍ମାନ୍ତର ।

ଏବେ ଗୋ ଜନନି ! କହି ଦିଅ
କେବେ ପୁଣି ହେବି ମୁଁ ତୁମର ?
ତୁମେ ଜାଣ ସବୁ, ମୋ ଦୁର୍ବଳତା, ଅଯୋଗ୍ୟ ପଣିଆ
ଅମାନିଆ ପଣ ମୋର ଜାଣି ବି ଅବୁଝା ...
ଏବେ ମୋର ଅସହାୟ ସତ୍ତାଟି ଚାହୁଁଛି
ମୋତେ ତୁମ ଯୋଗ୍ୟ କରି ଗଢ଼ । ❑

ଭାରତର ଅମର ଗାଥା :

# ଶ୍ରୀକୃଷ୍ଣ କାହାଣୀ

## (୧୪)

## ଦୁର୍ଦାନ୍ତର ଅନ୍ତିମ ଗତି

## ମନୋଜ ଦାସ

[**କାହାଣୀ ଏଯାବତ୍ :** ମଥୁରାର ଦାନବ ରାଜା ଶୁଣିଥାଏ ଏକ ଦୈବବାଣୀ । ଭଉଣୀ ଦେବକୀଙ୍କ ଅଷ୍ଟମ ସନ୍ତାନ ହାତରେ ହେବ ତା'ର ନିଧନ । ତେଣୁ ଦେବକୀ ସନ୍ତାନଟିଏ ଜନ୍ମ ଦେବା ମାତ୍ରେ ସେ ତାକୁ ମାରି ପକାଉଥାଏ । ତେବେ ତା' ଅଗୋଚରରେ ଅଷ୍ଟମ ସନ୍ତାନଟି ଯାଇ ଗୋପପୁରରେ ନନ୍ଦରାଜାଙ୍କ ଘରେ ବଢୁଥାଏ । କିନ୍ତୁ ଅଚିରେ କଂସର ସନ୍ଦେହ ହେଲା, କୃଷ୍ଣ ନାମଧାରୀ ସେହି ଶିଶୁହିଁ ହେବ ତା'ର କାଳ । ଶିଶୁଟିକୁ ମାରିଦେବା ନିମନ୍ତେ ସେ ଜଣକ ପରେ ଜଣେ ଦାନବ, ଦାନବୀଙ୍କୁ ପ୍ରେରଣ କଲା । ସେମାନେ ନାନା ଛଦ୍ମବେଶରେ ଗଲେ, କିନ୍ତୁ ସଭିଏଁ ମଲେ । ତେବେ ଗୋପପୁରରେ ନିରବଚ୍ଛିନ୍ନ ଭାବରେ ନାନାଦି ଅମଙ୍ଗଳଜନକ ଘଟଣା ଘଟନ୍ତେ ସେ ଜନପଦର ଅଭିଭାବକମାନେ ବସତି ଅଦୂରବର୍ତ୍ତୀ ଏକ ମନୋରମ ଉପତ୍ୟକାକୁ ଉଠାଇ ନେଲେ । ସେଇଠାରେ, ଯମୁନା ତୀରବର୍ତ୍ତୀ କଦମ୍ବମୂଳରେ ବାଳକ କୃଷ୍ଣଙ୍କର ଏକ ନୂତନ ପ୍ରତିଭାର ସ୍ଫୁରଣ ହେଲା । ଅପୂର୍ବ ବଂଶୀସ୍ୱନରେ ସେ ସ୍ପନ୍ଦିତ କଲେ ବାତାବରଣ । ଆହୁରି ମଧ୍ୟ ଏକ ସରୋବରର ଜଳକୁ ବିଷାକ୍ତ କରିଥିବା କାଳୀୟ ନାମକ ଭୟଙ୍କର ସର୍ପକୁ ସେ ଦମନ କଲେ । ସେ ପୁଣି ବର୍ଷକରେ ଥରେ ଇନ୍ଦ୍ରପୂଜା ପରିବର୍ତ୍ତେ ଗୋବର୍ଦ୍ଧନ ପର୍ବତକୁ ସଂବର୍ଦ୍ଧନା ଦେବା ବିଧି ପ୍ରବର୍ତ୍ତନ କରନ୍ତେ ଇନ୍ଦ୍ର ପ୍ରବଳ ଝଡ଼-ବର୍ଷା ଭିଆଇଲେ । କିନ୍ତୁ କୃଷ୍ଣ ସେ ପର୍ବତ ଟେକି ଧରି ତାହା ତଳେ ସଭିଙ୍କୁ ଦେଲେ ସୁରକ୍ଷା । କଂସ-ପ୍ରେରିତ ଏକ ପରେ ଏକ ଛଦ୍ମବେଶୀ ଦାନବ ତାଙ୍କ ହାତରେ ପ୍ରାଣ ଦେଲେ । ଅବଶେଷରେ ନାରଦଙ୍କ ପରାମର୍ଶ ଅନୁସାରେ କଂସ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ମଥୁରାକୁ ନିମନ୍ତ୍ରଣ କରି ଆଣି ପ୍ରୟୋଜନ ହେଲେ ସ୍ୱହସ୍ତରେ ନିଧନ କରିବାକୁ ସ୍ଥିର କଲା । ଦୂତ ରୂପେ ଅକ୍ରୂରଙ୍କୁ ପ୍ରେରଣ କଲା । ତା'ପରେ..]

ଅକ୍ରୂରଙ୍କ ଚିତ୍ତାକର୍ଷକ ରଥ ବୃନ୍ଦାବନରେ ପ୍ରବେଶ କରିବା ମାତ୍ରେ ସେ ଜନପଦରେ ଖେଳିଗଲା ଚାଞ୍ଚଲ୍ୟ । ରଥର ଅଶ୍ୱଯୋଡ଼ିକ ଯେତିକି ସବଳ ଓ ସୁଠାମ, ସାରଥି ଯେମିତି ଆକର୍ଷକ, ଆରୋହୀ ଅକ୍ରୂର ସେମିତି ସଭିଙ୍କ ଶ୍ରଦ୍ଧେୟ । କେତେଜଣ ପୁରବାସୀ ଦୌଡ଼ିଯାଇ ନନ୍ଦଙ୍କୁ ସେ ଅଭ୍ୟାଗତଙ୍କ ସମାଚାର ଦେଲେ । ନନ୍ଦ ପଥକୁ ବାହାରି ଆସି ଅକ୍ରୂରଙ୍କୁ ସ୍ୱାଗତ କଲେ । କୃଷ୍ଣ ଏବଂ ବଳରାମଙ୍କର ସେ ଗୁରୁଜନ । ସେ ଦୁହେଁ ତାଙ୍କୁ ପ୍ରଣାମ କଲେ ।

ଅଭ୍ୟର୍ଥନା ପର୍ବ ଶେଷ ହେବା ଅନ୍ତେ କୃଷ୍ଣଙ୍କୁ ଏକାନ୍ତରେ ପାଇ ଅକ୍ରୂର ନିଷ୍କପଟରେ ତାଙ୍କୁ ଜଣାଇଲେ କଂସର ଅଭିସନ୍ଧି କଥା । କୃଷ୍ଣ ତ ସବୁ ଅନୁମାନ କରିନେଇଥିଲେ । ସଙ୍ଗେ ସଙ୍ଗେ ଅକ୍ରୂରଙ୍କୁ ଯେ ତାଙ୍କ ପ୍ରକୃତ ପରିଚୟ ଜଣା, ସେକଥା ବି ସେ ବୁଝୁଥିଲେ । ''ହେ ମହାନୁଭବ, ଆପଣ ଚିନ୍ତା କରନ୍ତୁ ନାହିଁ । ଆପଣଙ୍କ ଶୁଭେଚ୍ଛା ଫଳବତୀ ହେବ । ମଥୁରାବାସୀମାନେ କଂସର ଦୌରାତ୍ମ୍ୟରୁ ରକ୍ଷା ପାଇବେ । ସେ ସମୟ ସମାଗତ ।'' ସେ ପ୍ରଦାନ କଲେ ଏ ପ୍ରତିଶ୍ରୁତି ।

କୃତଜ୍ଞତାରେ ଅଶ୍ରୁସଜଳ ହେଲେ ଅକ୍ରୂର । ପ୍ରଥମ କଥା, କୃଷ୍ଣଙ୍କୁ ଭେଟିବା ଦିଗରେ ତାଙ୍କର ପ୍ରବଳ ଆକାଂକ୍ଷା ପୂର୍ଣ୍ଣ ହେଲା; ଦ୍ୱିତୀୟରେ ସେ ନିଶ୍ଚିତ ହେଲେ ଯେ ବହୁ ବର୍ଷ ପରେ ମଥୁରା ରାଜ୍ୟରେ ବିରାଜମାନ କରିବ ଶାନ୍ତି ଓ ନିର୍ଭୟ ।

କିନ୍ତୁ ଅକ୍ରୂରଙ୍କୁ ଯଥାଶୀଘ୍ର ବିସ୍ମିତ ଓ ବିଚଳିତ ହେବାକୁ ପଡ଼ିଲା । ଜନପଦବାସୀ ଆବାଳବୃଦ୍ଧବନିତା ତାଙ୍କ ଉପରେ ଅସନ୍ତୁଷ୍ଟ ବୋଲି ତାଙ୍କ ଧାରଣା ହେଲା । ହେତୁ ବୁଝିବାକୁ ବିଳମ୍ବ ହେଲା ନାହିଁ । ସେମାନଙ୍କ ନୟନ ପିତୁଳା କୃଷ୍ଣ ଓ ବଳରାମଙ୍କୁ ଅକ୍ରୂର ସେମାନଙ୍କଠାରୁ ଅନ୍ତର କରିବେ, ଏକଥା ସେମାନେ ସହଜରେ ସହିଯିବେ କେମିତି ?

''ଆମେ ପଥ ଉପରେ ଶୋଇ ରହିବୁ । ଆମ ଉପର ଦେଇ ଅକ୍ରୁର ତାଙ୍କ ରଥ ଚଳାଇ ନେଇ ଯାଆନ୍ତୁ ।'' – କେହି କେହି ଏମିତି ସିଦ୍ଧାନ୍ତ କରୁଥିବାର ସେ ଶୁଣିଲେ । ସେ ଅବଶ୍ୟ ବିନୟଭରେ ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କଲେ – ଦୁଇ ବାଳକ ତ ପୁଣି ଏ ଇଲାକା ବାହାରେ ଦୁନିଆ ସହ ପରିଚିତ ହେବା ଚାହି ! ପୁଣି ରାଜାଙ୍କ ନିମନ୍ତ୍ରଣ ! ତାହା କ'ଣ ଏଡ଼ାଇ ଦିଆ ଯାଇପାରେ ?

କିଛି ଲୋକ ବୁଝିଲେ; ଅଧିକାଂଶ ବୁଝିଲେ ନାହିଁ । ଅଶୃଙ୍ଖଳ ଜନସମାବେଶ ଭିତର ଦେଇ କୃଷ୍ଣ ବଳରାମଙ୍କୁ ରଥାରୂଢ଼ କରାଇ ଅକ୍ରୁର ବିଦାୟ ନେବା ଅନ୍ତେ ଯେତେବେଳେ କଂସର ନିମନ୍ତ୍ରଣ ରକ୍ଷା କରିବାକୁ ତଥା ଆପଣାର ଉଦ୍‌ବିଗ୍ନତା ଯୋଗୁଁ ନନ୍ଦ ଏବଂ ଯଶୋଦା ମଧ୍ୟ ମଥୁରା ବାହାରିଲେ, ସେତେବେଳେ କୃଷ୍ଣଙ୍କର ସଖା ବାଳକବୃନ୍ଦ ଆଗ୍ରହରେ ସେମାନଙ୍କ ଅନୁସରଣ କଲେ ।

ସେମାନେ ମଥୁରାରେ ପହଞ୍ଚି ଦେଖିଲେ ନଗରୀ ଉପକଣ୍ଠରେ ଏକ ମନୋରମ ଶିବିରରେ କୃଷ୍ଣ ଏବଂ ବଳରାମଙ୍କୁ ସାଦରେ ରଖା ଯାଇଛି । ଅକ୍ରୁର ସେମାନଙ୍କ ଆଗମନର ସମ୍ବାଦ ଦିଅନ୍ତେ କଂସ ପରଦିନ ରାଜସଭାରେ ସେମାନଙ୍କୁ ଅଭ୍ୟର୍ଥନା କରାଯିବ ବୋଲି ଘୋଷଣା କଲା ।

ଆପଣାର ହାସ୍ୟ ଦମନ କରି କଂସ ସେଦିନ ମନେ ମନେ କହିଥିଲା, ''ଆଗାମୀ ପ୍ରଭାତରେ ଯମୁନା କୂଳରେ ଶେଷ ଥର ସକାଶେ ସୂର୍ଯ୍ୟୋଦୟ ଦେଖି ନିଅ ଦୁଇ ହତଭାଗ୍ୟ ବାଳକ ! ପୁନର୍ବାର ସେ ଦୃଶ୍ୟ ଦେଖିବାର ଯୋଗ ଆଉ ତୁମ କପାଳରେ ଜୁଟିବ ନାହିଁ !''

ନିଜର ସେ କଳ୍ପନା ଫଳବତୀ ହେବା ଦିଗରେ ସେ ଯେଉଁସବୁ ବ୍ୟବସ୍ଥା କରିଥିଲା, ବାରଂବାର ତାହା ତଦାରଖ କରି ସେ ସନ୍ତୁଷ୍ଟ ହେଲା ।

ଉଜ୍ଜ୍ୱଳ ପ୍ରଭାତରେ କୃଷ୍ଣ ଓ ବଳରାମ କଂସର ନଅର ଉଦ୍ଦେଶ୍ୟରେ ଅଗ୍ରସର ହେଲେ । ପଛେ ପଛେ ଆସୁଥା'ନ୍ତି ନନ୍ଦ, ଯଶୋଦା ତଥା ଗୋପ ବାଳକବୃନ୍ଦ । ମଥୁରାବାସୀମାନେ କୃଷ୍ଣ ବଳରାମଙ୍କ ଦିବ୍ୟରୂପରେ ମୁଗ୍ଧ ହେଉଥା'ନ୍ତି । ସେ ସୁରମ୍ୟ ଶୋଭାଯାତ୍ରାକୁ ଉଚ୍ଛ୍ୱସିତ ଅଭିବାଦନ ଜଣାଉଥା'ନ୍ତି ସେମାନେ । କଂସ ଭଳି ନିର୍ମମ ରାଜା ହଠାତ୍ ଏଭଳି ଦୁଇ ଅପରୂପ ବାଳକଙ୍କୁ କାହିଁକି ଶଙ୍ଖୋଳିବାକୁ ଉତ୍ସାହ ଅନୁଭବ କଲା ଅଧିକାଂଶଙ୍କ ନିମନ୍ତେ ତାହା ଥିଲା ଏକ ପ୍ରହେଳିକା । ତେବେ କାହାରି କାହାରି ମନକୁ ଆଚ୍ଛନ୍ନ କରୁଥିଲା ନାନାପ୍ରକାର ଆଶଙ୍କା । ସେ ଯାହାହେଉ, ମଥୁରାର ଜନସାଧାରଣଙ୍କ ସ୍ୱତଃସ୍ଫୂର୍ତ୍ତ ଜୟଧ୍ୱନି, ପୁଷ୍ପବର୍ଷଣ ଭିତର ଦେଇ ଦୁଇ ବାଳକ ଅଗ୍ରସର ହୋଇ ଉତ୍ତୁଙ୍ଗ ପ୍ରାସାଦର ଦ୍ୱାର ଦେଶରେ ପହଞ୍ଚି ଦେଖିଲେ ବିରାଟ ହାତୀଟିଏ ଗୋଟାଏ ପାହାଡ଼ ଭଳି ପ୍ରବେଶ ପଥ ରୁଦ୍ଧ କରି ଦଣ୍ଡାୟମାନ । ତହିଁ ପରେ ଆରୂଢ଼ ବିକଟ ଦର୍ଶନ ମାହୁନ୍ତ ଉଦ୍ଦେଶ୍ୟରେ ସ୍ୱାଭାବିକ କଣ୍ଠରେ କହିଲେ କୃଷ୍ଣ : ''ଆମେ ରାଜାଙ୍କର ନିମନ୍ତ୍ରିତ ଅତିଥି । ବାଟ ଛାଡ଼ ।''

ଏ ନିବେଦନର ପ୍ରତିକ୍ରିୟା ରୂପେ ମାହୁନ୍ତ ତତ୍‌କ୍ଷଣାତ୍ ହାତୀଟିକୁ ଦୁଇ ବାଳକ ଉପରେ ମଡ଼ାଇ ଦେବାର ଚେଷ୍ଟା କଲା । ଲୋକେ ଚିତ୍କାର କରି ଉଠିଲେ । କିନ୍ତୁ ଇଏ କ'ଣ ? ହାତୀଟି କ'ଣ ସତରେ ଶୂନ୍ୟକୁ ଲମ୍ଫ ଦେଉଛି ? ପରମୁହୂର୍ତ୍ତରେ ସେ ପ୍ରକାଣ୍ଡ ପ୍ରାଣୀ ତଳେ କଚାଡ଼ି ପଡ଼ିଲା – ନିଜ ପିଠି ତଳେ ମାହୁନ୍ତକୁ ନିଷ୍ପେଷିତ କରି ।

ହସି ହସି ବାହାରି ଆସିଲେ କୃଷ୍ଣ । ସେ ହାତୀ ଗୋଟିକର ଦୁଇ ଦାନ୍ତ ଉପାଡ଼ି ଆଣି ଗୋଟିଏ ବଳରାମଙ୍କୁ ଧରାଇ ଦେଲେ । କ୍ରମେ ବିସ୍ମୟଭାବ କଟାଇ ଲୋକେ ହର୍ଷଧ୍ୱନି କଲେ । ସେ ଧ୍ୱନି ପ୍ରବଳରୁ ହେଲା ପ୍ରବଳତର । ଚମକି ଉଠିଲା କଂସ ।

ପ୍ରାସାଦର ପ୍ରଧାନ ଦ୍ୱାର ଅତିକ୍ରମ କରି କୃଷ୍ଣ ଏବଂ ବଳରାମ ପ୍ରବେଶ କଲେ ପ୍ରଶସ୍ତ ଅଙ୍ଗନ ଭିତରେ । ଅଙ୍ଗନର ଅନ୍ତିମ ପ୍ରାନ୍ତରେ ଗୋଟିଏ ସୁରମ୍ୟ ମଞ୍ଚ । ତହିଁ ପରେ ଆସୀନ କଂସ । ପଛରେ ତା'ର ବିଶିଷ୍ଟ ଅମାତ୍ୟବୃନ୍ଦ । ତା' ଉପରେ ଆଖି ପଡ଼ିବା ମାତ୍ରେ ବାଳକ ଦୁଇଜଣ ତାକୁ ଅଭିବାଦନ ଜଣାଇଲେ । କିନ୍ତୁ ସେ ସୌଜନ୍ୟ ପ୍ରତି ଧ୍ୟାନ ନଦେଇ କଂସ ହିଂସ୍ର ଅଙ୍ଗଭଙ୍ଗୀ ସହକାରେ ତଳକୁ ଅନାଇ କିଛି ନିର୍ଦ୍ଦେଶ ଦେଉଥାଏ । ସେ ନିର୍ଦ୍ଦେଶ ବଳରେ ଦୁଇଗୋଟି ଅତିକାୟ ସ୍ଥାଣୁ ମୂର୍ତ୍ତି ଭଳି ଠିଆ ହୋଇଥିବା ଚାଣୁର ଓ ମୁଷ୍ଟିକ ନାମକ ଦୁଇ ରାକ୍ଷସ ମଲ୍ଲବୀର ଆଗକୁ ଡେଇଁ ପଡ଼ି ବାଳକ ଦୁହିଁଙ୍କୁ କହିବାର ଶୁଣାଗଲା, ''ଆମେ ଶୁଣିଲୁ ତୁମେ ଦୁହେଁ କୁଆଡ଼େ ଯୁଝିବାକୁ ଭାରି ଭଲ ପାଅ ! ଖେଳରେ ଖେଳରେ ଟିକିଏ ଖେଳିଲେ କେମିତି ହୁଅନ୍ତା ?''

''ଭୁଲ୍ ଶୁଣିଛ । ଆମେ ଆମ ସାଙ୍ଗ ପିଲାଙ୍କ ସହ ଖାଲି ଲୁଚକାଳି ଖେଳ ଖେଳିଥାଉ !'' କହିଲେ କୃଷ୍ଣ । କିନ୍ତୁ ସେତେବେଳକୁ ଚାଣୁର କୃଷ୍ଣଙ୍କର ଏବଂ ମୁଷ୍ଟିକ ବଳରାମଙ୍କର ଗୋଟାଏ ଗୋଟାଏ ହାତ କବ୍‌ଜା କରି ନେଇଥା'ନ୍ତି ।

କିନ୍ତୁ ସଭାସଦ୍‌ବର୍ଗଙ୍କ ଆଖି ଦେଖୁଛି କ'ଣ ? କୃଷ୍ଣ ଚାଣୁରର ହାତ ଧରି ତାକୁ ଦୁଇ ଚାରିଥର ଶୂନ୍ୟରେ ବୁଲାଇ ତଳେ କଚାଡ଼ି ଦେଲେ । ବଳରାମଙ୍କ ହାତରେ ସମଦଶା ଭୋଗିଲା ମୁଷ୍ଟିକ । ଅଙ୍ଗନ ଆବରିତ କରିଥିବା ଆଚ୍ଛାଦନ ବିଦୀର୍ଣ୍ଣ ହୋଇ ଯାଇଥାଏ । ସେ ଦୁଇ ଓଜନିଆ ରାକ୍ଷସଙ୍କ ପତନ ଯୋଗୁଁ ଧୂଳି ଉଠି ପରିବେଶକୁ ଅସ୍ପଷ୍ଟ କରିଦେଲା ।

ଏକ ଭୟଙ୍କର ଚିତ୍କାର କରି ମଞ୍ଚ ଉପରେ ସିଂହାସନ ଛାଡ଼ି ଠିଆ ହୋଇ ପଡ଼ିଥାଏ କଂସ । ଅଙ୍ଗନ ଭିତରକୁ ପଶି ଆସିଥିବା ଲୋକେ ଦେଖିଲେ ସେ ନିଜ ତରବାରି କୋଷମୁକ୍ତ କରିଛି । କିନ୍ତୁ ପରମୁହୂର୍ତ୍ତରେ ଶୁଭିଲା ଗୋଟାଏ ଆର୍ତ୍ତନାଦ ସମେତ ବପୁବନ୍ତ ମଣିଷଟିଏ ଭୂପତିତ ହେବାର ଶବ୍ଦ ।

କିଛି ସମୟ ପାଇଁ ବିରାଜମାନ କଲା ଏକ ପ୍ରକାର ଅସ୍ୱାଭାବିକ ନିସ୍ତବ୍ଧତା । ମୁହୂର୍ତ୍ତକ ପୂର୍ବରୁ ଯେଉଁ ପରିବେଶ ନାନାଦି ବାଦ୍ୟ, ହୁଙ୍କାର ଏବଂ ଧ୍ୱନି-ପ୍ରତିଧ୍ୱନିରେ ମୁଖରିତ ଥିଲା, ହଠାତ୍ ତାହା ମନେ ହେଲା ପ୍ରାଣ-ସ୍ପନ୍ଦନବିହୀନ ।

ଲୋକେ ସାମାନ୍ୟ ପ୍ରକୃତିସ୍ଥ ହୋଇ ଯାହା ଦେଖିଲେ, ପ୍ରଥମେ ତାହା ବାସ୍ତବ ବୋଲି ବିଶ୍ୱାସ କରିପାରିଲେ ନାହିଁ । ତଳେ ପଡ଼ିଥିଲା କଂସର ପ୍ରାଣହୀନ ବିଶାଳ କଳେବର । ତା' ଛାତି ଉପରୁ ବାଳକ କୃଷ୍ଣ ଓହ୍ଲାଇ ଆସୁଥିଲେ । ଅଦୂରରେ ପଡ଼ିଥାଏ ଚାଣୁର ଓ ମୁଷ୍ଟିକଙ୍କ ମୃତ ଦେହ ।

କେହି କେହି ଚେତା ହରାଇଲେ । କଂସର ମନ୍ତ୍ରୀ ଓ ଅମାତ୍ୟମାନେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଏଣେ ତେଣେ ଦୌଡ଼ିଲେ । ପ୍ରାସାଦ ଭିତରୁ ଦୌଡ଼ି ଆସିଲେ କଂସର ରାଣୀମାନେ । କୃଷ୍ଣ ସେମାନଙ୍କ ନିକଟକୁ ଯାଇ ନମ୍ର ଭାବରେ କହିଲେ, ''ମାମୁଙ୍କ ସ୍ନେହ ଲାଭ କରିବା ମୋ କପାଳରେ ନଥିଲା । କେତେ ବାଧାବିଘ୍ନ ଅତିକ୍ରମ କରି ମୁଁ ଯାଇ ତାଙ୍କୁ ପ୍ରଣାମ କରିବାକୁ ଉଦ୍ୟତ ହୁଅନ୍ତେ କାହିଁକି କେଜାଣି ସେ ଉତ୍‌କ୍ଷିପ୍ତ ହୋଇ ତରବାରି ଉଞ୍ଚାଇଲେ । ତେବେ ନିଜ ଭାରସାମ୍ୟ ରକ୍ଷା କରି ନପାରି ତଳକୁ ଖସି ପଡ଼ିଲେ । ତାଙ୍କୁ ଧରି ପକାଇବାକୁ ଯାଇ ମୁଁ ବି ତଳେ ପଡ଼ିଲି । କିଏ ବା ରୋକି ପାରିବ ନିୟତିର ବିଧାନ !''

ଯାହା କୃଷ୍ଣ ପ୍ରକଟ କରିପାରି ନଥା'ନ୍ତେ ତାହା ହେଲା, କୃଷ୍ଣଙ୍କ ଦୃଷ୍ଟି କଂସର ନୟନଯୁଗଳ ଉପରେ ନିବଦ୍ଧ ହେବା ମାତ୍ରକେ କଂସର ଘଟିଲା ବିପୁଳ ଭାବାନ୍ତର । ସେ ତଡ଼ିତ୍ ବେଗରେ ବୁଝିଲା କୃଷ୍ଣ କିଏ । ସେ ହେଲା ଅଭିଭୂତ । ନିଜର ଅଭିଶପ୍ତ ଜୀବନରୁ ଆତ୍ମା ତା'ର ତତ୍‌କ୍ଷଣାତ୍ କଲା ମୁକ୍ତିଲାଭ ।

ବହୁ ବର୍ଷ ପରେ ମଥୁରାର ଅଧିବାସୀଗଣ ମନଖୋଲି ହସିବାର ସାହସ କଲେ । କଂସ ମିଥ୍ୟା ଉତ୍ସବର ଆୟୋଜନ କରିଥିଲା । କିନ୍ତୁ ମଥୁରା ବ୍ୟାପୀ ସୃଷ୍ଟି ହେଲା ପ୍ରକୃତ ଉତ୍ସବର ବାତାବରଣ ।

କଂସର ଯଥାର୍ଥ ସତ୍କାରର ଆୟୋଜନ କରିବା ନିମନ୍ତେ କୃଷ୍ଣ ମନ୍ତ୍ରୀ ଓ ଅମାତ୍ୟମାନଙ୍କୁ ନିର୍ଦ୍ଦେଶ ଦେଇ ସାରି ତତ୍‌କ୍ଷଣାତ୍ ଯାଇ ପିତାମାତା ବସୁଦେବ ଏବଂ ଦେବକୀଙ୍କ ସମେତ କଂସ ନିଷ୍ଠୁର ଭାବରେ ବନ୍ଦୀ କରି ରଖିଥିବା ତା' ପିତା ଉଗ୍ରସେନଙ୍କୁ ମୁକ୍ତ କଲେ । ବିପୁଳ ସାମୂହିକ ଆନନ୍ଦ ଉଲ୍ଲାସ ଭିତରେ ଉଗ୍ରସେନ ପୁନର୍ବାର ନିଜ ସିଂହାସନ ଆରୋହଣ କଲେ । ସହସ୍ର ନାଗରିକ ଆସି ପ୍ରଣାମ କଲେ ସେମାନଙ୍କର ସେ ମହତ୍-ହୃଦୟ ନ୍ୟାୟସଙ୍ଗତ ରାଜାଙ୍କୁ ।

(କ୍ରମଶଃ)

❑❑❑

ପ୍ରଗତି ପାଇଁ ସ୍ଥୂଳ ସାନ୍ନିଧ୍ୟହିଁ ଏକାନ୍ତ ଅପରିହାର୍ଯ୍ୟ, ଏପରି ଭାବିବା ଏକ ବିରାଟ ଭ୍ରମ । ଏହା ତୁମ ପାଇଁ କିଛିହିଁ କରିବ ନାହିଁ ତୁମେ ଯଦି ଆନ୍ତର ସମ୍ପର୍କ ପ୍ରତିଷ୍ଠା ନକର; ସେତକ ବିନା ତୁମେ ସକାଳଠାରୁ ରାତି ପର୍ଯ୍ୟନ୍ତ ମୋ ସହ ରହୁଥିଲେ ମଧ୍ୟ ମୋତେ ତୁମେ ସତରେ ଭେଟିପାରିବ ନାହିଁ । କେବଳ ମାତ୍ର ଆନ୍ତର ଉନ୍ମୁକ୍ତି ଏବଂ ସମ୍ପର୍କ ଦ୍ୱାରାହିଁ ତୁମେ ମୋର ସାନ୍ନିଧ୍ୟ ଉପଲବ୍ଧି କରିପାର ।

— ଶ୍ରୀମା

# ହାରାଧନ

## (୮)

**ହାରାଧନଙ୍କର ଡାଏରିରୁ ଉଦ୍ଧୃତି :**

''୬ ଓ ୭ ଫେବ୍ରୁଆରୀ, ୧୯୨୭ରେ ('ନୂତନ ବାସଭବନ'ର* ମରାମତି କାମ ଏବଂ ଏହାକୁ ବସବାସ ଉପଯୋଗୀ କରିବା) କାମ ଆରମ୍ଭ ହୋଇ ଯାଇଥିଲା, ପ୍ରୟୋଗାତ୍ମକ ପରୀକ୍ଷା ପରେ ପରୀକ୍ଷା ପରିଚାଳନାର ସମାପ୍ତି ହେଲା । ସନ୍ଧ୍ୟା ସାତଟାରେ ମୁଁ ସେହି ବାସଭବନରେ ରହିବାକୁ ଅନୁମତି ପ୍ରାପ୍ତ ହୋଇ ପ୍ରବେଶ କଲି । ଶ୍ରୀଅରବିନ୍ଦ ଏବଂ ଶ୍ରୀମା ଆନୁମାନିକ ରାତି ସାଢ଼େ ଆଠଟାରେ ନୂତନ ବାସଭବନକୁ ପ୍ରବେଶ କଲେ । ନୂତନ ବାସଭବନଟି ତା'ର ଅପରୂପ ଶୋଭା-ସମ୍ଭାର ସହ ଦିବ୍ୟ-ଉପସ୍ଥିତିର ସୌରଭର ଆନନ୍ଦରେ ଅବଗାହନ କଲା ।''

ସେତେବେଳେ 'ମେଡ଼ିଟେସନ୍ ହାଉସ୍'ର ଉପର ମହଲାରେ ଶ୍ରୀମାଶ୍ରୀଅରବିନ୍ଦ ରହୁଥିଲେ । ଶିଡ଼ି ପାହାଚରେ ଉଠିଗଲେ ଡାହାଣପଟକୁ ଥିଲା ତିନୋଟି ହଲ୍ । ପ୍ରଥମଟି ଶ୍ରୀଅରବିନ୍ଦଙ୍କର ବିଶ୍ରାମ କକ୍ଷ (ଏବେ ଯେମିତି ଆମେ ଦର୍ଶନ କରୁ), ସାମନା ହଲ୍‌ରେ ସେ ଲେଖାପଢ଼ା କରୁଥିଲେ ଏବଂ ପଦଚାରଣା କରୁଥିଲେ ଏବଂ ତୃତୀୟ ହଲ୍‌ରେ ସମବେତ ମେଡ଼ିଟେସନ୍ ହେଉଥିଲା । ଏକେବାରେ ପୂର୍ବପଟକୁ (ଅର୍ଥାତ୍ ଡିସ୍‌ପେନ୍‌ସେରି ଦିଗରୁ) ତିନୋଟି ହଲ୍‌କୁ ଲାଗି ତିନୋଟି ଛୋଟ ଛୋଟ ଘର ଥିଲା – ଶ୍ରୀଅରବିନ୍ଦଙ୍କ ବିଶ୍ରାମ କକ୍ଷକୁ ଲାଗିଥିବା କୋଠରିଟି ଥିଲା ଶ୍ରୀମାଶ୍ରୀଅରବିନ୍ଦଙ୍କର ବୈଠକଖାନା, ମଝି ହଲ୍‌କୁ ଲାଗିଥିବା କୋଠରିଟି ଶ୍ରୀମା'ଙ୍କର ପ୍ରସାଧନ କକ୍ଷ ଏବଂ ମେଡ଼ିଟେସନ୍ ହଲ୍‌କୁ ଲାଗିଥିବା କୋଠରିଟି ଶ୍ରୀମା'ଙ୍କ ବିଶ୍ରାମ କକ୍ଷ (ଏବେ ଯୁଗ୍ମଦର୍ଶନ ରୁମ୍) ଥିଲା । ତଳୁ ଉପରକୁ ଶିଡ଼ି ପାହାଚରେ ଉଠିଗଲେ ସାମନାରେ ଥିବା ଛୋଟ କକ୍ଷଟି ଶ୍ରୀମାଶ୍ରୀଅରବିନ୍ଦଙ୍କର ସ୍ନାନାଗାର ଥିଲା ।

ତଳ ମହଲାରେ ରହୁଥିଲେ ନଳିନୀ, ପବିତ୍ର, ବାରୀନ୍ ଏବଂ ହାରାଧନ । ସେତେବେଳେ ହାରାଧନଙ୍କର କାର୍ଯ୍ୟଥିଲା : ଶ୍ରୀମାଶ୍ରୀଅରବିନ୍ଦଙ୍କ ସକାଶେ ନିତି ଗରମ ପାଣି ପ୍ରସ୍ତୁତ କରି ଉପର ମହଲାରେ ସ୍ନାନାଗାରରେ ରଖିବା । (ଏବେ ବି 'ବଏଲର୍'ଟି ରହିଛି, ଯାହା ଅବସର ପ୍ରାପ୍ତ – ଅତୀତର ଏକ ସୁଖପ୍ରଦ ସ୍ମୃତି ଚିହ୍ନ । ଏବେ ଯେଉଁ ଘରେ ଧୂପ, ପୁଷ୍ପ ଇତ୍ୟାଦି ସାଇତି ରଖାଯାଉଛି, ତା'ରି ଭିତରେ ।)

ଅନ୍ୟ କାର୍ଯ୍ୟଟି ଥିଲା – ବଡ଼ିଭୋରରୁ ଆଶ୍ରମର ସମଗ୍ର ଅଗଣାଟିକୁ ଝାଡ଼ୁଦେଇ ପରିଷ୍କାର ପରିଚ୍ଛନ୍ନ କରିବା, 'ଫ୍ଲୁଟ୍ ରୁମ୍' (ପରବର୍ତ୍ତୀ କାଳରେ ପୂଜା ଲାଲଙ୍କର ଘର ଥିଲା)ର ଯତ୍ନ ନେବା ଓ ସବୁକିଛିକୁ ସଜାଡ଼ି ରଖିବା ।

ଏତଦ୍ ବ୍ୟତୀତ ତାଙ୍କର ତୃତୀୟ କର୍ମଟି ଥିଲା ନିତି ସକାଳେ ଶ୍ରୀମା ଫୁଲ ବିତରଣ କରି ଆଶୀର୍ବାଦ ଦେଉଥିବା ସମୟରେ ଏବଂ ଦର୍ଶନ ଦିବସମାନଙ୍କରେ ସାଧକ-ସାଧିକା ଓ ଦର୍ଶନାର୍ଥୀଙ୍କର ଲମ୍ବା ଧାଡ଼ିକୁ ନିୟନ୍ତ୍ରିତ କରିବାରେ ଜଣେ

---

* ୨୪ ଡିସେମ୍ବର ୧୯୨୬; ଆଶ୍ରମର 'ସିଦ୍ଧି ଦିବସ'ର ଠିକ୍ ମାସକ ପରେ, 'ମେଡ଼ିଟେସନ୍ ହାଉସ୍'କୁ ମାସକୁ ୭୫ ଟଙ୍କା ଭଡ଼ାରେ ଆସନ୍ତା ଜାନୁଆରୀ ପହିଲାରୁ ତିନି ବର୍ଷ ପାଇଁ ନିଆଯିବାର ଚୁକ୍ତିନାମା କରାଗଲା ଏବଂ ଏହାକୁ ବସବାସ ଉପଯୋଗୀ କରାଇବା ସକାଶେ ଆବଶ୍ୟକୀୟ ମରାମତି ଖର୍ଚ୍ଚ ସ୍ୱରୂପ ତଦାନୀନ୍ତନ ଘର ମାଲିକ (ରାଘବ ଚେଟ୍ଟୀ)ଙ୍କୁ ୪୫୦ ଟଙ୍କା ଦିଆଯାଇଥିଲା । କିନ୍ତୁ ପନ୍ଦର ଦିନ ଭିତରେ ଶ୍ରୀମାଶ୍ରୀଅରବିନ୍ଦ ୧୪୦୦୦ ଟଙ୍କାରେ ଏହାକୁ ଖରିଦ କରି ନେବାକୁ ସିଦ୍ଧାନ୍ତ ନେଲେ ଏବଂ ୮ ଜାନୁଆରୀ ୧୯୨୭ରେ ପ୍ରଥମ କିସ୍ତିରେ ୭୦୦୦ ଟଙ୍କା ଏବଂ ୧୩ ଜୁଲାଇ ୧୯୨୭ରେ ଦ୍ୱିତୀୟ କିସ୍ତିରେ ୭୦୦୦ଟଙ୍କା ଘର ମାଲିକଙ୍କୁ ହସ୍ତାନ୍ତରିତ କରି ଖରିଦ ପତ୍ର ଚୁକ୍ତିନାମାରେ ଦସ୍ତଖତ କରିଥିଲେ ।

୭ ଫେବ୍ରୁଆରୀ ୧୯୨୭ରେ ଶ୍ରୀମାଶ୍ରୀଅରବିନ୍ଦ ଏହି ନୂତନ ବାସଭବନରେ ବସବାସ କରିବାକୁ ଆରମ୍ଭ କରିଥିଲେ । ପ୍ରକାଶ ଥାଉକି ଆଶ୍ରମର ପ୍ରଧାନ କୋଠାରେ ଥିବା ଚାରୋଟି ବାସଭବନ ଭିତରୁ ଏହିଟିକୁ ସବାଶେଷରେ ଭଡ଼ା ନିଆଯାଇଥିଲା ଏବଂ ସର୍ବପ୍ରଥମେ ଖରିଦ କରି ନିଆଯାଇଥିଲା । ('Sri Aurobindo Ashram : The Story of the Main Building' ଦ୍ରଷ୍ଟବ୍ୟ)

ପଥପ୍ରଦର୍ଶକ ତଥା ସାହାଯ୍ୟକାରୀ ସେବକ ଭାବରେ କାମ କରିବା ।

ସେ ଏହି କର୍ମଟିକୁ ନୀରବରେହିଁ କରୁଥିଲେ, କ୍ୱଚିତ୍ କଥାବାର୍ତ୍ତା କରୁଥିଲେ, ଆବଶ୍ୟକ ବି ପଡୁ ନଥିଲା । ଶ୍ରୀମା'ଙ୍କଠାରୁ ପୁଷ୍ପ ଓ ଆଶୀର୍ବାଦ ଗ୍ରହଣ କରିବା ସକାଶେ ଧାଡ଼ିର ସର୍ବପ୍ରଥମେ ସେ ଛିଡ଼ା ହେଉଥିଲେ । ଶ୍ରୀମା ସେତେବେଳେ 'ମେଡ଼ିଟେସନ୍ ହାଉସ୍'ର ତଳ ମହଲାର ହଲ୍-ବାରଣ୍ଡାରେ (ଏବେ ଯେଉଁଠି ଶ୍ରୀମା'ଙ୍କର ବଡ଼ ଫଟୋ ରହିଛି) ଚେୟାରରେ ବସି ପୁଷ୍ପ ଓ ଆଶୀର୍ବାଦ ଦେଉଥିଲେ । ମା'ଙ୍କଠାରୁ ଆଶୀର୍ବାଦ ପୁଷ୍ପ ଗ୍ରହଣ ପୂର୍ବକ ତାଙ୍କ ଚରଣରେ ପ୍ରଣାମ ଜଣାଇ ଯୋଡ଼ହସ୍ତରେ ଆଶ୍ରମ ଅଗଣାକୁ ବାହାରି ଆସି ଅଗଣାର ମୋଡ଼ରେ ଥିବା ଛୋଟ ଶିଡ଼ି ପାହାଚ ପାଖରେ ସମସ୍ତଙ୍କୁ ନମସ୍କାର ଜଣାଇବା ଭଙ୍ଗିରେ ସେମିତି ଯୋଡ଼ହସ୍ତରେ ଛିଡ଼ା ହେଉଥିଲେ ଏବଂ ବିଶେଷ କରି ନବାଗତ ଦର୍ଶନାର୍ଥୀମାନଙ୍କୁ ଧାଡ଼ିରେ ଯୋଗ ଦେବାକୁ ହାତ ହଲାଇ ଇଙ୍ଗିତରେ ନୀରବରେ ନିର୍ଦ୍ଦେଶ ଦେଉଥିଲେ । ସବୁକିଛି ଶାନ୍ତ, ନିଃସ୍ତବ୍ଧ, ପବିତ୍ର ଓ ଆନନ୍ଦମୟ ପରିବେଶରେ ହେଉଥିଲା ।

ଦିନକର ଘଟଣା । ବାଟ୍ଟୀ-ଦା'ଙ୍କର ସ୍ମୃତିଚାରଣରୁ : ''କଦବା କେବେ ଆମେ ତାଙ୍କୁ ହଠାତ୍ କ୍ରୋଧାନ୍ୱିତ ହେବାର ଲକ୍ଷ୍ୟ କରିଛୁ । ଥରେ ଜଣେ ବିରକ୍ତିକର ସ୍ୱଭାବର ଦର୍ଶନାର୍ଥୀ ହାରାଧନ-ଦା'ଙ୍କର ଶୃଙ୍ଖଳିତ କର୍ମଧାରାକୁ ଅମାନ୍ୟ କରି ତାଙ୍କର ବିନମ୍ର ସତର୍କତା ପ୍ରତି ଅମନୋଯୋଗୀ ହୋଇ ଧାଡ଼ିରେ ଆଗେଇ ଯିବାକୁ ଚାହିଲେ । ସେଇଠୁ ହାରାଧନ-ଦା' ଚିତ୍କାର କରି ଉଠିଲେ ଏବଂ ତାଙ୍କର ବିସ୍ଫାରିତ ଆରକ୍ତ ଚକ୍ଷୁ ଦୁଇଟି ଭୟଙ୍କର ଭାବରେ ସେହି ବ୍ୟକ୍ତିଙ୍କ ଉପରେ ନିବଦ୍ଧ ହୋଇ ଉଠିଲା । ବ୍ୟକ୍ତିଟି ଥରହର ହୋଇ ମୁହୂର୍ତ୍ତକ ମଧ୍ୟରେ ଝାଉଁଳି ସଙ୍କୁଚିତ ହୋଇ ଉଠିଲେ; ଏମିତିକି ସେଇ ବ୍ୟକ୍ତିଙ୍କ ପାଖରେ ଧାଡ଼ିରେ ଯେଉଁମାନେ ନୀରବରେ ଛିଡ଼ା ହୋଇଥିଲେ, ସେମାନଙ୍କର ଅବସ୍ଥା ମଧ୍ୟ ତଦ୍ରୂପ ହୋଇଉଠିଲା । ପର ମୁହୂର୍ତ୍ତରେ ସମଗ୍ର ପରିବେଶରେ ଶାନ୍ତି ଓ ଶୃଙ୍ଖଳାର ଘନ ଆବରଣ ପୁନଃ ପ୍ରତିଷ୍ଠିତ ହେଲା ।

''ଆନ୍ତରିକ ଭାବରେ ଜାଣିବା ଉଦ୍ଦେଶ୍ୟରେ ଜଣେ ଦର୍ଶନାର୍ଥୀ ହାରାଧନଙ୍କୁ ଥରେ ପଚାରିଥିଲେ, 'ଆଶ୍ରମରେ ସବୁଠାରୁ ଅଗ୍ରଣୀ ଓ ଶ୍ରେଷ୍ଠ ସାଧକ କିଏ ?' ହାରାଧନ ଆଗନ୍ତୁକ ବ୍ୟକ୍ତିଙ୍କ କଥାକୁ ନଶୁଣିଲା ପରି ଭାବ ଦେଖାଇ ଖସିଯିବାକୁ ଚାହିଲେ । କିନ୍ତୁ ବ୍ୟକ୍ତିଟି ନଛୋଡ଼ବନ୍ଦା ହୋଇ ତାଙ୍କ ପିଛା ଧରିଲେ ଏବଂ ପୁଣି ସେହି ସମାନ ପ୍ରଶ୍ନ ଟିକିଏ ବିନମ୍ର ଭାବରେ ପଚାରିଲେ । ଏଥର ଅନନ୍ୟୋପାୟ ହୋଇ ହାରାଧନ ତାଙ୍କୁ ଅଗଣାର ଗୋଟିଏ କଡ଼କୁ ଡାକି ନେଇ ଅନୁଚ୍ଚ ସ୍ୱରରେ ଶାନ୍ତ ଭାବରେ ତାଙ୍କ କାନମୂଳରେ କହିଲେ, 'ପ୍ରଥମ ଆପଣ, ତା'ପରେ ମୁଁ ।'...''

ଉପରୋକ୍ତ ମଜାଗଳ୍ପଟି ୨୦ ଜାନୁଆରୀ ୧୯୩୯ର 'ସାନ୍ଧ୍ୟ ବୈଠକ'ରେ ଚମ୍ପକଲାଲ କଥାଛଳରେ ଉଲ୍ଲେଖ କରିଛନ୍ତି । ତା'ପରେ ଶ୍ରୀଅରବିନ୍ଦ ଯେଉଁ ଦୁଇଟି ମଜା କଥାର ବର୍ଣ୍ଣନା ଦେଇଛନ୍ତି, ଆଶା କରୁ ଏଠାରେ ତା' ଉଲ୍ଲେଖ କଲେ ଅପ୍ରାସଙ୍ଗିକ ହେବ ନାହିଁ ।

ଶ୍ରୀଅରବିନ୍ଦ : ଏହି ଦୁଇ ଜଣକିଆ ('ଆପଣ ଓ ମୁଁ') ଘଟଣାଟି ଶୁଣି ମୋର ହ୍ୟୁଗୋଙ୍କର ହାସ୍ୟାସ୍ପଦ କଥା ସ୍ମରଣରେ ଆସୁଛି । ଥରେ ବାଲ୍‌ଜାକ୍ ତାଙ୍କ ବନ୍ଧୁଙ୍କୁ ଏହି ମର୍ମରେ କହିଥିଲେ ଯେ 'କେବଳ ଦୁଇ ଜଣ ବ୍ୟକ୍ତିହିଁ ସର୍ବୋତ୍କୃଷ୍ଟ ଓ ଉଚ୍ଚମାନର ଫ୍ରେଞ୍ଚ୍ ଲେଖି ପାରନ୍ତି – ମୁଁ ଏବଂ ହ୍ୟୁଗୋ ।' ଯେତେବେଳେ ହ୍ୟୁଗୋଙ୍କୁ ଏହି କଥା କୁହାଗଲା, ସେ ତତ୍‌କ୍ଷଣାତ୍ କହି ଉଠିଲେ, 'କିନ୍ତୁ ବାଲ୍‌ଜାକ୍ କାହିଁକି ?' (ହାସ୍ୟରୋଳ)

କ୍ୟାଲ୍‌ଭିନ୍(Calvin) ଧର୍ମାବଲମ୍ବୀ ଜଣେ ଭଦ୍ରମହିଳାଙ୍କ ସମ୍ବନ୍ଧେ ବି ସେଇ ସମାନ ଗଳ୍ପ ରହିଛି । ଏହି ଧର୍ମାବଲମ୍ବୀଙ୍କର ଏକ ଧାର୍ମିକ ବିଶ୍ୱାସ ରହିଛି ଯେ ମୃତ୍ୟୁ ପରେ ଜଣେ ସ୍ୱର୍ଗକୁ ଯିବ କି ନର୍କକୁ ଯିବ – ଏକଥା ପୂର୍ବନିର୍ଦ୍ଧାରିତ । ତାଙ୍କୁ ଯେତେବେଳେ ପଚରାଗଲା, 'ଆଚ୍ଛା, ଆପଣମାନେ ଯେଉଁ ସ୍ୱତନ୍ତ୍ର ଗୀର୍ଜାରେ ଯାଇ ନିୟମିତ ପ୍ରାର୍ଥନା ଜଣାଉଛନ୍ତି, ଅର୍ଥାତ୍ ଆପଣଙ୍କର ଗୋଷ୍ଠୀ ମୃତ୍ୟୁ ପରେ କେଉଁଠିକୁ ଯିବେ – ଏ ବିଷୟରେ ଜାଣିଛନ୍ତି କି ?' ସେଇଠୁ ସେ କହିଲେ, 'କେବଳ ମୁଁ ଏବଂ ଆମ ଧର୍ମଯାଜକଙ୍କ ବ୍ୟତୀତ ଅନ୍ୟ ସମସ୍ତେ ନର୍କକୁ ଯିବେ ଏବଂ ଧର୍ମଯାଜକଙ୍କ ସମ୍ବନ୍ଧେ ଏବେ ବି ମୋର ବେଶ୍ ସନ୍ଦେହ ରହିଛି ।' (ହାସ୍ୟରୋଳ)

('*Talks with Sri Aurobindo*', Nirodbaran, P. 182)

ପୁନଶ୍ଚ ବାଟୀଦା'ଙ୍କ ଲେଖାରୁ : ''ଆଶ୍ରମର ସେଇ ଅତୀତ ଦିନର ଘଟଣାଟିଏ । ଜଣେ ଆସ୍ପୃହାବାନ୍ ତରୁଣ ଆଶ୍ରମରେ ତାଙ୍କର ରହଣିର ପ୍ରଥମ ଦିନ ବା କିଛିଦିନ ପରେ ସେତେବେଳକାର 'ରିଡ଼ିଂରୁମ୍'ରେ* ବସି ଖବରକାଗଜ ପଢୁଥିଲେ । ପଢୁଥିବା ବେଳେ ସେ ହଠାତ୍ ଅନୁଭବ କଲେ ଯେ ତାଙ୍କ ପଶ୍ଚାତରେ କେହି ଜଣେ ଛିଡ଼ା ହୋଇଛନ୍ତି; ମୁହଁ

(*ପାଦଟୀକା ପର ପୃଷ୍ଠାରେ ଦେଖନ୍ତୁ*)

ଘୂରାଇ ଦେଖନ୍ତି ଜଣେ ତାନ୍ତ୍ରିକ ସଦୃଶ ପୃଥୁଳକାୟ ବ୍ୟକ୍ତି ତାଙ୍କୁ ଚାହିଁ ରହିଛନ୍ତି, ତରୁଣଟି ଟିକିଏ ଭୟ ପାଇଗଲେ । ତାନ୍ତ୍ରିକ ବ୍ୟକ୍ତିଟି ତାଙ୍କୁ ଆଶ୍ରମ ସମ୍ବନ୍ଧେ ବେଶ୍ କିଛି କଥା ଜଣାଇବା ପରେ ପରିଶେଷରେ ଉପଦେଶ ଦେବା ଛଳରେ କହିଲେ, 'ତୁମେ ଆଶ୍ରମକୁ ଆସିଛ ଶ୍ରୀମା'ଙ୍କର ଆଶ୍ରୟରେ, ତାଙ୍କ ସୁରକ୍ଷାରେ ଜୀବନ ଉତ୍ସର୍ଗ କରିବା ସକାଶେ । ସେ ତୁମକୁ ଅନାୟାସରେ ଅନେକ ସୁଯୋଗ ଦେବେ; ତୁମେ ତାଙ୍କଠାରୁ ଯାହା ଇଚ୍ଛା ତା' ମାଗିପାର; ଅତ୍ୟାବଶ୍ୟକ କିଛି ବା ଆମୋଦ-ପ୍ରମୋଦ ଓ ବିଳାସ ସକାଶେ ଯାହା କିଛି ମାଗିପାର – ସବୁ ସେ ପୂରଣ କରି ଦେବେ । ତୁମେ କିନ୍ତୁ ସେସବୁକୁ ପ୍ରତ୍ୟାଖ୍ୟାନ କରିବ – କିଛି ବି ମାଗିବ ନାହିଁ । ତୁମେ କେବଳ ତୁଳସୀ (ଶ୍ରଦ୍ଧା-ଭକ୍ତିର) ପତ୍ରଟିଏ ମାଗିବ ।'

''ଅବଶ୍ୟମ୍ଭାବୀ ଭାବେ ସେହି ଆସ୍ପୃହାଶୀଳ ତରୁଣଟି ନିରବଚ୍ଛିନ୍ନ ଭାବରେ ଆଶ୍ରମରେ ତାଙ୍କର ନୈଷ୍ଠିକ ଜୀବନ ଅତିବାହିତ କରି ବୟୋଜ୍ୟେଷ୍ଠ ହୋଇ ଉଠିଥିଲେ । କିନ୍ତୁ ସେଦିନର ସେଇ ତାନ୍ତ୍ରିକ(ହାରାଧନ)ଙ୍କଠାରୁ ଅଯାଚିତ ଭାବରେ ଲାଭ କରିଥିବା ବହୁମୂଲ୍ୟ ଜ୍ଞାନଗର୍ଭକ କଥାପଦକ ଜୀବନର ଶେଷ ଅବଧି ତାଙ୍କର ହୃଦୟଗୁହାରେ ଚିରସତେଜ ଓ ଜାଜ୍ୱଲ୍ୟମାନ ହୋଇ ଝଙ୍କୃତ ହେଉଥିଲା । ସେହି ଯୁବକଟି ଅନ୍ୟ କେହି ନଥିଲେ ସେ ଥିଲେ ଆମର ଅତ୍ୟନ୍ତ ପ୍ରିୟ, ନମସ୍ୟ ରବୀନ୍ଦ୍ର-ଜି ।''

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

---

* ଆଶ୍ରମର ଆଗକାର 'ରିଡ଼ିଂ ରୁମ୍', ଅର୍ଥାତ୍ ଖବରକାଗଜ ପଢ଼ାପଢ଼ି କରିବାର ରୁମ୍‌ଟିଏ ଥିଲା । ଶ୍ରୀମା ପ୍ରତୀକାତ୍ମକ ଭାବରେ ସେଇ ରୁମ୍‌ଟିର ନାମକରଣ କରିଥିଲେ, 'Room of Falsehood' (ମିଥ୍ୟାଚାରର କକ୍ଷ) । ପ୍ରକାଶ ଥାଉ କି ଏହି କକ୍ଷଟି ୨୪ ନଭେମ୍ବର ୧୯୨୬ ମସିହା ପୂର୍ବରୁ ଶ୍ରୀମାଶ୍ରୀଅରବିନ୍ଦଙ୍କ ସମେତ କତିପୟ ଅନ୍ତେବାସୀଙ୍କର ସମବେତ ଭୋଜନାଳୟ (ଡାଇନିଂ ରୁମ୍) ଥିଲା ଏବଂ ପରେ 'ରିଡ଼ିଂ ରୁମ୍' ଏବଂ ତା'ପରେ 'ଫ୍ରୁଟ୍-ରୁମ୍'ରେ ପରିଣତ ହୋଇଥିଲା ।

# ତୁମେ କୃପାମୟୀ ଜନନୀ ମୋହରି

## ସାଧୁଚରଣ ପଟ୍ଟନାୟକ

ଜୀବନ ସାୟାହ୍ନେ ମାନସେ ସୁମରି
ତୁମେ କୃପାମୟୀ ଜନନୀ ମୋହରି,
ଏ ଦୀନ ସନ୍ତାନେ ଆଶ୍ରୟ ନଦେଲେ
ନପାରିବେ ଆଉ କେହି । ।୦।

କରୁଛି ସ୍ମରଣ ମୋ ବାଲ୍ୟ କାଳରେ
ମୋର ଜନ୍ମଦାତ୍ରୀ ଜନନୀ ରୂପରେ
ଟିକି ବୟସର ହୃଦୟେ ମୋହରି
ଭରିଛ ବାତ୍ସଲ୍ୟ ସ୍ନେହ ସୁଧାବାରି
ଆଦରେ କୋଳକୁ ନେଇ । ।୧।



ତରୁଣ ବୟସେ ପାଠ ଓ ଖେଳରେ
ସକଳ ବିପଦ-ଆପଦ ବେଳରେ
ନେପଥ୍ୟରେ ରହି ପ୍ରଚ୍ଛନ୍ନ ରୂପରେ
ତୁମରି କୃପାର ଅଭୟ ବାହୁରେ
ରଖିଛ ମୋତେ ଘୋଡ଼ାଇ । ।୨।

ଯଉବନ ମଦେ ହେଲି ମୁଁ ଉନ୍ମତ୍ତ
ଅପକର୍ମେ ମାତି ହରାଇଲି ପଥ
ପହଞ୍ଚି ନିକଟେ ସଙ୍କଟ ବେଳରେ
ନେଲ ମୋତେ ସୌରଦୀପ୍ତ ସରଣୀରେ
ତୁମରି ଆଶିଷ ଦେଇ । ।୩।

ବାର୍ଦ୍ଧକ୍ୟରେ ଆଜି ଉପନୀତ ହୋଇ
ବଞ୍ଚିଛି ତୁମରି କରୁଣାକୁ ପାଇ
ସାହସ ହାରିଲେ ଆସି ମୋର ପାଶେ
ସ୍ନିଗ୍ଧ ଶୀତଳ ହାତର ପରଶେ
ନେଉଛ ପଥ ଦେଖାଇ । ।୪। ❑

# ଆମ ଶରୀର

## (୧୧)

## ଭୋଳେଶ୍ୱର ଭୂୟାଁ

### ଶରୀରର ସୁରକ୍ଷା

ପୃଥିବୀରେ ଯେତେ ଜୀବଜନ୍ତୁ ଅଛନ୍ତି ସେମାନଙ୍କୁ ପ୍ରକୃତିହିଁ ଗଢ଼ିଛି । ପ୍ରକୃତି ପ୍ରତ୍ୟେକ ଜୀବଜାତିଙ୍କ ଶରୀରରେ ପ୍ରତିରୋଧକ ଶକ୍ତି ନିହିତ କରି ରଖିଛି । ମଣିଷ ହେଲା ପ୍ରକୃତିର ଶ୍ରେଷ୍ଠ ଜୀବଜାତି । କିନ୍ତୁ ଏହି ମଣିଷ ଭିତରେ ପ୍ରତିରୋଧକ ଶକ୍ତି ଏତେ ଦୁର୍ବଳ କାହିଁକି ? ପଶୁପକ୍ଷୀମାନେ ନର୍ଦମାର ଆବର୍ଜନା ଖାଇ ମଧ୍ୟ ବେଶ୍ ସୁସ୍ଥସବଳ ରହି ପାରୁଛନ୍ତି । କିନ୍ତୁ ମଣିଷ ପରିଷ୍କାର ପରିଚ୍ଛନ୍ନ ରହି, ଫିଲ୍‌ଟର ଜଳ ପାନ କରି ମଧ୍ୟ ତାକୁ ଏତେ ରୋଗ କାହିଁକି ହେଉଛି ? ପଶୁ, ପକ୍ଷୀମାନଙ୍କୁ ପ୍ରାୟଶଃ ରୋଗ ହୁଏ ନାହିଁ, ରୋଗ ହେଲେ ମଧ୍ୟ ସେମାନେ ଡାକ୍ତରଙ୍କ ପାଖକୁ ଦୌଡ଼ନ୍ତି ନାହିଁ ବା ଔଷଧ ସେବନ କରନ୍ତି ନାହିଁ । ଯଦିବା କୌଣସି ରୋଗ ହୁଏ ସେମାନେ ପ୍ରକୃତି ହାତରେ ନିଜକୁ ଛାଡ଼ି ଦିଅନ୍ତି ଏବଂ ତାଙ୍କ ରୋଗ ଅନାୟାସରେ ଭଲ ହୋଇଥାଏ । ତେବେ ନିଜକୁ ପୃଥିବୀର ଶ୍ରେଷ୍ଠ ଜୀବ ବୋଲାଉ ଥିବା ମଣିଷକୁ ଏତେ ରୋଗ ହୁଏ କାହିଁକି ଏବଂ ସୁସ୍ଥ ହେବା ପାଇଁ ଔଷଧ ସେବନ କରିବାକୁ ପଡ଼ିଥାଏ କାହିଁକି ? ଆଜି ଆମକୁ ଏ ବିଷୟରେ ଗବେଷଣା କରିବାର ସମୟ ଆସିଯାଇଛି ।

ବାସ୍ତବରେ ପ୍ରକୃତି ଅନ୍ୟ ଜୀବଜାତିଙ୍କ ତୁଳନାରେ ମଣିଷକୁ କମ୍ ପ୍ରତିରକ୍ଷାକାରୀ ଶକ୍ତି ଦେଇ ନାହିଁ । ଶରୀରହିଁ ହେଲା ନିଜେ ତା'ର ନିଜର ଡାକ୍ତର । ଅର୍ଥାତ୍ ଶରୀରର ଯେକୌଣସି ରୋଗର ନିବାରଣ ପାଇଁ ଯଦି ତାକୁ ତା'ର ନିଜସ୍ୱ ପ୍ରତିରୋଧକ ଶକ୍ତି ଉପରେ ଛାଡ଼ି ଦିଆଯାଏ ତେବେ ଏ ପୃଥିବୀରୁ ରୋଗୀ ସଂଖ୍ୟା ଅନେକ କମି ଯାଆନ୍ତା – ଏକଥା ଅନେକ ଡାକ୍ତର ମଧ୍ୟ ମାନନ୍ତି । ପୃଥିବୀରେ ମଣିଷ ଦ୍ୱାରା ସୃଷ୍ଟ ସମସ୍ତ ଡାକ୍ତରୀ ବିଜ୍ଞାନଠାରୁ ଅଧିକ ଶ୍ରେଷ୍ଠ ବିଜ୍ଞାନ ହେଲା ଏହି ଶରୀରର ସୁରକ୍ଷା ବ୍ୟବସ୍ଥା । ଶରୀରର ବିଭିନ୍ନ କ୍ଷତିକାରକ ଉପାଦାନ ଯଥା – ନାନା ପ୍ରକାରର ରୋଗ ଜୀବାଣୁ ତଥା ବିଭିନ୍ନ ବିଷାକ୍ତ ପଦାର୍ଥ ଦ୍ୱାରା ଆମ ଶରୀରର ସାଧାରଣ ସ୍ୱାସ୍ଥ୍ୟ ସଂକଟାପନ୍ନ ହେଲେ ଏପରି ପରିସ୍ଥିତିରେ ଏହାର ପ୍ରତିକାର ପାଇଁ ଶରୀର ଯେଉଁ ବ୍ୟବସ୍ଥା ଗ୍ରହଣ କରିଥାଏ ତାକୁ ଶରୀରର ସୁରକ୍ଷା ବ୍ୟବସ୍ଥା (immunity) କୁହାଯାଏ । ଆମ ଶରୀରର ଅସ୍ଥି ମଜ୍ଜା (Bone marrow), ଲିଭର, ପ୍ଲିହା ତଥା ଲସିକା ଗ୍ରନ୍ଥି (Lymphatic gland) ଆଦିରୁ ଶ୍ୱେତ ରକ୍ତକଣିକା ତିଆରି ହୋଇଥାଏ, ଯାହାକି ଦିନ ରାତି ଆମ ଶରୀରରେ ଏହିସବୁ କ୍ଷତିକାରକ ଉପାଦାନକୁ ଖୋଜି ସେସବୁକୁ ନଷ୍ଟ କରି ଦିଏ । ଆମ ଶରୀରର ଅଗ୍ରଣୀ ସେନା ବାହିନୀର ନାମ ହେଲା NK (Natural Killer), ଅର୍ଥାତ୍ ପ୍ରାକୃତିକ ଧ୍ୱଂସକାରୀ କୋଷ । ଏହି କୋଷମାନେ ରକ୍ତ, ଲିଭର, ରସବାହୀ ନାଡ଼ି ଏବଂ ଅସ୍ଥି ମଜ୍ଜାରେ ଦେଖିବାକୁ ମିଳନ୍ତି । ଏମାନେ ତତ୍‌କ୍ଷଣାତ୍ ଶତ୍ରୁ ଉପରେ ଆକ୍ରମଣ କରି ତାକୁ ଧ୍ୱଂସ କରିଥାଆନ୍ତି । ପୁଣି କେବେ କେବେ ଆମ ଶରୀରର କିଛି କୋଷ ନିଜର ଗତାନୁଗତିକ ଗୁଣଧର୍ମର ବ୍ୟତିକ୍ରମ ଯୋଗୁଁ ସଂଗଠିତ ହୋଇ କ୍ୟାନ୍‌ସର ରୋଗର ସୂତ୍ରପାତ କରନ୍ତି । ସେତେବେଳେ ଏହି ସୁରକ୍ଷା ବାହିନୀର କୋଷସବୁ ଏମାନଙ୍କୁ ଧ୍ୱଂସ କରି ଆମକୁ କ୍ୟାନ୍‌ସର ରୋଗ ହେବାର ସମ୍ଭାବନାରୁ ମୁକ୍ତ କରିଥାଆନ୍ତି । ଏହା ଛଡ଼ା ଆମ ଶରୀରର ସୁରକ୍ଷା ବିଭାଗରେ ଆଉ ଦୁଇ ଦଳ ଉଚ୍ଚପଦସ୍ଥ ସେନାବାହିନୀ ରହିଛନ୍ତି, ଏମାନଙ୍କୁ B-cells ଏବଂ T-cells କୁହାଯାଏ । B-cells ସାଧାରଣତଃ ଅସ୍ଥି ମଜ୍ଜା ଓ ଲିଭରରେ ପ୍ରଶିକ୍ଷଣ ପାଇଥାଆନ୍ତି । T-cells ଆମ ସେନା ବାହିନୀର କମାଣ୍ଡୋ ବାହିନୀ । ଏମାନେ ଆମ ଫୁସ୍‌ଫୁସ୍‌ର ମଧ୍ୟ ଭାଗରେ ଥିବା ଥାଇମସ୍ ଗ୍ରନ୍ଥି କେନ୍ଦ୍ରରେ ପ୍ରଶିକ୍ଷଣ ପ୍ରାପ୍ତ ହୋଇଥାଆନ୍ତି । ଏହି କମାଣ୍ଡୋ ବାହିନୀ ଆମ ଶରୀରରେ କମ୍ ହୋଇ ଗଲେ ଆମ ଶରୀରର ସୁରକ୍ଷା ବ୍ୟବସ୍ଥା ସଂକଟରେ ପଡ଼ିଥାଏ । ବର୍ତ୍ତମାନ ବୈଜ୍ଞାନିକମାନେ ଚେଷ୍ଟା କରୁଛନ୍ତି ଏହି ସମସ୍ୟାକୁ କିପରି ସମାଧାନ କରାଯାଇପାରେ ଯଦ୍ଦ୍ୱାରା ମଣିଷ ଦୀର୍ଘଜୀବୀ ହେବ ।

ମନୁଷ୍ୟ ଶରୀରରେ ପ୍ରକୃତି ଏତେ ସୁରକ୍ଷା ବ୍ୟବସ୍ଥା ରଖିଥିଲେ ମଧ୍ୟ ସେ ଅନ୍ୟ ପଶୁମାନଙ୍କଠାରୁ ଅଧିକ ରୋଗଗ୍ରସ୍ତ ହୁଏ କାହିଁକି ? ଏହାର ପ୍ରଧାନ କାରଣ ହେଲା ମଣିଷର ମନ ।

ମଣିଷର ମନ ଭୟ, ସନ୍ଦେହ, ଆଶଙ୍କା, ଅହଂକାର, ତ୍ରୁଟିପୂର୍ଣ୍ଣ ବିଚାର ବୁଦ୍ଧି ଓ କେତେକ ଧାରଣାକୁ ନେଇ ଗଠିତ ହୋଇଥାଏ । ତେଣୁ ଏହା ତା'ର ନିଜସ୍ୱ ପଥରୁ ଓହରି ଯାଇ ଅପ୍ରାକୃତିକ ପଥରେ ଚାଲିଥାଏ । ଖାଲି ସେତିକି ନୁହେଁ ଶରୀରର ପ୍ରଭୁ ଭାବରେ ମନ ଶରୀରକୁ ପରିଚାଳନା କରିବାକୁ ଚେଷ୍ଟା କରିଥାଏ । ମନ ଓ ପ୍ରାଣ ଉଭୟେ ନିଜ ନିଜ କାମନା ବାସନାକୁ ଚରିତାର୍ଥ କରିବା ପାଇଁ ଶରୀରକୁ ବାଧ୍ୟ କରିଥାଆନ୍ତି । ଶରୀର ବିଚରା ମନ ଓ ପ୍ରାଣକୁ ନିଜର ପ୍ରଭୁ ଭାବରେ ସ୍ୱୀକାର କରିବାକୁ ବାଧ୍ୟ ହୁଏ ଓ ନିଜର କ୍ଷତି ସାଧନ ହେଲେ ମଧ୍ୟ ସେମାନଙ୍କ କଥା ମାନିଥାଏ । ଉଦାହରଣସ୍ୱରୂପ ଶରୀର ନିଜେ କେବେ ହେଲେ ମଦ, ତମାଖୁ ଓ ଧୂମପାନ କରିବାକୁ ଚାହି ନଥାଏ । କିନ୍ତୁ ମନ ଓ ପ୍ରାଣର କ୍ଷଣିକ ଉତ୍ତେଜନା ବଶରେ ଏହାକୁ ସେବନ କରିବାକୁ ଶରୀର ବାଧ୍ୟ ହୋଇଥାଏ । ଶରୀର ଉପରେ ଏହିସବୁ ଅତ୍ୟାଚାର ଫଳରେ ସେ ତା'ର ପ୍ରାକୃତିକ ରକ୍ଷାକବଚକୁ ହରାଇଥାଏ ଓ ସହଜରେ ରୋଗାକ୍ରାନ୍ତ ହୁଏ । ଆଜି ପୃଥିବୀର ଅଧିକାଂଶ ରୋଗ ମାନସିକ ଚାପ ଫଳରେ ହୋଇଥାଏ – ଏକଥାକୁ କେହି ଅସ୍ୱୀକାର କରି ପାରିବେ ନାହିଁ । ଯେକୌଣସି ରୋଗ ପାଇଁ ମନର ଭୟ, ଆଶଙ୍କା ଫଳରେ ଶରୀର ସେହି ରୋଗକୁ ବରଣ କରିଥାଏ । ତା'ଛଡ଼ା ମନ ନିରବଚ୍ଛିନ୍ନ ଚିନ୍ତା କରିବା ଦ୍ୱାରା, ବିଶେଷ କରି ଦୁଶ୍ଚିନ୍ତା କରିବା ଦ୍ୱାରା ଶରୀରର କ୍ରିୟା-କଳାପରେ ଅସମଞ୍ଜସତା ସୃଷ୍ଟି ହୁଏ ଓ ମଣିଷ ରୋଗଗ୍ରସ୍ତ ହୁଏ ।

ମଣିଷର ଏହି ବିକୃତ ମନକୁ ଯଥାର୍ଥ ମନରେ ପରିବର୍ତ୍ତନ କରିବାକୁ ହେଲେ ଆମକୁ ଯୋଗର ପନ୍ଥା (ପୂର୍ଣ୍ଣାଙ୍ଗ ଯୋଗ) ଗ୍ରହଣ କରିବାକୁ ପଡ଼ିଥାଏ । ମନକୁ ଶାନ୍ତ, ନୀରବ ଓ ଏକାଗ୍ର କରିପାରିଲେ ଓ ଏହା ଭିତରେ ଭଗବତ୍ ଇଚ୍ଛାଶକ୍ତିକୁ ଜାଗ୍ରତ୍ କରି ପାରିଲେ ଏହା ରୂପାନ୍ତର ହୋଇ ଭଗବାନଙ୍କର ଏକ ଦିବ୍ୟ-ଯନ୍ତ୍ର ରୂପେ କ୍ରିୟା କରିପାରେ । ସେତେବେଳେ ମଣିଷର ମନ କୁପ୍ରବୃତ୍ତିକୁ ଛାଡ଼ି ତା' ଭିତରେ ଏକ ଦିବ୍ୟ-ପ୍ରକୃତିକୁ ଜନ୍ମ ଦିଏ । ଯଦି ଦିବ୍ୟ-ପ୍ରକୃତି ଶରୀରର ମାଲିକ ହୋଇ ତା'କୁ ପରିଚାଳନା କରେ ତେବେ ଏ ପୃଥିବୀରେ ଜଡ଼ର ରୂପାନ୍ତର କାର୍ଯ୍ୟ ଆରମ୍ଭ ହୋଇପାରିବ ଓ ପୃଥିବୀପୃଷ୍ଠରେ ଏକ ନୂତନ ଜୀବଜାତି – ଅତିମାନବର ଆବିର୍ଭାବ ହେବ ।

ଆମ ସୁରକ୍ଷା ବ୍ୟବସ୍ଥା ଦୁର୍ବଳ ହେବାର ଅନ୍ୟ କାରଣ ହେଲା ଆମ ଆଚରଣ, ଆମ ପ୍ରକୃତି ଓ ଆମ କର୍ମ କରିବାର ଉପାୟ । ଏସବୁ ଆମେ କରି ଥାଉ ନିଜର ଅହଂକାରକୁ ନେଇ କେବଳ ନିଜକୁ ସନ୍ତୁଷ୍ଟ କରିବା ପାଇଁ, ନିଜ କ୍ଷୁଦ୍ର ସ୍ୱାର୍ଥର ପୂରଣ ପାଇଁ; ଯଦିଓ ଆମେ ଆମ କ୍ଷୁଦ୍ର ଜ୍ଞାନରେ ଜାଣିଥାଉ ଏସବୁ କିପରି କରିବା ଓ କେଉଁଥିପାଇଁ କରିବା । ଆମେ ଯଦି ସମସ୍ତ କର୍ମ, ସମସ୍ତ ଆଚରଣକୁ କେବଳ ଭଗବାନଙ୍କ ପାଇଁ କରୁ ଏବଂ ତାଙ୍କରି ଶକ୍ତି, ବୁଦ୍ଧି, ଜ୍ଞାନ ଦେଇ କରୁ ତେବେ ଏ ପୃଥିବୀରେ ଯଥାର୍ଥ କର୍ମ-ଯୋଗ ସମ୍ପାଦନ ହୋଇପାରିବ । ଫଳରେ ଶାନ୍ତି ଓ ସମଞ୍ଜସତା ପ୍ରତିଷ୍ଠା ହୋଇ ଏ ପୃଥିବୀର ରୂପାନ୍ତର ହେବ ଓ ଏହା ସ୍ୱର୍ଗଧାମରେ ପରିଣତ ହେବ । ଆମର କର୍ମ ଓ ଆଚରଣ ଯଥାର୍ଥ ହେଲେ ସ୍ୱୟଂ ଭଗବାନ୍ ଆମ ସୁରକ୍ଷାର ଭାର ନେବେ । ଆମ ଶରୀର ସର୍ବଦା ତାଙ୍କ ସୁରକ୍ଷାରେ ବର୍ମାବୃତ ହୋଇଗଲେ ଆମକୁ ଆଉ କୌଣସି ରୋଗ ଆକ୍ରମଣ କରିପାରିବ ନାହିଁ ।

କିନ୍ତୁ ଆମ ଆନ୍ତରିକତା ତଥା ଆମ ନିର୍ଭରତାରେ କୌଣସି ନିଷ୍ଠା ବା ସ୍ୱଚ୍ଛତା ନାହିଁ । ଆମ ଲକ୍ଷ୍ୟ ଓ ଆଦର୍ଶ ଖୁବ୍ ବିଶାଳ ଓ ମହାନ୍ ହେବା ସତ୍ତ୍ୱେ ଆମେ ବାରଂବାର ଏହି ପଥରୁ ଓହରି ଯାଉ କାହିଁକି ? ଏହାର କାରଣ ହେଲା ଆମେ ଏବେ ବି ଅସମ୍ପୂର୍ଣ୍ଣ ହୋଇ ରହିଛୁ, ଆନ୍ତରିକ ହୋଇପାରି ନାହୁଁ, ପ୍ରଭୁଙ୍କ ଚରଣରେ ପୂର୍ଣ୍ଣ ସମର୍ପିତ ହୋଇପାରି ନାହୁଁ, ମା'ଙ୍କର ଯଥାର୍ଥ ସନ୍ତାନ ହୋଇପାରି ନାହୁଁ । ଆମ ଭିତରେ ଉପୁଜୁଥିବା ଅସମଞ୍ଜସତାର ଅସଲ କାରଣ ଆମ ଭିତରେହିଁ ବିଦ୍ୟମାନ । ଆମ ଭିତରେ ସର୍ବଦା ସତ୍ୟ ଓ ଅସତ୍ୟର, ଅନ୍ଧକାର ଓ ଆଲୋକର, କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟର ଟଣା ଓଟରା ଚାଲିଛି । ଏହାହିଁ ସୃଷ୍ଟି କରୁଛି ଆମ ଭିତରେ ଭୟଙ୍କର ଅସମଞ୍ଜସତା । ଏହାହିଁ ହେଲା ସମସ୍ତ ରୋଗ, ଯନ୍ତ୍ରଣାର ଅସଲ କାରଣ । ସେଥିପାଇଁ ଅନ୍ୟର ପରିବର୍ତ୍ତନ ବଦଳରେ ନିଜକୁ ପରିବର୍ତ୍ତନ କରିବାକୁ ହେବ । ଅନ୍ୟର ଦୋଷ ଦୁର୍ବଳତାକୁ ନଦେଖି ନିଜର ଦୋଷ ଦୁର୍ବଳତାକୁ ଚିହ୍ନି ତାକୁ ରୂପାନ୍ତର କରିବାକୁ ହେବ । ମା'ଶ୍ରୀଅରବିନ୍ଦଙ୍କ ବାଣୀକୁ ଠିକ୍ ଭାବରେ ନବୁଝି, ଜୀବନ ଓ କର୍ମରେ ଉପଯୁକ୍ତ ଭାବେ ପ୍ରୟୋଗ ନକରି, କେବଳ ଜ୍ଞାନାର୍ଜନ କରି ଅନ୍ୟକୁ ପ୍ରବଚନ ଦେଲେ ଚଳିବ ନାହିଁ । ପ୍ରାଣ ଓ ଶରୀରର ଯଦି କିଛି ଅଗ୍ରଗତି ନହୁଏ ତେବେ ଏହି ଜ୍ଞାନଯୁକ୍ତ ମନର ବିଶେଷ କିଛି ମୂଲ୍ୟ ନାହିଁ । ଏପରି ବ୍ୟକ୍ତି ଯଥାର୍ଥରେ ପୂର୍ଣ୍ଣଯୋଗର ସାଧକ ହୋଇପାରନ୍ତି ନାହିଁ । ଏମାନଙ୍କ ଭିତରେ ବିଶେଷ କରି ଜ୍ଞାନର ଅହଂକାର ଆସିଯାଏ । ଦିବ୍ୟକର୍ମର ଯଥାର୍ଥ

କର୍ମୀ ହେବା ପରିବର୍ତ୍ତେ ଏମାନେ ନିଜ ଅହଂକାରର ତୁଷ୍ଟି ପାଇଁ କର୍ମ କରି ଥାଆନ୍ତି । ଏପରି ବ୍ୟକ୍ତିମାନେ ନିଜ ଭିତରେ ଅସମଞ୍ଜସତା ସୃଷ୍ଟି କରି ବିଭିନ୍ନ ରୋଗ-ଯନ୍ତ୍ରଣା ଉତ୍ପନ୍ନ ହେବାର କ୍ଷେତ୍ର ନିଜ ଶରୀରରେ ସୃଷ୍ଟି କରନ୍ତି ।

ପୂର୍ଣ୍ଣଯୋଗର ଯଥାର୍ଥ ଅର୍ଥ ହେଲା ଆମେ ସାଧନା ମାଧ୍ୟମରେ ଆମ ମନ, ପ୍ରାଣ, ଶରୀର ଚେତନା ତଥା ସ୍ଥୂଳ ଶରୀରର ଅଗ୍ରଗତିର ପ୍ରୟାସ କରିବା । ସେଥିପାଇଁ ଏହି ସମସ୍ତ କ୍ଷେତ୍ରରେ ଚୈତ୍ୟସତ୍ତାକୁ ଜାଗରିତ କରି ଏ ସମସ୍ତକୁ ତା'ର ଗୁଣ ଧର୍ମରେ ପରିଣତ କରିବା । ଏହି ସମସ୍ତ କ୍ଷେତ୍ରରେ ଚୈତ୍ୟିକରଣ ହୋଇ ପାରିଲେ ଆମେ ପୂର୍ଣ୍ଣଯୋଗର ପ୍ରଥମ ପାବଛକୁ ଅତିକ୍ରମ କରି ପାରିବା । ଏସବୁ କ୍ରିୟା କେବଳ ଆମ ଚେଷ୍ଟା ଫଳରେ କେବେହେଲେ ସଫଳ ହୋଇପାରିବ ନାହିଁ । ଏଥିପାଇଁ ମା'ଶ୍ରୀଅରବିନ୍ଦଙ୍କର ସାହାଯ୍ୟ ଆମ ପାଇଁ ଏକାନ୍ତ ଆବଶ୍ୟକ । ମା'ଶ୍ରୀଅରବିନ୍ଦଙ୍କୁ ସମର୍ପଣ କଲେ ଆମ ଭିତରେ ଅତିମାନସ ଶକ୍ତି କ୍ରିୟା କରିଥାଏ ଓ ଆମର ପ୍ରତ୍ୟେକ ପଦକ୍ଷେପରେ ସେ ଆମକୁ ପଥ ପ୍ରଦର୍ଶନ କରିଥା'ନ୍ତି । ଆମ ଭିତରେ ପୂର୍ଣ୍ଣ ସମଞ୍ଜସତା ପ୍ରତିଷ୍ଠା କରି ଏହି ଶକ୍ତି ଆମକୁ ରୂପାନ୍ତରିତ କରିବ ଓ ପୃଥିବୀପୃଷ୍ଠରେ ଦିବ୍ୟ-ଜୀବନ ପ୍ରତିଷ୍ଠା କରିବାର ଦ୍ୱାର ଉନ୍ମୁକ୍ତ କରିବ । ଏହା ଆମକୁ ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରି ଆମ ଶରୀରର ସୁରକ୍ଷା ସହିତ ସକଳ ରୋଗ ଯନ୍ତ୍ରଣାରୁ ମୁକ୍ତ କରି ଆମକୁ ଅମରତ୍ୱର ପଥରେ ନେଇଯିବ । ଏ ବିଷୟରେ ଶ୍ରୀଅରବିନ୍ଦ କହୁଛନ୍ତି : "...in the Supramental it is a law of the nature, in a supramentalized body immunity from illness would be automatic, inherent in its new nature."

(Illness and perfect Health, P. 33-34)

ଅର୍ଥାତ୍ ''ଅତିମାନସ ପ୍ରକୃତିର ଏକ ନିୟମ ହେଲା ଶରୀରର ସୁରକ୍ଷା ବ୍ୟବସ୍ଥା ସ୍ୱାଭାବିକ ଭାବେ ଅନ୍ତର୍ନିହିତ ହୋଇ ରହିଥାଏ ଏହାର ନୂତନ ପ୍ରକୃତି ଭାବରେ ।''

ଶରୀରର ସୁରକ୍ଷା ପାଇଁ ଔଷଧ ସେବନ କରି ନୁହେଁ ତା' ବଦଳରେ ବ୍ୟାୟାମ, ଆସନ, ପ୍ରାଣାୟାମ ଏକାନ୍ତ ଆବଶ୍ୟକ ।

(କ୍ରମଶଃ) ❑

*ପ୍ରଶ୍ନ : ମା', ଆମର ସଂକଳ୍ପକୁ ଆମେ ଖୁବ୍ ଦୃଢ଼ କରିବୁ କିପରି ?*

**ଶ୍ରୀମା** : ଖୁବ୍ ଦୃଢ଼ କରିବା ପାଇଁ ଇଚ୍ଛା କରିବା ଦ୍ୱାରା (ହାସ୍ୟ) ନା, ଏହା ହୁଏତ ପରିହାସ ପରି ଲାଗୁଛି ... କିନ୍ତୁ ପ୍ରକୃତରେ ଏହା ନିର୍ଭୁଲ ଭାବରେ ସତ୍ୟ । ଆମେ ଯଥାର୍ଥରେ ଏଥିପାଇଁ ଇଚ୍ଛା କରୁନା ।... ଏଥିପାଇଁ ଆନ୍ତରିକତାର ଅଭାବ ଥାଏ । ତୁମେ ଯଦି ଆନ୍ତରିକଭାବରେ ଦେଖ ତା'ହେଲେ ଦେଖି ପାରିବ କୌଣସି ବିଷୟରେ ତୁମେ ନିଷ୍ପତ୍ତି ନେଇଛ ଯେ ଏହି ବିଷୟଟି ଏହି ଭାବରେ ହେବା ଉଚିତ, କିନ୍ତୁ ତା'ପରେ ଦେଖିବ ତା' ତଳେ ଏପରି କିଛି ରହିଯାଇଛି ଯାହାକି ଆଦୌ ଏହି ନିଷ୍ପତ୍ତି ନେଇ ନାହିଁ ଏବଂ ଏହା ଦ୍ୱିଧା ବା କୁଣ୍ଠାର ସେହି ମୁହୂର୍ତ୍ତଟିକୁ ଅପେକ୍ଷା କରୁଛି ଯେତେବେଳେ ଏହା ପଦାକୁ ବାହାରି ଆସିବାର ସୁଯୋଗ ପାଇବ । ତୁମେ ଯଦି ଆନ୍ତରିକ ହୋଇଥିବ, ଯଦି ଆନ୍ତରିକ ଭାବରେ ସତ୍ତାର ସେହି ଅଂଶଟିକୁ ଧରି ଦେଇପାରିବ ଯେ ନିଜକୁ ଲୁଚାଇ ରଖିଛି, ଅପେକ୍ଷା କରୁଛି, ନିଜକୁ ଦେଖାଉ ନାହିଁ, ଯେ ଜାଣେ ଯେ ଦ୍ୱିଧାର ସେହି ମୁହୂର୍ତ୍ତଟି ଆସିବ ଯେତେବେଳେ କି ସେ ବାହାରକୁ ବାହାରି ଆସିବ ଏବଂ ଯେଉଁ ଜିନିଷଟି ନ କରିବା ପାଇଁ ତୁମେ ନିଷ୍ପତ୍ତି କରିଥିଲ ତାହା ପୁଣି ତୁମ ଦ୍ୱାରା କରାଇ ନେବ ...

କିନ୍ତୁ ପ୍ରକୃତରେ ଯଦି ତୁମେ ତାହା ଚାହଁ, ପୃଥିବୀରେ ଏପରି କିଛି ନାହିଁ ଯାହାକି ତୁମେ ନିଷ୍ପତ୍ତି କରିଥିବା ଜିନିଷଟିକୁ କରିବା ପାଇଁ ବାଟ ଛାଡ଼ିବ ନାହିଁ । ଏପରି ହେବାର କାରଣ ହେଉଛି ଏଥିପାଇଁ କିପରି ସଂକଳ୍ପ କରିବାକୁ ହୁଏ ତାହା ତୁମେ ଜାଣ ନାହିଁ । ଏହାର କାରଣ ହେଉଛି ତୁମ ନିଜ ସଂକଳ୍ପ ଦ୍ୱିଧା ବିଭକ୍ତ । ତୁମେ ଯଦି ନିଜ ସଂକଳ୍ପରେ ଦ୍ୱିଧା ବିଭକ୍ତ ହୋଇ ନ ଥା'ନ୍ତ, ତେବେ ମୁଁ କହିବି କୌଣସି ଜିନିଷ ନାହିଁ, ପୃଥିବୀରେ ଏପରି କେହି ନାହିଁ, ଯେ କି ତୁମ ସଂକଳ୍ପକୁ ବଦଳାଇ ଦେଇ ପାରିବ ।

# ତୋତ୍ତୋ-ଚାନ୍

## (୫)

## ତେତ୍‌ସୁକୋ କୁରୋୟାନାଗି

[କୁନି ଝିଅ ତୋତ୍ତୋ-ଚାନ୍‌ର 'ତୋମୋଏ' ସ୍କୁଲରେ ଅଭିନବ ଧାରାରେ ବିଦ୍ୟାଧ୍ୟୟନ ବାସ୍ତବିକ କାହାଣୀଠାରୁ ଅନେକ ଅଧିକ ଜୀବନଧର୍ମୀ । ବର୍ତ୍ତମାନର ନୀରସ ଶିକ୍ଷା ବ୍ୟବସ୍ଥା ଉପରେ ଏହା ଏକ ଗଭୀର ଅଭିଯୋଗ ତଥା ମାର୍ଗଦର୍ଶକ । ଶିକ୍ଷାବିତ୍, ଶିଶୁ ମନସ୍ତତ୍ତ୍ୱବିତ୍ ଏବଂ ସମାଜବିଜ୍ଞାନୀଆଦିଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଦର୍ଭ ।...

ବିଗତ ସଂଖ୍ୟାରେ ପ୍ରକାଶିତ କାହାଣୀ ଅନୁଯାୟୀ 'ତୋମୋଏ' ସ୍କୁଲର ପ୍ରତ୍ୟେକଟି କାର୍ଯ୍ୟକ୍ରମ ତୋତ୍ତୋ-ଚାନ୍‌କୁ ଏକ ଏକ ନୂଆ ଅନୁଭୂତି ଭେଟି ଦେଇ ଚାଲିଛି । ସେ ଶିକ୍ଷା ଶ୍ରେଣୀଗୃହ ବା ଶିକ୍ଷା ପୁସ୍ତକ ଭିତରେ ସୀମିତ ନଥିଲା । ସେ ଶିକ୍ଷା ସୁଦୂର ପ୍ରସାରୀ – ସ୍କୁଲର ପାଠପଢ଼ାଠାରୁ ଖାଦ୍ୟ ଗ୍ରହଣ ପର୍ଯ୍ୟନ୍ତ, ବଗିଚାରେ ଘୁରିବୁଲୁଥିବା ପ୍ରଜାପତିଠାରୁ ଆକାଶର ତାରା ପର୍ଯ୍ୟନ୍ତ ସମସ୍ତେ ତା'ର ଶିଖିବା, ଜାଣିବା ଆଉ ବୁଝିବାର ଅନ୍ତର୍ଭୁକ୍ତ । ପ୍ରଧାନ ଶିକ୍ଷକ ତାଙ୍କର ପ୍ରିୟ ପରିଚିତ ବନ୍ଧୁଟି ପରି । ସ୍କୁଲର କାର୍ଯ୍ୟକ୍ରମରେ ପିଲାମାନଙ୍କ ମତାମତକୁ ସେ ସ୍ୱାଗତ କରୁଥିଲେ, ଏମିତିକି ଆପଣାର ଖିଆଲରେ ତୋତ୍ତୋ-ଚାନ୍ ନୂତନ ଅନୁଭୂତି ଆହରଣରେ ପ୍ରୟାସୀ ହେଲା ବେଳେ ପରିଣାମ ପ୍ରତି ଦୃଷ୍ଟି ନ ଦେଇ ସେ ତାକୁ ପ୍ରୋତ୍ସାହିତ ତଥା ସହଯୋଗ କରିଥିଲେ ।... ପ୍ରଧାନ ଶିକ୍ଷକଙ୍କର ତା' ଉପରେ ଭରସା ଓ ବିଶ୍ୱାସ ତା'ର ଆତ୍ମସମ୍ମାନ ବୃଦ୍ଧିରେ ସାହାଯ୍ୟ କରିଥିଲା । ତେବେ ତୋତ୍ତୋ-ଚାନ୍‌ର ପ୍ରୟାସର ମୂଲ୍ୟହିଁ ଥିଲା ତା'ର ଅକୁହା ଆତ୍ମ-ସନ୍ତୋଷ । ତା'ପରେ...]

### ଆଉ ଗୋଟିଏ ରେଳଡବା

''ଆଜି ରାତିରେ ଗୋଟିଏ ନୂଆ ରେଳଡବା ଆସୁଛି'', ଖାଇବା ସମୟରେ ମିୟୋ-ଚାନ୍ କହିଲା । ସେ ଥିଲା ପ୍ରଧାନ ଶିକ୍ଷକଙ୍କର ତୃତୀୟ ଝିଅ ଓ ତୋତ୍ତୋ-ଚାନ୍‌ର ସହପାଠୀ ।

ଏଯାଏଁ ଛଅଟି ରେଳଡବାରେ ଶ୍ରେଣୀ ଚାଲିଥିଲା । କିନ୍ତୁ ଆଜି ଆଉ ଗୋଟିଏ ଆସୁଛି, ମିୟୋ-ଚାନ୍ କହିଲା ନୂଆ ଡବାରେ ତାଙ୍କର ପାଠାଗାର ରହିବ, ପିଲାମାନେ ଖୁସିରେ ଉଚ୍ଛୁଳି ପଡ଼ିଲେ । କିଏ ଜଣେ କହିଲା, ''ମୁଁ ଭାବିପାରୁନି କେଉଁ ରାସ୍ତାରେ ଏହା ସ୍କୁଲ ଭିତରକୁ ଆସିବ ।'' କେହି ଏ ବିଷୟରେ ଜାଣି ନଥିଲେ, କିଛି ସମୟ ପାଇଁ ସମସ୍ତେ ଚୁପ୍ ହୋଇ ଭାବିବାକୁ ଲାଗିଲେ ।

''ବୋଧେ ଏହା ଓଇମାଚି ଲାଇନରେ ଆସିବ ଓ ଲେଭେଲ୍ କ୍ରସିଂ ପାଖରେ ଅଲଗା ହୋଇ ଏଆଡ଼େ ଆସିବ ।'' କିଏ ଜଣେ ମତ ଦେଲା, ଏପରି ହେଲେ ତାକୁ ରେଳଲାଇନ ଛାଡ଼ିବାକୁ ପଡ଼ିବ ।

ଆଉ ଜଣେ କହିଲା, ''ସେମାନେ ତାକୁ ଗୋଟିଏ ଶଗଡ଼ରେ ବୋହିକି ଆଣିପାରନ୍ତି ।'' ସାଙ୍ଗେ ସାଙ୍ଗେ ଆଉ ଜଣେ କହିଲା, ''ଏହି ଡବାଗୁଡ଼ିକୁ ବୋହିବା ପାଇଁ ଏତେ ବଡ଼ ଶଗଡ଼ ଗାଡ଼ି କାହିଁ ?''

''ମୁଁ କିଛି ଭାବିପାରୁନି ...'', ଆଉ ବାଟ ଦିଶିଲାନି । ପିଲାମାନେ ଜାଣୁଥିଲେ ଯେ ବଗିଟି ଗୋଟିଏ ଶଗଡ଼ ବା ଟ୍ରକରେ ବି ଜାଗା ଧରିବନି । ବେଶ୍ ସମୟ ଭାବିବା ପରେ ତୋତ୍ତୋ-ଚାନ୍ କହିଲା, ''ରେଳଲାଇନ ! ମୁଁ ଭାବୁଛି ସେମାନେ ସ୍କୁଲଯାଏଁ କିଛି ରେଳଧାରଣା ବିଛାଇ ଦେବେ ।''

ଜଣେ କିଏ ପଚାରିଲା, ''କେଉଁଠୁ ଲାଇନ ପକାଇବେ ?'' ''କେଉଁଠୁ ? ଏବେ ଯେଉଁଠି ଟ୍ରେନ୍‌ଟି ଅଛି ସେଇଠୁ'', ଏହା କହିବା ସଙ୍ଗେ ସଙ୍ଗେ ତୋତ୍ତୋ-ଚାନ୍ ବୁଝିଲା ଯେ ତା' ଉପାୟଟି ସେତେ ଭଲ ନୁହେଁ । ସେ ଜାଣି ନଥିଲା ଯେ ବଗିଟି କେଉଁଠୁ ଆସିବ । ସିଧା ବାଟ ପାଇଁ ସେମାନେ ତ ଆଉ ଘରଦ୍ୱାର ଭାଙ୍ଗି ଲାଇନ ଟାଣି ଦେଇ ପାରିବେନି ।

ଏମିତି କେତେ ଉପାୟ ସେମାନେ ଖୋଜିଲେ ହେଲେ କିଛି କାମର ହେଲାନି । ପିଲାମାନେ ଠିକ୍ କଲେ ଯେ ସେଦିନ ଉପର ବେଳା ଘରକୁ ନ ଫେରି ରେଳଡବା ଆସିବା ଯାଏଁ ଅପେକ୍ଷା କରିବେ । ପ୍ରଧାନ ଶିକ୍ଷକଙ୍କ ଝିଅ ମିୟୋ-ଚାନ୍‌କୁ ବାଛି ତା' ବାପାଙ୍କ ପାଖକୁ ପଠାଇଲେ । ରାତି ଯାକ ସ୍କୁଲରେ ରହି ପାରିବା ପାଇଁ ଅନୁମତି ଆଣିବା କାମ ସେ କରିବ । ସେ ବେଶ୍ କିଛି ସମୟ ପରେ ଫେରିଲା । ସେ କହିଲା, ''ଆଜି

ବହୁତ ରାତିରେ ବଗିଟି ଅଣାଯିବ – ସବୁ ଟ୍ରେନ୍ ଯିବା ଆସିବା ବନ୍ଦ ହେବା ପରେ । ତେଣୁ ସମସ୍ତେ ଘରକୁ ଯିବେ, ଯିଏ ଦେଖିବାକୁ ଚାହୁଁଛି ସେ ଘରୁ ଅନୁମତି ନେଇ ଆସିବ । ଘରେ ଖାଇବା ସାରି, ପାଇଜାମା କମ୍ବଳ ଆଣି ରାତିରେ ସ୍କୁଲରେ ରହିପାରିବ । ''ହୋ-ହୋ'', ପିଲାଙ୍କ ଭିତରେ ନାହିଁ ନଥିବା ଉତ୍ସାହ ଦେଖାଗଲା । ''ସାର୍ ଆମକୁ ପାଇଜାମା ଆଣିବାକୁ କହିଲେ ?'' ''ଆଉ କମ୍ବଳ ?''

ସେଦିନ ଉପରବେଳା ପାଠରେ ଆଉ କାହାରି ବି ମନ ନଥାଏ । ସ୍କୁଲ ପରେ ତୋତ୍ତୋ-ଚାନ୍‌ର କ୍ଲାସ ସାଙ୍ଗମାନେ ସିଧା ଘରକୁ ଚାଲିଲେ । ସମସ୍ତେ ଆଶା କରୁଥିଲେ ରାତିରେ ନିଶ୍ଚୟ ସମସ୍ତଙ୍କର ଭେଟ ହେବ । ରାତିରେ ଘରେ ପହଞ୍ଚି ପହଞ୍ଚି ତୋତ୍ତୋ-ଚାନ୍ ମା'ଙ୍କୁ କହିଲା, ''ଗୋଟେ ଟ୍ରେନ୍ ଆସୁଛି, ଆମେ ଜାଣିନୁ ସେଇଟା କେମିତି ପହଞ୍ଚିବ । ପାଇଜାମା ଓ କମ୍ବଳ ନେଇ ମୁଁ ଯିବି ?''

ଏପରି ବର୍ଣ୍ଣନାରୁ ମାଆ ବା କ'ଣ ବୁଝନ୍ତେ ? ସେ କ'ଣ କହୁଛି ମା ତା'ର କିଛି ଧାରଣା ପାଇଲେନି, କିନ୍ତୁ ତୋତ୍ତୋ-ଚାନ୍‌ର ଗମ୍ଭୀର ଚାହାଣି ଓ ଭଙ୍ଗିରୁ ସେ ଅନୁମାନ କରିନେଲେ ଯେ କିଛି ଗୋଟିଏ ଅସାଧାରଣ କଥା ଘଟିବାକୁ ଯାଉଛି । ତାକୁ ପ୍ରଶ୍ନ ପଚାରି ପଚାରି ଘଟଣାଟା କ'ଣ ମାଆ ବୁଝି ପାରିଲେ । ସେ ଭାବିଲେ ତୋତ୍ତୋ-ଚାନ୍ ଏହା ଦେଖିବା ଉଚିତ, ଏପରି ସୁଯୋଗ ବୋଧେ ଆଉ କେବେ ମିଳିବନି । ରେଳଡ଼ବାଟି ଅଣାଯିବା ସମୟରେ ମା ନିଜେ ବି ଦେଖିବାକୁ ଚାହିଲେ ।

ମାଆ ତୋତ୍ତୋ-ଚାନ୍‌ର ପାଇଜାମା ଓ କମ୍ବଳ ସଜାଡ଼ି ଖାଇବା ପରେ ତାକୁ ନେଇ ସ୍କୁଲକୁ ଗଲେ । ପ୍ରାୟ ଦଶ ଜଣ ପିଲା ଆସିଥିଲେ । ସେମାନଙ୍କ ଭିତରେ କେତେ ଜଣ ବଡ଼ ଶ୍ରେଣୀ ପିଲା ବି ଥିଲେ । ଯେଉଁମାନେ ଏ ବିଷୟରେ ଶୁଣିଥିଲେ ।

ଆଉ କେତେ ଜଣଙ୍କ ମାଆ ବି ପିଲାଙ୍କ ସହ ଆସିଥିଲେ । ସେମାନେ ରହିବାକୁ ଚାହୁଁଥିଲା ଭଳି ଜଣାପଡୁଥିଲେ, କିନ୍ତୁ ପିଲାଙ୍କୁ ପ୍ରଧାନ ଶିକ୍ଷକଙ୍କ ଜିମା ଦେବା ପରେ ସମସ୍ତେ ଫେରିଗଲେ ।

''ରେଳଡ଼ବା ଆସିଲେ ମୁଁ ତୁମ ସମସ୍ତଙ୍କୁ ଉଠେଇ ଦେବି'', ପ୍ରଧାନ ଶିକ୍ଷକଙ୍କଠୁଁ ଏକଥା ଶୁଣି ପିଲାଏ ପ୍ରାର୍ଥନା ଘରେ କମ୍ବଳ ଘୋଡ଼େଇ ହୋଇ ଶୋଇଗଲେ । ପିଲାଏ ଭାବିଲେ ଯେ ବଗିଟି କିପରି ଆସିବ ଭାବି ଭାବି ତାଙ୍କୁ ନିଦ ହେବନି । କିନ୍ତୁ ଏତେ ହୋ ହଲ୍ଲା ଓ ଉଦ୍ଦୀପନା ପରେ ସେମାନେ ଥକି ଯାଇଥିଲେ ଓ ଶୀଘ୍ର ଢୁଳେଇବାରେ ଲାଗିଲେ । ''ହେ ମତେ ନିଶ୍ଚୟ ଉଠେଇଦେବ'' କହିବା ଆଗରୁ ଅଧିକାଂଶ ଶୋଇପଡ଼ିଲେ । ''ଆସିଗଲା ! ଆସିଗଲା !''

ଏପରି କୋଳାହଳ ଶୁଣି ତୋତ୍ତୋ-ଚାନ୍ ଡେଇଁ ଠିଆ ହୋଇଗଲା ଓ ସ୍କୁଲ ପଡ଼ିଆ ଟପି ଫାଟକ ପାଖରେ ପହଞ୍ଚିଗଲା । ସକାଳର ଫିକା କୁହୁଡ଼ି ଭିତରେ ଗୋଟିଏ ବିରାଟ ବଗି ଦେଖାଯାଉଥାଏ, ସବୁ କିଛି ସ୍ୱପ୍ନ ଦେଖିଲା ପରି ଲାଗୁଥାଏ । ବିନା ରେଳ ଲାଇନରେ ପିଚୁ ରାସ୍ତା ଉପରେ ଟ୍ରେନ୍‌ଟିଏ ଆସୁଛି ! ଶବ୍ଦ ଟିକିଏ ବି ହେଉନି ! ଏହା ଗୋଟିଏ ବଡ଼ ଟ୍ରେଲର୍ ଉପରେ ରଖାହୋଇ ଟ୍ରାକ୍ଟର ଦ୍ୱାରା ଟଣା ହେଉଥିଲା । ଓଇମାଚି ଲାଇନ ଷ୍ଟେସନରୁ ଡବାଟି ଏଭଳି ଆସୁଥାଏ, ତୋତ୍ତୋ-ଚାନ୍ ଓ ସାଙ୍ଗମାନେ ନୂଆ କଥାଟିଏ ଶିଖିଲେ – ଟ୍ରାକ୍ଟର ବୋଲି ଜିନିଷଟିଏ ଅଛି ଯାହା ଶଗଡ଼ଠୁଁ ବଡ଼ ଟ୍ରେଲର୍‌କୁ ଟାଣି ଆଣିପାରୁଛି । ତାଙ୍କ ମନ ପ୍ରଶଂସାରେ ଭରିଗଲା ।

ସକାଳର ଶୁନ୍‌ଶାନ ରାସ୍ତା ଉପରେ ବଗିଟି ଟ୍ରେଲର୍ ଉପରେ ଧୀରେ ଧୀରେ ଚାଲିଥାଏ । ଫାଟକ ପାଖରୁ ପଡ଼ିଆ ଭିତରକୁ ଡବାଟି ଯିବ କିପରି ? ସେ ସମୟରେ ବଗିଟିକୁ ଟେକିଲା ଭଳି ବଡ଼ ବଡ଼ କ୍ରେନ୍ ନଥିଲା । ବଡ଼ ବଡ଼ କାଠ ଗଣ୍ଡି ଉପରେ ବଗିକୁ ଗଡ଼େଇ ଗଡ଼େଇ ସ୍କୁଲ ଭିତରକୁ ନେବାକୁ ହେବ ।

''ଭଲ କରି ଦେଖ'', ପ୍ରଧାନ ଶିକ୍ଷକ କହିଲେ, ''ଏତେବଡ଼ ବଗିଟିକୁ ଗଡ଼େଇ କରି ସହଜରେ ନିଆଯାଇ-ପାରେ ! ଚକ ବା କାଠ ଗଣ୍ଡି ବିନା ଟାଣି କରି ନେବା ବହୁତ କଷ୍ଟ ।'' ପିଲାମାନେ ମନଦେଇ ଦେଖୁଥା'ନ୍ତି । ''ଜୋର୍ ଲଗାକେ, ହୈଆ'' ଆଦି ପାଟି କରି ବୋହିବା ଲୋକମାନେ କାମରେ ଲାଗିଥା'ନ୍ତି । ତାଙ୍କ ପାଟି ସହ ତାଳ ଦେଇ ସୂର୍ଯ୍ୟ ଧୀରେ ଧୀରେ ଉଠିଲା ଭଳି ଲାଗୁଥାଏ । ବଗିଟି ତା'ର ରହିବା ଜାଗାକୁ ଆସିଗଲା ।

ସ୍କୁଲର ଆଉ ଛ'ଟି ବଗି ଭଳି ଏହି ବଗିର ଚକଗୁଡ଼ିକୁ କାଢ଼ି ନିଆଯାଇଥିଲା । ଆଉ ସେ ଗଡ଼ିବ ନାହିଁ କି ଯାତ୍ରୀ ବୋହିବ ନାହିଁ । ଏବେ ସେ ପିଲାଙ୍କ ହସର ଶବ୍ଦ ବୋହିବ !

ସକାଳର କଅଁଳ ଖରାରେ ପାଇଜାମା ପିନ୍ଧି ଠିଆ ହୋଇଥିବା ପୁଅଝିଅଙ୍କ ଖୁସି କହିଲେ ନ ସରେ । ସେମାନେ ଏତେ ଖୁସି ହୋଇଯାଇଥିଲେ ଯେ ଖାଲି ତଳ ଉପର ହୋଇ

ଡେଉଁଥା'ନ୍ତି । ପ୍ରଧାନ ଶିକ୍ଷକଙ୍କ ବେକକୁ ଧରି ଓହଳି ପଡୁଥା'ନ୍ତି ଓ ତାଙ୍କ ହାତକୁ ଧରି ଝୁଲୁଥା'ନ୍ତି । ପିଲାଙ୍କ ଏହି ଝିଙ୍କାଝିଙ୍କିରେ ଦୋହଲି ଦୋହଲି ପ୍ରଧାନ ଶିକ୍ଷକ ଖୁସିରେ ହସୁଥା'ନ୍ତି । ସେଦିନ ସେମାନେ କେତେ ଖୁସି ଥିଲେ ସେ କଥା କେହି କେବେ ଭୁଲି ନାହାନ୍ତି ।

**ସ୍କୁଲ ପୋଖରୀ**

ଏହା ଥିଲା ତୋତ୍ତୋ-ଚାନ୍ ପାଇଁ ଏକ ସ୍ମରଣୀୟ ଦିନ । ପ୍ରଥମ ଥର ପାଇଁ ସେ ଏକ ପୋଖରୀରେ ପହଁରିଲା, ଜାମାପଟା ସବୁ ଖୋଲି ଦେଇ । ସେଦିନ ସକାଳେ ପ୍ରଧାନ ଶିକ୍ଷକ ସମସ୍ତଙ୍କୁ କହିଲେ, ''ଆଜି ହଠାତ୍ ବେଶ୍ ଗରମ ଲାଗୁଛି, ମୁଁ ଯାଉଛି ପୋଖରୀଟିରେ ପାଣି ଭରିଦେବି ।'' ''ହଁ'' ସମସ୍ତେ ଖୁସିରେ ନାଚି ଡେଇଁ ଚିତ୍କାର କରି ଉଠିଲେ । ତୋତ୍ତୋ-ଚାନ୍ ଓ ପ୍ରଥମ ଶ୍ରେଣୀର ପିଲାମାନେ ବଡ଼ଙ୍କ ଅପେକ୍ଷା ଅଧିକ ଉତ୍ସାହରେ ମାତିଲେ । ତୋମୋଏର ପହଁରା ପୋଖରୀଟି ଗୋଟିଏ ବଡ଼ ସିମେଣ୍ଟ କୁଣ୍ଡଭଳି, ଏହା ପୂରା ଚାରିକୋଣିଆ ନଥିଲା । ଡଙ୍ଗା ଭଳି ଏହାର ଗୋଟିଏ ପଟ ଗୋଜିଆ ଥିଲା । ଜାଗା କମ୍ ଥିବାରୁ ହୁଏତ ତା'ର ଆକାର ଏପରି ହୋଇଥିଲା । କିନ୍ତୁ ଯାହା ହେଲେ ବି ଏହା ଏକ ବିରାଟକାୟ ଓ ଚମତ୍କାର ପୋଖରୀ ଥିଲା । ଏହା ଥିଲା ଶ୍ରେଣୀ ଘର ଓ ପ୍ରାର୍ଥନା ଘର ମଝିରେ ।

ପାଠପଢ଼ା ସମୟରେ ତୋତ୍ତୋ-ଚାନ୍ ଓ ସାଙ୍ଗମାନେ ଝରକା ଦେଇ କଣେଇ କଣେଇ ପୋଖରୀ ଆଡ଼େ ଚାହୁଁଥା'ନ୍ତି । ଶୁଖିଲା ଥିବା ସମୟରେ ପତ୍ର ଆଦି ପଡ଼ି ଏହା ଏକ ଖେଳପଡ଼ିଆ ଭଳି ଦେଖା ଯାଉଥିଲା । ଏବେ ସଫା ହୋଇ ପାଣି ଭରାଗଲା ପରେ ସତ ପୋଖରୀ ପରି ଦେଖାଯାଉଥାଏ ।

ଶେଷରେ ଖାଇବା ସମୟ ଆସିଲା । ସବୁ ପିଲା ଯାଇ ପୋଖରୀ ପାଖରେ ପହଞ୍ଚିଗଲେ । ପ୍ରଧାନ ଶିକ୍ଷକ କହିଲେ, ''ଆମେ କିଛି ବ୍ୟାୟାମ କରିବା ଓ ତା'ପରେ ପହଁରିବା ।''

''ମୋର ଗୋଟିଏ ପହଁରା ପୋଷାକ ଦରକାର'', ତୋତ୍ତୋ-ଚାନ୍ ଭାବିଲା । ଯେତେବେଳେ ସେ ମାଆବାପାଙ୍କ ସାଙ୍ଗରେ କାମାକୁର ଯାଇଥିଲା ସେ ପହଁରିବା ପୋଷାକ, ମଟରଟ୍ୟୁବ୍ ଆଉ କେତେ ଜିନିଷ ନେଇଥିଲା । ସେ ମନେ ପକାଇବାକୁ ଚେଷ୍ଟା କଲା ଶିକ୍ଷକ ତାକୁ ପହଁରିବା ପୋଷାକ ଆଣିବାକୁ କହିଥିଲେ ନା ନାହିଁ । ତା'ର ମନ କଥା ବୁଝିଗଲା ପରି ପ୍ରଧାନ ଶିକ୍ଷକ କହିଲେ, ''ପହଁରିବା ପୋଷାକ ପାଇଁ ବ୍ୟସ୍ତ ହୁଅନି, ଯାଇ ପ୍ରାର୍ଥନା ଘରେ ଦେଖ ।''

ତୋତ୍ତୋ-ଚାନ୍ ଓ ପ୍ରଥମ ଶ୍ରେଣୀ ପିଲାଏ ପ୍ରାର୍ଥନା ଘରେ ଯାଇ ଦେଖିଲେ ଯେ ବଡ଼ ପିଲାମାନେ ଗାଧୋଇବା ଖୁସିରେ ଚିତ୍କାର କରି ପୋଷାକ କାଢ଼ୁଛନ୍ତି । ଜଣକ ପରେ ଜଣେ ଲଙ୍ଗଳା ହୋଇ ପଡ଼ିଆକୁ ଦୌଡ଼ିଲେ । ତୋତ୍ତୋ-ଚାନ୍ ଓ ସାଙ୍ଗମାନେ ବି ପୋଷାକ କାଢ଼ି ତାଙ୍କ ପଛେ ପଛେ ଦୌଡ଼ିଲେ । ଗରମରେ ଖାଲି ଦେହ ଭଲ ଲାଗୁଥାଏ । ସେମାନେ ପାହାଚ ଚଢ଼ି ପ୍ରାର୍ଥନା ଘରେ ପହଞ୍ଚିଲା ବେଳକୁ ଅନ୍ୟମାନେ ବ୍ୟାୟାମ ଆରମ୍ଭ କରି ସାରିଥା'ନ୍ତି । ତୋତ୍ତୋ-ଚାନ୍ ଓ ସାଙ୍ଗମାନେ ଖାଲି ପାଦରେ ପାହାଚ ତଳକୁ ଦୌଡ଼ିଲେ ।

ପହଁରା ଶିକ୍ଷକ ଥିଲେ ମିୟୋ-ଚାନ୍‌ର ବଡ଼ ଭାଇ । ପ୍ରଧାନ ଶିକ୍ଷକଙ୍କ ଏହି ପୁଅ ଜଣକ ଜଣେ ବ୍ୟାୟାମ ବିଶାରଦ ଥିଲେ । ସେ ତୋମୋଏରେ ନିୟମିତ ଶିକ୍ଷକ ନଥିଲେ । ସେ ବିଶ୍ୱବିଦ୍ୟାଳୟର ପହଁରା ଦଳରେ ଜଣେ ସଭ୍ୟ ଥିଲେ । ତାଙ୍କ ନାଆଁଟି ସ୍କୁଲ ନାଁ ପରି ଏକା ଥିଲା – ତୋମୋଏ । ସେ ପହଁରା ପୋଷାକ ପିନ୍ଧିଥା'ନ୍ତି ।

ବ୍ୟାୟାମ ପରେ ଶରୀରରେ ଥଣ୍ଡା ପାଣି ଲାଗିବା କ୍ଷଣି ସେମାନେ ଖୁସିରେ ପାଟି କରି ଉଠିଲେ ଓ ପୋଖରୀକୁ ଡେଇଁଲେ । କେତେ ଜଣ ପାଣି ଭିତରେ ଠିଆ ହେବା ଦେଖିବା ପରେ ଯାଇ ତୋତ୍ତୋ-ଚାନ୍ ପାଣିକୁ ଗଲା । ଏହା ଗାଧୁଆ ପାଣି ପରି ଉଷୁମ ନଥିଲା । ତଥାପି ଏତେ ବଡ଼ ପୋଖରୀରେ ହାତ ପାହାନ୍ତାରେ ପାଣି ଛଡ଼ା ଆଉ କିଛି ବି ନଥିଲା ।

ମୋଟା ପୁଅ, ଝିଅ ଏମିତି ସବୁ କିସମର ଛୁଆ ହସୁଥା'ନ୍ତି, ପାଟି କରୁଥା'ନ୍ତି । ପୂରା ଲଙ୍ଗଳା ହୋଇ ପାଣିରେ ଚବର ଚବର କରୁଥା'ନ୍ତି । ତୋତ୍ତୋ-ଚାନ୍ ଭାବିଲା, କି ମଜା ! କେତେ ବଢ଼ିଆ ଲାଗୁଛି ସତେ ! ତାକୁ ଏତିକି ଖାଲି ଦୁଃଖ ଲାଗୁଥିଲା ଯେ ରକି ତା' ପାଖରେ ନାହିଁ ! ସେ ନିଶ୍ଚିତ ଥିଲା ଯେ ବିନା ପହଁରା ପୋଷାକରେ କାମ ଚଳିବ ଜାଣିଥିଲେ ରକି ବି ନିଶ୍ଚୟ ପୋଖରୀକୁ ଡେଇଁଥା'ନ୍ତା ।

କିଏ ହୁଏତ ଭାବୁଥିବେ ଯେ ପ୍ରଧାନ ଶିକ୍ଷକ ପିଲାଙ୍କୁ ଲଙ୍ଗଳା ହୋଇ ପହଁରିବାକୁ କାହିଁକି ଛାଡ଼ିଦେଲେ । ଏ ବିଷୟରେ କୌଣସି ନୀତି ନିୟମ ନଥିଲା । କିଏ ଯଦି ପହଁରା ପୋଷାକ ଆଣି ପିନ୍ଧିବାକୁ ଚାହିଲା ସେ ପିନ୍ଧିବ । କିନ୍ତୁ ଆଜି ପରି ହଠାତ୍ ପହଁରିବା ପାଇଁ ଇଚ୍ଛା ହେଲେ ବିନା ପୋଷାକରେ ବି ପହଁରା

ଯାଇପାରିବ । ଏହାଛଡ଼ା ସେ ଚାହୁଁଥିଲେ ଯେ ପୁଅ, ଝିଅମାନେ ସେମାନଙ୍କ ଦେହର ଅଲଗା ଗଠନ ବିଷୟରେ ସଚେତନ ହେବା ଉଚିତ । ଅଧିକ ଲୁଚାଛପା କଲେ ପିଲାଙ୍କ ମନରେ ଏସବୁ ବିଷୟରେ ଅପ୍ରାକୃତିକ କୌତୂହଳ ଦେଖାଦେବ । ନିଜ ଦେହକୁ ଲୁଚାଇ ରଖିବା ପାଇଁ ଅତ୍ୟଧିକ ଚେଷ୍ଟା କରିବାଟା ଅସ୍ୱାଭାବିକ ବୋଲି ପ୍ରଧାନ ଶିକ୍ଷକ ଭାବୁଥିଲେ ।

ସେ ପିଲାଙ୍କୁ ଶିଖାଇବାକୁ ଚାହୁଁଥିଲେ ଯେ ସବୁ ଦେହ ସୁନ୍ଦର । ପିଲାଙ୍କ ଭିତରେ ୟାସୁଆକି-ଚାନ୍ ଥିଲା । କେତେ ଜଣଙ୍କୁ ପୋଲିଓ ହୋଇ କାହାର କାହାର ଦେହ ଦୁର୍ବଳିଆ ଓ ପତଳା ଥିଲା । ଆଉ କାହାର କିଛି ଶାରୀରିକ ଅକ୍ଷମତା ଥିଲା; କିନ୍ତୁ ସେମାନେ ଖାଲି ଦେହରେ ଥିବାରୁ ଓ ସମସ୍ତଙ୍କ ସହ ମିଶି ଖେଳୁଥିବାରୁ ତାଙ୍କର ଲାଜ ଛାଡ଼ି ଯାଉଥିଲା । ଅନ୍ୟମାନଙ୍କ ଆଗରେ ସେମାନେ ନିଜକୁ ନ୍ୟୂନ ମନେ କରୁ ନଥିଲେ । ପିଲାମାନେ ପ୍ରଥମେ ସଙ୍କୋଚଭାବ ଦେଖାଉଥିଲେ, କିନ୍ତୁ ଖେଳର ମଜାରେ ଧୀରେ ଧୀରେ ତାଙ୍କର ଲାଜ ପୂରା କଟିଗଲା ।

କେତେଜଣ ମାଆବାପା ଏହି ଚିନ୍ତାଧାରାକୁ ଗ୍ରହଣ କରି ପାରୁ ନଥିଲେ । ନିଜ ଛୁଆଙ୍କୁ ପହଁରା ପୋଷାକ ଦେଇ ସବୁବେଳେ ପିନ୍ଧିବାକୁ ତାଗିଦ କରି ଦେଉଥିଲେ । ସେମାନେ ଜାଣି ପାରୁ ନଥିଲେ ଯେ ଏହି ପୋଷାକ ପ୍ରାୟ କେବେ ବି ବ୍ୟବହାର ହେଉ ନଥିଲା । ତୋତ୍ତୋ-ଚାନ୍ ଭଳି ପିଲା ପ୍ରଥମରୁହିଁ ଠିକ୍ କଲା ଯେ ଖାଲି ଦେହରେ ପହଁରିବାଟାହିଁ ସବୁଠୁ ବଢ଼ିଆ । ଆଉ କେହି କେହି ପୋଷାକ ଆଣିବାକୁ ଭୁଲିଗଲେ କହି ଲଙ୍ଗଳା ହୋଇ ପହଁରୁଥିଲେ । ଏମାନେ ସମସ୍ତେ ବୁଝି ସାରିଥିଲେ ଯେ ଖାଲି ଦେହରେ ପହଁରିବାଟାହିଁ ସବୁଠୁ ମଉଜିଆ । ତେବେ ଘରକୁ ଫେରିଲା ବେଳକୁ ନିଜ ପହଁରା ପୋଷାକଗୁଡ଼ିକୁ ଖାଲି ଓଦା କରି ଦେଇ ନେବାକୁ ହେଉଥିଲା । ଖାଲି ଦେହରେ ପାଣିକୁ ଡେଇଁବା ଫଳରେ ତୋମୋଏର ଛୁଆଙ୍କ ସାରା ଦେହର ରଙ୍ଗ ବାଦାମୀ ହୋଇ ଯାଉଥିଲା । ପହଁରା ପୋଷାକ ପିନ୍ଧା ଜାଗାରେ ଯେପରି ଧଳା ଚିହ୍ନ ରହିବା କଥା ତାହା କାହାରି ଦେହରେ ବି ନଥିଲା ।

## ରିପୋର୍ଟ କାର୍ଡ଼

ତୋତ୍ତୋ-ଚାନ୍ ସେଦିନ ଷ୍ଟେସନରୁ ସିଧା ଘରକୁ ଦୌଡ଼ିଲା । ବାଁ ଡାହାଣ କୁଆଡ଼େ ବି ସେ ଅନାଉ ନଥାଏ । ତା' ପିଠିରେ ବହି ମୁଣିଟି ଧପ୍ ଧପ୍ ହୋଇ ବାଡ଼େଇ ହେଉଥାଏ । ତାକୁ ଦେଖିଲେ ଯିଏ ଭାବିବ ନିଶ୍ଚୟ କିଛି ଗୁରୁତର ଘଟଣା ଘଟିଛି । ପ୍ରକୃତରେ ସ୍କୁଲ ଫାଟକ ଟପିବା ପରଠୁ ସେ ଏଭଳି ଦୌଡ଼ୁଥିଲା ।

ଘରେ ପହଞ୍ଚିଲା କ୍ଷଣି ସେ ଦାଣ୍ଡ କବାଟ ଖୋଲି ପାଟି କରି ଜଣେଇ ଦେଲା, ''ମୁଁ ଆସିଗଲି'' । ଆଗେ ରକି ପାଖକୁ ଦୌଡ଼ିଗଲା । ସେ ପଛ ବାରଣ୍ଡା ଉପରେ ଚାରିକାତ ମେଲାଇ ଶୋଇଥାଏ । ତୋତ୍ତୋ-ଚାନ୍ କିଛି କହିଲାନି । ରକି ସାମନାରେ ବସିଯାଇ ସେ ବ୍ୟାଗ୍ ଓହ୍ଲାଇ ଦେଲା । ବ୍ୟାଗ୍‌ରୁ ଗୋଟିଏ ରିପୋର୍ଟ କାର୍ଡ଼ ବାହାର କଲା – ଏହା ଥିଲା ତା'ର ପ୍ରଥମ ରିପୋର୍ଟ କାର୍ଡ଼ । ସେଇଟାକୁ ସେ ରକି ଆଗରେ ଖୋଲି ଧରି ମାର୍କଗୁଡ଼ିକ ଦେଖାଇଲା ।

''ଦେଖ'', ସେ ଗର୍ବର ସହ କହିଲା । ସେଥିରେ 'କ', 'ଖ' ଓ ଅନ୍ୟ ବର୍ଗ ସବୁଥିଲା । ଅବଶ୍ୟ ତୋତ୍ତୋ-ଚାନ୍ ଏ ଯାଏଁ ଜାଣି ନଥିଲା 'କ' ଠାରୁ 'ଖ' ଭଲ ବା ଖରାପ । ତେଣୁ ରକି ଏହା ବୁଝିବା ଆହୁରି କଷ୍ଟକର କଥା । କିନ୍ତୁ ତା'ର ପ୍ରଥମ ରିପୋର୍ଟ କାର୍ଡ଼ ପ୍ରଥମେ ସେ ରକିକୁହିଁ ଦେଖାଇବାକୁ ଚାହିଁଲା । ସେ ନିଶ୍ଚିତ ଥିଲା ଯେ ରକି ଖୁବ୍ ଖୁସି ହେବ ।

କାଗଜଟିକୁ ମୁହଁ ସାମନାରେ ଦେଖି ରକି ସେଇଟିକୁ ଶୁଙ୍ଘିଲା ଓ ତୋତ୍ତୋ-ଚାନ୍‌କୁ ଚାହିଁଲା । ''ତୁ ମତେ ପ୍ରଶଂସା କରୁଛୁ ନୁହେଁ ?'' ତୋତ୍ତୋ-ଚାନ୍ କହିଲା, ''କିନ୍ତୁ ଏଥିରେ ବହୁତ କଷ୍ଟ ଶବ୍ଦ ଅଛି, ତେଣୁ ତୁ ସବୁ ବୋଧେ ପଢ଼ିପାରିବୁନି ।''

ରକି ବେକ ଭାଙ୍ଗି ଚାହିଁଲା ଯେପରିକି ସେ ଆଉ ଥରେ କାର୍ଡ଼ଟିକୁ ଭଲ କରି ଦେଖୁଛି । ତା'ପରେ ସେ ତୋତ୍ତୋ-ଚାନ୍ ହାତକୁ ଚାଟିଲା । ''ବଢ଼ିଆ'' ଖୁସିରେ ଉଠୁ ଉଠୁ ସେ କହିଲା । ''ଏଥର ମୁଁ ଯାଉଛି ମା'କୁ ଦେଖାଇବି ।''

ତୋତ୍ତୋ-ଚାନ୍ ଯିବା ପରେ ରକି ଉଠି ଠିଆ ହେଲା ଓ ଆଉ ଟିକିଏ ଥଣ୍ଡା ଜାଗାକୁ ଚାଲିଗଲା । ତା'ପରେ ଧୀରେ ଧୀରେ ସେ ଶୋଇପଡ଼ିଲା । ଖାଲି ତୋତ୍ତୋ-ଚାନ୍ ନୁହେଁ ଯିଏ ଦେଖିଥିଲେ ବି କହିଥା'ନ୍ତା ଯେ ରକି ଯେଉଁ ପ୍ରକାରେ ଆଖି ବନ୍ଦ କଲା ସେଥିରୁ ସେ ଭାବିଥା'ନ୍ତା ଯେ ରକି ରିପୋର୍ଟ କାର୍ଡ଼ଟି ବିଷୟରେହିଁ ଭାବୁଥିଲା ।

(କ୍ରମଶଃ...)

(ଅନୁବାଦକ : ବିନୟକୃଷ୍ଣ ପଟ୍ଟନାୟକ ଓ
ନିଖିଳ ମୋହନ ପଟ୍ଟନାୟକ
ସୃଜନୀକା ଅନୁଷ୍ଠାନ, ଭୁବନେଶ୍ୱର) ❑

# ସାଧନାର ମୂର୍ତ୍ତିମତୀ ଦେବୀ : ପ୍ରତିଜ୍ଞା ଦେବୀ

## ଅର୍ଚ୍ଚନା ନାୟକ

୧୯୬୩ ମସିହାରେ ମାଟ୍ରିକ ପାସ କରି ମୁଁ ଯୋଗ ଦେଇଥାଏ ଶୈଳବାଳା ମହିଳା କଲେଜରେ । ସେତେବେଳେ ମୋର ଜଣେ ବଡ଼ଭାଇ ଖ୍ରୀଷ୍ଟ କଲେଜରେ ପଢୁଥା'ନ୍ତି । କଲେଜ ଜୀବନର ଆରମ୍ଭ ଥିଲା ଖୁବ୍ ଉତ୍ସାହପ୍ରଦ । କଲେଜର ଅଧ୍ୟାପକ-ଅଧ୍ୟାପିକାଙ୍କ ସମ୍ପର୍କରେ ଆଲୋଚନା ଆମ ପାଇଁ ଥିଲା ସବୁଠାରୁ ଆନନ୍ଦକର ବିଷୟ । ହଠାତ୍ ଦିନେ ମୋ ଭାଇ ବହୁତ ମନ ଦୁଃଖ କରି କହିଲେ ଯେ ଖ୍ରୀଷ୍ଟ କଲେଜ ପିଲାମାନଙ୍କର ସବୁଠାରୁ ପ୍ରିୟ ଇଂରାଜୀ ଅଧ୍ୟାପକ ମନୋଜ ଦାସ କଲେଜ ଛାଡ଼ି ସୁଦୂର ପଣ୍ଡିଚେରୀରେ ଥିବା ଶ୍ରୀଅରବିନ୍ଦ ଆଶ୍ରମରେ ଯୋଗ ଦେବାକୁ ଚାଲିଯାଇଛନ୍ତି । କଲେଜ ପିଲାମାନଙ୍କର ମନ ବହୁତ ଦୁଃଖ ।

ମୁଁ ମନୋଜ ଦାସଙ୍କର ନାମ ଶୁଣିଥିଲି । ଦେଖିବାର ସୁଯୋଗ ମିଳି ନଥିଲା । କିନ୍ତୁ ତାଙ୍କର ପଣ୍ଡିଚେରୀ ଆଶ୍ରମରେ ଯୋଗଦେବା କଥାଟି ମତେ ଖୁବ୍ ଆଲୋଡ଼ିତ କରିଥିଲା । କାରଣ ସେଇ ସମୟରେ ମୁଁ 'ଶ୍ରୀମା'ଙ୍କ ସମ୍ପର୍କରେ କିଛି ଜାଣିବାର ସୁଯୋଗ ପାଇଥିଲି ଓ ସେ ବିଷୟରେ ଅଧିକ ଜାଣିବାର ଆଗ୍ରହ ଓ କୌତୂହଳ ମତେ ଆଚ୍ଛନ୍ନ କରି ରଖିଥିଲା । ତେଣୁ ମନୋଜ ଦାସ ସପତ୍ନୀକ ସେଠାକୁ ଯାଇଛନ୍ତି ଶୁଣି ମୁଁ କେମିତି ଅଭିଭୂତ ହୋଇ ପଡ଼ିଥିଲି ।

୧୯୬୬ ମସିହାରେ ଆଶ୍ରମ ଯିବାର ପ୍ରଥମ ସୁଯୋଗ ମତେ ମିଳିଥିଲା । ସେଠି ମନୋଜ ବାବୁଙ୍କୁ ସାକ୍ଷାତ୍ କରିବା ପାଇଁ ଅନ୍ୟ କେତେଜଣଙ୍କ ସହିତ ତାଙ୍କ ଘରକୁ ଯାଇଥିଲି । ତାଙ୍କ ସମ୍ପର୍କରେ ଶୁଣିଥିଲି ଅନେକ ଉତ୍ତମ କଥା; କିନ୍ତୁ ଦେଖିବା ପରେ ତାଙ୍କର ବ୍ୟକ୍ତିତ୍ୱ ଅଧିକ ମହିମମୟ ମନେ ହୋଇଥିଲା ।

ମୁଁ ଶୁଣିଥିଲି ମନୋଜ ଦାସଙ୍କର ପତ୍ନୀ ହେଉଛନ୍ତି ପାରାଦୀପ ଗଡ଼ର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ରାଜା ବୀରବର ସାମନ୍ତଙ୍କର କନ୍ୟା । ମୁଁ ମନେ ମନେ ଅପୂର୍ବ ଆଭରଣରେ ସୁସଜ୍ଜିତା ଜଣେ ରାଜକୁମାରୀଙ୍କୁ ତାଙ୍କ ଘରେ ଦେଖିବା ଆଶାରେ ତାଙ୍କ ଘରର ପରିବେଶ ଉପରେ ଆଖି ବୁଲାଇ ନେଉଥିଲି । ସେତେବେଳେ ଆଶ୍ରମର ଜୀବନଶୈଳୀ ସମ୍ପର୍କରେ ମୋର ଆଦୌ କିଛି ଧାରଣା ନଥିଲା । ହଠାତ୍ ତାଙ୍କର ଖୋଲା ଦାଣ୍ଡ କବାଟ ଦେଇ ଭିତରକୁ ପଶି ଆସିଲେ ମଧ୍ୟମ ଉଚ୍ଚତାର ଜଣେ ସୁଶ୍ରୀ ମହିଳା । କିନ୍ତୁ ତାଙ୍କ ପରିଧାନ ଥିଲା ଖାକି ରଙ୍ଗର ହାଫ୍‌ପ୍ୟାଣ୍ଟ, ଉପରେ ଇନ୍ ହୋଇଥିବା ଧଳାସାର୍ଟ ଓ ପାଦରେ ଧଳା ଜୋତା । ଆଭରଣ ଭିତରେ ହାତରେ ଦୁଇପଟ ସରୁ ଚୁଡ଼ି । ମୁଁ ଆଦୌ ଅନୁମାନ କରିପାରି ନଥା'ନ୍ତି ତାଙ୍କର ପରିଚୟ । ମନୋଜ ବାବୁଙ୍କର ସମ୍ବୋଧନରୁ ଓ ସେଠାରେ ମୋ ସହିତ ଉପସ୍ଥିତ ଥିବା ସମସ୍ତେ ଉଠିପଡ଼ି ତାଙ୍କୁ ନମସ୍କାର କରିବା ଘଟଣାରୁ ମୁଁ ବୁଝି ପାରିଥିଲି ସେ କିଏ । କିନ୍ତୁ ମୋର କଳ୍ପନା ଓ ବାସ୍ତବତା ଭିତରେ କୌଣସି ସାମଞ୍ଜସ୍ୟ ନଥିଲା । କିନ୍ତୁ ସେଦିନ ତାଙ୍କର ସେ ନିରାଭରଣ ଅଥଚ ଶୁଚିସ୍ନାତ ରୂପ ମତେ ଖୁବ୍ ଭଲ ଲାଗିଥିଲା । ସେଇ ଥିଲା ମୋର ତାଙ୍କ ସହିତ ପ୍ରଥମ ପରିଚୟ । ତାଙ୍କୁ ମୁଁ ଅନ୍ୟମାନଙ୍କ ପରି ପ୍ରତିଜ୍ଞା ଅପାହିଁ ଡାକିଲି ।

ଆଶ୍ରମ ଯାଉଥିବା ଆମ କେତେଜଣଙ୍କ ପାଇଁ ତାଙ୍କ ଘର ହୋଇଯାଇଥିଲା ଦ୍ୱିତୀୟ ଘର । ଡ୍ରଇଂରୁମ୍ ଡେଇଁଗଲେ ଖାଇବା ଜାଗାରେ ଟେବୁଲ ଉପରେ ସନ୍ଧ୍ୟାବେଳେ ସ୍ୱାଦିଷ୍ଟ ସିଙ୍ଗଡ଼ା, ଆଳୁଚପ୍, ମିଠା ଓ ଫଳର ବିପୁଳ ସମ୍ଭାର । ଯାହାର ଯାହା ଇଚ୍ଛା ସେ ଖାଇ ପାରିବ । ଖାସ୍ ସେସବୁ ଦେବା ପାଇଁ ସେଠି ହୁଏତ କେହି ନଥା'ନ୍ତି କିନ୍ତୁ ତା'ର ସଦ୍‌ବ୍ୟବହାରର ସ୍ୱାଧୀନତା ସମସ୍ତଙ୍କର ଥାଏ । କିନ୍ତୁ ପ୍ରତିଜ୍ଞା ଅପାଙ୍କୁ ସେସବୁ କିଛି ଖାଇବାର ଆମେ କେବେ ବି ଦେଖି ନାହୁଁ । ପ୍ରତିଜ୍ଞା ଅପା ଆମ ସମସ୍ତଙ୍କୁ ବହୁତ ଆଦର କରୁଥିଲେ । ଆମ ସମସ୍ତଙ୍କୁ ଦୁଇଟି ଗାଡ଼ି କରି ବୁଲାଇ ନେଇଥିଲେ, ବେଶ୍ ଦୂରରେ ଥିବା ଆଶ୍ରମର ଉଦ୍ୟାନ ଅଞ୍ଚଳକୁ । ପୁରୁଣା ଫ୍ରେଞ୍ଚଘର ଓ ନାନାପ୍ରକାର ବୃକ୍ଷଲତାରେ ସେ ଅଞ୍ଚଳ ପରିପୂର୍ଣ୍ଣ ଥିଲା ।

ପ୍ରତିଜ୍ଞା ଅପା 'ବିଜୟା' ପତ୍ରିକାରେ ସେତେବେଳେ ନିୟମିତ ଭାବରେ ନାନା ବୃକ୍ଷଲତାର ଔଷଧୀୟ ଗୁଣ ଓ ସେସବୁର ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ସମ୍ପର୍କରେ ଖୁବ୍ ଉପାଦେୟ ରଚନାମାନ ଛଦ୍ମନାମରେ ଲେଖୁଥିଲେ । ଥରେ ମୋ ଝିଅ, ଜ୍ୱାଇଁ ଓ ନାତୁଣୀ ମୋ ସହିତ ଆଶ୍ରମକୁ ଯାଇଥିଲେ । ସେଦିନ ସେ ପ୍ରତ୍ୟକ୍ଷ ଭାବରେ ବିଭିନ୍ନ ଗଛଲତା ସମ୍ପର୍କରେ ଅନେକ ଅଜଣା କଥା କହିଥିଲେ । ମୋ ନିଜର ବୃକ୍ଷଲତାଙ୍କଠାରେ ନିହିତ ଥିବା ରହସ୍ୟ ଜାଣିବାର ଆଗ୍ରହ ପାଇଁ ମୁଁ ସେଦିନ ତାଙ୍କୁ ଧ୍ୟାନ ଦେଇ ଶୁଣିଥିଲି ।

ମୋ ପରିବାରର ସମସ୍ତଙ୍କ ଜନ୍ମ ତାରିଖ ତାଙ୍କ କ୍ୟାଲେଣ୍ଡରରେ ଚିହ୍ନିତ ହୋଇ ରହିଥିବା ପରି ବହୁ ଜଣଙ୍କର ଜନ୍ମ ତାରିଖ ମଧ୍ୟ ରହିଥିଲା । ପ୍ରତିଦିନ ସକାଳେ ଆଶ୍ରମକୁ ଯିବା ପୂର୍ବରୁ କ୍ୟାଲେଣ୍ଡରଟି ଯାଞ୍ଚ କରି ସେଦିନ ଯାହାର ଜନ୍ମଦିନ ଥାଏ ସମାଧି ନିକଟରେ ଧୂପଟିଏ ଜାଳି ତା' ପାଇଁ ପ୍ରାର୍ଥନା କରିଥା'ନ୍ତି । ତାଙ୍କର ଏ ମଙ୍ଗଳକାମନା ସେ ଜାଣିଥିବା ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ।

ତାଙ୍କର ବହୁ ଉପାଦେୟ ରଚନା 'ସବ୍ୟସାଚୀ' ଓ 'ଫାଲ୍‌ଗୁନୀ' ଛଦ୍ମନାମରେ ପ୍ରକାଶ ପାଇଛି । ଶିଳ୍ପୀ ପ୍ରମୋଦ ଚଟ୍ଟୋପାଧ୍ୟାୟଙ୍କର 'ତନ୍ତ୍ରାଭିଳାଷୀର ସାଧୁସଙ୍ଗ'ର ପ୍ରଥମ ଓଡ଼ିଆ ଅନୁବାଦ ସେ କରିଥିଲେ । ମନସ୍ତତ୍ତ୍ୱରେ ସ୍ନାତକୋତ୍ତର କରିଥିବା ପ୍ରତିଜ୍ଞା ଅପା ଆଶ୍ରମରେ ଥିବା ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ମନସ୍ତତ୍ତ୍ୱ ଓ ଓଡ଼ିଆ ଭାଷା ସାହିତ୍ୟର ଶିକ୍ଷାଦାନ କରୁଥିଲେ ।*

ତାଙ୍କର ଆଶ୍ରମରେ ପ୍ରଧାନ କର୍ମ ଥିଲା ସମାଧିରେ ପ୍ରତ୍ୟହ ପୁଷ୍ପସଜ୍ଜା । ବର୍ଷ ବର୍ଷ ଧରି ନିର୍ଦ୍ଦିଷ୍ଟ ସମୟରେ କିଛି ସହଯୋଗୀଙ୍କ ସହ ପ୍ରତିଜ୍ଞା ଅପା ଶାନ୍ତ ଓ ପ୍ରସନ୍ନ ମନରେ ଏହା ଅତି ସୁନ୍ଦର ଓ ନିଖୁଣ ଭାବରେ ସମ୍ପନ୍ନ କରୁଥିବାର ସମସ୍ତେ ଲକ୍ଷ୍ୟ କରିଥା'ନ୍ତି ।

ଶ୍ରୀକୃଷ୍ଣଙ୍କର ଅଗଣିତ ଚିତ୍ର ଓ ମୂର୍ତ୍ତି ତାଙ୍କ ରୁମ୍‌ରେ ରହୁଥିଲା । ଜନ୍ମାଷ୍ଟମୀ ସେ ପାଳନ କରନ୍ତି ଅଶେଷ ଶ୍ରଦ୍ଧାରେ । ମୋର ମନେ ଅଛି ଥରେ ଶ୍ରୀଅରବିନ୍ଦଙ୍କର ଜନ୍ମଦିନ ଅଗଷ୍ଟ ପନ୍ଦର ଓ ଜନ୍ମାଷ୍ଟମୀ ଏକା ଦିନରେ ପଡ଼ିଥିଲା । ସାର୍ ମହାପାତ୍ର ନୀଳମଣି ସାହୁ, ମୁଁ ଓ ମମତା ପ୍ରଭୃତି ଆଶ୍ରମରେ ଥିଲୁ । ତାଙ୍କ ଘରେ ବାଳଗୋପାଳଙ୍କର ସୁସଜ୍ଜିତ ମୂର୍ତ୍ତି, ଆଶ୍ରମର ଧୂପରେ ସୁରଭିତ ବାୟୁମଣ୍ଡଳ ଓ ଫୁଲଦାନିଗୁଡ଼ିକରେ ପ୍ରସ୍ଫୁଟିତ ପଦ୍ମଫୁଲର ଶୋଭା ପରିବେଶକୁ ଭିନ୍ନ ଏକ ସ୍ତରକୁ ନେଇ ଯାଉଥିଲା । ମୁଁ, ସାର୍ ଓ ମମତା ମିଶି ଭାଗବତ ପାଠ କରିଥିଲୁ । ସେ ଥିଲା ଅନ୍ୟ ଏକ ଅପୂର୍ବ ଅନୁଭବ । ତେଣିକି ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ କରାଯାଇଥିବା ପର୍ଯ୍ୟାପ୍ତ ଲଡ଼ୁର ବିତରଣ ଉତ୍ସବ ।

ଆମ ପାଇଁ ପଣ୍ଡିଚେରୀର ଦ୍ୱିତୀୟ ଆକର୍ଷଣ ମନୋଜ ଦାସଙ୍କର ଘର ଓ ପ୍ରତିଜ୍ଞା ଅପାଙ୍କର ଅନାବିଳ ଆତିଥ୍ୟ । ବିଷୟବାସନା ବିରହିତ, ପାର୍ଥିବ ସମ୍ପଦ ପ୍ରତି ସମ୍ପୂର୍ଣ୍ଣ ଅନାସକ୍ତ ପ୍ରତିଜ୍ଞା ଅପା ସଦାସର୍ବଦା ଏକ ଭିନ୍ନ ଚେତନାରେ ରହୁଥିଲେ । ତାଙ୍କ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିର ଅନ୍ତଃସତ୍ତାକୁ ସେ ପ୍ରତ୍ୟକ୍ଷ କରିପାରୁଥିଲେ । ତେଣୁ ଖୁବ୍ ସ୍ପଷ୍ଟ ଭାବରେ ଆବଶ୍ୟକସ୍ଥଳେ ସେ ତାହା ସୂଚାଇ ମଧ୍ୟ ଦିଅନ୍ତି । ଶୁଣିବାକୁ ହୁଏତ ଅଡୁଆ ଲାଗିପାରେ କିନ୍ତୁ ମନ ନିରବ ହେଲେ ବୁଝାପଡ଼େ ଯେ ସେ ଜଣେ ପ୍ରକୃତ ଶୁଭେଚ୍ଛୁ ଭାବରେ ସତ୍ୟହିଁ କହିଛନ୍ତି । ଗଭୀର ସାଧନାମଗ୍ନ ସହଜ, ସରଳ ଜୀବନଟିଏ ସେ ବଞ୍ଚିଥିଲେ । ମା'ଙ୍କ ନିକଟରେ ପୂର୍ଣ୍ଣ ସମର୍ପିତା ପ୍ରତିଜ୍ଞା ଅପାଙ୍କ ହୃଦୟରେ ସଂଶୟରହିତ ପରମ ବିଶ୍ୱାସର ଅନିର୍ବାଣ ଦୀପଟିଏ ପ୍ରଜ୍ୱଳିତ ହୋଇ ରହିଥିଲା । ତାଙ୍କର ଅବର୍ତ୍ତମାନ ଆମର ଆଶ୍ରମରେ ଥିବା ସେଇ ଆନନ୍ଦମୟ ଦ୍ୱିତୀୟ ଘରଟିର ଆକର୍ଷଣକୁ ପ୍ରତିହତ କରିବ ନାହିଁ ବରଂ ତାଙ୍କର ସେଠି ଉପସ୍ଥିତ ଥିବା ସମୟର ଅସରନ୍ତି ଶ୍ରଦ୍ଧା ଓ ସଦିଚ୍ଛାର ସ୍ପନ୍ଦନ ସେହି ପରିବେଶରେ ସଞ୍ଚାରିତ ହୋଇ ରହିଥିବାର ଅନୁଭବ ଦେଉଥିବ ।

ପ୍ରତିଜ୍ଞା ଅପା ତାଙ୍କର ଦୀର୍ଘ ଅଧ୍ୟାତ୍ମ-ସାଧନାର ପ୍ରଭାମଣ୍ଡଳ ସହିତ ଜୀବନୋତ୍ତର ପଥକୁ ଆଲୋକିତ କରି ଦିବ୍ୟଜନନୀଙ୍କ ପଦ୍ମପାଦରେ ଆଶ୍ରୟ ଗ୍ରହଣ କରିଥିବେ । ତାଙ୍କର ଦୃଢ଼ ଆତ୍ମୋପଲବ୍ଧି ଥିଲା ଯେ ଶ୍ରୀମା ଶ୍ରୀଅରବିନ୍ଦଙ୍କର ଅନୁଗାମୀଙ୍କ ପାଇଁ ସ୍ୱର୍ଗ କାମ୍ୟ ନୁହେଁ । ଏହି ଧୂଳିମାଟିର ଧରଣୀହିଁ ଏକମାତ୍ର ସାଧନା ଓ ସିଦ୍ଧିର କ୍ଷେତ୍ର । ଏହି ପାର୍ଥିବ ଜଗତରେ ଅପାର୍ଥିବ ସତ୍ତାର ପ୍ରତିଷ୍ଠା ଓ ଏଠାରେ ନିହିତ ଥିବା ସକଳ ଦିବ୍ୟ-ସମ୍ଭାବନାର ବିକାଶ କରି ଏହାକୁ ଦିବ୍ୟତାରେ ପରିଣତ କରିବାହିଁ ସାଧନାର ଲକ୍ଷ୍ୟ ।

ତେଣୁ ଆମର ବିଶ୍ୱାସ ତାଙ୍କର ମହାନ୍ ଚୈତ୍ୟସତ୍ତା ଭଗବାନଙ୍କର ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବା ପାଇଁ ଫେରି ଆସିବ ପୁଣି ଏ ପୃଥିବୀକୁ । ମା'ଙ୍କର ଦିବ୍ୟକର୍ମ ସାଧନାରେ ଏକନିଷ୍ଠ ଭାବରେ ଅନୁବ୍ରତୀ ଥିବା ପ୍ରତିଜ୍ଞାମୟୀ ପ୍ରତିଜ୍ଞା ଦେବୀଙ୍କର ପୁନଃ ଆଗମନକୁ ପୃଥିବୀ ଅପେକ୍ଷା କରୁଛି । ପ୍ରଣାମ ।

(ସୌଜନ୍ୟ : ସମାଜ, ୧୨.୧୦.୨୦୧୮) ❑

* ପ୍ରତିଜ୍ଞା ଦେବୀ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କର ବହୁ ଛୋଟ-ବଡ଼ ରଚନାର ଅନୁବାଦ କରିବା ସଙ୍ଗେ ସଙ୍ଗେ "Essays on The Gita"ର ଏକ ଅଂଶ ତଥା "A Practical Guide to Integral Yoga" ପୂର୍ଣ୍ଣତଃ ଅନୁବାଦ କରିଥିଲେ । ଶେଷୋକ୍ତ ଗ୍ରନ୍ଥର ପ୍ରଥମ ଭାଗର ତୃତୀୟ ମୁଦ୍ରଣ ଲଭ୍ୟ । ଦ୍ୱିତୀୟ ଭାଗ ନିକଟରେ ପ୍ରକାଶିତ ହେବ । — ସଂପାଦନା

# ଜିଜ୍ଞାସୁର ପୃଷ୍ଠା

**ସାଧନାଳୟ ସମ୍ପର୍କରେ କେତେକ ସମସ୍ୟାଗତ ପ୍ରଶ୍ନର ଉତ୍ତର :**

**ପ୍ରଶ୍ନ :** *ସାଧନାଳୟରେ ସାଧକମାନଙ୍କ ମଧ୍ୟରେ କିପରି ସାମଞ୍ଜସ୍ୟ ପ୍ରତିଷ୍ଠା ହେବ ?*

**ଉତ୍ତର :** ସାମଞ୍ଜସ୍ୟ ପ୍ରତିଷ୍ଠା ହେବାର ଶକ୍ତିଶାଳୀ ଉପାୟ ହେଲା ଆମର ଯେଉଁ ଜୀବନର ଲକ୍ଷ୍ୟ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତପ୍ରାପ୍ତି ସେହି ଲକ୍ଷ୍ୟ ସମ୍ବନ୍ଧେ ସଚେତ ରହିବା । ନିଜେ, ନିଜର ଯାହାକିଛି – ସବୁ ମା'ଙ୍କର, ଆଶ୍ରମ ମା'ଙ୍କର । ସମସ୍ତ ସେବା ମା'ଙ୍କ ସକାଶେ ଏବଂ ଲକ୍ଷ୍ୟପ୍ରାପ୍ତିର ସାଧନା ରୂପେ କରିବା । ଏହି ମନୋଭାବ ରହିଲେ ପରସ୍ପର ମଧ୍ୟରେ ସାମଞ୍ଜସ୍ୟ ପ୍ରତିଷ୍ଠା ହୁଏ । ସାମଞ୍ଜସ୍ୟର ବିରୋଧୀ ହେଉଛି ଅହଂ, ସ୍ୱାର୍ଥର ଅନ୍ତର୍ଗତ ହେଉଛି ହିଂସା, ଦ୍ୱେଷ, ଈର୍ଷା, ବିରୋଧ, କାମନା, ବାସନା ଇତ୍ୟାଦି । ଏସବୁ ସାଧନାର ମହାନ୍ ବିରୋଧୀ ଓ ସାଧନାର ଶତ୍ରୁ । ଆମ୍ଭେମାନେ ଏହି ଶତ୍ରୁମାନଙ୍କୁ ଅତ୍ୟନ୍ତ ମିତ୍ର ଭାବେ ଅଜ୍ଞାନତା ବଶତଃ ସ୍ୱାଗତ କରୁ । ସେ ସକାଶେ ଅସାମଞ୍ଜସ୍ୟ ସୃଷ୍ଟି ହୁଏ । ଆମେ ସଚେତ ହେବା ନିହାତି ଦରକାର । ଏ ଆମର ଶତ୍ରୁ । ଏମାନଙ୍କୁ କେବେ ବି ପ୍ରଶ୍ରୟ ଦେବା ଉଚିତ ନୁହେଁ । ଏହିପରି ଭାବ ରଖିଲେ ସାମଞ୍ଜସ୍ୟ ସ୍ୱାଭାବିକ ରୂପେ ରହିବ । ଏହି ବିଷୟ ମା ବହୁତ ସରଳ ଭାଷାରେ ବିସ୍ତାର ସହିତ ମାତୃରଚନାବଳୀର ଚତୁର୍ଦ୍ଦଶ ଗ୍ରନ୍ଥରେ ୩୧୯ ପୃଷ୍ଠାରୁ ୩୪୩ ପୃଷ୍ଠା ପର୍ଯ୍ୟନ୍ତ ବିଶଦ ଭାବରେ ବର୍ଣ୍ଣନା କରିଛନ୍ତି । କର୍ମରେ ବାଧା, ଅସୁବିଧା ଓ ସଙ୍ଗତି ବିଷୟ ଆଦି ସକଳ ବିଷୟରେ ବିସ୍ତୃତ ଭାବେ ଶ୍ରୀମା ନିଜେ କହିଛନ୍ତି । ସାଧକମାନଙ୍କ ମଧ୍ୟରେ ଏହି ବିଷୟ ଆଲୋଚନା ହେବା ଏବଂ ସାଧକମାନେ ତାକୁ ଅନ୍ତରର ସହିତ ଗ୍ରହଣ କରିବା ଉଚିତ । ବିରୋଧ ପ୍ରକୃତିଗୁଡ଼ିକ ତ୍ୟାଗ କଲେ ବହୁତ ବର୍ଷର ସାଧନା ଅଳ୍ପଦିନ ମଧ୍ୟରେ ହେବ । ସୁଖଶାନ୍ତି ଶୀଘ୍ର ଆସିବ । ଏସବୁକୁ ତ୍ୟାଗ ନକଲେ ଅଳ୍ପ ମାସର ସାଧନା ବହୁତ ବର୍ଷ ଲାଗିବ । ବହୁତ ଅଶାନ୍ତି ଭୋଗିବାକୁ ପଡ଼ିବ । ବହୁତ ଦୁଃଖକଷ୍ଟ ବି ଭୋଗିବାକୁ ପଡ଼ିବ ।

**ପ୍ରଶ୍ନ :** *ବ୍ୟବସ୍ଥାପକମାନଙ୍କ ମଧ୍ୟରେ ହେଉଥିବା ଅସାମଞ୍ଜସ୍ୟର ଅନ୍ତର୍ନିହିତ କାରଣ କ'ଣ ? ଏହା କିପରି ଦୂର ହେବ ?*

**ଉତ୍ତର :** ଏ ବିଷୟ ପ୍ରଥମେ ଲେଖା ହୋଇଛି । ବ୍ୟବସ୍ଥାପକମାନେ ସତତ ଜାଗ୍ରତ୍ ରହିବେ । ଏ ବ୍ୟବସ୍ଥା କାର୍ଯ୍ୟ ମା'ଙ୍କ ସେବା ମୁଁ ଗୋଟିଏ କଥା କହିଲି, ଏହାକୁ ଅନ୍ୟ ବ୍ୟବସ୍ଥାପକମାନେ ମାନି ନିଅନ୍ତୁ – ଏହି ଧାରଣା ଅହଂ ଆଉ ସ୍ୱାର୍ଥ । ନିଜର ଜିଦ୍‌କୁ କେବେ ବି ପ୍ରଶ୍ରୟ ଦେବା ଉଚିତ ନୁହେଁ । ଏପରି ନକଲେ ପରସ୍ପର ମଧ୍ୟରେ ସାମଞ୍ଜସ୍ୟ ରହିବ ଆଉ କାର୍ଯ୍ୟରେ ମଧ୍ୟ ଶୃଙ୍ଖଳା ରହିବ ।

**ପ୍ରଶ୍ନ :** *ବିଭିନ୍ନ ବିଭାଗଗୁଡ଼ିକ ପରସ୍ପରଠାରୁ ପୃଥକ୍ । ଏହି ଭାବ ଦୂର କରାଯିବା ପାଇଁ କେଉଁ କେଉଁ କର୍ମପନ୍ଥା ଗ୍ରହଣ କରିବା ବିଧେୟ ?*

**ଉତ୍ତର :** ସବୁ କର୍ମ ମା'ଙ୍କ ଆଶ୍ରମର । ଯଥାର୍ଥରେ ଏକ ଅନ୍ୟଠାରୁ ପୃଥକ୍ ନୁହେଁ । ଏକ ଅନ୍ୟଠାରୁ ପୃଥକ୍ ଧାରଣା କରିବା ଅହଂର ପ୍ରଧାନ ଚିହ୍ନ । ଏ ଡିପାର୍ଟମେଣ୍ଟ ମୋର ସେ ଡିପାର୍ଟମେଣ୍ଟ ଅନ୍ୟର – ଏ ମନୋଭାବ କଦାପି ରହିବା ଉଚିତ ନୁହେଁ । (କ) କୌଣସି ଡିପାର୍ଟମେଣ୍ଟରେ ଯାହା କିଛି ଜିନିଷ ଖର୍ଦ୍ଦି ହେବ, ଯେକୌଣସି ମଜୁରିଆକୁ ନିଯୁକ୍ତ କରାହେବ, ତାହା ବ୍ୟବସ୍ଥାପକମାନଙ୍କ ଦ୍ୱାରା ହେବ । (ଖ) କୌଣସି ଡିପାର୍ଟମେଣ୍ଟରେ କୌଣସି ବସ୍ତୁ ଷ୍ଟୋରରେ ଥିଲେ ଅନ୍ୟ କୌଣସି ଡିପାର୍ଟମେଣ୍ଟରେ ସେ ବସ୍ତୁ ଆବଶ୍ୟକ ହେଲେ ସେମାନେ ନେଇ କାମ କରିବେ । ଏବଂ କାମ କରିବା ପରେ ଜିନିଷ ଯେଉଁଠାରୁ, ଯେଉଁ ବ୍ୟକ୍ତିଙ୍କ ପାଖରୁ ଆଣିଥିଲେ ତାକୁ ଜିମା କରିବେ । କେବଳ କାର୍ଯ୍ୟର ସୁବିଧା ଦୃଷ୍ଟିରୁ ଭିନ୍ନ ଭିନ୍ନ ଡିପାର୍ଟମେଣ୍ଟ କରାହୋଇଛି । ଯଥାର୍ଥରେ ଗୋଟିଏ ଡିପାର୍ଟମେଣ୍ଟ ଅନ୍ୟ ଡିପାର୍ଟମେଣ୍ଟଠାରୁ ଭିନ୍ନ ନୁହେଁ । (ଗ) ଡିପାର୍ଟମେଣ୍ଟର ଖର୍ଚ୍ଚର ହିସାବ ରଖାଯିବ କିନ୍ତୁ ଯେଉଁ ଡିପାର୍ଟମେଣ୍ଟ ଇନ୍‌ଚାର୍ଜ ମା'ଙ୍କର କାର୍ଯ୍ୟ ଜାଣି ଆନ୍ତରିକତା ସହିତ କରିବେ, ଖର୍ଚ୍ଚ କମ୍

ହେବ, କିନ୍ତୁ କାର୍ଯ୍ୟରେ ଅସୁବିଧା ହେବନି । ଏଇ ଦୃଷ୍ଟି ରଖି କାର୍ଯ୍ୟ କରିବେ, ହିସାବ ରଖା ହେବ । ଚେଷ୍ଟା କରିବେ ଖର୍ଚ୍ଚଠାରୁ ଆୟ ଯେପରି କମ୍ ନହୁଏ । କିନ୍ତୁ ସମୟ ଅନୁସାରେ ଯଦି ଖର୍ଚ୍ଚଠାରୁ ଆୟ କମ୍ ହୁଏ, ସେଥିରେ ଚେଷ୍ଟା କରିବେ ଭବିଷ୍ୟତକୁ କୋଉ ତ୍ରୁଟିରୁ ଏଇଟା ହେଲା – ତାକୁ ସଂଶୋଧନ କରିବା ସକାଶେ, ଖର୍ଚ୍ଚ ବେଶୀ ହେବା ସକାଶେ କାର୍ଯ୍ୟ ବନ୍ଦ କରା ହେବନି । କାର୍ଯ୍ୟ କରିବା ବ୍ୟକ୍ତିର ଅଭିଜ୍ଞତା ହୋଇଗଲେ ଆୟ ଅପେକ୍ଷା ଖର୍ଚ୍ଚ ସ୍ୱାଭାବିକ ରୂପେ କମ୍ ହେବ ।

***ପ୍ରଶ୍ନ :*** *ଗୋଟିଏ ବିଷୟରେ କ୍ଷତି ହେଲା କି ଲାଭ ହେଲା ଏହି ବିଷୟଟି ଅସାମଞ୍ଜସ୍ୟ ଆଣିବାରେ ସାହାଯ୍ୟ କରେ । ଏହା ଦୂର କରିବା ପାଇଁ କେଉଁ ପନ୍ଥା ଗ୍ରହଣ କରିବା ଆବଶ୍ୟକ ?*

**ଉତ୍ତର :** ଯଦି ଆୟ ଅପେକ୍ଷା ଖର୍ଚ୍ଚ କମ୍ ହେଲା ସେ ସକାଶେ ଅସାମଞ୍ଜସ୍ୟ ରହିବାର କୌଣସି କାରଣ ନାହିଁ । କାର୍ଯ୍ୟ କରିବା ବ୍ୟକ୍ତିର ଅଭିଜ୍ଞତା ତ ନଥାଏ । ଅଭିଜ୍ଞତା ହୋଇଗଲେ ସବୁ ଠିକ୍ ହୋଇଯିବ । ସେଥିରେ ଅସାମଞ୍ଜସ୍ୟର କାରଣ କ'ଣ ଅଛି ? ଡିପାର୍ଟମେଣ୍ଟ ଭଲ ଚଳିବା ଉଚିତ କିନ୍ତୁ ପଇସା ଉପରେ ଏତେ ଜୋର୍ ଦେବା ଉଚିତ ନୁହେଁ । ଆୟ ବ୍ୟୟ ଉପରେ ଅଧିକ ଦୃଷ୍ଟି ଦେଲେ ସାଧନା ମନୋଭାବ ଗୌଣ ରହିବ ଆଉ ପଇସା ଉପରେ ଦୃଷ୍ଟି ବେଶୀ ରହିବ ।

*(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,*
*ତୃତୀୟ ଖଣ୍ଡ, ୩୧୮ - ୩୧୯)*

**– ରାମକୃଷ୍ଣ ଦାସ** ❑

# ସମର୍ପଣ

## ଗୋପାଳକୃଷ୍ଣ ପଟ୍ଟନାୟକ

ସମର୍ପି ଦେଇଛି ଜୀବନଟା ମୋର
ତୁମରି ଚରଣ ତଳେ,
ସଜାଇ ରଖିଛ ଏହି ଜୀବନକୁ
ତୁମରି ଖେଳନା ମେଳେ ।

ଖେଳି ଖେଳାଉଛ, ନାଚେ ମୁଁ ନିରତ
ନଚାଉଛ ଯେଉଁ ଭାବେ,
କେବେ ହସାଉଛ, କନ୍ଦାଉଛ କେବେ
ଭସାଉଛ ଭାବାବେଗେ ।

ଉଣା ହେଲେ ତବ କରୁଣାର ଝର
ଥରିଉଠେ ପ୍ରାଣବୀଣା,
ଚେତନା ମଳୟ ପଥ ହୁଡ଼ି ଯାଏ
ଧୈର୍ଯ୍ୟ ହୁଏ ବାଟବଣା ।

ମାନସ ସାଗରେ ଲହଡ଼ି ଭାଙ୍ଗଇ
ଚିନ୍ତାର ଅସଂଖ୍ୟ ଭେଳା,
ମହୋଦଧି କୋଳେ ନାଚିକୁଦି ଯେହ୍ନେ
ଖେଳଇ ତରଙ୍ଗ ମାଳା ।

ଭାବକୁ ନିକଟ ଅଭାବକୁ ଦୂର
ତୁମରି ଚରଣ ଧୂଳି,
କୃପାମୟି ! ସଦା ବୃଷ୍ଟି କରୁଥାଅ
ପବିତ୍ର ଆଶିଷ ବାରି । ❑



**ଚେତନାର ଦିଗ୍‌ବଳୟ :**

# ବଳକା ଐଶ୍ୱର୍ଯ୍ୟ

ତିନିଜଣ ପ୍ରାୟ ସମବୟସୀ ଛାତ୍ର ବସ୍‌ରୁ ଓହ୍ଲାଇଲେ । ଜଣେ ବୟସ୍କ ଭଦ୍ରଲୋକ ତରବର ହୋଇ ସେହି ବସ୍‌କୁ ଉଠିବାକୁ ଉଦ୍ୟତ ହେବା ବେଳେ ତଳେ ପଡ଼ି ଯାଉଥିଲେ । ଛାତ୍ର ତିନିଜଣ ତତ୍‌କ୍ଷଣାତ୍ ତାଙ୍କୁ ଧରି ପକାଇଲେ । ଭଦ୍ରଲୋକ ସେମାନଙ୍କୁ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ନିଜ ପକେଟରୁ ଚାରିଗୋଟି ଟଫି ବାହାର କରି ଜଣକୁ ଧରାଇ ଦେଲେ ଓ ବସ୍‌ରେ ଉଠି ଚାଲିଗଲେ ।

ବସ୍‌ଷ୍ଟାଣ୍ଡ ପାଖ ସିମେଣ୍ଟ ବେଞ୍ଚରେ ବସି ପଡ଼ିଲେ ତିନି ବନ୍ଧୁ । ଟଫି ଗ୍ରହଣ କରିଥିବା ପିଲାଟି ତା' ବନ୍ଧୁ ଦୁଇଜଣଙ୍କୁ ଗୋଟାଏ ଗୋଟାଏ ଧରାଇ ଦେଲା ।

''ଆରେ, ତୁ କ'ଣ ଦୁଇଟା ଖାଇବୁ ? ମୁଁ ତୁମ ଦୁହିଙ୍କଠୁ ସାନ । ମୋତେ ଦେଇ ଦେ !'' ଜଣେ କହିଲା ।

''ନା, ମୁଁ ତୁମ ଦୁହିଙ୍କଠୁ ବଡ଼ । ବଳକା ଟଫି ଗୋଟିକ ବଡ଼ର ପ୍ରାପ୍ୟ ।'' କହିଲା ଦ୍ୱିତୀୟ ବାଳକ ।

''ସେ ଭଦ୍ରଲୋକ ମୋତେ ଧରାଇ ଦେଲେ ! ଅର୍ଥାତ୍ ବଣ୍ଟୁଆରା ଅଧିକାର ସେ ମୋତେ ଦେଲେ । ସେହି ଅଧିକାର ଜରିଆରେ ଚତୁର୍ଥଟି ମୁଁ ରଖୁଛି !'' କହିଲା ତୃତୀୟ ବାଳକ । ଅବଶ୍ୟ ତିନିହେଁ ଆପଣା ସ୍ୱାର୍ଥରେ ନିଜ ନିଜ ଓକିଲାତି ମଜାରେ କରୁଥିଲେ । ନିଜ ନିଜ ଯୁକ୍ତିରେ ଅଟଳ ଭଳି ଅଭିନୟ କରୁଥିଲେ ମାତ୍ର ।

ପାଖ ଦୋକାନ ଆଡ଼େ ଯାଉଥିଲେ ସେମାନଙ୍କର ଜଣେ ପ୍ରିୟ ଶିକ୍ଷକ । ସେ ଭାରି ଛାତ୍ରବତ୍ସଳ । ''କ'ଣ ଚାଲିଛି'' ବୋଲି ସେ ପଚାରିଲେ । ''ସାର୍, ସାର୍ ! ଆପଣ ଆମ ବିତଣ୍ଡାର ସମାଧାନ କରି ଦିଅନ୍ତୁ ।'' ତିନି ଛାତ୍ର ଉଠିପଡ଼ି ତାଙ୍କୁ ସମସ୍ୟାଟି ବତାଇଲେ ।

''ଆଚ୍ଛା, ସେ ଭଦ୍ରଲୋକ ତୁମେମାନେ ଖୁସି ହେବ ବୋଲି ଟଫିତକ ଦେଲେ ନା କଳି କରିବ ବୋଲି ଦେଲେ ?'' ଶିକ୍ଷକ ପଚାରିଲେ ।

''ଖୁସି ହେବା ପାଇଁ !'' ଉତ୍ତର ଦେଲେ ତିନି ଛାତ୍ର ।

''ଅର୍ଥାତ୍, ପ୍ରତି ଟଫି ଖୁସିର ଗୋଟାଏ ଗୋଟାଏ ପ୍ରତୀକ । ତୁମେ ତିନିହେଁ ତିନି ମାତ୍ରା ଖୁସି ପାଇବା ପରେ ବଳକା ଖୁସିତକ ଯୋଗେ ଆଉ ଜଣକୁ ଖୁସି କରିପାରିବଟି ?'' ଏହା କହିବା ସଙ୍ଗେ ସଙ୍ଗେ ଶିକ୍ଷକ ଗୋଟିଏ ଛୋଟ ମଳିମୁଣ୍ଡିଆ ପିଲାକୁ ଡାକି ଚତୁର୍ଥ ଟଫିଟି ଧରାଇ ଦେଲେ । ଆନନ୍ଦରେ ଉଜ୍ଜ୍ୱଳ ହୋଇଉଠିଲା ତା'ର ମୁହଁ ।

''ବର୍ତ୍ତମାନ ତା' ଖୁସିରେ ତୁମେ ଖୁସି ନା ନୁହଁ ?'' ଶିକ୍ଷକ ପଚାରିଲେ ।

''ବହୁତ ଖୁସି, ସାର୍ !'' ତିନି ଛାତ୍ର ଆନନ୍ଦରେ ଏବଂ ସମସ୍ୱରରେ କହିଲେ ।

ଏ ଛୋଟ କଥାଟି କହିବାର ଏକ ବଡ଼ ହେତୁ ହେଲା, ଆମେ ଆମ ବଳକା ବହୁ ଐଶ୍ୱର୍ଯ୍ୟ ବଦଳରେ ଖୁସି ହେବାର ସୁଯୋଗ ଗ୍ରହଣ କରୁନା । ସେମିତି ଏକ ଐଶ୍ୱର୍ଯ୍ୟ ହେଲା ସମୟ । ବନ୍ଧୁମାନଙ୍କ ସହ ଅଳସ ଗଳ୍ପରେ, ପ୍ରୟୋଜନଠାରୁ ବହୁ ଅଧିକ କଥାବାର୍ତ୍ତାରେ କିଂବା ତୁଚ୍ଛା ଆଳସ୍ୟରେ ଯେତିକି ସମୟ ବ୍ୟୟ କରୁଁ, ତାହା ବଦଳରେ ଆମେ ଅବସାଦ ଅଥବା ଶୂନ୍ୟତାହିଁ ଅନୁଭବ କରିଥାଉଁ । କିନ୍ତୁ ସମୟର ଅପଚୟ ଯେ ସେଭଳି ଅନୁଭୂତିର କାରଣ, ସେକଥା ବୁଝିପାରୁନା । ଜଣେ ଯୁବକ ଘଣ୍ଟା ଘଣ୍ଟା ସମୟ ତାସ ଖେଳରେ ବିତାଇ ପରେ କହୁଥା'ନ୍ତି, ''ଯାଃ, ଗୁଡ଼ାଏ ସମୟ ବୃଥାରେ ଗଲା !'' ଏବଂ ସେହି ଗ୍ଲାନିବୋଧ ଯୋଗୁଁ ସେ ହଠାତ୍ ଅନ୍ୟ କୌଣସି ଯଥାର୍ଥ କାମ ମଧ୍ୟ ହାତକୁ ନେଉ ନଥା'ନ୍ତି । ବିମର୍ଷ ଅବସ୍ଥାରେ କି କାମ କରିବେ ! ନିଜକୁ ଏହି ଆଳରେ ଆହୁରି ନିସ୍ତେଜ କରି ଦେଉଥା'ନ୍ତି ।

କହିବା ବାହୁଲ୍ୟ, ଏସବୁ ଆମ ଚେତନାର ନିମ୍ନାଂଶରେ ଥିବା ତାମସିକତାର ଖେଳ ।

ସମ୍ପ୍ରତି କର୍ଣ୍ଣାଟକର ମାଙ୍ଗାଲୁରୁ ନିକଟବର୍ତ୍ତୀ ଆଲୋୟସିଅସ୍ କଲେଜର ବି.ଏ. ଏବଂ ବି.ଏସ୍‌ସି. ପଢୁଥିବା ଛାତ୍ରଛାତ୍ରୀମାନେ 'ସହାୟ' ଶୀର୍ଷକ ଏକ ଯୋଜନା ହାତକୁ ନେଇ ପ୍ରତ୍ୟହ ଦୁଇ ଘଣ୍ଟା କରି ସ୍ଲମ୍ ବା ଅବହେଳିତ ବସ୍ତି ଇଲାକାର ଛୋଟ ଛୋଟ ପିଲାଙ୍କୁ ଯାଇ ପାଠ ପଢ଼ାଉଛନ୍ତି । ମାସ କେତୋଟି ଭିତରେ ସେ ପିଲାଟିମାନଙ୍କ ମତିଗତି ବଦଳିବା ସଙ୍ଗେ ସଙ୍ଗେ ସ୍ୱେଚ୍ଛାସେବକ କଲେଜ ଛାତ୍ରମାନେ

ପ୍ରଭୂତ ଆନନ୍ଦ ପାଇଛନ୍ତି । ଅବହେଳିତ ପିଲାଙ୍କ ଭିତରେ ନୂତନ ଆଶା ଓ ଭରସା ଉଦ୍ରେକ କରିପାରି ସେମାନଙ୍କୁ ଯେଉଁ ସନ୍ତୋଷ ମିଳିଛି, ତାହା ଘରେ ବସି ଟି.ଭି. ଦେଖି ବା ଅଳସ ଆଡ୍ଡାରୁ ମିଳିବାର ପ୍ରଶ୍ନ ନଥିଲା ବୋଲି ସେମାନେ ଅନୁଭବ କରୁଛନ୍ତି ।

ନିଜ ବଳକା ସମୟରେ ଅନ୍ୟକୁ ଆନନ୍ଦ ଦେଇ ନିଜେ ତୃପ୍ତ ହେବାର ଏଇ ମାର୍ଗ ଅବଲମ୍ବନ କରିଛନ୍ତି ଚେନ୍ନାଇ ଏସ.ଆର.ଏମ୍. ବିଶ୍ୱବିଦ୍ୟାଳୟର ଦଳେ ଇଞ୍ଜିନିୟରିଂ ଛାତ୍ରଛାତ୍ରୀ । ଆଖ ପାଖର ସ୍ଲମ୍‌ମାନଙ୍କର ଝିଅମାନେ ଜମାରୁ କାହିଁକି ପାଠପଢ଼ୁ ନାହାନ୍ତି — ଏହି କୌତୂହଳର ବଶବର୍ତ୍ତୀ ହୋଇ ଜଣେ ବିଶିଷ୍ଟ ନୀରବ କର୍ମୀ ଯେଉଁସବୁ ଅସୁବିଧା ନିରୂପଣ କଲେ, ସେସବୁ ଦୂର କରିବା ନିମନ୍ତେ ବଦ୍ଧ ପରିକର ହୋଇ ଏ ଛାତ୍ରମାନେ ନିଜ ବଳକା ସମୟ ସଂଘବଦ୍ଧ ଭାବରେ ସେହିଥିରେ ବ୍ୟୟ କରି ଆଶାତୀତ ସଫଳତା ଲାଭ କରିଛନ୍ତି । ଅନ୍ୟ ମଣିଷଙ୍କ ବିକାଶ ପାଇଁ ସେମାନେ କିଛି କରିପାରିଲେ — ଏହା ସେମାନଙ୍କୁ ଦେଇଛି ଏମନ୍ତ ଆତ୍ମବିଶ୍ୱାସ, ଯାହା ମୋବାଇଲ ମାୟାରୁ ସେମାନଙ୍କୁ ବହୁ ପରିମାଣରେ ମୁକ୍ତ କରିଛି ।

ବଳକା ସମୟର ଯଥାର୍ଥ ବ୍ୟବହାର ଏକ ଆଶୀର୍ବାଦ ।

— **ମନୋଜ ଦାସ**

❑❑❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free

No side effects

*Exported to over 16 countries*

Contact

✆ **63800 00534 / 94422 49355**

Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: office@ayurlabsindia.com

## ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ
### ରୌପ୍ୟ ଜୟନ୍ତୀ ଉତ୍ସବ
### (ଡିସେମ୍ବର ୯, ୧୦, ୧୧ - ୨୦୧୮)

ଶ୍ରୀ ସାତକଡ଼ି ହୋତା, ସଭାପତି, ଶ୍ରୀଅରବିନ୍ଦ ସଂସ୍କୃତି ସଂସଦ, ମାତୃବିହାର, ଖଣ୍ଡଗିରି, ଭୁବନେଶ୍ୱର - ୭୫୧ ୦୩୦, ଜଣାଇଛନ୍ତି ଯେ ଦିବ୍ୟଜନନୀଙ୍କ ଅପାର କୃପାରୁ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରେ ଶ୍ରୀଅରବିନ୍ଦ ସଂସ୍କୃତି ସଂସଦ ଆନୁକୂଲ୍ୟରେ ଖଣ୍ଡଗିରିସ୍ଥିତ ମାତୃବିହାର ପରିସରରେ ପଞ୍ଚବିଂଶତିତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ, ମହାଯୋଗୀ ଶ୍ରୀଅରବିନ୍ଦଙ୍କ ମହାସମାଧି ଦିବସ ଆସନ୍ତା ଡିସେମ୍ବର ୯ ତାରିଖଠାରୁ ଆରମ୍ଭ କରି ୧୧ ତାରିଖ ପର୍ଯ୍ୟନ୍ତ ତିନିଦିନବ୍ୟାପୀ ଅନୁଷ୍ଠିତ ହେବ । ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀରୁ ବିଶିଷ୍ଟ ବକ୍ତାମାନଙ୍କ ସମେତ ସ୍ଥାନୀୟ ସୁପରିଚିତ ବକ୍ତାବୃନ୍ଦ ସମ୍ମିଳନୀରେ ଉଦ୍‌ବୋଧନ ଦେବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହି ସମ୍ମିଳନୀ ୯ ତାରିଖ ଅପରାହ୍ଣ ୫ଟା ସମୟରେ ଉଦ୍‌ଘାଟିତ ହୋଇ ୧୧ ତାରିଖ ରାତ୍ରୀ ଘ୮. ୩୦ ସୁଦ୍ଧା ଶେଷ ହେବ । ଏଥିରେ ଯୋଗଦେବା ନିମନ୍ତେ ପ୍ରତିନିଧି ଦେୟ ୫୦ଟଙ୍କା ମାତ୍ର ଧାର୍ଯ୍ୟ କରାଯାଇଛି । ଶ୍ରୀଅରବିନ୍ଦ ପାଠଚକ୍ର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ତଥା ସମସ୍ତ ମାତୃପ୍ରେମୀ ଭାଇଭଉଣୀଙ୍କୁ ଏଥିରେ ଯୋଗଦେବା ନିମନ୍ତେ ବିନମ୍ର ଅନୁରୋଧ କରୁଛୁ ।

ଆପଣମାନଙ୍କ ପାଠଚକ୍ରରୁ ଆସୁଥିବା ପ୍ରତିନିଧିମାନଙ୍କ ନାମ ତାଲିକା ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଜଣାଇବାକୁ ଅନୁରୋଧ । ଏହି ସମ୍ମିଳନୀ ସମ୍ପର୍କରେ ଅଧିକ ଜାଣିବାକୁ ଇଚ୍ଛା କଲେ ଉପରୋକ୍ତ ଠିକଣାରେ କିଂବା ନିମ୍ନରେ ପ୍ରଦତ୍ତ ମୋବାଇଲ ନମ୍ବର ସହ ଯୋଗାଯୋଗ କରିପାରନ୍ତି ।

ଶ୍ରୀ ଶଙ୍କର ମହାନ୍ତି : ୯୪୩୭୯୪୧୫୨୨; ଶ୍ରୀ ଅଜିତ ମହାନ୍ତି : ୯୪୩୭୧୯୦୪୬୪


ପ୍ରଥମ କଥା ଯାହା ଆବଶ୍ୟକ ତାହା ହେଉଛି ନିଜ ଉପରେ ସଂଯମ, ବିଶେଷ କରି ନିଜ ବାକ୍‌ଶକ୍ତି ଉପରେ । ଯଦି ଲୋକମାନେ ନୀରବ ରହିବାକୁ ଶିକ୍ଷା କରିପାରନ୍ତେ ତେବେ କେତେ ଅସୁବିଧାକୁ ଏଡ଼େଇ ଦେଇ ହୁଅନ୍ତା !

— ଶ୍ରୀମା

*With best compliments from :*

**HARI ELECTRICAL WORKS**

Hariranjan Patnaik,

Megheswar Colony, 4500/2, Tankapani Road,

**BHUBANESWAR, ODISHA.**

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com



(୬ ମାର୍ଚ୍ଚ ୧୯୩୯ – ୩ ଅକ୍ଟୋବର ୨୦୧୮)



**Vol. XLIX, No. 11** **R.N.I. No. 18163/70.**
Navaprakash (Monthly), November, 2018 Registered No. PY/51/2018-20
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2018-20

**ବିଶେଷ ସୂଚନା :**

ଶ୍ରୀଅରବିନ୍ଦଙ୍କ

# ସାବିତ୍ରୀ

**ଏକ ଆଖ୍ୟାନ ଏବଂ ପ୍ରତୀକ**

(ଓଡ଼ିଆ ପଦ୍ୟାନୁବାଦ)




**ଶ୍ରୀ ନିମାଇଁ ଚରଣ ମହାପାତ୍ର**ଙ୍କ ଦ୍ୱାରା ଅନୂଦିତ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀର ଓଡ଼ିଆ ପଦ୍ୟାନୁବାଦର ଦ୍ୱିତୀୟ ସଂକଳନ ପ୍ରକାଶ ପାଇଲା । ବହୁ ପ୍ରତୀକ୍ଷିତ ଏହି ପୁସ୍ତକଟି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁପ୍ରାଣିତ ଭକ୍ତମାନଙ୍କ ପାଖରେ ବିଶେଷ ଆଦୃତ ହେବ ବୋଲି ଆଶା ।

୫୮୧ ପୃଷ୍ଠା ସମ୍ବଳିତ ପୁସ୍ତକଟିର ମୂଲ୍ୟ : **ଟ. ୨୬୫/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**